# ଧରିତ୍ରୀ
DHARITRI

ଢେଙ୍କାନାଳ, ଶୁକ୍ରବାର, ଫେବୃୟାରୀ ୧୯/୨୦୨୧ (୧୬ ପୃଷ୍ଠା) | Dhenkanal, Friday, February 19/2021 | ★★★★★

୧୭ଶ ଭାଗ ୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ପ୍ରିୟଙ୍କାଙ୍କ ଘରକୁ ଭଡ଼ାରେ ନେଲେ ଜ୍ୟାକ୍ଲିନ**

ବଲିଉଡ ଅଭିନେତ୍ରୀ ଜ୍ୟାକ୍ଲିନ ଫର୍ନାଡିଜ ପ୍ରିୟଙ୍କା ଚୋପ୍ରାଙ୍କ ଘରକୁ ଭଡାରେ ନେଇଛନ୍ତି। ମୁମ୍ବାଇର ଜୁହୁରେ ସେ ନିଜର ଠିକଣା ବନାଇଛନ୍ତି।

୧୪

୧୩

**ଦୂତୀଙ୍କୁ ସ୍ୱର୍ଣ୍ଣିମ ସଫଳତା**

ପଟିଆଲାରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।



# ଆରମ୍ଭରୁ ହଟ୍ଟଗୋଳ

## ■ ମଣ୍ଡି ଅବ୍ୟବସ୍ଥାକୁ ନେଇ ସରକାରଙ୍କୁ ଘେରିଲା ବିରୋଧୀ
## ■ ଏମ୍‌ଏସ୍‌ପି ପାଇଁ କେନ୍ଦ୍ର ପାଖରେ ଦାବି କରୁ ଭାଜପା: ପ୍ରମିଳା

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ଧାନର ଅଭାବୀ ବିକ୍ରି ଓ ମଣ୍ଡି ଅବ୍ୟବସ୍ଥାକୁ ନେଇ ଗୁରୁବାର ବିଧାନସଭାରେ ବିରୋଧୀ ଭାଜପା ସଦସ୍ୟମାନେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଏପରି କି ଗୃହର ମଧ୍ୟଭାଗକୁ ଆସି ନାରାବାଜି ଦେବା ସହ ଧାନ କିଣାକୁ ନେଇ ହୋଇଥିବା ଅବ୍ୟବସ୍ଥା ଉପରେ ସରକାରଙ୍କଠାରୁ କୈଫିୟତ ତଲବ କରିଛନ୍ତି। ଶୋକପ୍ରସ୍ତାବ ପରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବ ଆଗତ କରିବାକୁ ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକଙ୍କୁ କହିଥିଲେ। ପ୍ରମିଳା ଚାଷ ଓ ଚାଷୀଙ୍କ ଉପରେ ସରକାରଙ୍କ ପକ୍ଷ ରଖୁଥିବା



ବେଳେ ଭାଜପା ସଦସ୍ୟ ମୋହନ ମାଝି ମଣ୍ଡିରେ ହେଉଥିବା ଅବ୍ୟବସ୍ଥାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏହାକୁ ନେଇ ସେ ନିଜ ସିଟ୍‌ରେ ଛିଡା ହୋଇ ପ୍ରତିବାଦ କରିଥିଲେ। ତାଙ୍କୁ ତାଙ୍କ ଦଳର ଅନ୍ୟ ସଦସ୍ୟମାନେ ମଧ୍ୟ ସମର୍ଥନ କରି ହୋହଲ୍ଲା କରିଥିଲେ। ବିରୋଧୀ ଦଳ ଉପନେତା ବିଷ୍ଣୁଚରଣ ସେଠୀ, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ଜୟନାରାୟଣ ମିଶ୍ରଙ୍କ ସମେତ ଦଳର ଅନ୍ୟ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ଭାଜପା ସଦସ୍ୟମାନଙ୍କୁ ନିଜ ସିଟ୍‌କୁ ଯିବାକୁ ଯେତେ ଅନୁରୋଧ କରିଥିଲେ ମଧ୍ୟ ସେମାନଙ୍କ ଉପରେ ତାହାର କୌଣସି ପ୍ରଭାବ ପଡି ନ ଥିଲା। ଅନ୍ୟପଟେ ସରକାରୀ ଦଳ ମୁଖ୍ୟ ସଚେତକ ସରକାରଙ୍କ ଗୁଣଗାନ କରି ଚାଲିଥିଲେ। ସେ କହିଥିଲେ ଯେ ରାଜ୍ୟ ସରକାର କୋଭିଡ୍ ମହାମାରୀ ସମୟରେ ଗରିବ ଲୋକଙ୍କୁ ଚାଉଳ ଯୋଗାଇ ସେମାନଙ୍କ ଜୀବନ ବଞ୍ଚାଇ ପାରିଛନ୍ତି। ଏପରିକି ଆଗୁଆ ୪ ମାସର ବାର୍ଦ୍ଧକ୍ୟ, ବିଧବା, ଭିନ୍ନକ୍ଷମ ଭତ୍ତା ☞ପୃଷ୍ଠା-୪

## କୋଭିଡ୍ ପରିଚାଳନାକୁ ପ୍ରଶଂସା



**ରାଜ୍ୟପାଳଙ୍କ ଅଭିଭାଷଣ**

**ଭୁବନେଶ୍ୱର,୧୮।୨(ବ୍ୟୁରୋ)**

ଗତ ବର୍ଷେ ଧରି କୋଭିଡ୍-୧୯ ମହାମାରୀ ସମଗ୍ର ବିଶ୍ୱକୁ କବଳିତ କରିଛି। ଜନସ୍ୱାସ୍ଥ୍ୟଠାରୁ ଆରମ୍ଭ କରି ଦେଶର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରିଛି। ଜନସାଧାରଣଙ୍କ ସାମାଜିକ ଓ ମାନସିକ ସ୍ଥିତିକୁ ଦୋହଲାଇ ଦେଇଛି। ଏଭଳି ଭୟାନକ ପରିସ୍ଥିତିକୁ ଦେଖି ରାଜ୍ୟ ସରକାର ଦୂରଦୃଷ୍ଟିସମ୍ପନ୍ନ ହୋଇ ଦୃଢ଼ତାର ସହ ଏହାର ମୁକାବିଲା କରି ଆସିଛନ୍ତି। ୨୦୨୦ ମାର୍ଚ୍ଚ ୧୩ ତାରିଖରେ ଏହାକୁ ରାଜ୍ୟ ବିପର୍ଯ୍ୟୟ ଘୋଷଣା କରିବା ସହ ଶିକ୍ଷାନୁଷ୍ଠାନ, ସାମାଜିକ ତଥା ଧର୍ମୀୟ ☞ପୃଷ୍ଠା-୧୨

## ମୋରିସଙ୍କ ଦାମ୍ ୧୬.୨୫ କୋଟି



**ଆଇପିଏଲ୍ ଖେଳାଳି ନିଲାମ**

**ଚେନ୍ନାଇ, ୧୮।୨(ପି.ଟି.):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୪ତମ ସଂସ୍କରଣ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ଗୁରୁବାର ଏଠାରେ ଅନୁଷ୍ଠିତ ହୋଇଛି। ଆଇପିଏଲ୍ ଇତିହାସରେ ସବୁଠାରୁ ଦାମୀ ଖେଳାଳି ଭାବେ ଦକ୍ଷିଣ ଆଫ୍ରିକା ଅଲ୍‌ରାଉଣ୍ଡର କ୍ରିସ୍ ମୋରିସ ୧୬.୨୫ କୋଟି ଟଙ୍କାରେ ବିକ୍ରି ହୋଇଛନ୍ତି। ବିଭିନ୍ନ ଫ୍ରାଞ୍ଚାଇଜ୍ ମଧ୍ୟରେ ଦୀର୍ଘ ସମୟ ବିଡିଂ ଯୁଦ୍ଧ ଚାଲିବା ପରେ ଶେଷରେ ରାଜସ୍ଥାନ ରୟାଲ୍ସ ତାଙ୍କୁ କିଣିଛି। ଏହା ପୂର୍ବରୁ ଆଇପିଏଲ୍ ନିଲାମରେ ସବୁଠାରୁ ଅଧିକ ଦାମ୍‌ରେ ବିକ୍ରି ହେବାର ରେକର୍ଡ ଭାରତର ଯୁବରାଜ ସିଂଙ୍କ ନାମରେ ଥିଲା। ୨୦୧୫ରେ ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୧୬ କୋଟି ଟଙ୍କାରେ କିଣିଥିଲା। ଏହି ରେକର୍ଡ ଏବେ ଭାଙ୍ଗିଛି। ଜଣେ ପ୍ରଭାବୀ ବୋଲରଙ୍କ ସନ୍ଧାନରେ ଥିବା ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ନ୍ୟୁଜିଲାଣ୍ଡର କାଏଲ ଜେମିସନଙ୍କୁ ୧୫ କୋଟି ଟଙ୍କାରେ କିଣିଛି। ସେହିପରି ଗତ କିଛି ସିଜନ୍‌ରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲେ ହେଁ ଅଷ୍ଟ୍ରେଲୀୟ ଅଲ୍‌ରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ ପୁଣି ଆକର୍ଷଣୀୟ ଦାମ୍‌ରେ ବିକ୍ରି ହୋଇଛନ୍ତି। ଆରସିବି ତାଙ୍କୁ ୧୪.୨୫ କୋଟି ଟଙ୍କାରେ କିଣିଛି। ଏଥର ନିଲାମରେ ଆକର୍ଷଣୀୟ ଦାମ୍‌ରେ ବିକ୍ରି ହୋଇଥିବା ଅନ୍ୟ ଜଣେ ଖେଳାଳି ☞ପୃଷ୍ଠା-୪






## ୬ ସପ୍ତାହରେ ୬ ଟଙ୍କାରୁ ଅଧିକ ବଢ଼ିଛି

**ପେଟ୍ରୋଲ ୩୫, ଡିଜେଲ ୩୬ ପଇସା ବୃଦ୍ଧି**



**ନୂଆଦିଲ୍ଲୀ,୧୮।୨**

ଚଳିତ ବର୍ଷ ଜାନୁୟାରୀ ୬ ରୁ ଫେବୃୟାରୀ ୧୮ତାରିଖ, ଏହି ୬ ସପ୍ତାହ ମଧ୍ୟରେ ଦେଶରେ ପେଟ୍ରୋଲ ଲିଟର ପିଛା ୬.୨୦ ଟଙ୍କା ଏବଂ ଡିଜେଲ ୬.୬୨ ଟଙ୍କା ବଢ଼ିଛି। ଦେଶର ପ୍ରମୁଖ ତୈଳ ବିପଣନ କମ୍ପାନୀ ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଗୁରୁବାର ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୩୫ ପଇସା ଏବଂ ଡିଜେଲ ଉପରେ ୩୬ ପଇସା ବୃଦ୍ଧି ପାଇଛି। ଫଳରେ ଏଠାରେ ପେଟ୍ରୋଲ ଦର ୯୦.୬୦ ଟଙ୍କା ହୋଇଥିବା ବେଳେ ଡିଜେଲ ଦର ୮୭.୪୮ ଟଙ୍କାରେ ପହଞ୍ଚିଛି।

ପ୍ରତିଦିନ ତେଲ ଦର ବୃଦ୍ଧି କାରଣରୁ ରାଜସ୍ଥାନର ଶ୍ରୀଗଙ୍ଗାନଗର ସହରରେ ପେଟ୍ରୋଲ ଲିଟର ପିଛା ୧୦୦.୪୯ ଟଙ୍କାରେ ପହଞ୍ଚିଥିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବଜାର ଖସିପାରେ**

# ୨ ଖଣିରୁ ଉତ୍ପାଦନ ଆରମ୍ଭ

## ଓଡ଼ିଶା ବିଶ୍ୱର ମାଇନିଂ ହବ୍ ହେବାର କ୍ଷମତା ରଖିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୮।୨**

ଓଡ଼ିଶାର ୨ ଲୁହାପଥର ଖଣିରୁ ମଙ୍ଗଳବାର ଉତ୍ପାଦନ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କେନ୍ଦ୍ର ଖଣି ମନ୍ତ୍ରୀ ପ୍ରହ୍ଲାଦ ଜୋଶୀ ଗୁରୁବାର ଭର୍ଚୁଆଲ କାର୍ଯ୍ୟକ୍ରମରେ ଖଣିଗୁଡିକର ଖନନ କାର୍ଯ୍ୟକୁ ଶୁଭାରମ୍ଭ କରିଛନ୍ତି। ଏହି ଲୁହାପଥର ଖଣି ମଧ୍ୟରେ ଜିଲଙ୍ଗ-ଲାଙ୍ଗଲୋଟା ଏବଂ ଗୁଆଲି ସାମିଲ ରହିଛି। ଖଣିଗୁଡ଼ିକରୁ ମାସିକ ୧୫ ଲକ୍ଷ ଟନ୍ ଉତ୍ପାଦନ କରିବା ନେଇ ଯୋଜନା ରଖାଯାଇଛି। ୨ ଖଣିରେ ମୋଟ ୨୭୫ ନିୟୁତ ଟନ୍ ଖଣିଜ ସମ୍ପଦ ରହିଥିବା ଜଣାପଡ଼ିଛି।

ଇସ୍ପାତ, ଆଲୁମିନିୟମ ଏବଂ ଅନ୍ୟ ଖଣିଜ ଶିଳ୍ପ ଉଦ୍ୟୋଗ କ୍ଷେତ୍ରରେ ଓଡ଼ିଶା ବିଶ୍ୱର ଏକ ପ୍ରମୁଖ ହବ୍ ହେବାର କ୍ଷମତା ରଖିଥିବା ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ସେ ପୁଣି କହିଛନ୍ତି, ଗତ ୨ଦଶନ୍ଧି ମଧ୍ୟରେ ରାଜ୍ୟ ଖଣି ଏବଂ ଖଣିଜ ଶିଳ୍ପ କ୍ଷେତ୍ରରେ ☞ପୃଷ୍ଠା-୪

# ସୁପ୍ରିମକୋର୍ଟରେ ଆଜି ଶୁଣାଣି

**କୋଟିଆ ଲଢ଼େଇ**

**ଆନ୍ଧ୍ର ପକ୍ଷରୁ ରିପୋର୍ଟ ଦାଖଲ**

**ନୂଆଦିଲ୍ଲୀ, ୧୮।୨**

କୋଟିଆ ସୀମା ବିବାଦ ନେଇ ଓଡ଼ିଶା ପକ୍ଷରୁ ଦାଏର ଅଦାଲତ ଅବମାନନା ଆବେଦନ ଉପରେ ଶୁକ୍ରବାର ସୁପ୍ରିମକୋର୍ଟରେ ଶୁଣାଣି ହେବ। ୫୨ବର୍ଷ ପୂର୍ବେ ୨ରାଜ୍ୟ ମଧ୍ୟରେ ହୋଇଥିବା ଚୁକ୍ତିନାମାକୁ ଆନ୍ଧ୍ର ସରକାର ଉଲ୍ଲଂଘନ କରିଥିବା ନେଇ ଗତ ୧୧ତାରିଖରେ ଓଡ଼ିଶା ପକ୍ଷରୁ ସର୍ବୋଚ୍ଚ ଅଦାଲତରେ ଆବେଦନ କରାଯାଇଥିଲା। ଏପରି କି ଉକ୍ତ ଆବେଦନର ତ୍ୱରିତ ଶୁଣାଣି ପାଇଁ ନିବେଦନ କରାଯାଇଥିଲା। ଗତ ୧୨ତାରିଖରେ ସୁପ୍ରିମକୋର୍ଟ ଉକ୍ତ ଆବେଦନର ଶୁଣାଣି କରି ଆନ୍ଧ୍ର ସରକାରଙ୍କୁ ସପ୍ତାହ ମଧ୍ୟରେ ଜବାବ ☞ପୃଷ୍ଠା-୪




# ୩୦ ଫୁଟ ତଳକୁ ଖସିଲା କଣ୍ଟେନର

**୩ ମୃତ, ୨୯ ଗୋରୁଙ୍କ ଜୀବନ ଗଲା**

**ବସ୍ତା,୧୮।୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ୬୦ନଂ. ଜାତୀୟ ରାଜପଥର କୁଡିଆ ପୋଲ ନିକଟରେ ଗୁରୁବାର ପୂର୍ବାହ୍ନରେ ବାଲେଶ୍ୱର ପଟୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏକ ଗୋରୁ ବୋଝେଇ କଣ୍ଟେନର ଦୁର୍ଘଟଣାର ସମ୍ମୁଖୀନ ହୋଇ ୩୦ଫୁଟ୍ ତଳ ବିଲ ମଧ୍ୟକୁ ଖସିପଡିଥିଲା। କଣ୍ଟେନର ଭିତରେ ଥିବା ୩ ଯୁବକଙ୍କ ମୃତ୍ୟୁ ହୋଇଛି। କଣ୍ଟେନରରେ ଥିବା ୧୦୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ମଧ୍ୟରୁ ୨୮ ଗୋରୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ସେହିପରି ସମ୍ବଲପୁରରୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ଏକ ଗୋରୁ ବୋଝେଇ ଟ୍ରକକୁ କେନ୍ଦୁଝର ଜିଲା କାଞ୍ଜିପାଣି ଘାଟିରେ ବଜରଙ୍ଗ ଦଳ ଓ ଗୋରକ୍ଷା ସାମାଜିକ କର୍ମୀ ଅଟକାଇଥିଲେ। ଗାଡିରୁ ୨୭ ଗୋରୁ ଉଦ୍ଧାର କରାଯାଇଥିବା ବେଳେ ଚାପି ହୋଇ ଏକ ଗୋରୁର ମୃତ୍ୟୁ ହୋଇଥିବା ଜଣାପଡିଛି।

କଣ୍ଟେନରରେ ୧୦୦ରୁ ଊର୍ଦ୍ଧ୍ୱ ଗୋରୁ ବୋଝେଇ ହୋଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିଲା। ବସ୍ତା ଥାନା କୁଡ଼ିଆ ପୋଲ ନିକଟରେ ଏକ ବୋଲେରୋ ପଛପଟୁକୁ କଣ୍ଟେନର ଧକ୍କା ଦେବା ପରେ ଭାରସାମ୍ୟ ହରାଇ ୩୦ ଫୁଟ ତଳ ବିଲ ମଧ୍ୟକୁ ଓଲଟି ପଡ଼ିଥିଲା। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଥିଲେ। କଣ୍ଟେନର ମଧ୍ୟରେ ଗୋରୁଗୁଡ଼ିକ ଚାପି ହୋଇରହିଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ବସ୍ତା ପୋଲିସକୁ ଖବର ଦେଇଥିଲେ। ପୋଲିସ, ବସ୍ତା ଦମକଳ ☞ପୃଷ୍ଠା-୪



ରାସ୍ତା ତଳକୁ ଓଲଟି ପଡ଼ିଥିବା ଗୋରୁ ବୋଝେଇ କଣ୍ଟେନର।

# ରାସ୍ତା ମାଡ଼ି ବସୁଥିଲା ଆନ୍ଧ୍ର

**ରାୟଗଡ଼ା ଅଫିସ,୧୮।୨**

■ ଚତୁରତାର ସହ କରୁଥିଲା ପକ୍କା ସଡ଼କ
■ ହସ୍ତକ୍ଷେପ କଲା ରାୟଗଡ଼ା ଜିଲା ପ୍ରଶାସନ
■ ବୁଝାମଣାରେ ଖୋଲିଲା ସମାଧାନର ବାଟ

ସୀମାନ୍ତରେ ଥିବା ଓଡ଼ିଶାର ଗୋଟିଏ ପରେ ଗୋଟିଏ ଗାଁକୁ ମାଡ଼ିବସୁଛି ଆନ୍ଧ୍ର। କୋରାପୁଟର କୋଟିଆ ପରେ ଏବେ ଏପରି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ବ୍ଲକ ବୈରାଗିହାଲୁଆ ପଞ୍ଚାୟତର ବଡ଼ଲୁକୁଟି ଗ୍ରାମରେ। ଅଞ୍ଚଳର ଏକ ରାସ୍ତାକୁ ଅତି ଚତୁରତାର ସହ କରାୟତ୍ତ କରିବାକୁ ଉଦ୍ୟମ କରୁଥିଲା ଆନ୍ଧ୍ର ପ୍ରଶାସନ। ତେବେ ଠିକଣା ସମୟରେ ରାୟଗଡ଼ା ଜିଲା ପ୍ରଶାସନର ହସ୍ତକ୍ଷେପ ପରେ ଏହି ଉଦ୍ୟମ ପଣ୍ଡ ହୋଇଛି।

ରାୟଗଡ଼ା ବ୍ଲକ୍ ବୈରାଗିହାଲୁଆ ପଞ୍ଚାୟତରେ ଥିବା ବଡ଼ଲୁକୁଟି ଗ୍ରାମଠାରୁ ମାତ୍ର ୧ କି.ମି. ଦୂରତାରେ ରହିଛି ଆନ୍ଧ୍ରର ଲାଡା ଗ୍ରାମ। ଏହି ଗାଁକୁ ଓଡ଼ିଶା ରାସ୍ତା ଦେଇ ଯିବାକୁ ହୁଏ। ତେଣୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହି ରାସ୍ତାକୁ ଆନ୍ଧ୍ର ପ୍ରଶାସନ ଚତୁରତାର ସହ ନିର୍ମାଣ କରିଚାଲିଥିଲା। ଫଳରେ ସୀମାନ୍ତ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଖବରପାଇ ରାୟଗଡ଼ା ତହସିଲଦାର ଉମାଶଙ୍କର ବେହେରା, ବିଡିଓ ରାଜେନ୍ଦ୍ର ମାଝି, ଆର୍‌ଆଇ ପ୍ରମୁଖ ଗତ ଜାନୁୟାରୀ ୩୦ରେ ଗାଁରେ ପହଞ୍ଚି ଆଲୋଚନା କରି ସମସ୍ୟାର ଆପୋସ ସମାଧାନ ପାଇଁ ପ୍ରଚେଷ୍ଟା କରିଥିଲେ। ରାସ୍ତା ମାପଚୁପ କରିବା ସମୟରେ ଓଡ଼ିଶାର ୨୦୦ ମିଟର ଜାଗା ରହିଥିବା ଜଣାପଡ଼ିଥିଲା। ଏହି ୨୦୦ ମିଟର ମଧ୍ୟରେ ନାଳଟିଏ ରହିଛି। ଉକ୍ତ ନାଳ ଉପରେ ଏକ ପୋଲ କରିବାକୁ ନେଇ ଆପୋସ ବୁଝାମଣା ହୋଇଥିଲା। ସହମତିରେ ଓଡ଼ିଶା ରାସ୍ତା ନିର୍ମାଣ କରିବ ଏବଂ ଆନ୍ଧ୍ର ପୋଲ ନିର୍ମାଣ କରିବାକୁ ସ୍ଥିର ହୋଇଥିଲା। ସୀମାନ୍ତ ଜାଗାରେ ନିର୍ମାଣ କାର୍ଯ୍ୟ କିପରି ବିନା ବିବାଦରେ ହୋଇପାରିବ ସେ ନେଇ ସେଠାକାର ସରପଞ୍ଚଙ୍କ ସହ ମଧ୍ୟ ପୂର୍ବରୁ ଆଲୋଚନା କରାଯାଇଥିଲା। ବୁଧବାର ପ୍ରଶାସନିକ ଟିମ୍ ପୁଣି ସୀମାନ୍ତ ଅଞ୍ଚଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଥିଲା ବୋଲି ତହସିଲଦାର ବେହେରା କହିଛନ୍ତି।




ଧରିତ୍ରୀ
DHARITRI
ଶୁକ୍ରବାର, ୧୯ ଫେବୃୟାରୀ, ୨୦୨୧



କେନ୍ଦ୍ର ସରକାର ଏହି ଭୁଲ୍ ଧାରଣାରେ ନ ରୁହନ୍ତୁ ଯେ କୃଷକମାନେ ଚାଷ କରିବାକୁ ଘରକୁ ଫେରିଯିବେ। ଯଦି ଆମକୁ ଏଥିପାଇଁ ବାଧ କରାଯାଏ ତେବେ ସବୁ ଫସଲରେ ନିଆଁ ଲଗାଇଦେବୁ। ୨ ମାସରେ ଆନ୍ଦୋଳନରୁ ଚାଷୀମାନେ ହଟିଯିବେ ବୋଲି ସରକାର ଭାବିବା ଉଚିତ ନୁହେଁ। କୃଷକମାନେ ଚାଷ ସହ ଆନ୍ଦୋଳନ ଜାରି ରଖିବେ।

—ରାକେଶ ଟିକାଏତ୍, କୃଷକ ନେତା



## ସଂକ୍ଷେପରେ

### ମହାରାଷ୍ଟ୍ରକୁ ଫେରିଲା ଲକ୍‌ଡାଉନ

ମୁମ୍ବାଇ, ୧୮।୨: କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର ସରକାର ଦୁଇ ଜିଲାରେ ଲକ୍‌ଡାଉନ କଟକଣା ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଗୁରୁବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ଲକ୍‌ଡାଉନ୍ ଜାରି କରିବାକୁ ୟବତମାଲା ଏବଂ ଅମରାବତୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସବୁ ଶନିବାର ସନ୍ଧ୍ୟା ୮ଟାରୁ ସୋମବାର ସକାଳ ୭ଟା ଯାଏ କଟକଣା ଲାଗୁ ହେବ ବୋଲି କୁହାଯାଇଛି। କେବଳ ଜରୁରିକାଳୀନ ସେବାକୁ ଛାଡ଼ିଦେଲେ ଏହି ସମୟରେ ଅନ୍ୟ ସମସ୍ତ ଦୋକାନବଜାର, ଯାତାୟାତ ଆଦି ବନ୍ଦ ରହିବ ବୋଲି ଘୋଷଣା କରାଯାଇଛି।

### କେନ୍ଦ୍ର, ଇସିଙ୍କୁ ସୁପ୍ରିମକୋର୍ଟ ନୋଟିସ୍



ନୂଆଦିଲ୍ଲୀ, ୧୮।୨: ଭୋଟ ଗ୍ରହଣ ଦିନ ଜଣେ ବ୍ୟକ୍ତି ତାଙ୍କ ନିର୍ବାଚନମଣ୍ଡଳୀ ବାହାରେ ଥିଲେ କିପରି ନିଜ ମତଦାନ ଅଧିକାର ସାବ୍ୟସ୍ତ କରିପାରିବେ ତାହାର

**ନିର୍ବାଚନମଣ୍ଡଳୀ ବାହାରେ ଭୋଟ ଅଧିକାର**

ଜବାବ ମାଗି କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ(ଇସି)ଙ୍କୁ ନୋଟିସ୍ ଜାରି କରିଛନ୍ତି ସୁପ୍ରିମକୋର୍ଟ। ନିଜ ନିର୍ବାଚନମଣ୍ଡଳୀରେ ନ ଥିବା ସମସ୍ତ ନାଗରିକଙ୍କ ପାଇଁ ଭୋଟ ସୁଯୋଗ ମାଗିଥିବା ଏକ ଆବେଦନର ଶୁଣାଣି କରି ପ୍ରଧାନ ବିଚାରପତି ଏସ୍. ଏ. ବୋବଡେଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଆଇନ ମନ୍ତ୍ରଣାଳୟ ଏବଂ ଇଲେକ୍ସନ କମିଶନଙ୍କୁ ଉକ୍ତ ନୋଟିସ୍ ପଠାଇଛନ୍ତି। ଦେଶର ବହୁ ସଂଖ୍ୟାରେ ନାଗରିକ ଚାକିରି, ବ୍ୟବସାୟ କିମ୍ବା ପାଠପଢ଼ା ପାଇଁ ବାହାରେ ରହୁଥିବାରୁ ଟେକ୍ନୋଲୋଜିର ବ୍ୟବହାର କରାଯାଇ ସେମାନଙ୍କୁ ଭୋଟ ଦାନ କରିବାର ସୁଯୋଗ ଦିଆଯିବାକୁ ଆବେଦନରେ ଦର୍ଶାଯାଇଥିଲା। ତେବେ ନିଜ ନିଜ ନିର୍ବାଚନମଣ୍ଡଳୀକୁ ଆସି ଭୋଟ ଦେବାକୁ ଯଦି କେହି ଗୁରୁତ୍ୱପୂର୍ଣ୍ଣ ବୋଲି ଭାବୁନାହାନ୍ତି ତେବେ ଆଇନ ସେମାନଙ୍କୁ କାହିଁକି ସାହାଯ୍ୟ କରିବ ବୋଲି ମଧ ଖଣ୍ଡପୀଠରେ ସଦସ୍ୟ ଥିବା ଜଷ୍ଟିସ୍ ଏ. ଏସ୍. ବୋପନ୍ନା ଏବଂ ଭି ରାମସୁବ୍ରମଣ୍ୟନ କହିଛନ୍ତି।



# ପଦ୍ମ ଧରିବେ ମେଟ୍ରୋମ୍ୟାନ

**ନୂଆଦିଲ୍ଲୀ, ୧୮।୨:** ଭାରତର 'ମେଟ୍ରୋ ମ୍ୟାନ' ଭାବେ ପରିଚିତ ଇ ଶ୍ରୀଧରନ ଭାଜପାରେ ଯୋଗଦେବେ। ୨୧ ଫେବୃୟାରୀରେ ଦଳ ପକ୍ଷରୁ କେରଳରେ ହେବାକୁ ଥିବା ବିଜୟ ଯାତ୍ରା ଅବସରରେ ସେ ଭାଜପାରେ ମିଶିବେ ବୋଲି ପାର୍ଟି ପକ୍ଷରୁ କୁହାଯାଇଛି। ୮୮ ବର୍ଷୀୟ ଶ୍ରୀଧରନ କେରଳ ନିର୍ବାଚନ ଲଢ଼ିପାରନ୍ତି। ୭୫ ବର୍ଷ ବୟସରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ନିର୍ବାଚନରୁ ବାଦ୍ ଦିଆଯିବା ଉଚିତ ବୋଲି କହି ଭାଜପା ପୂର୍ବରୁ ଲାଲକୃଷ୍ଣ ଆଡଭାନୀଙ୍କୁ ସକ୍ରିୟ ରାଜନୀତିରୁ ଦୂରରେ ରଖିଥିଲା। ଶ୍ରୀଧରନଙ୍କ କ୍ଷେତ୍ରରେ କିପରି ଏହି ଦଳ ନିଜ ନୀତିରୁ ଓହରିଯିବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୨୦୧୧ରେ ଇଞ୍ଜିନିୟର ଶ୍ରୀଧରନ ଦିଲ୍ଲୀ ମେଟ୍ରୋ ଚିଫ୍ ପଦବୀରେ ଥିବାବେଳେ ଅବସର ନେଇଥିଲେ। ଜୟପୁର, ଲକ୍ଷ୍ନୌ, କୋଚି ଆଦି ସହରରେ ମେଟ୍ରୋ ପ୍ରୋଜେକ୍ଟକୁ ସେ ସଫଳ ରୂପ ଦେଇଥିଲେ। ୨୦୦୧ରେ ପଦ୍ମଶ୍ରୀ ଏବଂ ୨୦୦୮ରେ ତାଙ୍କୁ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାମିଲନାଡୁରେ ବାତ୍ୟାରେ ଭାଙ୍ଗିରୁଜି ଯାଇଥିବା ଐତିହାସିକ ପମ୍ବନ ବ୍ରିଜର ପୁନଃ ନିର୍ମାଣ କରି ସେ ଚର୍ଚ୍ଚାକୁ ଆସିଥିଲେ।

# ହିଲ୍‌ଟନ୍‌ଙ୍କ ଚତୁର୍ଥ ନିର୍ବନ୍ଧ

**ନୂଆଦିଲ୍ଲୀ, ୧୮।୨:** ହଲିଉଡ୍‌ର ଜଣାଶୁଣା ମଡେଲ, ଆକ୍ଟର, ସିଙ୍ଗର ପ୍ୟାରିସ୍ ହିଲ୍‌ଟନ୍ ତାଙ୍କ ଦୀର୍ଘ ଦିନର ପୁରୁଷ ବନ୍ଧୁ କାର୍ଟର ରିୟମଙ୍କ ସହ ନିର୍ବନ୍ଧ କରିଛନ୍ତି। ବୁଧବାର ହିଲଟନ୍ ୪୦ ତମ ଜନ୍ମଦିନ ପାଳନ ଅବସରରେ କାର୍ଟରଙ୍କ ସହ ଏନଗେଜ୍‌ମେଣ୍ଟ କରିଛନ୍ତି। କାର୍ଟର ପେସାରେ ଜଣେ ଭେଞ୍ଚର କ୍ୟାପିଟାଲିଷ୍ଟ। ନିର୍ବନ୍ଧବେଳେ କାର୍ଟର ଆଣ୍ଠେଇ ପ୍ୟାରିସ୍‌ଙ୍କୁ ହୀରାମୁଦି ପିନ୍ଧାଇଥିଲେ। ଏହାର ଫଟୋ ହିଲ୍‌ଟନ୍ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଶେୟାର କରିଛନ୍ତି। ଏହା ପୂର୍ବରୁ ମଡେଲ ହିଲଟନ୍ ୨୦୦୨ରେ ଜେଶନ ଶ', ୨୦୦୫ରେ ପ୍ୟାରିସ୍ ଲେଟୋସିସ୍ ଏବଂ ୨୦୧୮ରେ ଅଭିନେତା କ୍ରିସ୍ ଜିଲ୍‌କାଙ୍କ ସହିତ ନିର୍ବନ୍ଧ କରିଥିଲେ।



# ନ୍ୟୁଜ୍ ଶେୟାର ବନ୍ଦକଲା ଫେସ୍‌ବୁକ୍

## ଅଷ୍ଟ୍ରେଲିଆ ଗଣମାଧ୍ୟମରେ ହଇଚଇ

କାନ୍‌ବେରା, ୧୮।୨

ମାର୍କ ଜୁକରବର୍ଗଙ୍କ ଫେସ୍‌ବୁକ୍ ଓ ଅଷ୍ଟ୍ରେଲିଆ ସରକାରଙ୍କ ମଧ୍ୟରେ ନ୍ୟୁଜ୍ କଣ୍ଟେଣ୍ଟ ପାଇଁ ପେମେଣ୍ଟକୁ ନେଇ ତିକ୍ତତା ବଢ଼ିବାରେ ଲାଗିଛି। ନୂଆ ଆଇନ ଉପରେ ଆପତ୍ତି ଜଣାଇ ଫେସ୍‌ବୁକ୍ ଅଷ୍ଟ୍ରେଲିଆର ବିରୋଧୀ ନେତାମାନଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଓ ପାଣିପାଗ ବିଭାଗର ଆକାଉଣ୍ଟକୁ ବନ୍ଦ କରିଦେଇଛି। ଏତିକି ନୁହେଁ, ଅଷ୍ଟ୍ରେଲିଆରେ ଫେସ୍‌ବୁକ୍ ନିଜ ପେଜ୍‌କୁ ମଧ ବନ୍ଦ କରିଦେଇଛି। ପ୍ରଧାନମନ୍ତ୍ରୀ ସ୍କଟ୍ ମୋରିସନ୍




**ମିଡିଆ ପେମେଣ୍ଟ ଲ'କୁ ଫେସ୍‌ବୁକ୍‌ର ବିରୋଧ**

- ଫେସ୍‌ବୁକ୍, ଗୁଗଲକୁ ଛୋଟ ପବ୍ଲିଶର୍ସଙ୍କ ନ୍ୟୁଜ୍ ଦେଖାଇବା ପାଇଁ ଦେବାକୁ ପଡ଼ିବ ଅର୍ଥ
- ନ୍ୟୁଜ୍ ଶେୟାର କରିବା ଉପରେ ରୋକ ଲଗାଇଲା ଫେସ୍‌ବୁକ୍
- ଅଷ୍ଟ୍ରେଲିଆରେ ନିଜ ପେଜ୍ ବନ୍ଦ କଲା
- ନେତାଙ୍କ ଆକାଉଣ୍ଟ, ସ୍ୱାସ୍ଥ୍ୟ ଓ ପାଣିପାଗ ବିଭାଗ ଆକାଉଣ୍ଟ ମଧ ବନ୍ଦ
- ବ୍ୟାନ୍ ଯୋଗୁ ଜରୁରୀ ସେବା ପ୍ରଭାବିତ
- ଚାପ ପକାଇବା ପାଇଁ ସୋସିଆଲ ମିଡିଆରେ ୟୁଜର୍ସ ଆରମ୍ଭ କଲେ ଫେସ୍‌ବୁକ୍ ବର୍ଜନ ଅଭିଯାନ

କମ୍ପାନୀର ଏହି ପଦକ୍ଷେପକୁ 'ଅହଂକାରୀ ଓ ନୈରାଶ୍ୟଜନକ' ବୋଲି ଅଭିହିତ କରିଛନ୍ତି। ଫେସ୍‌ବୁକ୍ ପକ୍ଷରୁ ଗୁରୁବାର ଘୋଷଣା କରାଯାଇଛି ଯେ ଉକ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଅଷ୍ଟ୍ରେଲୀୟ ୟୁଜରମାନଙ୍କ ନ୍ୟୁଜ୍ ଶେୟାରକୁ ବ୍ଲକ୍ କରିଦିଆଯାଇଛି। ଏହା ବ୍ୟତୀତ ଅଷ୍ଟ୍ରେଲିଆ ବାହାରେ ଦରିଆପାରି



ମାର୍କ ଜୁକରବର୍ଗ



ସ୍କଟ୍ ମୋରିସନ୍

ବ୍ୟବହାରକାରୀ ମଧ ଅଷ୍ଟ୍ରେଲୀୟ ନ୍ୟୁଜ୍ ଶେୟାର କରିପାରିବେ ନାହିଁ। ଏହି ବ୍ୟାନ୍ ଯୋଗୁ ଅଷ୍ଟ୍ରେଲିଆରେ ଜରୁରୀ ସେବା ଉପରେ ଅତି ଖରାପ ପ୍ରଭାବ ପଡ଼ିଛି। ଅଷ୍ଟ୍ରେଲିଆ ସରକାର ଆଣିବାକୁ ଯାଉଥିବା ନ୍ୟୁଜ୍ ମିଡିଆ କୋଡ୍ ଆଇନର ଜବାବରେ ଏପରି କରିଥିବା ଫେସ୍‌ବୁକ୍ କହିଛି। ପ୍ରସ୍ତାବିତ ଆଇନ ଖୁବ୍‌ଶୀଘ୍ର ଲାଗୁ ହେବାକୁ ଯାଉଛି। ଏଥିରେ ଫେସ୍‌ବୁକ୍ ଓ ଗୁଗଲ ଭଳି ଡିଜିଟାଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକ ଯେଉଁ ନ୍ୟୁଜ୍ ମିଡିଆ କମ୍ପାନୀର କଣ୍ଟେଣ୍ଟ ହୋଷ୍ଟ କରିବେ ସେମାନଙ୍କୁ ଅର୍ଥ ପଇଠ କରିବେ। ତେବେ ଅଷ୍ଟ୍ରେଲୀୟ ପବ୍ଲିଶର୍ସ ଉକ୍ତ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ନ୍ୟୁଜ୍ କଣ୍ଟେଣ୍ଟ ପ୍ରକାଶନ ଜାରି ରଖିପାରିବେ। କିନ୍ତୁ ଲିଙ୍କ୍ ଓ ପୋଷ୍ଟଗୁଡ଼ିକୁ ଅଷ୍ଟ୍ରେଲୀୟ ଭ୍ୟୁୟର୍ସ ଦେଖି କିମ୍ବା ଶେୟାର କରିପାରିବେ ନାହିଁ ବୋଲି ଫେସ୍‌ବୁକ୍ ଏକ ବିବୃତିରେ କହିଛି। ଅନ୍ୟପକ୍ଷେ ଫେସ୍‌ବୁକ୍‌ର ଏହି ପଦକ୍ଷେପ ଯୋଗୁ ଅଷ୍ଟ୍ରେଲିଆରେ ଜରୁରୀ ସେବା ବହୁଳ ଭାବେ ବାଧାପ୍ରାପ୍ତ ହୋଇଛି। ଫେସ୍‌ବୁକ୍ ଉପରେ ଚାପ ପକାଇବା ପାଇଁ ସୋସିଆଲ ମିଡିଆରେ ୟୁଜର୍ସ ଫେସ୍‌ବୁକ୍ ବର୍ଜନ ଅଭିଯାନ ଆରମ୍ଭ କରିଛନ୍ତି।

### ବିରୋଧ କାହିଁକି

ଅଷ୍ଟ୍ରେଲିଆ ସିନେଟରେ ଏକ ନୂଆ ଆଇନ ଅଣାଯାଇଛି, ଯେଉଁଥିରେ କୁହାଯାଇଛି ଯେ ଫେସ୍‌ବୁକ୍ ଓ ଗୁଗଲକୁ ନ୍ୟୁଜ୍ କମ୍ପାନୀଗୁଡ଼ିକୁ ଖବର ଶେୟାର କରିବା ବଦଳରେ ଅର୍ଥ ପଇଠ କରିବାକୁ ପଡ଼ିବ। ପ୍ରସ୍ତାବିତ ଆଇନ ପ୍ଲାଟଫର୍ମ ଓ ନ୍ୟୁଜ୍ ଶେୟାର କରୁଥିବା ପବ୍ଲିଶର୍ସଙ୍କ ମଧ୍ୟରେ ଥିବା ସମ୍ପର୍କକୁ ଖରାପ କରିବ ବୋଲି ଫେସ୍‌ବୁକ୍‌ର ରିଜିଓନାଲ ମ୍ୟାନେଜିଂ ଡାଇରେକ୍ଟର ୱିଲିୟମ୍ ଇଷ୍ଟନ କହିଛନ୍ତି। ଅନ୍ୟପକ୍ଷେ ସରକାର ନିଜ ନିଷ୍ପତ୍ତିରୁ ପଛଘୁଞ୍ଚା ଦେବେ ନାହିଁ ବୋଲି ଅଷ୍ଟ୍ରେଲିଆର ଯୋଗାଯୋଗ ମନ୍ତ୍ରୀ ପଲ୍ ଫ୍ଲେଚର ସ୍ପଷ୍ଟ କରିଛନ୍ତି।

### ତାତ୍ପର୍ଯ୍ୟ କ'ଣ

ସାରା ବିଶ୍ୱରେ ପବ୍ଲିଶରମାନେ ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ଫେସ୍‌ବୁକ୍‌କୁ ଏକ ମାଧ୍ୟମ ରୂପେ ବ୍ୟବହାର କରିଥାଆନ୍ତି। ଏଥିଯୋଗୁ ଏହି କଣ୍ଟେଣ୍ଟ କଞ୍ଜମ୍ପଶନ ପ୍ଲାଟ୍‌ଫର୍ମରୁ ଉଭୟ ରିଚ୍ (ପହଞ୍ଚ) ଓ ରେଭେନ୍ୟୁ (ରାଜସ୍ୱ) ମିଳିଥାଏ। ୟୁଜର୍ସ ମଧ ଫେସ୍‌ବୁକ୍‌ରେ ଅନେକ ନ୍ୟୁଜ୍ ଶେୟାର କରିଥାନ୍ତି। ଏହିସବୁ ଫଳରେ ଫେସ୍‌ବୁକ୍‌ର ଟାଇମ୍‌ଲାଇନ୍ ଜରିଆରେ ନ୍ୟୁଜ୍ ସାଇଟ୍‌ଗୁଡ଼ିକରେ ଲକ୍ଷ ଲକ୍ଷ ଭିଜିଟ୍ ଆସିଥାଏ। ପବ୍ଲିଶରମାନେ ମଧ ନିଜ କଣ୍ଟେଣ୍ଟଗୁଡ଼ିକୁ ଇନ୍‌ଷ୍ଟାଣ୍ଟ ଆର୍ଟିକିଲ ରୂପେ ହୋଷ୍ଟ କରିବା ପାଇଁ ଫେସ୍‌ବୁକ୍ ସହିତ ବାଣିଜ୍ୟିକ ଚୁକ୍ତି କରିଥାନ୍ତି। ନୂଆ ଆଇନ ପବ୍ଲିଶର୍ସଙ୍କ ବିରୋଧରେ ଯିବ ବୋଲି ଫେସ୍‌ବୁକ୍‌ର ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ପରିଚାଳନା ନିର୍ଦ୍ଦେଶକ ୱିଲିଅମ୍ ଇଷ୍ଟନ୍ ଏକ ବ୍ଲଗ୍ ପୋଷ୍ଟରେ ଯୁକ୍ତି ବାଢ଼ିଛନ୍ତି। ସେ କହିଛନ୍ତି, ଗତବର୍ଷ ଫେସ୍‌ବୁକ୍ ଅଷ୍ଟ୍ରେଲୀୟ ପ୍ରକାଶକଙ୍କ ଯୋଗୁ ୫.୧ ବିଲିୟନ୍ ଡଲାର ଫ୍ରି ରେଫରାଲ ଆୟ କରିଛନ୍ତି।

### ବିଶ୍ୱ ଉପରେ ପ୍ରଭାବ

ଅଷ୍ଟ୍ରେଲିଆ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ପରେ ସାରା ବିଶ୍ୱରେ ଏଭଳି ଆଇନ ଅଣାଯାଇପାରେ ବୋଲି ଫେସ୍‌ବୁକ୍ ଓ ଗୁଗଲ ଆଶଙ୍କା ବ୍ୟକ୍ତ କରିଛନ୍ତି। ଉଦାହରଣ ସ୍ୱରୂପ ଫ୍ରାନ୍ସ ଭଳି ଦେଶଗୁଡ଼ିକର ପ୍ରକାଶକଙ୍କ ସହ ଗୁଗଲ ଚୁକ୍ତି ସ୍ୱାକ୍ଷର କରିବାରେ ଲାଗିଛି। ଅନ୍ୟ ରାଷ୍ଟ୍ରଗୁଡ଼ିକରେ ମଧ ଫେସ୍‌ବୁକ୍ ପକ୍ଷରୁ 'ଫେସ୍‌ବୁକ୍ ନ୍ୟୁଜ୍' ଯୋଜନାର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରାଯାଇପାରେ। ଉକ୍ତ ପ୍ଲାଟ୍‌ଫର୍ମରେ ନ୍ୟୁଜ୍ ପ୍ରସାରଣକୁ ନେଇ ଫେସ୍‌ବୁକ୍ କଡ଼ା ଆଭିମୁଖ୍ୟ ଗ୍ରହଣ କରିପାରେ। ମୋଟାମୋଟି ଭାବେ ଏଥିଯୋଗୁ ଭ୍ୟୁୟର୍ସ କ୍ଷତିଗ୍ରସ୍ତ ହେବେ ବୋଲି କୁହାଯାଉଛି।

# ୨୨ରେ ନାରାୟଣସ୍ୱାମୀଙ୍କ ଶକ୍ତିପରୀକ୍ଷା



ଭି. ନାରାୟଣସ୍ୱାମୀ

**ପୁଡୁଚେରୀ ଉପରାଜ୍ୟପାଳ ଭାବେ ଦାୟିତ୍ୱ ନେଲେ ତାମିଲିସାଇ**

**ପୁଡୁଚେରୀ, ୧୮।୨ (ପି.ଟି.):** ତେଲଙ୍ଗାନା ରାଜ୍ୟପାଳ ତାମିଲିସାଇ ସୌନ୍ଦରରାଜନ ତେଲଙ୍ଗାନା ଗୁରୁବାର ଉପରାଜ୍ୟପାଳ ଭାବେ ଶପଥ ନେଇଛନ୍ତି। ଏହି ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିବା ପରେ ପୁଡୁଚେରୀ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀଙ୍କୁ ଆସନ୍ତା ୨୨ ତାରିଖରେ ବିଧାନସଭାରେ ଆସ୍ଥାଭୋଟର ସମ୍ମୁଖୀନ ହେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀରେ ବିଧାନସଭା ନିର୍ବାଚନ ପୂର୍ବରୁ ରାଜନୈତିକ ସଙ୍କଟ ବଢ଼ିବାରେ ଲାଗିଛି। ସୋମବାର ଓ ମଙ୍ଗଳବାର ଜଣେ ଲେଖାଏ ଏମ୍‌ଏଲ୍‌ଏ ଇସ୍ତଫା ଦେବା ପରେ ୩୦ ସଦସ୍ୟ ବିଶିଷ୍ଟ ବିଧାନସଭାରେ ବିଧାୟକଙ୍କ ସଂଖ୍ୟା ୨୮କୁ ଖସିଛି। ମ୍ୟାଜିକ୍ ନମ୍ବର ୧୫ ହୋଇଥିବାବେଳେ କଂଗ୍ରେସ-ଡିଏମ୍‌କେ ବିଧାୟକଙ୍କ ସଂଖ୍ୟା ୧୪ ରହିଛି। ଏହାସହ କଂଗ୍ରେସ ନେତୃତ୍ୱାଧୀନ ପୁଡୁଚେରୀ ସରକାର ସଂଖ୍ୟାଗରିଷ୍ଠତା ହରାଇଛନ୍ତି। ଅନ୍ୟପକ୍ଷେ ଏଆଇଏଡିଏମ୍‌କେ-ଭାଜପା ମେଣ୍ଟ ପାଖରେ ମଧ ୧୪ ବିଧାୟକ ରହିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ସରକାରଙ୍କୁ ବରଖାସ୍ତ କରାଯାଉ ବୋଲି ବିରୋଧୀ ମେଣ୍ଟ ଦାବି କରୁଥିବାବେଳେ ମୁଖ୍ୟମନ୍ତ୍ରୀ ତାଙ୍କ ନିକଟରେ ସଂଖ୍ୟାଗରିଷ୍ଠତା ଥିବା କହିଛନ୍ତି। ମଙ୍ଗଳବାର କିରଣ ବେଦୀଙ୍କୁ ଉପରାଜ୍ୟପାଳ ପଦରୁ ହଟାଇ ତାମିଲିସାଇଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ନାରାୟଣସ୍ୱାମୀଙ୍କ ସହ ସଂଖ୍ୟାଗରିଷ୍ଠ ବିଧାୟକଙ୍କ ସମର୍ଥନ ଥିଲେ ସେ ପ୍ରମାଣ ଦିଅନ୍ତୁ ବୋଲି ତାମିଲିସାଇ ନିର୍ଦ୍ଦେଶ ଦେଇଛନ୍ତି।

# ହାଇକୋର୍ଟ ଗଲେ ଦିଶା

**୩ ମିଡିଆ ହାଉସ୍‌କୁ ନୋଟିସ**



ନୂଆଦିଲ୍ଲୀ, ୧୮।୨

କୃଷକ ଆନ୍ଦୋଳନ ସହ ଜଡ଼ିତ ଟୁଲ୍‌କିଟ୍ ମାମଲାରେ ଗିରଫ ହୋଇଥିବା କ୍ଲାଇମେଟ୍ ଆକ୍ଟିଭିଷ୍ଟ ଦିଶା ରବି ଗୁରୁବାର ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗଣମାଧ୍ୟମ ସଂସ୍ଥାଗୁଡ଼ିକୁ ତାଙ୍କ ବିରୋଧରେ ଦାଏର ଏଫ୍‌ଆଇଆର୍ ଏବଂ ତଦନ୍ତ ସମ୍ପର୍କିତ ତଥ୍ୟ ପ୍ରଘଟ କରିବାରୁ ଦିଲ୍ଲୀ ପୋଲିସକୁ ନିବୃତ୍ତ ରଖିବା ପାଇଁ ସେ ଏକ ପିଟିଶନ ଦାଏର କରିଛନ୍ତି। ଏହାସହ ଦିଶା ଓ ଅନ୍ୟ ପକ୍ଷମାନଙ୍କ ମଧ୍ୟରେ ହ୍ୱାଟ୍ସଆପ୍‌ରେ ହୋଇଥିବା ପ୍ରାଇଭେଟ୍ ଚାଟ୍‌ର କୌଣସି ଅଂଶ ପ୍ରକାଶ ନ କରିବାକୁ ଗଣମାଧ୍ୟମକୁ ନିର୍ଦ୍ଦେଶ ଦେବା ପାଇଁ ତାଙ୍କ ଓକିଲ ଅଭିନବ ଶେଖରି ଆବେଦନରେ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ଟାଇମ୍ସ ନାଓ, ଇଣ୍ଡିଆ ଟୁଡେ ଏବଂ ନ୍ୟୁଜ୍ ୧୮ ସେମାନଙ୍କ କାର୍ଯ୍ୟକ୍ରମ ପ୍ରସାରଣ ବେଳେ ତଦନ୍ତ ସମ୍ପର୍କିତ ତଥ୍ୟ ପ୍ରଘଟ କରିଥିବା ଦର୍ଶାଇ ଦିଶା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ହାଇକୋର୍ଟ ଏହାର ଶୁଣାଣି କରି ଉପରୋକ୍ତ ୩ ମିଡିଆ ହାଉସ୍ ଏବଂ ନ୍ୟୁଜ୍ ବ୍ରଡ୍‌କାଷ୍ଟିଂ ଷ୍ଟାଣ୍ଡାର୍ଡସ ଅଥୋରିଟିଙ୍କୁ ନୋଟିସ କରିଛନ୍ତି। ଦିଲ୍ଲୀ ପୋଲିସ ହାଜତରେ ଥିବା ଦିଶା ଉକ୍ତ ପ୍ରସାରଣ ଯୋଗୁ 'ମିଡିଆ ଟ୍ରାଏଲ୍‌ର' ଶିକାର ହୋଇଥିବା କହିଛନ୍ତି। ଅନ୍ୟପକ୍ଷେ ଦିଲ୍ଲୀ ପୋଲିସ କିଛି ତଥ୍ୟ କୌଣସି ଗଣମାଧ୍ୟମକୁ ଲିକ୍ କରି ନ ଥିବା ଦିଲ୍ଲୀ ହାଇକୋର୍ଟଙ୍କୁ କହିଛି।



କେନ୍ଦ୍ରର ୩ ବିବାଦୀୟ ଆଇନ ପ୍ରତ୍ୟାହାର ଦାବିରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଗୁରୁବାର ୪ ଘଣ୍ଟିଆ ରେଳ ରୋକୋ କରାଯାଇଥିଲା। ଏହି ଅବସରରେ ପଟିଆଲାରେ ମହିଳାମାନେ ରେଳଧାରଣାକୁ ଅବରୋଧ କରିଛନ୍ତି।

# ରେଳରୋକୋ ଶାନ୍ତିପୂର୍ଣ୍ଣ

**ନୂଆଦିଲ୍ଲୀ, ୧୮।୨:** କେନ୍ଦ୍ରର ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ ଗୁରୁବାର କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଦେଶବ୍ୟାପୀ ମଧ୍ୟାହ୍ନ ୧୨ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ରେଳରୋକୋ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ହୋଇଛି। କିଛି ସ୍ଥାନରେ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିବାବେଳେ ୪ଟା ପରେ ସବୁ ଜୋନ୍‌ରେ ଏହା ସ୍ୱାଭାବିକ ହୋଇଥିବା ଭାରତୀୟ ରେଳୱେ ପକ୍ଷରୁ କୁହାଯାଇଛି।

କୌଣସି ବିଶୃଙ୍ଖଳା ଏଡ଼ାଇବା ପାଇଁ ପଞ୍ଜାବ, ହରିୟାଣା, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗରେ ରେଲୱେ ପ୍ରୋଟେକ୍ସନ ସ୍ପେଶାଲ ଫୋର୍ସ(ଆର୍‌ପିଏସ୍‌ଏଫ୍) ଅତିରିକ୍ତ ୨୦ କମ୍ପାନୀ ଯବାନ ମୁତୟନ ହୋଇଥିଲେ। ଦିଲ୍ଲୀ ଏନ୍‌ସିଆର୍‌ରେ ମଧ ସୁରକ୍ଷା ବ୍ୟବସ୍ଥା ବଢ଼ାଯାଇଥିଲା। ଦିଲ୍ଲୀ ମେଟ୍ରୋ ରେଳ ନିଗମ ପକ୍ଷରୁ ଷ୍ଟେଶନଗୁଡ଼ିକରେ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ବନ୍ଦ କରିଦିଆଯାଇଥିଲା।

# ଗୋଗୋଇଙ୍କ ବିରୋଧରେ ମାମଲା ବନ୍ଦ

ନୂଆଦିଲ୍ଲୀ, ୧୮।୨

**ଯୌନ ଶୋଷଣ ଅଭିଯୋଗ ପଛରେ ଷଡ଼ଯନ୍ତ୍ର: ସୁପ୍ରିମକୋର୍ଟ**

ପୂର୍ବତନ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ବିରୋଧରେ ଆସିଥିବା ଯୌନ ଶୋଷଣ ମାମଲାକୁ ସୁପ୍ରିମକୋର୍ଟ ଗୁରୁବାର ବନ୍ଦ କରିଦେଇଛନ୍ତି। ପ୍ରାୟ ୨ ବର୍ଷ ତଳେ ଗୋଗଇଙ୍କ ନାଁରେ ଆସିଥିବା ଏହି ଅଭିଯୋଗ ପଛରେ ଷଡ଼ଯନ୍ତ୍ରକୁ ଏଡ଼ାଇ ଦିଆଯାଇପାରିବ ନାହିଁ ଜଷ୍ଟିସ୍ ଏ. କେ. ପଟ୍ଟନାୟକ କମିଟି ତଦନ୍ତ ରିପୋର୍ଟରୁ ଜଣାପଡିଥିବା କୋର୍ଟ କହିଛନ୍ତି। ଜଷ୍ଟିସ୍ ଗୋଗୋଇ ଜାତୀୟ ନାଗରିକ ପଞ୍ଜୀକରଣ(ଏନ୍‌ଆରସି) ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାୟ ଦେବା ପରେ ତାଙ୍କ ବିରୋଧରେ ଏଭଳି ଷଡ଼ଯନ୍ତ୍ର କରାଯାଇଥାଇପାରେ ବୋଲି ପ୍ରଧାନ ବିଚାରପତି ଏସ୍. ଏ. ବୋବଡେଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ କହିଛନ୍ତି।

୨୦୧୮ରେ ସୁପ୍ରିମକୋର୍ଟର ଜଣେ ମହିଳା କର୍ମଚାରୀ ଜଷ୍ଟିସ୍ ଗୋଗୋଇଙ୍କ ନାଁରେ ଯୌନ ଉତ୍ପୀଡ଼ନ ଅଭିଯୋଗ ଆଣିଥିଲେ। ଅଭିଯୋଗର ଗମ୍ଭୀରତାକୁ ଦେଖି ସୁପ୍ରିମକୋର୍ଟ ନିଜ ଆଡୁ ମାମଲା କରିବା ପରେ ଏପ୍ରିଲ ୨୦୧୯ରେ ଏହାର ଶୁଣାଣି ଆରମ୍ଭ ହୋଇଥିଲା। ଗୋଗୋଇଙ୍କ ରାୟକୁ ନେଇ କେତେକ ଗୋଷ୍ଠୀ ଖୁସି ନ ଥିଲେ। ଏହି କାରଣରୁ ତାଙ୍କ ଛବି ଖରାପ



ଜଷ୍ଟିସ୍ ରଞ୍ଜନ ଗୋଗୋଇ

କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଥାଇ ପାରେ ବୋଲି ଗୋଇନ୍ଦା ରିପୋର୍ଟ ପ୍ରଦାନ କରାଯାଇଥିବା କୋର୍ଟ କହିଛନ୍ତି। ଘଟଣାକୁ ୨ ବର୍ଷ ବିତି ସାରିଥିବାରୁ ଷଡ଼ଯନ୍ତ୍ରର ଇଲେକ୍ଟ୍ରୋନିକ୍ସ ରେକର୍ଡ ମିଳିବା କଷ୍ଟକର ହୋଇଥିବାରୁ ଆଗକୁ ଏହାର ତଦନ୍ତ କରାଯିବାକୁ କମିଟି ଅକ୍ଷମତା ବ୍ୟକ୍ତ କରିଥିବା ଖଣ୍ଡପୀଠ କହିଛନ୍ତି।

# ଗହମ ଖେତରେ ୨ ଭଉଣୀଙ୍କ ମୃତ୍ୟୁ

**ଉନ୍ନାଓରେ ଆଉ ଏକ କାଣ୍ଡ**

ବଳାତ୍କାର ଓ ଯୌନ ନିର୍ଯାତନାକୁ ନେଇ ଦୁର୍ନାମ ମୁଣ୍ଡାଇଥିବା ଉତ୍ତରପ୍ରଦେଶର ଉନ୍ନାଓରେ ଘଟିଛି ଆଉ ଏକ ଲୋମହର୍ଷଣକାରୀ କାଣ୍ଡ। ଗୋଖାଦ୍ୟ ଆଣିବାକୁ ଯାଇଥିବା ୩ ଦଳିତ ନାବାଳିକାଙ୍କ ମଧ୍ୟରୁ ୨ ଜଣଙ୍କ ମୃତଦେହ ଏକ ଗହମ ଖେତରୁ ମିଳିଥିବାବେଳେ ସେମାନଙ୍କ ସମ୍ପର୍କୀୟ ଭଉଣୀଙ୍କୁ ଗମ୍ଭୀର ଅବସ୍ଥାରେ ଉଦ୍ଧାର କରାଯାଇଛି। ଭାଜପା ଶାସନାଧୀନ ୟୁପିରେ ମହିଳାଙ୍କ ସୁରକ୍ଷା ନେଇ ଲଗାତର ପ୍ରଶ୍ନ ଉଠୁଥିବାବେଳେ ଉନ୍ନାଓର ସଦ୍ୟ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏହି ସନ୍ଦେହଜନକ ମୃତ୍ୟୁ ଯୋଗୁ ରାଜନୀତି ବି ସରଗରମ ହୋଇଛି। ବିରୋଧୀ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଥିବାବେଳେ ସମାଜବାଦୀ ପାର୍ଟି ଯୋଗୀ ଆଦିତ୍ୟନାଥ ସରକାରଙ୍କୁ ବରଖାସ୍ତ କରାଯାଉ ବୋଲି ଦାବି କରିଛି।

- ତୃତୀୟ ଦଳିତ ନାବାଳିକା ଗୁରୁତର
- ମୋଦିଙ୍କ ନୀରବତାକୁ ନେଇ ବିରୋଧୀଙ୍କ ଟାର୍ଗେଟ



ଉନ୍ନାଓ, ୧୮।୨

ଉନ୍ନାଓ ଜିଲାର ୩ ନାବାଳିକାଙ୍କୁ ଅଚେତ ଅବସ୍ଥାରେ ବୁଧବାର ସନ୍ଧ୍ୟାରେ ଉଦ୍ଧାର କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣଙ୍କ ଅବସ୍ଥା ଗୁରୁତର ରହିଛି।

ରାଜଧାନୀ ଲକ୍ଷ୍ନୌରୁ ମାତ୍ର ୩୬ କି.ମି. ଦୂର ଆସୋହା ଥାନା ବାବୁହାରା ଗ୍ରାମର ଘଟଣା। ୧୩, ୧୬ ଓ ୧୭ ବର୍ଷ ବୟସ୍କା ସମ୍ପର୍କୀୟ ତିନି ଭଉଣୀ ବୁଧବାର ଅପରାହ୍ନରେ ଗୃହପାଳିତ ପ୍ରାଣୀଙ୍କ ପାଇଁ ଚାରା ଆଣିବାକୁ ନିକଟସ୍ଥ ଜଙ୍ଗଲକୁ ଯାଇଥିଲେ। ରାତି ସୁଦ୍ଧା ସେମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏକ ଗହମ ଖେତରେ ସେମାନେ ଅଚେତ ଅବସ୍ଥାରେ ପଡ଼ିଥିବା ଘର ଲୋକେ ଦେଖିବାକୁ ପାଇଥିଲେ। ସେମାନଙ୍କୁ ହସ୍ପିଟାଲ ନିଆଯିବା ପରେ ୧୩ ଓ ୧୬ ବର୍ଷୀୟା ୨ ଭଉଣୀଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ୧୭ ବର୍ଷୀୟା ଝିଅଙ୍କୁ କାନପୁରର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିଷକ୍ରିୟାରେ ଉଭୟଙ୍କ ମୃତ୍ୟୁ ଘଟିଥିବା ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡିଛି ବୋଲି ଚିକିତ୍ସା କରିଥିବା ଡାକ୍ତର କହିଛନ୍ତି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାଜପା ସରକାରକୁ ଟାର୍ଗେଟ କରିଛନ୍ତି। ଏହି ସରକାର କେବଳ ଦଳିତ ସମାଜକୁ ଦମନ କରୁନାହିଁ, ବରଂ ରାଜ୍ୟରେ ମହିଳାମାନଙ୍କ ମାନବାଧିକାର ଓ ସମ୍ମାନକୁ ମଧ ହନନ କରୁଛି। କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସନ୍ଦେହଜନକ ମୃତ୍ୟୁକୁ ହୃଦୟବିଦାରକ ଘଟଣା ବୋଲି ଅଭିହିତ କରି ତୃତୀୟ ଭଉଣୀଙ୍କୁ ତୁରନ୍ତ ବିମାନରେ ଦିଲ୍ଲୀର ଏମ୍ସକୁ ନିଆଯାଉ ବୋଲି ଦାବି କରିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୧,୦୬,୦୬,୪୦୫ | ୨୪,୪୪,୬୮୮ | ୮,୫୪,୭୨,୯୯୧ |
| ଭାରତ | ୧,୦୯,୭୨,୦୮୬ | ୧,୫୬,୧୨୧ | ୧,୦୬,୬୪,୯୭୧ |
| ଓଡ଼ିଶା | ୩,୩୬,୪୬୦ | ୧୯୧୩(+୫୩) | ୩,୩୩,୭୮୮ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର







ବିଧାନସଭା ଅଧିବେଶନ ଅବସରରେ ଗୃହକୁ ପ୍ରବେଶ କରୁଛନ୍ତି (ବାମରୁ ) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର।

# ବିଧାନସଭାରେ ଶୋକ

ଭୁବନେଶ୍ୱର,୧୮।୨(ବ୍ୟୁରୋ)

ବିଧାନସଭାର ପୂର୍ବତନ ସଦସ୍ୟ, ଯବାନ ଓ କରୋନା ଯୋଦ୍ଧାଙ୍କ ବିୟୋଗରେ ଗୁରୁବାର ବିଧାନସଭାରେ ଶୋକ କରାଯାଇଛି। ରାଜ୍ୟପାଳଙ୍କ ଅଭିଭାଷଣ ପରେ ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଗୃହରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ବିଧାନସଭାର ପୂର୍ବତନ ସଦସ୍ୟ ସ୍ୱର୍ଗତ ସୁରେନ୍ଦ୍ର ନାଥ ମିଶ୍ର, ଆସାମ ରାଇଫଲର ପୂର୍ବତନ ୱାରେଣ୍ଟ ଅଫିସର ବିଭୂତିଭୂଷଣ ନାୟକ, ଇ.ବି.ଆର୍ ୧୦୬ ଇନ୍ଫିୟରିଂ ରେଜିମେଣ୍ଟ ୱେଷ୍ଟର୍ଣ୍ଣ କମାଣ୍ଡର ଯଜ୍ଞ ନାରାୟଣ କର, ପୂର୍ବତନ ସୁବେଦାର କୃଷ୍ଣ ଚନ୍ଦ୍ର ପଣ୍ଡା, ରାଜ୍ୟରେ କରୋନା ପରିସ୍ଥିତିର ମୁକାବିଲା ବେଳେ ପ୍ରାଣ ହରାଇଥିବା ସମସ୍ତ କରୋନା ଯୋଦ୍ଧାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ଶୋକ ପ୍ରକାଶ କରିବା ସହ ସେମାନଙ୍କ ଜୀବନୀ ବିଷୟରେ ସଂକ୍ଷିପ୍ତ ବିବରଣୀ ରଖିଥିଲେ। ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ବାଚସ୍ପତିଙ୍କ ଜରିଆରେ ଗୃହର ସମବେଦନା ଜଣାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ସମର୍ଥନ କରିଥିଲେ। ସ୍ୱର୍ଗତମାନଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ବାଚସ୍ପତିଙ୍କ ଜରିଆରେ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ନିଜର ତଥା ନିଜ ଦଳର ସମବେଦନା ଜଣାଇଥିଲେ। ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଗତ ଶୋକ ପ୍ରସ୍ତାବକୁ ସମର୍ଥନ କରିବା ସହ ମୃତକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଥିଲେ। ସ୍ୱର୍ଗତଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଗୃହରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଭୋଜି ଖାଇ ୨୦ରୁ ଉର୍ଦ୍ଧ୍ୱ ଅସୁସ୍ଥ

ଭଦ୍ରକ ଅଫିସ,୧୮।୨

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ କଲେଇ ପଞ୍ଚାୟତ ଚୁନିଦା ଗ୍ରାମରେ ଭୋଜି ଖାଇ ୨୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ହୋଇପଡ଼ିଛନ୍ତି। ସେମାନଙ୍କ ମଧ୍ୟରୁ ୫ ଗୁରୁତରଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବୁଧବାର ଏହି ଗ୍ରାମରେ ଆୟୋଜିତ ଏକ ବିବାହ ଭୋଜି ଖାଇଥିଲେ ଗ୍ରାମବାସୀ। ଗୁରୁବାର ହଠାତ୍ ସେମାନଙ୍କ ମଧ୍ୟରୁ କେତେଜଣଙ୍କର ପେଟ କାଟିବା ସହ ଝାଡ଼ାବାନ୍ତି ହୋଇଥିଲା। ଏଭଳି ଭାବେ ୨୦ରୁ ଉର୍ଦ୍ଧ୍ୱ ଅସୁସ୍ଥ ହୋଇପଡ଼ିଥିଲେ। ଏ ସମ୍ପର୍କରେ ଖବର ପାଇ ଏକ ଡାକ୍ତରୀ ଟିମ୍ ଉକ୍ତ ଗାଁରେ ପହଞ୍ଚି ଅସୁସ୍ଥ ଲୋକଙ୍କୁ ଚିକିତ୍ସା କରିଥିବା ସୂଚନା ମିଳିଛି।

# ଆଜି ଚନ୍ଦ୍ରଭାଗାରେ ମାଘମେଳା

- ଶ୍ରଦ୍ଧାଳୁଙ୍କ ବୁଡ଼ ଉପରେ କଟକଣା
- ମେଳା ପଡ଼ିଆରେ ୧୪୪ ଧାରା
- ୧୪ ପ୍ଲାଟୁନ ଫୋର୍ସ ମୁତୟନ

କୋଣାର୍କ, ୧୮।୨(ଡି.ଏନ.ଏ)

ଚନ୍ଦ୍ରଭାଗାରେ ଏଥର କୋଭିଡ୍ କଟକଣାରେ ମାଘମେଳା ହେବ। ଶ୍ରଦ୍ଧାଳୁଙ୍କ ବୁଡ଼ ପକାଇବା ଉପରେ ପ୍ରଶାସନ କଟକଣା ଜାରି କରିଥିବାବେଳେ କେବଳ ୫୦୦ ଜଣଙ୍କୁ ନୀତି ଓ ମେଳା କାର୍ଯ୍ୟ ପାଇଁ ଅନୁମତି ମିଳିଛି। ପ୍ରଶାସନ ପକ୍ଷରୁ ଚନ୍ଦ୍ରଭାଗା ମେଳା ପଡ଼ିଆରେ ୧୪୪ ଧାରା ଜାରି କରାଯାଇଛି। ଫଳରେ ଏହି ସ୍ଥାନ ଶୂନଶାନ ହୋଇପଡ଼ିଛି। ତେବେ ମାଘବୁଡ଼ ଅବସରରେ ଦୁଇଦିନ ପାଇଁ ସୂର୍ଯ୍ୟ ମନ୍ଦିର ପ୍ରବେଶ ଶୁଳ୍କ ଛାଡ଼ କରାଯାଇଛି। ଗୁରୁବାର ପୁରୀ ଏସ୍‌ପି କେ. ବିଶାଲ ସିଂ ଚନ୍ଦ୍ରଭାଗାରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି। ଏହି ଅବସରରେ ଏସ୍‌ପି କହିଛନ୍ତି, ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀ ଚାରିପଟେ ବ୍ୟାରିକେଡ୍ ହୋଇଛି। ଆଇନଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ମେଳାପଡ଼ିଆ, ବେଳାଭୂମି, ମେରାଇନ ଡ୍ରାଇଭ ଓ କୋଣାର୍କ ସହରରେ ମୋଟ ୧୪ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏସ୍‌ପିଙ୍କ ତତ୍ତ୍ୱାବଧାନରେ ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୧୮ ଆଇଆଇସି, ୮୦ ଏସ୍‌ଆଇ ଏବଂ ଏଏସ୍‌ଆଇ, ୧୫୦ ଜଣ ହୋମଗାର୍ଡ ମୁତୟନ ରହିଛନ୍ତି। ଶୁକ୍ରବାର ଭୋର ୪ଟାରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଶ୍ରୀଶ୍ରୀ ତ୍ରିବେଣୀଶ୍ୱର, ଶ୍ରୀଶ୍ରୀ ଦକ୍ଷିଣେଶ୍ୱର, ଶ୍ରୀଶ୍ରୀ ଇଶାଣେଶ୍ୱରଙ୍କ ଚଳନ୍ତି ପ୍ରତିମା ସ୍ନାନ ପରେ ସେବାୟତ ଓ ସାଧୁସନ୍ଥ ବୁଡ଼ ପକାଇବେ। ତେବେ ଏଠାରେ ୧୪୪ ଧାରା ଜାରି ସହ ଅନ୍ୟମାନଙ୍କୁ ବୁଡ଼ ପକାଇବା ଲାଗି ବାରଣ କରାଯାଇଛି। ଗୁରୁବାର ପୂର୍ବାହ୍ନ ୧୧ଟାରୁ ଶୁକ୍ରବାର ଅପରାହ୍ନ ୧ଟା ପର୍ଯ୍ୟନ୍ତ ୧୪୪ ଧାରା ବଳବତ୍ତର ରହିବ। ଚନ୍ଦ୍ରଭାଗା ନିକଟକୁ କୌଣସି ଯାନବାହନ ଛଡ଼ାଯିବ ନାହିଁ। କଡ଼ା ସୁରକ୍ଷା ମଧ୍ୟରେ ତିନିଠାକୁରଙ୍କ ଶୋଭାଯାତ୍ରା ହେବ। ଜନସାଧାରଣ ଏହାକୁ ସହଯୋଗ କରିବେ ବୋଲି ଏସ୍‌ପି ଆଶା ପ୍ରକାଶ କରିଛନ୍ତି।






**ଆଜିର ମନ୍ତବ୍ୟ**

"କୃଷକମାନଙ୍କୁ ଅପମାନିତ କରି ପଞ୍ଜାବରେ ଭାଜପା ମୂଳପୋଛ ହୋଇଯାଇଛି। ଉତ୍ତରପ୍ରଦେଶରେ ବି ଦଳ ସମାନ ଅବସ୍ଥା ଭୋଗିବ।

–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................

ବୟସ:........................................

ଜନ୍ମ ତାରିଖ: ................................



ରାନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ପ୍ରଥମ ପୃଷ୍ଠାରୁ...

### ଆରମ୍ଭରୁ...

ଦେଇ ସାମାଜିକ ସୁରକ୍ଷା ଦାୟିତ୍ୱକୁ ତୁଲାଇଛନ୍ତି। କୋଭିଡ୍–୧୯ ମହାମାରୀ ସମୟରେ ସରକାର ଉଚିତ ପଦକ୍ଷେପ ନେବାରୁ ଲୋକଙ୍କ ଜୀବନ ବଞ୍ଚିଯାଇଥିଲା। ମହାମାରୀ ସମୟରେ ପ୍ରବାସୀ ଓଡ଼ିଆ କିଭଳି ରାଜ୍ୟକୁ ସୁରକ୍ଷିତ ଫେରିବେ ସେ ନେଇ ସରକାର ସମସ୍ତ ବ୍ୟବସ୍ଥା କରିଥିଲେ। ସଂକ୍ରମିତଙ୍କ କୋଭିଡ୍ ପରୀକ୍ଷାଠାରୁ ଆରମ୍ଭ କରି ଚିକିତ୍ସା ଖର୍ଚ୍ଚ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ମାଗଣାରେ କରାଯାଇଥିଲା। ପ୍ରବାସୀ ଓଡ଼ିଆମାନଙ୍କୁ ରାଜ୍ୟ ସରକାର ୮ ମାସ ପାଇଁ ଅତିରିକ୍ତ ମାଗଣା ଚାଉଳ ଯୋଗାଇ ଦେଇଛନ୍ତି। ରାଜ୍ୟ ସରକାର ପାନୀୟ ଜଳ ଯୋଗାଣଠାରୁ ଆରମ୍ଭ କରି କୃଷି ଓ କୃଷକମାନଙ୍କର ବିକାଶ ଦିଗରେ ଅନେକ ପଦକ୍ଷେପ ନେଇଛନ୍ତି। ବିରୋଧୀ କେବଳ ଚାଷୀଙ୍କୁ ନେଇ ରାଜନୀତି ପାଇଁ ବିରୋଧ କରୁଛନ୍ତି। ଏଠାରେ ହୋହଲ୍ଲା କରିବା ଅପେକ୍ଷା ଚାଷୀମାନେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) କିପରି ପାଇବେ ସେ ନେଇ କେନ୍ଦ୍ର ପାଖରେ ଦାବି କରିବାକୁ ପ୍ରମିଳା ଭାଜପା ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଭାଜପା ସଦସ୍ୟମାନଙ୍କ ହଟ୍ଟଗୋଳ ମଧ୍ୟରେ ପ୍ରମିଳା ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ହଟ୍ଟଗୋଳ ବଢ଼ିବାରୁ ବାଚସ୍ପତି ଗୃହକୁ ମଧ୍ୟାହ୍ନ ୧ଟା ୪ ମିନିଟରୁ ଶୁକ୍ରବାର ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଥିଲେ।

### ୬ ସପ୍ତାହରେ...

ଜଣାପଡ଼ିଛି। ଏହା ଦେଶରେ ସର୍ବାଧିକ ବୋଲି ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ମଧ୍ୟପ୍ରଦେଶର ଅନୁପପୁର ଅଞ୍ଚଳରେ ମଧ୍ୟ ପେଟ୍ରୋଲ ଦର ଲିଟର ପିଛା ୧୦୦.୨୫ ଟଙ୍କାରେ ବିକ୍ରି ହେଉଛି। ସେହିପରି ଏହି ୨ ସହରରେ ଡିଜେଲ ଦର ମଧ୍ୟ ଉଚ୍ଚ ରହିଛି। ଶ୍ରୀଗଙ୍ଗାନଗରରେ ଡିଜେଲ ଲିଟର ପିଛା ୯୨.୪୭ ଟଙ୍କା ଥିଲା ବେଳେ ଅନୁପପୁରରେ ୯୦.୯୬ ଟଙ୍କା ରହିଛି। ଅନୁରୂପ ଭାବେ ଓଡ଼ିଶାର ମାଲକାନଗିରି ସହରରେ ପେଟ୍ରୋଲ ଲିଟର ପିଛା ୯୫.୨୫ ଟଙ୍କା ରହିଥିବା ବେଳେ ଡିଜେଲ ଦର ୯୧.୯୦ ଟଙ୍କାରେ ବିକ୍ରି କରାଯାଉଛି। ଏହା ରାଜ୍ୟରେ ସର୍ବାଧିକ ବୋଲି ଉତ୍କଳ ପେଟ୍ରୋଲିୟମ ଡିଲର ଆସୋସିଏଶନ (ୟୁପିଡିଏ) ର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ଏ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ନୂଆଦିଲ୍ଲୀରେ ପେଟ୍ରୋଲ ଉପରେ ୩୪ ପଇସା ଏବଂ ଡିଜେଲରେ ୩୨ ପଇସା ବୃଦ୍ଧି ପାଇଥିବା ଜଣାପଡ଼ିଛି। ଏହି ଦର ବୃଦ୍ଧି ଫଳରେ ସେଠାରେ ପେଟ୍ରୋଲ ଦର ଲିଟର ପିଛା ୮୯.୮୮ ଟଙ୍କା ଓ ଡିଜେଲ ଦର ଲିଟର ପିଛା ୮୦.୨୭ ଟଙ୍କାରେ ପହଞ୍ଚିଛି। ସେହିଭଳି ଦେଶର ପ୍ରମୁଖ ମେଟ୍ରୋ ସହର ଚେନ୍ନାଇ, କୋଲକାତା ଏବଂ ମୁମ୍ବାଇରେ ପେଟ୍ରୋଲ ଦର ଲିଟର ପିଛା ଯଥାକ୍ରମେ ୯୧.୯୮ ଟଙ୍କା, ୯୧.୧୧ ଟଙ୍କା ଏବଂ ୯୬.୩୨ ଟଙ୍କାରେ ପହଞ୍ଚିଛି। ସେହିପରି ଏହିସବୁ ମେଟ୍ରୋ ସହରରେ ଡିଜେଲ ଦର ଲିଟର ପିଛା ୮୫.୩୧ ଟଙ୍କା, ୮୩.୮୬ ଟଙ୍କା ଏବଂ ୮୭.୩୨ ଟଙ୍କାରେ ବିକ୍ରି କରାଯାଉଛି।

ବର୍ତ୍ତମାନ ସମୟରେ ଅଶୋଧିତ ତୈଳର ଉତ୍ପାଦନ ହ୍ରାସ ପାଉଥିବାରୁ ଅନ୍ତର୍ଜାତୀୟ ବଜାରରେ ଏହାର ଦର କ୍ରମାଗତ ଭାବେ ବୃଦ୍ଧି ପାଉଛି। ସେହି ଅନୁପାତରେ ଭାରତରେ ତୈଳ ଦର ମଧ୍ୟ ବୃଦ୍ଧି ହେଉଛି। ସରକାର ତୈଳ କମ୍ପାନୀ କିମ୍ବା ରାଜ୍ୟ ସରକାରଗୁଡ଼ିକ ସହିତ ଆଲୋଚନାକରି ଦର ହ୍ରାସ ବିଷୟରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଖାଉଟି ଉଭୟ ସରକାରଙ୍କୁ ତୀବ୍ର ସମାଲୋଚନା କରୁଛନ୍ତି। ସେହିପରି ସରକାର ବଜେଟରେ ଯାହା କହିଥିଲେ ତା'ର ବିପରୀତ ଘଟଣା ବର୍ତ୍ତମାନ ସମୟରେ ଘଟୁଥିବା ଦେଖାଦେଇଛି। ସରକାର ଶୁଳ୍କ ନ କମାଇବା ପର୍ଯ୍ୟନ୍ତ ଦର ଉପରେ ରୋକ ଲଗାଇବା କଷ୍ଟକର ବ୍ୟାପାର ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

### ସୁପ୍ରିମକୋର୍ଟରେ ଆଜି...

ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ ମାମଲାର ପରବର୍ତ୍ତୀ ଶୁଣାଣିକୁ ୧୯ ତାରିଖକୁ ଧାର୍ଯ୍ୟ କରିଥିଲେ। ଇତିମଧ୍ୟରେ ବିଜୟନଗରମ୍ ଜିଲାପାଳ ଏମ୍.ହରି ଜବାହର୍ଲାଲ ଜବାବ ଦାଖଲ କରିବା ସହ ଆନ୍ଧ୍ର ସରକାରଙ୍କ ସପକ୍ଷରେ ରିପୋର୍ଟ ଦାଖଲ କରିଥିବା ଜଣାପଡ଼ିଛି। ଜିଲାପାଳଙ୍କ ରିପୋର୍ଟ ମୁତାବକ ଗଞ୍ଜାୟବାଦ୍ର, ପାଟୁ ଚେନୁରୁ ଏବଂ ପାଗୁଲୁଚେନୁରୁ ଗ୍ରାମ ଆନ୍ଧ୍ରର ଆରକୁ ଲୋକ ସଭା କ୍ଷେତ୍ର ଏବଂ ସାଲୁରୁ ବିଧାନସଭା କ୍ଷେତ୍ର ଅଧୀନରେ ଆସୁଛି। ଉକ୍ତ ଗ୍ରାମଗୁଡ଼ିକରେ ୧୯୫୨ ମସିହାରୁ ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ହୋଇ ଆସୁଛି। ଏପରି କି ୨୦୦୬ ଏବଂ ୨୦୧୩ରେ ଆନ୍ଧ୍ର ସରକାର ପଞ୍ଚାୟତ ନିର୍ବାଚନ ମଧ୍ୟ କରିଛନ୍ତି। ପଞ୍ଚାୟତ ରାଜ ଆଇନ କାର୍ଯ୍ୟକାରୀ ହେବା ପରଠାରୁ ଏହି ଗ୍ରାମଗୁଡ଼ିକରେ ଆନ୍ଧ୍ର ସରକାର ନିର୍ବାଚନ କରି ଆସୁଛନ୍ତି ବୋଲି ଜିଲାପାଳ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଅଦାଲତ ଅବମାନନା ନାମରେ ଓଡ଼ିଶା ସରକାର ଉକ୍ତ ୩ଟି ଗ୍ରାମକୁ ନେଇ ବିଭ୍ରାନ୍ତ ସୃଷ୍ଟି କରୁଛନ୍ତି। ୨୦୦୬ରେ ସୁପ୍ରିମକୋର୍ଟ ସ୍ପଷ୍ଟ ଭାବେ ଏହି ସୀମା ବିବାଦ ମାମଲାରେ କୌଣସି ପ୍ରକାର ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ରାୟରେ ଉଲ୍ଲେଖ କରିଥିଲେ। ତେଣୁ ଏବେ ଓଡ଼ିଶା ସରକାରଙ୍କ ଏହି ଆବେଦନ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ପ୍ରକାଶ ଯେ, ଉଭୟ ରାଜ୍ୟ ମଧ୍ୟରେ ସୃଷ୍ଟି ହୋଇଥିବା ସୀମା ବିବାଦ ଦେଖାଯିବା ପରେ ଉକ୍ତ ୩ ଗ୍ରାମ ସାଲୁର ବ୍ଲକରେ ମିଶ୍ରଣ ହୋଇଥିଲା ଏବଂ ସେହିଠାରେ ପଞ୍ଚାୟତିରାଜ ନିର୍ବାଚନ ହୋଇଆସୁଛି। ବିବାଦୀୟ କୋଟିଆକୁ ନେଇ ୧୯୬୮ ମସିହାରେ ସୁପ୍ରିମକୋର୍ଟ ଜାରି କରିଥିବା ସ୍ଥିତାବସ୍ଥା ନିର୍ଦ୍ଦେଶକୁ ଅବମାନନା କରିଥିବା ଅଭିଯୋଗରେ ଓଡ଼ିଶା ସରକାର ଆନ୍ଧ୍ର ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରିଛି। କୋରାପୁଟ ଜିଲା କୋଟିଆ ପଞ୍ଚାୟତର ତଳଗଞ୍ଜେଇପଦର, ଫାଟୁ ସିନେରି ଓ ଫଗୁଣ ସିନେରି ଗ୍ରାମକୁ ଆନ୍ଧ୍ର ନିଜର ବୋଲି କହିଆସୁଥିବାବେଳେ ସେଠାରେ ନିର୍ବାଚନ କରୁଛି। ସେଠାକାର ଲୋକମାନଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନିର୍ବାଚନରେ ସାମିଲ କରୁଛି ବୋଲି ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ଦାୟର ଆବେଦନରେ ଦର୍ଶାଇଛନ୍ତି।

### ୩୦ ଫୁଟ ତଳକୁ...

ବାହିନୀ ତଥା ଜାତୀୟ ରାଜପଥ କର୍ମଚାରୀ ପହଞ୍ଚି ଗୋରୁମାନଙ୍କୁ ଉଦ୍ଧାର କରିଥିଲେ। ୨୮ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୩ କର୍ମଚାରୀ ଉକ୍ତ କଣ୍ଟେନର ମଧ୍ୟରେ ଚାପି ହୋଇ ରହିଯାଇଥିଲେ। ୧୨ଟି ଗୋରୁଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା କରାଯାଉଛି। ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହେବାରୁ ବସ୍ତା ଥାନା ଆଇଆଇସି ଅଶୋକ ନାୟକ, ଏସ୍ଡିପିଓ ଜଳନ୍ଧର ଜାଲି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖି ଉଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଘଟଣା ସମ୍ପର୍କରେ ଜାଣିବା ପରେ ମର୍ମାହତ ହୋଇଛନ୍ତି। ବାଲେଶ୍ୱର ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ ଓ ପୂର୍ବାଞ୍ଚଳ ଆଇଜିଙ୍କ ସହ କଥା ହୋଇ ଏପରି ଗୋଚାଲାଣ ତଥା ଗୋହତ୍ୟା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସେ ପ୍ରକାଶ କରିଛନ୍ତି।

### ୨ ଖଣିରୁ ଉତ୍ପାଦନ...

ଅନେକ ଅଭିବୃଦ୍ଧି ହାସଲ କରିଛି। ରାଜ୍ୟ ସରକାର ଗ୍ରହଣ କରୁଥିବା ଶିଳ୍ପ ଉପଯୋଗୀ ନୀତି ଯୋଗୁ ନିବେଶକ ବେଶ୍ ଉତ୍ସାହିତ ହୋଇଛନ୍ତି। ଖଣି କ୍ଷେତ୍ରକୁ ଉତ୍ସାହିତ କରିବା ଲାଗି ବିଶେଷ ପଦକ୍ଷେପ ହାତକୁ ନିଆଯାଉଛି। ୫–ଟି ଅଧୀନରେ ହେଲ୍ପଡେସ୍କ ଏବଂ ଫିଡ୍ବ୍ୟାକ୍ ସିଷ୍ଟମ କାର୍ଯ୍ୟକାରୀ ହୋଇଛି। ପ୍ରମୁଖ ଖଣିଗୁଡିକର ନିଲାମ ଏବଂ ଆଇ୩ଏମ୍ଏସ୍ ଭଳି ଆପ୍ଲିକେଶନର ବ୍ୟବହାର କରାଯାଉଛି। ଖଣି ଏବଂ ଖଣିଜ କ୍ଷେତ୍ରରେ ରହିଥିବା ସମ୍ଭାବନା ଦିଗରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିତ ହୋଇ କାମ କରୁଥିବା ମୁଖ୍ୟମନ୍ତ୍ରୀ ମତ ପ୍ରକାଶ କରିଛନ୍ତି। ଖଣି କ୍ଷେତ୍ରର ସଂସ୍କାରକୁ ରାଜ୍ୟ ସରକାର ସମର୍ଥନ କରୁଥିବାରୁ ଏହାଦ୍ୱାରା ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଲାଭବାନ ହୋଇପାରିବେ। ୨ ଖଣିକୁ ଓଏମ୍ସିକୁ ପ୍ରଦାନ କରିଥିବାରୁ ସେ କେନ୍ଦ୍ର ଖଣି ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଜୋଷୀ କହିଛନ୍ତି, ଖଣିଗୁଡିକ କ୍ଷୁଦ୍ରଶିଳ୍ପକୁ ଲୁହାପଥର ଯୋଗାଣରେ ସ୍ଥିତାବସ୍ଥା ବଜାୟ ରଖିବାକୁ ସକ୍ଷମ ହେବା ସହ ବୃହତ୍ ପରିମାଣର ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ନୂଆ ଖଣି ଦ୍ୱାରା ଓଡ଼ିଶା ସରକାର ବାର୍ଷିକ ପ୍ରାୟ ୪ ହଜାରରୁ ୫ ହଜାର କୋଟିର ରାଜସ୍ୱ ପାଇବେ। ରାଜ୍ୟରେ ଅଧିକ ଖଣି ନିଲାମ ଏବଂ ବନ୍ଦ ପଡିଥିବା ଖଣିଗୁଡିକୁ କାର୍ଯ୍ୟକ୍ଷମ କରାଇବା, ଲୁହାପଥର ବ୍ଲକଗୁଡିକରୁ ଉତ୍ପାଦନ ବୃଦ୍ଧି ଏବଂ ରାଜସ୍ୱ ସୃଷ୍ଟି ଉପରେ କାମ କରିବାକୁ ଜୋଷୀ ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି। ଖଣିଜ ଉତ୍ପାଦନ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଦକ୍ଷେପ ନେଉଥିବାରୁ କେନ୍ଦ୍ର ସରକାର ରାଜ୍ୟକୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବେ ଜୋଷୀ ପ୍ରତିଶ୍ରୁତି ଦେଇଛନ୍ତି।

### ମୋରିସଙ୍କ ଦାମ୍...

ହେଲେ ଅଷ୍ଟ୍ରେଲିଆ ଦ୍ରୁତ ବୋଲର ଝେ ରିଚାର୍ଡ଼ସନ। କିଙ୍ଗ୍ସ ଇଲେଭେନ ପଞ୍ଜାବରୁ ପଞ୍ଜାବ କିଙ୍ଗ୍ସରେ ପରିଣତ ହୋଇଥିବା ପ୍ରୀତି ଜିଣ୍ଟାଙ୍କ ଦଳ ତାଙ୍କୁ ୧୪ କୋଟି ଟଙ୍କାରେ ନେଇଛି। ୨୪ ବର୍ଷୀୟ ରିଚାର୍ଡ଼ସନ କ୍ୟାରିୟରରେ ୨ଟି ଟେଷ୍ଟ, ୧୩ ଦିନିକିଆ ଓ ୯ଟି ଟି୨୦ ମ୍ୟାଚ ଖେଳିଛନ୍ତି। ବିଗ୍ବାଶ୍ ଲିଗ୍ରେ ସେ ସବୁଠାରୁ ଅଧିକ ଉଇକେଟ ହାସଲ କରିଥିଲେ। ବୋଲିଂ ଅଲ୍ରାଉଣ୍ଡର କ୍ରିଷ୍ଣାପ୍ପା ଗୋଥାମଙ୍କୁ ଚେନ୍ନାଇ ସୁପରକିଙ୍ଗ୍ସ ୯.୨୫ କୋଟି ଟଙ୍କାରେ କିଣିଛି। ମୋରିସଙ୍କ ୭୫ ଲକ୍ଷ, ଜେମିସନଙ୍କ ୭୫ ଲକ୍ଷ, ମ୍ୟାକ୍ସୱେଲଙ୍କ ୨ କୋଟି, ରିଚାର୍ଡ଼ସନଙ୍କ ୧.୫୦ କୋଟି ଏବଂ ଗୋଥାମଙ୍କର ୨୦ ଲକ୍ଷ ଟଙ୍କା ବେସ୍ ପ୍ରାଇସ୍ ଥିଲା। ତେବେ ଆଇପିଏଲ୍ର ସବୁଠାରୁ ଦାମୀ ଖେଳାଳି ତାଲିକାର ଶୀର୍ଷରେ ରହିଛନ୍ତି ଟିମ୍ ଇଣ୍ଡିଆ ଅଧିନାୟକ ବିରାଟ କୋହଲି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମର୍କି ଖେଳାଳି ଭାବେ ତାଙ୍କୁ ୧୭ କୋଟି ଟଙ୍କାରେ ଅପରିବର୍ତ୍ତିତ ରଖିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ବନ୍ଧୁଙ୍କ ସହ ପରିସ୍ଥିତିବଶତଃ ସାମାନ୍ୟ ବିତର୍କରୁ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ସହକର୍ମୀମାନଙ୍କୁ ଉତ୍ତମ ପରାମର୍ଶ ଦେଇ ପ୍ରଶଂସିତ ହେବେ। ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସ୍ଥିତି ସଂଘର୍ଷମୟ ରହିବ। ଯାତ୍ରା, ବାଣିଜ୍ୟ ଓ ନୂତନକର୍ମାରମ୍ଭ ପାଇଁ ଦିନଟି ଭଲ ରହିବ।

**ବୃଷ** କୌଣସି ହିତୈଷୀ ବନ୍ଧୁଜଣେ ଆପଣଙ୍କ କୁତ୍ସାରଟନା କରିପାରନ୍ତି। କର୍ମକ୍ଷେତ୍ରରେ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତତା ଅନୁଭବ କରିବେ। ବିଶେଷ ଭ୍ରମଣ ଓ ଶ୍ରମଜନିତ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବାରୁ ସାମାନ୍ୟ ଚିନ୍ତା ପ୍ରକଟ କରିପାରନ୍ତି।

**ମିଥୁନ** ଦୀର୍ଘଦିନରୁ ଅଟକି ରହିଯାଇଥିବା କାମ ପାଇଁ ଚିନ୍ତା ପ୍ରକଟ କରିପାରନ୍ତି। ନିଜ ଲୋକମାନେ ପାରିବାରିକ ସମସ୍ୟା ସୃଷ୍ଟିର ମୂଳକାରଣ ହୋଇପାରନ୍ତି। ସଭାସମିତି, ଲେଖାପଢା, କଳା, ସାହିତ୍ୟ କ୍ଷେତ୍ର ଭଲ ରହିବ। ନୂତନ ବନ୍ଧୁ ସମ୍ପର୍କ ସୃଷ୍ଟିହେବାର ସୂଚନା ରହିଛି।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ବୃଦ୍ଧି ପାଇବା ସଙ୍ଗକୁ ଯାତ୍ରା, ବାଣିଜ୍ୟ ମଧ୍ୟ ପ୍ରଭାବିତ ହୋଇପାରେ। ବିବାଦ, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ଆଲୋଚନାରେ ପରିସ୍ଥିତି ସରଗରମ ରହିବ। ଯାତ୍ରା ସମୟରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡା ଲାଗିପାରେ।

**ସିଂହ** ଆଜି ମନ ଯେମିତି ଚାହୁଁଛି ସେପରି କାମ କରିବାରେ ଅସୁବିଧା ରହିବନାହିଁ। ଅଳ୍ପ ଖର୍ଚ୍ଚରେ କାମ ହାସଲ କରିବାକୁ ଯାଇ ବେଶି ଖର୍ଚ୍ଚାନ୍ତ ହେବାକୁ ପଡିବ। ପାରିବାରିକ ଜୀବନରେ ମତଭେଦଜନିତ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ବକେୟା ଟଙ୍କା ଆଜି ପାଇବା ପାଇଁ ବିଭିନ୍ନ ପ୍ରକାରର ଯୋଜନା କରିପାରନ୍ତି।

**କନ୍ୟା** ଅଭାବ ନ ଥିଲେ ମଧ୍ୟ କୌଣସି ଅତୀତ କଥାର ଝଲକ ମନକୁ ବିଷାଦିତ କରିବ। କର୍ମକ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବାରେ ସାମୟିକ ପ୍ରତିବନ୍ଧକ ଦେଖାଦେଇପାରେ। ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। ରୋଗପୀଡ଼ା, ପରୋକ୍ଷଶତ୍ରୁତା କିମ୍ବା ବିବାଦୀୟ ଘଟଣାରୁ ଚିନ୍ତା ବଢିଯିବ।

**ତୁଳା** ଯାତ୍ରା, ବାଣିଜ୍ୟ, ସରକାରୀ ସ୍ତରର କାମ, ସଭାସମିତିରେ ଆଲୋଚନା କ୍ଷେତ୍ର ଆପଣଙ୍କ ସକାଶେ ଭଲ ରହିବ। ଆତ୍ମୀୟଙ୍କ ମାଧ୍ୟମରେ ଅନ୍ୟମାନଙ୍କ ସହ ସୁସମ୍ପର୍କ ସ୍ଥାପନରେ ସମର୍ଥ ହେବେ। ସହକର୍ମୀଙ୍କୁ ସୁପରାମର୍ଶ ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଘରୋଇ କାମରେ ବାଧା ସୃଷ୍ଟି ହୋଇପାରେ।

**ବିଛା** ସାମଗ୍ରିକ ଦୃଷ୍ଟିକୋଣରୁ ଗ୍ରହସ୍ଥିତି ଭଲ ହେତୁ ଯାହା କରିବେ ପ୍ରୀତିପ୍ରଦ ରହିବ। ନିଜ ଲୋକମାନଙ୍କ ବେପରୁଆ ମନୋଭାବ ଯୋଗୁ ବିଚଳିତବୋଧ କରିବେ। ସଜ୍ଜନଙ୍କ ସାନିଧ୍ୟ ଲାଭ କରି କର୍ମକ୍ଷେତ୍ରରେ ଉତ୍ସାହିତ ହେବେ। ଆଜିର ଯାନ୍ତ୍ରିକ ଜିନିଷ ସଜାଡିବା ପରିପ୍ରେକ୍ଷୀରେ ଖର୍ଚ୍ଚ ପରିମାଣ ଦି'ଗୁଣା ହୋଇପାରେ।

**ଧନୁ** ରାଶିରେ ପାପଗ୍ରହଙ୍କ ସମାବେଶ କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପଡ଼ୋଶୀମାନେ ସାଧାରଣ କଥାକୁ ଅତିରଞ୍ଜିତ କରି ସମସ୍ୟା ସୃଷ୍ଟି କରିବେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ, ପଦାଧିକାରୀଙ୍କ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ।

**ମକର** ଆପଣଙ୍କ ଭାଷା ଓ ଭାବନା ପ୍ରତିକୂଳ ପରିବେଶ ସୃଷ୍ଟି କରିବାର ଆଶଙ୍କା ରହିଛି। କର୍ମକ୍ଷେତ୍ରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ସାମାଜିକ ସ୍ତରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ।

**କୁମ୍ଭ** ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ଦିନଚର୍ଯ୍ୟା ମନ୍ଦ ହେବନି ଏବଂ ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ବ୍ୟବସାୟ, ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ। ପରିସ୍ଥିତିରେ ପଡି ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଅର୍ଥ ସମ୍ପର୍କୀୟ କିମ୍ବା ଜମିର ମାଲିକାନାକୁ ନେଇ ବିବାଦୀୟ ସ୍ଥିତି ଉପୁଜିପାରେ।

**ମୀନ** ପରିବାର, ଲୋକସମ୍ପର୍କ, ଜମିଜମା, ନୂତନ ଗୃହ, ଯାନବାହନାଦି କ୍ଷେତ୍ର ପ୍ରାୟତଃ ଭଲ ରହିବ। ନିଜର ଅସନ୍ତୋଷକୁ କଡାକଥାରେ ବ୍ୟକ୍ତ କରିବା ଅଶାନ୍ତିର କାରଣ ହେବ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। କର୍ମକ୍ଷେତ୍ରରେ ବିଭିନ୍ନ ଦିଗରୁ ଲାଭବାନ ହେବେ।

ଆଜି ମାଘମାସର ତିଳସପ୍ତମୀ ଶୁକ୍ରବାର, ଚନ୍ଦ୍ରଭାଗା ସ୍ନାନ ଓ ଯାତ୍ରା। ନବଦିନବ୍ୟାପୀ ଖଣ୍ଡଗିରିମେଳା ଆରମ୍ଭ। ଫେବୃଆରୀ ୧୯ ତାରିଖ। ବିଦଗ୍ଧକବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ, ଆଦିକବି ଶାରଳାଦାସଙ୍କ ଶ୍ରାଦ୍ଧଦିବସ, ଅତିବଡି ଜଗନ୍ନାଥଦାସଙ୍କ ବ୍ରହ୍ମଲୀନ ଦିବସ, ସ୍ୱାମୀ ନାରାୟଣ ଜୟନ୍ତୀ। ରାଶି ନକ୍ଷତ୍ର–କୃତ୍ତିକା/ମେଷ, ଦିବା ଘ.୦୯.୪୦ମି. ଗତେ, ବୃଷଚନ୍ଦ୍ର, ମେଷ ଓ ବିଛା ରାଶିର ଘାତଚନ୍ଦ୍ର, ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୧୬ମି. ଗତେ ଘ.୦୭.୦୨ମି. ମଧ୍ୟେ, ଘ.୦୭.୪୮ମି. ଗତେ ଘ.୧୦.୦୬ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦.୩୪ମି. ଗତେ ଘ.୧୨.୦୬ମି. ମଧ୍ୟେ ରାହୁକାଳ।

## ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଲୁଟ୍

**ଚୌଦ୍ୱାର,୧୮।୨(ଡି.ଏନ.ଏ.)**

ଗ୍ରାମାଞ୍ଚଳରୁ ଟଙ୍କା ଆଦାୟକରି ଫେରୁଥିବା ଜଣେ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ୧୦ ହଜାର ଟଙ୍କା ଲୁଟ୍ ହୋଇଥିବା ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଚୌଦ୍ୱାରସ୍ଥିତ ଆଶୀର୍ବାଦ ମାଇକ୍ରୋ ଫାଇନାନ୍ସ ନାମକ ଏକ ସଂସ୍ଥାରେ କାଶୀନାଥ ସାହୁ ଫିଲ୍ଡ ଅଫିସର ଭାବେ କାମ କରନ୍ତି। ଗୁରୁବାର ସେ ଗୁରୁଡିଝାଟିଆ ଥାନା ଅଧୀନ କୁମାରପୁର ଅଞ୍ଚଳର ହିତାଧିକାରୀମାନଙ୍କ ଠାରୁ ୧୦ ହଜାର ଟଙ୍କା ଆଦାୟ କରି ନିଜ ବାଇକ୍ରେ ଚୌଦ୍ୱାର ଅଭିମୁଖେ ଆସୁଥିଲେ। ଚୌଦ୍ୱାର ଥାନା ଅନ୍ତର୍ଗତ ବଡ଼ ପଦାଗାଁ ନିକଟରେ ଦୁଇଜଣ ଦୁର୍ବୃତ୍ତ ଏକ ବାଇକ୍ରେ ଆସି ରାସ୍ତାରେ ତାଙ୍କୁ ଅଟକାଇଥିଲେ। ପରେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ପାଖରେ ଥିବା ଟଙ୍କା ବ୍ୟାଗ ଲୁଟି ନେଇ ଫେରାର ହୋଇଯାଇଥିଲେ। ଏ ନେଇ କାଶୀନାଥ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୭୬/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ମହାନଦୀକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା ଉଦ୍ୟମ

**କଟକ ଅଫିସ,୧୮।୨**

ଯୋବ୍ରା ଆନିକଟ୍ର ୯୦ ନଂ. ଗେଟ୍ରୁ ଗୁରୁବାର ଜଣେ ମହିଳା ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ହେଲେ ଚୌଦ୍ୱାର ଅଞ୍ଚଳର ପ୍ରଶାନ୍ତି ବେହେରା(୩୫)। ଖବର ପାଇ ଓଡ୍ରାଫ୍ ଟିମ୍ ପହଞ୍ଚି ମହାନଦୀରୁ ମହିଳାଙ୍କୁ ଉଦ୍ଧାର କରିଥିଲେ। ପରେ ଚିକିତ୍ସା ଲାଗି ପ୍ରଶାନ୍ତିଙ୍କୁ ଏସ୍ସିବି ମେଡିକାଲ୍ରେ ଭର୍ତ୍ତି କରାଯାଇଛି। ପାରିବାରିକ କଳହକୁ କେନ୍ଦ୍ରକରି ପ୍ରଶାନ୍ତି ଆତ୍ମହତ୍ୟା ଉଦ୍ୟମ କରିଥିବା ତଦନ୍ତରୁ ଜଣାପଡିଛି ବୋଲି ଜଗତ୍ପୁର ଥାନା ଆଇଆଇସି ରବୀନ୍ଦ୍ରନାଥ ମେହେର କହିଛନ୍ତି।


# classifieds Everyday
0674-2580101, 2549302



**SALE**

Swift D'zire 2016 VDI Diesel, Swift D'zire-2016 (Petrol), Swift D'zire 2009 (Diesel). 7381091234, 9861194627. D-70182



**SALE**

Demarcated gharabari plot sale Gudiapokhari near KEC Puri road, advance boundarywall 30ft. road electricity. Patta 9238902929, 8763887357. D-70187

ଭୁବନେଶ୍ୱର, ପଟିଆ, ରଘୁନାଥପୁର, ଫୁଲନଖରା ପାଖରେ 1,2,3BHK simplex, duplex, plot ଅଛି। 9658122456, 8327785834. D-70188

Plot for sale:- Well developed gharabari plots having gated community with electrical connection 13K.M. from Fulnakhara on Niali State Highway. Contact Mob No.- 9937403575, 7853856577. D-70189

Plot Bhubaneswar, Aims Patia, Hanspal, Gudiapokhari, Sundarpada, Rangabazar, Rasulgarh. 9853415415 D-19781

ଭୁବନେଶ୍ୱର ପଟିଆ ଷ୍ଟେସନ ପାଖରେ 30' ରାସ୍ତା, boundary ସହିତ sqft.750/- ରୁ 1200/- ରେ ପ୍ଲଟ୍ ନିଅନ୍ତୁ। 9938734349, 9937686826. D-70190

Residential land with 30feet road available near OEC College, Chhatabar & Gangapatna immediate registration & construction. 7656070001, 8249139982. D-70177

ପିପିଲି Block Office ଏବଂ ଧଉଳି ପାଖରେ ସ୍ଥିତିବାନ୍ ପ୍ଲଟ୍ ମିଳୁଛି। 8249776268, 8327774136. D-69373

Bhubaneswar, Patia ready possession plot sqft. 666/-, Dhauli 666/-. 7381482078. D-56668

Bhubaneswar AIIMS Hospital and Sum Hospital, Times Gurukul ନିକଟରେ 30' ରାସ୍ତା ଘରବାରି ଇଲେକ୍ଟ୍ରିସିଟି ଥାଇ plot ବିକ୍ରିହେବ। 9937819395. D-70166

ଭୁବନେଶ୍ୱର Balianta Canal roadରେ ଘରବାରି boundary and electricity ସହିତ ମିଳୁଛି। Sqft. 750/- ଯେଉଁମାନେ immediate ଘର କରିବେ Call କରନ୍ତୁ। 9437005434. D-70184

Gharabari plot Hanspal, Nakhara 6K.M. Trinath Bazar, 2K.M. Bhubaneswar. 7008613186. D-69372

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,76,000/-, ଅରଗୁଲ IIT ପାଖରେ 1200sqft. 1,44,000/-, 7894433357. D-70185

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:–
classifieddharitri@gmail.com

Bhubaneswrରୁ 8K.M. Bhingarpur Oxford College, Sudhananda School ପାଖରେ sqft. 550/- residential plot ବିକ୍ରିହେବ। 6372824177, 9437707745. D-70161

ଭୁବନେଶ୍ୱର– ପୁରୀ Bypass roadsideରେ ଏବଂ ସୁନ୍ଦରପଦାରେ ଘରବାରି plot 30' ରାସ୍ତାଥାଇ ବିକ୍ରିହେବ। 9556794241. D-70183

Plot For Sale, 2000sqft. (17nos) Yellowzone infront of Tata ariana, Vipul Garden Backside Mouza- sankarpur, Ghatikia, BBSR. Water & Electricity available NH-5 to 1km per sqft.-1500 Contact: 7381564227. D-19978

**PURCHASE**

Wanted plots, flats, duplexes, Bungalows in Bhubaneswar for marketing. 6371090682. D-68272



For construction only in your plot inside Bhubaneswar area, contact MRC- 9937064680. D-27287

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।



Lease for running Hostel with all furniture & other facilities at prime location, Unit-IX 9437057789. D-69971



Swarna SPA newly open positively health benefits with expert therapist. 9556978408. D-70529

Zen salon and SPA positively health benefits with expert therapeutic & genuinely massage appointment. 7205084157. D-70530



SMS sending କାମକରି ଯୁବକ/ଯୁବତୀ, ଗୃହିଣୀମାନେ ମାସିକ 12000/-35,000/- + Laptop + Mobile + other facilities free (Part/ full time). 9667693638, 9667693639. D-70532

**LEGAL NOTICE**

ଏତଦ୍ୱାରା ଆମ୍ଭେ ଦୀପ୍ତି ମହାନ୍ତି, ପିତା– ୰ବୈକୁଣ୍ଠନାଥ ପଟ୍ଟନାୟକ, ସାକିନ: ଚିତ୍ରକାର ସାହି, ଥାନା– ଟାଉନ୍ ଥାନା, ଜିଲ୍ଲା– ପୁରୀ, ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଉଅଛି ଯେ, ଆମ୍ଭ ପିତା– ୰ବୈକୁଣ୍ଠନାଥ ପଟ୍ଟନାୟକ, ପିତା– ୰ବିଦ୍ୟାଧର ପଟ୍ଟନାୟକଙ୍କ ନାମେ ଜିଲ୍ଲା– ନୟାଗଡ଼, ମୌଜା–ହରିଡ଼ାବନ୍ଧ, ଥାନା– ଶରଣକୁଳ, ପୋ.ଅ: ଗୋଡ଼ିପଡ଼ା, ଖାତା ନଂ.–୨୦୨, ପ୍ଲଟ୍ ନଂ.– ୧୯, ଏରିଆ ୦.୦୮୦ଡି., ପ୍ଲଟ୍ ନଂ.– ୩୩, ଏରିଆ ୦.୨୫୦ଡି., ମୌଜା– ଜାଗେରି ଖଇରପଟି, ଖାତା ନଂ. ୮୬, ପ୍ଲଟ୍ ନଂ.– ୩୨୪, ଏରିଆ ୦.୦୭୦ଡି., ପ୍ଲଟ୍ ନଂ.–୩୪୮ (ଘରବାରି), ଏରିଆ ୦.୦୬୦ଡି.ର ଇଜିମାଇଲ ଭୂସମ୍ପତ୍ତି ଅଟେ। ଆମ୍ଭେ ଏହି ଭୂସମ୍ପତ୍ତିର ଉତ୍ତରାଧିକାରୀ ଅଟୁ। ଯଦି କେହି ବ୍ୟକ୍ତି ଏହି ସମ୍ପତ୍ତିକୁ ଆମ୍ଭ ଉତ୍ତରାଧିକାରୀ ମାନଙ୍କର ବିନା ଜ୍ଞାତସାରରେ କ୍ରୟ କରନ୍ତି, ତେବେ ସେ ଆଇନ ଅନୁଯାୟୀ ଉତ୍ତରଦାୟୀ ରହିବେ। ଧ–୧୯୯୮୭

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ଦୁର୍ଘଟଣାରେ ସ୍କୁଟି ଆରୋହୀ ମୃତ

**କଟକ ସଦର, (ଡି.ଏନ.ଏ.):** କଟକ-ପାରାଦୀପ ରାସ୍ତାର ସୋମପୁର ନିକଟରେ ଦୁର୍ଘଟଣାରେ ଜଣେ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର ରୁଦ୍ର ପ୍ରସନ୍ନ ରାୟ। ସେ ସ୍କୁଟିରେ କଟକ ଅଭିମୁଖେ ଆସୁଥିବାବେଳେ ବିପରୀତ ଦିଗରୁ ଏକ ଗାଡି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସଂକ୍ଷେପରେ

### ଭଦ୍ରକରୁ ନକଲି ଶିକ୍ଷକ ଗିରଫ



ଶ୍ରୀକାନ୍ତ ଦଳେଇ

**କୋଡ଼ିଙ୍ଗା, ୧୮।୨(ଡି.ଏନ୍.ଏ.):** ଜାଲ୍ ପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା ଅଭିଯୋଗରେ ଫେରାର ଥିବା ଜଣେ ଶିକ୍ଷକଙ୍କୁ କୋଡ଼ିଙ୍ଗା ପୋଲିସ ଗିରଫ କରିଛି। ସେ ହେଲେ ଭଦ୍ରକ ଧାମନଗର ଥାନା ଅଧୀନ ବନସର ଗ୍ରାମର ଶ୍ରୀକାନ୍ତ ଦଳେଇ (୪୫)। ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲା ପରିଷଦ ଅର୍ଡର ନଂ.୩୬୯୪ ପ୍ରକାରେ ଶ୍ରୀକାନ୍ତ ୨୦୧୩ରେ କୋଷାଗୁମୁଡ଼ା ବ୍ଲକ ବିଏମ୍‌ସେମଳା ପଞ୍ଚାୟତ ବାକଟିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ସହାୟକଭାବେ ନିଯୁକ୍ତ ହୋଇଥିଲେ। ଏହାର ୭ବର୍ଷ ପରେ ଶିକ୍ଷା ସହାୟକ ନିୟମିତ ହେବା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟରେ ପ୍ରମାଣପତ୍ର ଯାଞ୍ଚ ସମୟରେ ମିଥ୍ୟା ପ୍ରମାଣପତ୍ର ଦେଇଥିବା କଥା ଜଣାପଡ଼ିଥିଲା। ବିହାରର ଏଲ୍.ଏନ୍. ମିଥିଳା ବିଶ୍ୱବିଦ୍ୟାଳୟରୁ ହାସଲ କରିଥିବା ପ୍ରମାଣପତ୍ରରେ ଶ୍ରୀକାନ୍ତଙ୍କ ରୋଲ୍ ନଂ. ୪୮୦୯ ଏବଂ ରେଜିଷ୍ଟ୍ରେଶନ ନଂ. ୨୭୮୯୪/୦୦ରେ ତାଳମେଳ ନ ଥିଲା। ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ କୋଷାଗୁମୁଡ଼ା ବିଇଓ ଈଶ୍ୱର ଚନ୍ଦ୍ର ମାଝି ଶ୍ରୀକାନ୍ତଙ୍କୁ ଚାକିରିରୁ ବାହାର କରିବା ସହ ତାଙ୍କ ନାମରେ ୨୦୨୦ ମାର୍ଚ୍ଚ ୭ରେ କୋଡ଼ିଙ୍ଗା ଥାନାରେ ଏକ ମାମଲା ରୁଜୁ କରିଥିଲେ। ସେବେଠାରୁ ଶ୍ରୀକାନ୍ତ ଫେରାର ଥିଲେ। କୋଡ଼ିଙ୍ଗା ଏସ୍‌ଆଇ ଦେବଦତ୍ତ ମଲ୍ଲିକଙ୍କ ନେତୃତ୍ୱରେ ଏକ ଟିମ୍ ଭଦ୍ରକ ଯାଇ ଶ୍ରୀକାନ୍ତଙ୍କୁ ଗିରଫ କରିଥିଲେ। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି କୋଡିଙ୍ଗା ଥାନାଧିକାରୀ ସରିତା ମହାପାତ୍ର ସୂଚନା ଦେଇଛନ୍ତି।

### ଫର୍ନିଚର ୱାର୍କଶପ୍‌ରେ ଅଗ୍ନିକାଣ୍ଡ

**ନିଆଳି, ୧୮।୨(ଡି.ଏନ୍.ଏ.):** ନିଆଳିରେ ଥିବା ଏକ ଫର୍ନିଚର ୱାର୍କଶପ୍‌ରେ ବୁଧବାର ବିଳମ୍ବିତ ରାତ୍ରିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ୱାର୍କଶପ୍‌ରେ ନିଆଁ ଲାଗିଥିବା ଗ୍ରାମବାସୀ ଦେଖିବା ପରେ ମାଲିକ ସେକ୍ ଆନ୍‌ସରଙ୍କୁ ଖବର ଦେବା ସହ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ଖବର ପାଇ ନିଆଳି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏ ନେଇ ଆନ୍‌ସର କୁହନ୍ତି, ୱାର୍କଶପ୍ ପାଖରେ ଥିବା ଅଳିଆ ଗଦାରେ କେହି ଦୁର୍ବୃତ୍ତ ନିଆଁ ଲଗାଇଥିଲେ। ସେହି ନିଆଁ ୱାର୍କଶପ୍‌ରେ ଲାଗିଯାଇପାରିଥାଏ ବୋଲି ଆଶଙ୍କା କରାଯାଉଛି।

# ଭାଇରାଲ ଭିଡିଓରେ ପରୀ ହତ୍ୟା

ନୟାଗଡ଼ ଅଫିସ,୧୮।୨

- ବଳାତ୍କାରକୁ ଅସ୍ୱୀକାର
- ତଣ୍ଟିଚିପି ହତ୍ୟା ପରେ ଫୋପାଡ଼ି ଦେଇଥିଲି
- ଭିଡିଓର ସତ୍ୟତା ନେଇ ଉଠିଲା ପ୍ରଶ୍ନ

ବହୁଚର୍ଚ୍ଚିତ ପରୀ ହତ୍ୟା ଘଟଣାରେ ନାବାଳକ କଲେଜ ଛାତ୍ରଙ୍କ ସହ ଜଣେ ବ୍ୟକ୍ତିଙ୍କ କଥୋପକଥନର ଭିଡିଓ ଭାଇରାଲ ହୋଇଛି। ଏହି ଭିଡିଓରେ କଲେଜ ଛାତ୍ର ପରୀକୁ ତଳେ ପକାଇ ତଣ୍ଟିଚିପି ହତ୍ୟା କରିଥିବା ସ୍ୱୀକାର କରିଛନ୍ତି। ଏ ସଂକ୍ରାନ୍ତରେ ଲିଖିତ ଭାବେ ଦେବାକୁ ସେ ରୋକ୍‌ଠୋକ୍ ମନା କରିଦେଉଥିବା ଭିଡିଓରେ ରହିଛି। ତେବେ ପଚାରୁଥିବା ବ୍ୟକ୍ତି କଲେଜ ଛାତ୍ରଙ୍କ ବିଷୟରେ ବହୁ ତଥ୍ୟ ଜାଣିଥିବା ଭିଡିଓରୁ ଜଣାପଡୁଛି। ଅଧିକାଂଶ ପ୍ରଶ୍ନର ଉତ୍ତର କଲେଜ ଛାତ୍ର ହଁ ନାଁରେ ଶେଷ କରୁଛନ୍ତି।

ଅନ୍ୟପକ୍ଷେ ଭଉଣୀ ବାହାଘର ନେଇ କଲେଜ ଛାତ୍ର ଚିନ୍ତିତ ଥିବା ଏହି ଭିଡିଓରୁ ଜଣାପଡିଛି। ଭଉଣୀ ବାହାଘର କିପରି ହେବ, ମୋତେ ବାହାଘରକୁ ଛାଡିବେ ବୋଲି କଲେଜ ଛାତ୍ର ସମ୍ପୃକ୍ତ ବ୍ୟକ୍ତିଙ୍କୁ ଅନୁରୋଧ କରୁଥିବା ଭିଡିଓରେ ରହିଛି। ଭାଇରାଲ ଭିଡିଓରେ କଲେଜ ଛାତ୍ର କହୁଛନ୍ତି ମା'ଓ ଭଉଣୀ ନ ଥିବାବେଳେ ଘରକୁ ପରୀକୁ ଡାକିଥିଲି। ସେ ଘରକୁ ଆସିବା ପରେ ତାକୁ କୁଣ୍ଢାଇ ପକାଇଥିଲି। ମୁଁ ପରୀକୁ ବଳାତ୍କାର କରିବାକୁ ଚାହିଁଥିଲି। ସେଥିପାଇଁ ତା'ର ଲେଗିନ୍ସ ଖୋଲିଥିଲି। ହେଲେ ଖରାପ ଓ ଦୁଃଖ ଲାଗିବାରୁ ବଳାତ୍କାର କରିଲି ନାହିଁ। ମୃତଦେହ ଫିଙ୍ଗିବା ପୂର୍ବରୁ ପରୀର ଲେଗିନ୍ସ ଫୋପାଡି ଦେଇଥିଲି। ପରେ କାନ୍ଥରେ ଥିବା ଅଖାରେ ଭର୍ତ୍ତି କରି ପରୀର ମୃତଦେହକୁ ବାରିପଟ ପୋଖରୀ କୂଳରେ ପକାଇଥିଲି। ଉପରେ ନଡିଆ ବାହୁଙ୍ଗା ଘେରାଇ ଦେଇଥିଲି। ସବୁ କାମ ଶେଷ ପରେ ସ୍ନାନ କରିଥିଲି। ଅପରାହ୍ନରେ ପରୀର ମା' ବହୁ ଖୋଜାଖୋଜି କରିବା ପରେ ଝିଅକୁ ପାଇ ନ ଥିଲେ। ପରୀକୁ ଦେଖିଛି କି କ'ଣ ମୋତେ ପଚାରିଥିଲେ। ମୁଁ ଦେଖି ନାହିଁ କହିଥିଲି। ପରେ ଗାଁରେ ସର୍ଭେ କରି ଅପରାହ୍ନରେ ମା' ଘରକୁ ଫେରିଥିଲେ। ସେ ମୋତେ ପରୀକୁ ଦେଖିଛୁ ନା କ'ଣ ପଚାରିଥିଲେ। ମୁଁ ମନା କରି ଦେଇଥିଲି। ପରୀ ହତ୍ୟା ସମ୍ପର୍କରେ ମା' ଭଉଣୀକୁ ମୁଁ କହି ନାହିଁ ବୋଲି କଲେଜ ଛାତ୍ର କହୁଥିବା ଭିଡିଓରେ ରହିଛି।

ଅନ୍ୟପକ୍ଷେ ଏହି ଭିଡିଓ କିଏ ଓ କାହିଁକି ଭାଇରାଲ କରିଛନ୍ତି ସେ ସଂକ୍ରାନ୍ତରେ କିଛି ସ୍ପଷ୍ଟ ହୋଇନାହିଁ। ଭାଇରାଲ ଭିଡିଓର ସତ୍ୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପରୀର ମା'ବାପା। ପରୀର ବାପା ଅଶୋକ ସାହୁ ଓ ମା' ସୌଦାମିନୀ କୁହନ୍ତି, ମାରପିଟ୍ କରି ଓ ଟଙ୍କା ଲୋଭ ଦେଖାଇ ଏଭଳି ଭିଡିଓ ପ୍ରସ୍ତୁତ କରାଯାଇଛି। ଏହାର ସତ୍ୟତା ନାହିଁ। ପରୀ ହତ୍ୟା ଘଟଣାକୁ ସିବିଆଇକୁ ତଦନ୍ତ ପାଇଁ ଦିଆଯାଉ ବୋଲି ଆମେ ବାରମ୍ବାର ଦାବି କରି ଆସିଛୁ। ଆମ ଅଭିଯୋଗକୁ ଅଣଦେଖା କରାଯାଉଛି। ଆଇନଜୀବୀ ଚନ୍ଦ୍ର ବିଜୟ ମିଶ୍ର ଭାଇରାଲ ଭିଡିଓର ସତ୍ୟତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ସ୍ୱୀକାରୋକ୍ତି ଭିଡିଓ କୋର୍ଟରେ ଗ୍ରହଣୀୟ ନୁହେଁ। ଏହା ହେଉଛି କ୍ରାଇମବ୍ରାଞ୍ଚ ଏସ୍‌ଆଇଟିର ମୁଖ୍ୟ ଅରୁଣ ବୋଥ୍ରାଙ୍କ ଜାମୁକୋଳି ଉପାଖ୍ୟାନର ବୃତାନ୍ତ ପର୍ଯ୍ୟାୟ। ଡରାଇ ଧମକାଇ ନାବାଳକଙ୍କୁ ରାଜି କରାଇବାକୁ ଚେଷ୍ଟା କରାଯାଇଛି। ପରୀ ହତ୍ୟାକାଣ୍ଡ ଶୀତଳଭଣ୍ଡାରକୁ ଫୋପାଡି ଦେଲେ ଅନେକ ନାମୀଦାମୀ ଲୋକ ରକ୍ଷା ପାଇଯିବେ। ପ୍ରକୃତ ସତ୍ୟ କ'ଣ ତାହାକୁ ଲୋକଲୋଚନକୁ ଅଣାଯାଉ ନାହିଁ। ଆମେ ଚୁପ୍ ବସିନାହୁଁ। ସିବିଆଇ ତଦନ୍ତକୁ ରୋକିବାକୁ ଏହା ଏକ ଉପକ୍ରମ। ଆଇନଜୀବୀ ଅମିୟ ପଟ୍ଟନାୟକ କୁହନ୍ତି, ପରୀ ହତ୍ୟାକାଣ୍ଡ ନ୍ୟାୟାଳୟରେ ବିଚାରାଧୀନ ଥିବାବେଳେ ଗଣମାଧ୍ୟମରେ ଏହାର ତଥ୍ୟ ପ୍ରଚାର ଓ ପ୍ରସାର ଆଇନତଃ ଠିକ୍ ନୁହେଁ। ଯେଉଁ ଭିଡିଓ ଭାଇରାଲ ହେଉଛି ତା'ର ସତ୍ୟତା ନ ଥିଲା ପରି ଅନୁଭବ ହେଉଛି। ଯଦି ଭାଇରାଲ ଭିଡିଓରେ ସତ୍ୟତା ଥାଏ ତେବେ ଅଭିଯୋଗ ଫର୍ଦ୍ଦରେ ଏହା ଉଲ୍ଲେଖ ରହିବା ଦରକାର। ବିଚାର ସମୟରେ ଏହି ଭିଡିଓକୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପଯୁକ୍ତ ପରୀକ୍ଷଣ ସଂସ୍ଥା ପ୍ରମାଣପତ୍ର ଦେଇଥିବା ଦରକାର। ଏହି ଭିଡିଓ ଖଣ୍ଡବିଖଣ୍ଡିତ, ଯୋଗ ବିୟୋଗ ହୋଇନାହିଁ ବୋଲି ବୈଜ୍ଞାନିକ ପଦ୍ଧତିରେ ଅନୁସନ୍ଧାନ କରି ଏକ ପ୍ରମାଣପତ୍ର ମିଳିବା ଦରକାର। ପୁଣି ପ୍ରମାଣପତ୍ର ଦେଇଥିବା ଅନୁଷ୍ଠାନର ଅଧିକାରୀ ନ୍ୟାୟାଳୟରେ ଉପସ୍ଥିତ ରହି ସାକ୍ଷ୍ୟ ଦେବାକୁ ପଡିବ। ଏହା କରାଗଲେ ସାକ୍ଷ୍ୟ ହିସାବରେ ଭିଡିଓଟି ଗ୍ରହଣୀୟ ହୋଇପାରେ ବୋଲି ସେ କହିଛନ୍ତି।

# ପିଟିଶନ ପୂର୍ବରୁ ଭେଟିଲେ ଓକିଲ

ଅନୁଗୋଳ ଅଫିସ,୧୮।୨(ଡି.ଏନ.ଏ.)

ଅନୁଗୋଳସ୍ଥିତ ସୁଧାର ଗୃହରେ ଥିବା ବହୁଚର୍ଚ୍ଚିତ ନୟାଗଡ଼ ପରୀ ହତ୍ୟା ମାମଲାର ଅଭିଯୁକ୍ତ ନାବାଳକଙ୍କୁ ଗୁରୁବାର ତାଙ୍କ ଓକିଲ ମାନସ ଚାନ୍ଦ ଓ ଚନ୍ଦ୍ରବିଜୟୀ ମିଶ୍ର ସାକ୍ଷାତ କରିଛନ୍ତି। ଶୁକ୍ରବାରଠାରୁ ଏହି ମାମଲାର ଆଇନଗତ ଲଢ଼େଇ ଆରମ୍ଭ ହେବାକୁ ଥିବାରୁ ଦୁଇ ଓକିଲ ଅଭିଯୁକ୍ତଙ୍କୁ ଭେଟିଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଓକିଲ ଚାନ୍ଦ କହିଛନ୍ତି, କୋର୍ଟରେ ପିଟିଶନ ଫାଇଲ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ତେବେ ନ୍ୟାୟିକ ଲଢ଼େଇ ଆରମ୍ଭ ହେବା ପୂର୍ବରୁ ଅଭିଯୁକ୍ତଙ୍କ ସହ ଆଲୋଚନା ଜରୁରୀ ଥିଲା। ତେଣୁ ତାଙ୍କୁ ସାକ୍ଷାତ କରି ପ୍ରତିକ୍ରିୟା ନେଇଛୁ। କଥା ହେବା ବେଳେ ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି କହିଛନ୍ତି। ପରୀକୁ ନ୍ୟାୟ ମିଳିବା ଦରକାର। କିନ୍ତୁ ଜଣେ ନିର୍ଦ୍ଦୋଷଙ୍କୁ ଏମିତି ମିଛ ମାମଲାରେ ଫସାଇ ଦିଆଯାଇଥିବା ଅଳ୍ପ ଦିନ ମଧ୍ୟରେ କୋର୍ଟରେ ପ୍ରମାଣ କରିବୁ ବୋଲି ପ୍ରତିଶ୍ରୁତି ଦେଇଛୁ। ଗୁରୁବାର ଯେଉଁ ଭିଡିଓ ଭାଇରାଲ୍ ହେଉଛି, ତାହା ସମ୍ପୂର୍ଣ୍ଣ ମିଥ୍ୟା। ସେଥିରେ ଥିବା ସ୍ୱର ଅଭିଯୁକ୍ତଙ୍କର ବୋଲି କେମିତି କୁହାଯିବ? ଯଦି ବି ଅଭିଯୁକ୍ତ ଏମିତି କିଛି କହିଥିବେ, ଏସ୍‌ଆଇଟି ପକ୍ଷରୁ ମାଡ଼ ଓ ଚାପ ଭୟରେ କହିଥିବେ। ଏସ୍‌ଆଇଟି ତଥ୍ୟ ସଂଗ୍ରହ କରିବା ବଦଳରେ ମିଛ କାହାଣୀ ତିଆରି କରୁଛି। ଅଭିଯୁକ୍ତ ଅଳ୍ପ ଦିନ ମଧ୍ୟରେ ନିର୍ଦ୍ଦୋଷ ପ୍ରମାଣିତ ହେବେ। ଯେଉଁମାନେ ତାଙ୍କୁ ମିଥ୍ୟା ମାମଲାରେ ଫସାଇଛନ୍ତି, ସେମାନଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିବୁ ବୋଲି ଓକିଲ ଚାନ୍ଦ ପ୍ରକାଶ କରିଛନ୍ତି।



ଅସହାୟ, ଗରିବ ଲୋକଙ୍କ ଲାଗି ପାଣ୍ଠି ସଂଗ୍ରହ ପାଇଁ ମଣିପୁରରୁ ଆସିଥିବା ରୋହନ ଫିଲେମ୍ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି।

## ବୁଗୁଡ଼ା କୋର୍ଟ ଏଏସ୍‌ଆଇଙ୍କ ବିରୋଧରେ ମାମଲା

ବୁଗୁଡ଼ା,୧୮।୨(ଡି.ଏନ.ଏ.)

ମାଜିଷ୍ଟ୍ରେଟଙ୍କ ଜାଲ୍ ଦସ୍ତଖତରେ ଅଭିଯୁକ୍ତଙ୍କୁ ବେଲ୍ ମିଳିବା ଘଟଣା

ମାଜିଷ୍ଟ୍ରେଟଙ୍କ ଜାଲ୍ ଦସ୍ତଖତ କରି ଅଭିଯୁକ୍ତକୁ ବେଲ୍‌ରେ ଛାଡିବା ଘଟଣାରେ ଗଞ୍ଜାମ ଜିଲା ବୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟ ଏଏସ୍‌ଆଇ ସୂର୍ଯ୍ୟ ନାରାୟଣ ବେହେରାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ବୁଗୁଡ଼ା କୋର୍ଟରେ ମାଜିଷ୍ଟ୍ରେଟ ସୋନାଲି ଅପରାଜିତା ଏଫ୍‌ଆଇଆର ଦେବାପରେ ନଂ.୫୮/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ବୁଗୁଡା ଆଇଆଇସି ଚିତ୍ତ ରଞ୍ଜନ ବେହେରା ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ବୁଗୁଡ଼ା ଥାନା କରଚୁଲି ଗ୍ରାମରେ ପୁତୁରାଙ୍କୁ ହତ୍ୟା ଉଦ୍ୟମ ଅଭିଯୋଗରେ ଦାଦା ବାବୁଲା ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ତେବେ ଝିଅ ବାହାଘର ଥିବା ଦର୍ଶାଇ ବାବୁଲା ଭଞ୍ଜନଗର ଅତିରିକ୍ତ ଜିଲା ଦୌରାଜଜ୍ କୋର୍ଟରେ ବେଲ୍ ପାଇଁ ଆବେଦନ କରିଥିଲେ। ଗତ ୧୨ତାରିଖରେ ବେଲ୍ ମିଳିଥିଲା ଏବଂ ଉକ୍ତ ଅର୍ଡରଟି ବୁଗୁଡ଼ା ଜେଏମ୍‌ଏଫ୍‌ସି କୋର୍ଟକୁ ଆସିଥିଲା। ଏହା ଉପରେ ବୁଗୁଡ଼ା ମାଜିଷ୍ଟ୍ରେଟ ଦସ୍ତଖତ କଲାପରେ ବାବୁଲା ବେଲ୍‌ରେ ଆସିବା କଥା, କିନ୍ତୁ ଉକ୍ତଦିନ ମାଜିଷ୍ଟ୍ରେଟ ସୋନାଲି ଅପରାଜିତା ଛୁଟିରେ ଥିବାରୁ ଆସ୍କା କୋର୍ଟ ମାଜିଷ୍ଟ୍ରେଟ ଶର୍ମିଷ୍ଠା ଜେନା ଦାୟିତ୍ୱରେ ଥିଲେ। ଏଏସ୍‌ଆଇ ବେହେରା ମାଜିଷ୍ଟ୍ରେଟଙ୍କ ନିକଟରେ ପେସ୍ ନକରି ବେଲ ଅର୍ଡରରେ ତାଙ୍କ ନକଲି ଦସ୍ତଖତ କରି ପଠାଇ ଦେଇଥିଲେ। ଏଥିରେ ବାବୁଲା ଜେଲରୁ ଆସିଥିବା ଜଣାପଡିବା ପରେ ଗତ ସନ୍ଧ୍ୟାରେ ବୁଗୁଡ଼ା ମାଜିଷ୍ଟ୍ରେଟ ଥାନାରେ ଏତଲା ଦେଇଥିଲେ।

# ପୂର୍ତ୍ତ ବିଭାଗ ଅଧୀନକୁ ଯିବ ନବରଙ୍ଗପୁରର ୧୪ ରାସ୍ତା

**ଭୁବନେଶ୍ୱର, ୧୮।୨(ବ୍ୟୁରୋ):** ନବରଙ୍ଗପୁର ଜିଲାରେ ଥିବା ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନର ବିଭିନ୍ନ ରାସ୍ତାର ନିର୍ମାଣ ଓ ଉନ୍ନତୀକରଣ ଉପରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନରେ ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ବୈଠକରେ ଜିଲାର ପୂର୍ତ୍ତ ବିଭାଗ ଅଧୀନରେ ଥିବା ବିଭିନ୍ନ ରାସ୍ତା ଉପରେ ଆଲୋଚନା ହେବା ସହ ଗ୍ରାମ୍ୟ ଉନ୍ନୟନ ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗ ଅଧୀନର ୧୪ ରାସ୍ତାକୁ ପୂର୍ତ୍ତ ବିଭାଗ ହାତକୁ ହସ୍ତାନ୍ତର ଲାଗି ପ୍ରସ୍ତାବ ଦିଆଯାଇଛି। ଏଥିମଧ୍ୟରେ ଆର୍‌ଡି ରୋଡ୍‌ଠାରୁ ଗୋଡ଼ଖୁଣ୍ଟିଆ ପର୍ଯ୍ୟନ୍ତ ରାସ୍ତା, ଡାବୁଗାଁଠାରୁ କେଲିଆ, ପିଏଲ୍ ରୋଡ୍‌ଠାରୁ କୁମୁଲି, ଭରସୁଣ୍ଡି ପର୍ଯ୍ୟନ୍ତ, ରାଇଘରଠାରୁ ଅମ୍ବଲା, ଚନ୍ଦାହାଣ୍ଡିଠାରୁ ପାଟଖୋଲିଆ, କୋଷାଗୁମୁଡ଼ା-ଉକିଆପାଲି-ବଡ଼ଗାଁ, ପିଡବ୍ଲ୍ୟୁଡି ରାସ୍ତାରୁ କେନ୍ଦ୍ରୀୟ ବିଦ୍ୟାଳୟ, ସର୍କିଟ ହାଉସ୍‌ରୁ ଭିଜିଲାନ୍ସ ଅଫିସ, ଦଶହରା ପଡ଼ିଆ ଛକଠାରୁ ପୋଦାଳଗୁଡ଼ା, ପିଡବ୍ଲ୍ୟୁଡି ଆଇବି ଦେଇ ପାପଡ଼ାହାଣ୍ଡି ବାଇପାସ୍ ରାସ୍ତା, ବଡ଼ମସିଗାଁଠାରୁ ଦେଓଦୋରା ଭାୟା ବାସିଣୀ ବେତାଳ, ପୋଦାଳଗୁଡ଼ା ଠାରୁ ଧୂଳିଘାଟି ଭାୟା ବଗସିଉଣୀ-ଅମଳାଭଟ ଆଦି ରାସ୍ତା କାମ ଅନ୍ୟତମ। ଏହାସହ ଜିଲାରେ ଟୁରୀ ଏବଂ ଇନ୍ଦ୍ରାବତୀ ନଦୀ ଉପରେ ୨ଟି ଉଚ୍ଚସ୍ତରୀୟ ସେତୁ ନିର୍ମାଣ ଉପରେ ଆଲୋଚନା ହୋଇଛି।

**THE NEW INDIA ASSURANCE CO. LTD.**
(Govt. of India Undertaking)
REGIONAL OFFICE, 1st Floor, Alok Bharati Towers, Sahid Nagar, Bhubaneswar - 751007

**PUBLIC NOTICE**

It is hereby informed to all concerned that w.e.f. 30th April, 2021 by the order of the competent authority, our Ambagan Micro Office (CODE: 550504) presently functioning from the Rourkela Division Office is going to be merged with its controlling Rourkela Divisional Office (CODE: 550500) located at Supermarket, 1st Floor, Udit Nagar, Rourkela-769012. Incase beneficiaries / Policy holders face any sort of difficulties out of issuance of Insurance policies by our Ambagan Micro Office are requested to contact our **Rourkela Divisional Office** to provide necessary service out of it.

This may please be treated as **60 days** notice prior to merger of our Ambagan Micro Office with Rourkela Divisional Office.

Dy. General Manager
Bhubaneswar Regional Office

# ଚିଲିକା ସୁରକ୍ଷାକୁ ଗୁରୁତ୍ୱ

ଭୁବନେଶ୍ୱର, ୧୮।୨(ବ୍ୟୁରୋ)

ଚିଲିକା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀଙ୍କୁ ଡଙ୍ଗା, ଜାଲ ଏବଂ ଡଙ୍ଗା ଇଞ୍ଜିନ ଯୋଗାଇ ଦିଆଯିବ। ଏହାସହ ୩ ସମୁଦ୍ର କୂଳବର୍ତ୍ତୀ ଜିଲାର ୧୮୬ ମତ୍ସ୍ୟ ପ୍ରାଥମିକ ସମବାୟ ସମିତି ଅନ୍ତର୍ଗତ ମତ୍ସ୍ୟଜୀବୀଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାରେ ଅନ୍ତର୍ଭୁକ୍ତ କରାଇବା ନେଇ ଗୁରୁତ୍ୱ ଦିଆଯାଇଛି। ଗୁରୁବାର ଲୋକସେବା ଭବନଠାରେ ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ଆଲୋଚନା ହୋଇଛି। ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ଚିଲିକାର ସୁରକ୍ଷା, ମତ୍ସ୍ୟ ସମ୍ପଦର ବିକାଶ ଲାଗି ଅନୁକୂଳ ପରିବେଶ ସୃଷ୍ଟି କରିବା ଲାଗି ଏନ୍‌ଫୋର୍ସମେଣ୍ଟ ଉପରେ ଗୁରୁତ୍ୱ ଦିଆଯାଇଛି। ଖୁବ୍‌ଶୀଘ୍ର ସାତପଡ଼ାଠାରେ ଏ ସମ୍ପର୍କରେ ବିଭିନ୍ନ ମତ୍ସ୍ୟଜୀବୀ ସଙ୍ଗଠନର ମତ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ମତ୍ସ୍ୟଜୀବୀଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ସଚେତନ କରିବାକୁ ବୈଠକ ବସିବ। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ମାଧ୍ୟମରେ ସବ୍‌ସିଡି ଜରିଆରେ ନେଟ୍, ବୋଟ୍ ଓ ମୋଟରଚାଳିତ ଡଙ୍ଗା ପାଇଁ ଇଞ୍ଜିନ ଉପଲବ୍ଧ କରାଯିବା ସହିତ ସାତପଡ଼ାଠାରେ ଏକ ଡିଜେଲ ଆଉଟ୍‌ଲେଟ୍, ବରଫ ଫ୍ୟାକ୍ଟ୍ରି ଶୀତଳ ଭଣ୍ଡାର ଏବଂ ଏକ ମତ୍ସ୍ୟ ଅବତରଣ କେନ୍ଦ୍ର ପ୍ରତିଷ୍ଠା ଉପରେ ବ୍ୟାପକ ଆଲୋଚନା ହୋଇଛି। ସାତପଡ଼ାରେ ମତ୍ସ୍ୟ ବିଭାଗ ପକ୍ଷରୁ ମାର୍କେଟ୍ ୟାର୍ଡ ପ୍ରତିଷ୍ଠା ଏବଂ ଅରଖକୁଦାଠାରେ ଏକ ଉନ୍ନତ ମାନର ମତ୍ସ୍ୟ ଅବତରଣ କେନ୍ଦ୍ର ଓ ଜେଟି ପ୍ରତିଷ୍ଠା ଉପରେ ମଧ୍ୟ ନିଷ୍ପତ୍ତି ହୋଇଛି । ଏଥିପାଇଁ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ୮ କୋଟି ଟଙ୍କା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ୧୮୬ ମତ୍ସ୍ୟ ପ୍ରାଥମିକ ସମିତି ଅନ୍ତର୍ଗତ ସମସ୍ତ ସଦସ୍ୟମାନେ ନିଜସ୍ୱ ଡଙ୍ଗା ମେଶିନ ଏବଂ ନେଟ୍ ପାଇଁ ୬୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ମାଧ୍ୟମରେ ଯୋଗାଇଦେବାକୁ ସରକାର ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବାକୁ ଯାଉଛନ୍ତି।

**PANCHAYAT SAMITI OFFICE, PALLAHARA**

"Sealed offers in the prescribed format accompanied with security deposit of Rs.15,000/- (Rupees Fifteen thousand) only in shape of Bank Draft in favour of BDO, Pallahara payable at SBI, Pallahara are invited for the sale of scrapped Tube well & PWS spare parts at Panchayat Samiti, Pallahara which is to reach this office latest by dt.01.03.2021 (05.30 P.M.). The detail term & conditions are available in www.angul.nic.in". *Sd./- Block Development Officer, Pallahara*

Hero **APPOINTMENT** Hero

| Job Title | Basic Qualification | Min. Experience |
| --- | --- | --- |
| Workshop Supervisor/ Service Advisor | Diploma /ITI with Computer Knowledge | 1Year In Automobile workshop |
| Sales Executive (Male) | +2 /Graduation with Computer Knowledge | 1year in Automobile/ Telecom/FMCG |
| SalesExecutives(Female) | +2 /Graduation with Computer Knowledge | 1year in Automobile/ Telecom/FMCG |
| Receptionist-( Female) | +2 /Graduation with Computer Knowledge | 1year in Automobile/ Telecom/FMCG |
| Peon –( Male) | 7th Pass | 6 Months |
| House Keeping Boy (Male) | 7th Pass | 6 Months |
| Technicians | 8th pass | 1 year |
| Asst Technicians | 8th Pass | 1 Year |
| Spare Parts Executives | +2/Graduation with Computer Knowledge | 1 year in 2wheeler Spare Parts |

Salary is best in Industries & Preferance will be given to smart & Hardworking candidates, Interested candidates may Walk-in-Interview on 20th Feb. 2021. Freshers can also apply by sending their CV on heromotocorp@parbatimotors.com before 20th Feb. 2021.

**PARBATI HERO**
PANCHAMAHALA ,ANGUL ,7852935250

# ମା'ଙ୍କୁ ହତ୍ୟାକଲେ ପୁଅ

**ମଦ ପିଇବାକୁ ଟଙ୍କା ନ ଦେବା କାଳ ହେଲା**



ଖଇରା ପୋଲିସ ପକ୍ଷରୁ ତଦନ୍ତ ଚାଲିଛି।

ଖଇରା, ୧୮।୨(ଡି.ଏନ.ଏ.)

ପୁଅକୁ ମଦ ପିଇବାକୁ ଟଙ୍କା ନ ଦେବା ମା' ପାଇଁ କାଳ ହୋଇଛି। ଶେଷରେ ପୁଅର କଟୁରୀ ଚୋଟରେ ତାଙ୍କର ପ୍ରାଣଯାଇଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବାଲେଶ୍ୱର ଜିଲା ଖଇରା ଥାନା କୁରୁଣ୍ଟା ପଞ୍ଚାୟତ ମିରିପୁର ଖଇରା ଗ୍ରାମରେ। ରଘୁନାଥ ଶିଅଳଙ୍କ ପୁଅ ଜଗବନ୍ଧୁ (୩୩) ପ୍ରତ୍ୟେକ ରାତିରେ ନିଶାସକ୍ତ ଅବସ୍ଥାରେ ଘରକୁ ଫେରି ପରିବାର ଲୋକଙ୍କୁ ମାରପିଟ୍ କରନ୍ତି। ବୁଧବାର ରଘୁନାଥଙ୍କ ସ୍ତ୍ରୀ ମଣି ଛେଳିବିକ୍ରି କରି ପାଖରେ ସାଢ଼େ ୩ହଜାର ଟଙ୍କା ରଖିଥିଲେ। ଅପରାହ୍ନରେ ଜଗବନ୍ଧୁ ନିଶାସକ୍ତ ଅବସ୍ଥାରେ ଘରକୁ ଆସି ସେହି ଟଙ୍କା ନେବାକୁ ଜିଦ୍ କରିଥିଲେ। ଏହାକୁ ମା', ବାପା ଓ ଭଉଣୀ ଯଶୋଦା ବିରୋଧ କରିବା ପରେ ଜଗବନ୍ଧୁ ପ୍ରଥମେ ବାପା ଓ ଭଉଣୀଙ୍କୁ ଏକ ଠେଙ୍ଗାରେ ପ୍ରହାର କରିଥିଲେ। ସେମାନେ ପ୍ରାଣ ବଞ୍ଚାଇବାକୁ ବାହାରକୁ ଦୌଡ଼ି ପଳାଇବା ବେଳେ ମା'ଙ୍କୁ ଡାକିଥିଲେ ମଧ୍ୟ ସେ ଯାଇ ନ ଥିଲେ। ଜଗବନ୍ଧୁ ବାହାରକୁ ପଳାଇଯାଇ ରାତିରେ ପୁଣି ଘରକୁ ଫେରି ଟଙ୍କା ପାଇଁ ମା' ଉପରେ ବଳ ପ୍ରୟୋଗ କରିଥିଲେ। ହେଲେ ମା' ମଣି ଟଙ୍କା ନ ଦେବାରୁ ଜଗବନ୍ଧୁ ନିରାଶ ହୋଇ ଏକ ଧାରୁଆ କଟୁରୀରେ ତାଙ୍କୁ ହତ୍ୟା କରିଥିଲେ। ଖଇରା ପୋଲିସ ଏ ସଂକ୍ରାନ୍ତରେ ଏକ ହତ୍ୟା ମାମଲା(ନଂ.୪୨/୨୧) ରୁଜୁ କରି ଜଗବନ୍ଧୁଙ୍କୁ ଗିରଫ କରିଛି। ଅଧିକ ଖୋଳତାଡ ପାଇଁ ବାଲେଶ୍ୱରରୁ ସାଇଣ୍ଟିଫିକ ଟିମ ଗ୍ରାମରେ ପହଞ୍ଚି ତଦନ୍ତ କରିଛି।



# ବଜାର ଖସିପାରେ

ମାସ ପରେ ମାସ ଭାରତର ମୋଟ ଘରୋଇ ଉତ୍ପାଦ ( ଜିଡିପି) କମିଚାଲିଥିବାବେଳେ ଶେୟାର ବଜାର ଦିନ ପରେ ଦିନ ବୃଦ୍ଧିପାଇ ରେକର୍ଡ ସ୍ତରରେ ପହଞ୍ଚିଛି। ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକର ଠିକ୍ ପରଠାରୁ ଏହା ଚମକିବାରେ ଲାଗିଛି। ଗତ ମାର୍ଚ୍ଚରେ ଯେଉଁ ଲୋକମାନେ ସେମାନଙ୍କ ଜମା ରାଶିର ଅଧା ପୁଞ୍ଜିବଜାରରେ ଲଗାଇଥିଲେ ସେମାନେ ଦୁଇଗୁଣ ଲାଭ ପାଇବେ। ୧୦୦ ପ୍ରତିଶତରୁ ଅଧିକ ଲାଭ ରହିବ। ଅବଶ୍ୟ ଶେୟାର ବଜାରର ଗତିଶୀଳତା ଓ ଅର୍ଥବ୍ୟବସ୍ଥା ସମାନ ନାହିଁ। ଅର୍ଥବ୍ୟବସ୍ଥା କମୁଥିବାବେଳେ ନିଯୁକ୍ତି ହ୍ରାସ ପାଇଛି। ଚାହିଦା ବି କମିଛି। ଚାହିଦା ପୂରା କମିଯିବାରୁ କମ୍ପାନୀଗୁଡ଼ିକ ସେମାନଙ୍କ ଉତ୍ପାଦ ବିକ୍ରି କରିବା ଲାଗି କ୍ରେତା ପାଇବାରେ ବିଫଳ ହୋଇଛନ୍ତି। ସେବା ଓ ସାମଗ୍ରୀଗୁଡ଼ିକର ବିକ୍ରି କମିବା ଯୋଗୁ କମ୍ପାନୀଗୁଡ଼ିକ କ୍ଷତି ସହିଛନ୍ତି ଓ ରାଜସ୍ୱ ମଧ୍ୟ ହ୍ରାସ ପାଇଛି। ନିବେଶକମାନଙ୍କୁ ପ୍ରଦାନ କରାଯାଉଥିବା ଲାଭାଂଶ ବି କମିଛି। ସାଧାରଣ ପରିସ୍ଥିତିରେ ଷ୍ଟକ୍ ପ୍ରାଇସ ବା ଶେୟାର ମୂଲ୍ୟ କମିବା ଦେଖାଯାଏ। କିନ୍ତୁ ଷ୍ଟକ ପ୍ରାଇସ ଲଗାତର ଅହେତୁକ ଭାବେ ବୃଦ୍ଧି ପାଉଛି। ଏକ ବିରାଟ ପାଣି ଫୋଟକା ସୃଷ୍ଟି ହେବା ଭଳି ଜଣାପଡୁଛି। ଆଉ ବେଶି ଦିନ ନୁହେଁ,ଆମ ଆଗରେ ହିଁ ଏହା ଫାଟିଯିବ। କିନ୍ତୁ କାହିଁକି ଏଭଳି ବିପରୀତ ସ୍ଥିତି ଉପୁଜୁଛି ? ନିବେଶକମାନେ କ'ଣ ସମ୍ପୂର୍ଣ୍ଣ ଅନଭିଜ୍ଞ ? ନା ଏହା ନୁହେଁ। ଏହି ସବୁ ପ୍ରଶ୍ନ ଏବଂ ଏଭଳି ଆହୁରି ଅନେକ ପ୍ରଶ୍ନ ମନକୁ ଆସୁଛି। ମହାମାରୀ ସମୟରେ କମ୍ପାନୀଗୁଡ଼ିକର ମଜୁରୀବାବଦ ଖର୍ଚ୍ଚ କିମିଛି। କମ୍ପାନୀମାଲିକଙ୍କର ଆୟ ସେହି ପରିମାଣରେ ବୃଦ୍ଧି ହେବା ଶେୟାର ବଜାରରେ ଅପ୍ରତ୍ୟାଶିତ ବୃଦ୍ଧିର ଏକ କାରଣ ହୋଇପାରେ। ବାସ୍ତବରେ ମଜୁରି କମିଥିବାବେଳେ କମ୍ପାନୀ ମାଲିକମାନେ ଆୟ ଖୁବ୍ ବଢିଯାଇଛି। ଏଣୁ ଅର୍ଥ ବ୍ୟବସ୍ଥା ଖୁବ୍ ନିମ୍ନଗାମୀ ହୋଇଛି। କିନ୍ତୁ ମାଲିକମାନଙ୍କ ଲାଭ ବଢିଛି, ଯାହା କମ୍ପାନୀର ଷ୍ଟକ୍ ପ୍ରାଇସକୁ ବଢାଇ ଦେଇଛି। ଯେତେବେଳେ କମ୍ପାନୀଗୁଡ଼ିକ ମଜୁରି ବାବଦ ଖର୍ଚ୍ଚ କମ କରିବାକୁ ଘୋଷଣା କରୁଥିବାବେଳେ ଆମେ ଶେୟାର ମୂଲ୍ୟ ବଢିବା ଦେଖିବାକୁ ପାଉ। କରୋନା ମହାମାରୀରେ ସାରା ବିଶ୍ୱରେ ମାନ୍ଦାବସ୍ଥା ଲାଗି ରହିଥିବାବେଳେ ଶେୟାର ବଜାର ବଢୁଛି। ଏହି ମାନ୍ଦାବସ୍ଥା କମ୍ପାନୀଗୁଡ଼ିକର ବିକ୍ରି କମାଇ ଦେଇଛି କାରଣ ଚାହିଦା ପୂରା କମିଯାଇଛି। ତଥାପି ପ୍ରକୃତ ମଜୁରି କମିବାବେଳେ କମ୍ପାନୀଗୁଡ଼ିକର ମାଲିକମାନଙ୍କ ଲାଭ ତୀବ୍ର ଭାବେ ବଢିବାରେ ଲାଗିଲା। କିନ୍ତୁ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ( ଆରବିଆଇ)ର ଅନୁକୂଳ ମୁଦ୍ରା ନୀତି ଏକ ଉତ୍ତମ ପଦକ୍ଷେପ ଏବଂ ଏହା ବଜାର ବୃଦ୍ଧିକୁ ବଜାୟ ରଖିବାରେ ସାହାଯ୍ୟ କରିଛି। ଲୋକମାନଙ୍କର ଋଣ ଓ ଶେୟାର ବଜାରରେ ନିବେଶ କରିବାକୁ ପ୍ରଚୁର ଟଙ୍କା ରହିଛି। ଆଉ ଏକ କାରଣ ହେଉଛି, କାହିଁକି ଶେୟାର ମୂଲ୍ୟ ବୃଦ୍ଧି ପାଉଛି । ତାହା ହେଉଛି କର୍ପୋରେଟଗୁଡ଼ିକର ସଞ୍ଚିତ ପୁଞ୍ଜି। ଚାହିଦା କମିବା ଯୋଗୁ କର୍ପୋରେଟ ହାଉସଗୁଡ଼ିକ ସେମାନଙ୍କ ବିଜ୍ନେସରେ ନୂଆ ନିବେଶ କରୁନାହାନ୍ତି । ସଥିପାଇଁ ସେମାନେ ପାଇଥିବା ଲାଭର ଏକ ଭାଗ ଶେୟାରହୋଲଡରମାନଙ୍କୁ ଦେଉଛନ୍ତି। ଶେୟାରହୋଲଡରମାନଙ୍କୁ ଅଧିକ ଲାଭ କିମ୍ବା ଶେୟାର–ବାଏ– ବ୍ୟାକ୍ ମାଧମରେ ଫେରଉଛନ୍ତି। ଉଚ୍ଚ ଲାଭାଂଶ ପ୍ରଦାନ ଶେୟାର ମୂଲ୍ୟକୁ ବଢାଏ। ଶେୟାର–ବାଏ– ବ୍ୟାକ ମଧ୍ୟ ମାର୍କେଟରେ ଶେୟାରର ଯୋଗାଣ ଆକାର ହ୍ରାସ କରେ। ଏହା ଷ୍ଟକ ପ୍ରାଇସ ବଢିବାରେ ସାହାଯ୍ୟ କରେ। ଏବେ ମିଆଦୀ ଜମା ଉପରେ ଦିଆଯାଉଥିବା ବ୍ୟାଙ୍କ ସୁଧ କମ୍ ରହିଛି । ଡିସେମ୍ବର ତ୍ରୈମାସିକରେ ୬% ଖୁଚୁରା ମୁଦ୍ରାସ୍ଫୀତି ଥିବାବେଳେ ସୁଧ ହାର ତାହା ନାହିଁ। ଯେ କୌଣସି ଭାରତୀୟ ବ୍ୟାଙ୍କ ମିଆଦୀ ଜମା ଅବଧି ଉପରେ ସୁଧ ୫ରୁ ୬% ଦେଉନାହିଁ। ଏଣୁ କେବଳ ଶେୟାର ବଜାରରେ ନିବେଶ କରିବା ଏକମାତ୍ର ବାଟ ଯେଉଁଥିରେ ଅଧିକ ଲାଭ ମିଳିବା ନିଶ୍ଚିତ। ବ୍ୟାଙ୍କ ଦ୍ୱାରା ସହଜ ପୁଞ୍ଜି ଉପଲବ୍ଧତା, ବ୍ୟାଙ୍କରେ ଟଙ୍କା ରଖି ସୁଧ ପାଇବାର ଆଶା ଏବଂ ଆକର୍ଷଣୀୟ ଶେୟାର ବଜାର ମିଳିତ ଭାବେ ନିବେଶଙ୍କମାନଙ୍କୁ ପୁଞ୍ଜିବଜାର ପ୍ରତି ଉତ୍ସାହିତ କରୁଛି। ଏହା କ'ଣ ବେଶି ଦିନ ରହିବ ? ନା, ସେଭଳି ସମ୍ଭାବନା ନାହିଁ। ଅଧିକ ଦିନ ରହିବ ମାନେ ଏହା ବିସ୍ଫୋରଣ ଆଡକୁ ଗତି କରିବ। ମଧ୍ୟବର୍ତ୍ତିକାଳୀନ ଦୀର୍ଘମିଆଦୀ ଭିତ୍ତିରେ ଏହା ହୋଇପାରେ। ମଜୁରି ବାବଦ ଯଦି ଖର୍ଚ୍ଚ ବଢେ ତେବେ କମ୍ପାନୀଗୁଡ଼ିକର ଲାଭ ହ୍ରାସ ପାଇବା ସମ୍ଭାବନା ଦେଖାଦେବ। ଯଦି ଚଳିତ ବଜେଟରେ ସରକାର ଯେଉଁ ଟିକସ ପାଇବା ପାଇଁ ଆକଳନ କରିଛନ୍ତି ତାହା ନ ହେଲେ ତୃତୀୟ ଓ ଚତୁର୍ଥ ତ୍ରୈମାସିକରେ ରାଜସ୍ୱ ଆଦାୟ ହ୍ରାସ ପାଇବ। ଏଭଳି ପରିସ୍ଥିତିରେ ଶେୟାର ବଜାର ବି ତଳକୁ ଖସିବ।

## ଆଜିର ଅର୍ଥନୀତି



# ବୈଷୟିକ ଆଧିପତ୍ୟର ଶୀର୍ଷରେ ତାଇୱାନ

ଡ. ଚିତ୍ତରଞ୍ଜନ ମିଶ୍ର

ଆମେରିକା ଓ ରୁଷିଆ ମଧ୍ୟରେ ହୋଇଥିବା ଶୀତଳ ଯୁଦ୍ଧ ବିଶ୍ୱର ବିଭିନ୍ନ ରାଷ୍ଟ୍ର ମଧ୍ୟରେ ସଂଘର୍ଷ ବା ମତଭେଦ ସୃଷ୍ଟି କରି ପ୍ରାକୃତିକ ଓ ଶିଳ୍ପ ସଂପଦ ଉପରେ ନିଜର ନିୟନ୍ତ୍ରଣ ସାବ୍ୟସ୍ତ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ହେଲେ ଆମେରିକା ଓ ଚାଇନା ମଧ୍ୟରେ ହେଉଥିବା ଏବେକାର ଶୀତଳଯୁଦ୍ଧ ଗୋଟିଏ ସ୍ଥାନରେ ଥିବା ଗୋଟିଏ ଶିଳ୍ପ ଉପରେ ନିଜର ପ୍ରାଧାନ୍ୟ ବିସ୍ତାର କରିବା ପାଇଁ ଉଦ୍ଦିଷ୍ଟ। ତାହା ହେଲା ତାଇୱାନରେ ପ୍ରସ୍ତୁତ ହେଉଥିବା କମ୍ପ୍ୟୁଟର ଚିପ୍ସ।

୨୦୧୯ରେ ତାଇୱାନ ସମଗ୍ର ବିଶ୍ୱରେ ଅତି ପତଳା ଓ ଦ୍ରୁତତର ଚିପ୍ସ ଅବା ସେମିକଣ୍ଡକ୍ଟର ପ୍ରସ୍ତୁତ କରିବାର ଦୌଡ଼ର ନେତୃତ୍ୱ ନେଇଥିଲା। ଏହା ଏବେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (କୃତ୍ରିମ ବୁଦ୍ଧିମତ୍ତା), ହାଇ ସ୍ପିଡ କମ୍ପ୍ୟୁଟିଂ ଓ ଆଗକୁ ଆସୁଥିବା ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ ଭଳି ଡିଜିଟାଲ ଇଣ୍ଡଷ୍ଟ୍ରିର ଅତି ଗୁରୁତ୍ୱପୂର୍ଣ୍ଣ ବିଲ୍ଡିଂ ବ୍ଲକର ବିଶେଷ ମୁଖ୍ୟ ଆଧାର ଭାବେ ବିବେଚିତ ହେଉଅଛି; ଯେଉଁଥିରେ କି ଘର, ମୋଟରଗାଡ଼ି ଏବଂ ଏପରି କି ଆମର ପିନ୍ଧା ବସ୍ତ୍ର ଆଦି ସ୍ମାର୍ଟ ଫୋନ୍ ଓ 'ଭଏସ୍ ଆକ୍ଟିଭେଟେଡ୍ ସ୍ପିକର' ସହ ୫ଜି ନେଟୱର୍କ ମାଧ୍ୟମରେ ସଂଯୋଗ ହୋଇଯିବ।

ଆଜିର ଦିନରେ ଯଦି କୌଣସି ରାଷ୍ଟ୍ର ବିଶ୍ୱ ଡିଜିଟାଲ ଭବିଷ୍ୟତର ମହାନାୟକ ହେବାକୁ ଏବଂ ନିଜର ପ୍ରଭୁତ୍ୱ ଓ ଆଧିପତ୍ୟକୁ ବିସ୍ତାର କରିବାକୁ ଚାହିଁବ ତା'ହେଲେ ସେହି ରାଷ୍ଟ୍ରକୁ ଏଭଳି ଅତି ପତଳା ଚିପ୍ସକୁ ତାଇୱାନ ଅବା ଦକ୍ଷିଣ କୋରିଆରୁ ହିଁ କିଣିବାକୁ ପଡ଼ିବ। ଉଭୟ 'ଟେକ୍ନୋଲୋଜି ଓ ମାର୍କେଟ ପାୱାର' ଅର୍ଥାତ୍ ପ୍ରଯୁକ୍ତିବିଦ୍ୟା ଓ ବିପଣନ ଶକ୍ତିରେ ତାଇୱାନ ଅଧିକ ବଳବତ୍ତର ହେବ; ଯାହା କି ୨୪ ନିୟୁତ ଜନସଂଖ୍ୟା ବିଶିଷ୍ଟ ଏହି ଦ୍ୱୀପ ରାଷ୍ଟ୍ରକୁ ବିଶ୍ୱ ବୈଷୟିକ ଆଧିପତ୍ୟକୁ ନେଇ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ହେଉଥିବା ମହା ସଂଗ୍ରାମର କେନ୍ଦ୍ରବିନ୍ଦୁରେ ଆଣି ଦଣ୍ଡାୟମାନ କରାଇଦେବ। ପ୍ରଯୁକ୍ତିବିଦ୍ୟାର ଏହି ମହା ସଂଗ୍ରାମରେ ତାଇୱାନ ଏକ ଅପରିହାର୍ଯ୍ୟ କ୍ଷୁଦ୍ର ଅର୍ଥନୀତି ସମୃଦ୍ଧ ରାଷ୍ଟ୍ର ଭାବେ ବିଶ୍ୱରେ ପ୍ରତିଭାତ ହେବ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସମଗ୍ର ବିଶ୍ୱରେ କେବଳ ମାତ୍ର ଦୁଇଟି ରାଷ୍ଟ୍ର ତାଇୱାନ ଓ ଦକ୍ଷିଣ କୋରିଆ କ୍ରମାନ୍ୱୟ ଭାବେ ୫ ଦଶନ୍ଧି ଧରି ୫ ପ୍ରତିଶତରୁ ଊର୍ଦ୍ଧ୍ୱ ହାରରେ ଅଭିବୃଦ୍ଧି ହାସଲ କରି ଚାଲିଲେ। ଦାରିଦ୍ର୍ୟର କଷାଘାତରୁ ନିଜକୁ ଉଦ୍ଧାର କରି ବିକଶିତ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ରଗୁଡ଼ିକର ର୍ୟାଙ୍କରେ ନିଜ ନାମକୁ ଲିପିବଦ୍ଧ କଲେ ଏବଂ ବିଶ୍ୱରେ ନିଜର ସ୍ୱତନ୍ତ୍ର ଆସନକୁ ମଧ୍ୟ ସଗର୍ବେ ଜାହିର କଲେ। ସେମାନେ ଗବେଷଣା ଓ ବିକାଶ କ୍ଷେତ୍ରରେ ଅସାଧାରଣ ଭାବେ ପ୍ରଚୁର ପରିମାଣର ପୁଞ୍ଜି ନିବେଶ କଲେ ଏବଂ ବିଶ୍ୱ ଦୃଶ୍ୟପଟରେ ମୁଣ୍ଡ ଟେକିଲେ ଏବଂ ଦୃଷ୍ଟିଗୋଚର ହେଉଥିବା ତାଙ୍କର ବିପକ୍ଷ ରାଷ୍ଟ୍ରଗୁଡ଼ିକ ଏ କ୍ଷେତ୍ରରେ ବହୁ ପଛରେ ପଡ଼ିଗଲେ। ବିକଶିତ ବିଶ୍ୱର ଅନ୍ୟତମ 'ରିସର୍ଚ୍ଚ ଲିଡର' ଭାବେ ମଧ୍ୟ ତାଇୱାନ ଓ ଦକ୍ଷିଣ କୋରିଆ ଏବେ ପରିଗଣିତ ହେଉଛନ୍ତି।

ଏଭଳି ବିଶ୍ୱ ଚମତ୍କାର ହାସଲ କରିବାରେ ସୁଦକ୍ଷ ସରକାର ପ୍ରମୁଖ ଭୂମିକା ସଂପାଦିତ କରି ସରକାର ନିଜ ରାଷ୍ଟ୍ରକୁ ବିଶ୍ୱ ସ୍ୱୀକୃତି ପ୍ରଦାନ କରିପାରିଲେ। ଏହି ସ୍ୱୀକୃତି ପଛର ମୂଳ ମନ୍ତ୍ରଟି ହେଲା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସର୍ବଶ୍ରେଷ୍ଠ ଗୁଣବତ୍ତା ଓ ଶ୍ରେଷ୍ଠତାର ପ୍ରତିପାଦନ। ସାମ୍‌ସଙ୍ଗ ଓ ହୁଣ୍ଡାଇ ପରି ବିଶାଳ ଏକତ୍ରୀକୃତ ଟେକ୍ନୋଲୋଜି କମ୍ପାନୀକୁ ଦକ୍ଷିଣ କୋରିଆ ଆଦର ସହକାରେ ବଡ଼ କଲା ; ଯେଉଁମାନେ କି ନିଜର ବ୍ରାଣ୍ଡ୍ ନାମରେ ବିଭିନ୍ନ ଉପଭୋକ୍ତା ଉତ୍ପାଦକୁ ବିଭିନ୍ନ ଦେଶକୁ ରପ୍ତାନି କଲେ। ତାଇୱାନ ଛୋଟ ଛୋଟ କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ଦେଲା ; ଯେଉଁମାନେ କି ଛୋଟ ଛୋଟ ପାର୍ଟ୍ସ ତିଆରି କରିବାରେ ନିଜକୁ କେନ୍ଦ୍ରୀଭୂତ କଲେ କିମ୍ବା ବିଦେଶୀ ବ୍ରାଣ୍ଡ୍ ପାଇଁ 'ଫିନିଶ୍‌ଡ ପ୍ରଡକ୍ଟ'କୁ ଏକତ୍ରୀକରଣ କଲେ। ଏହି ସାବଧାନତା ଓ ଆଗ୍ରହ ତାଇୱାନକୁ ପ୍ରଯୁକ୍ତିବିଦ୍ୟାର ଶିଖର ଦେଶରେ ଅଧିଷ୍ଠିତ କରାଇବାରେ ସହାୟକ ହେଲା। ତାଇୱାନ ବୈଷୟିକ ସଫଳତାର ନୂଆ କାହାଣୀ ରଚନା କଲା।

ତାଇୱାନ ସଦାସର୍ବଦା 'କଟିଂ ଏଜ୍ ଟେକ୍ନୋଲୋଜି' ବା ସର୍ବଶ୍ରେଷ୍ଠ ପ୍ରଯୁକ୍ତିବିଦ୍ୟାର ପାଖାପାଖି ବା ନିକଟତର ରହିବା ପାଇଁ ତା'ର ଅନନ୍ୟ ପରିଚାଳନା କଳାର ପ୍ରୟୋଗ କଲା। ଏଥିପାଇଁ ତାଇୱାନ ପାଶ୍ଚାତ୍ୟ ରାଷ୍ଟ୍ରଠାରୁ ପ୍ରଥମେ ଟେକ୍ନୋଲୋଜି ଧାର ଆଣିଲା। ୧୯୭୦ ଦଶକରେ ଇଲେକ୍ଟ୍ରୋନିକ୍ସ ତାଇୱାନର ଶ୍ରେଷ୍ଠ ମାନୁଫାକ୍ଚରିଂ ଇଣ୍ଡଷ୍ଟ୍ରି ଭାବେ ଟେକ୍ସଟାଇଲ୍ସର ସ୍ଥାନ ଗ୍ରହଣ କଲା। ପର୍ସନାଲ କମ୍ପ୍ୟୁଟର (ପି.ସି.)ରୁ ଆରମ୍ଭ କରି ମୋବାଇଲ ଇଣ୍ଟରନେଟ୍ ପର୍ଯ୍ୟନ୍ତ କମ୍ପ୍ୟୁଟର ବିପ୍ଳବର ପ୍ରତ୍ୟେକ ପର୍ଯ୍ୟାୟରେ ତାଇୱାନର କଳକାରଖାନାଗୁଡ଼ିକ ଦ୍ରୁତତର ଭାବେ ଉତ୍ପାଦନ ପ୍ରକ୍ରିୟା ଜାରି ରଖି କମ୍ପ୍ୟୁଟର ଉପକରଣର ଯୋଗାଣକାରୀ ଭାବେ ନିଜକୁ ପ୍ରତିପାଦିତ କଲା।

ଆମେରିକାର ସିଲିକନ ଭ୍ୟାଲି ଦ୍ୱାରା ଅନୁପ୍ରେରିତ ହୋଇ ୧୯୯୦ରେ ତାଇୱାନ ସରକାର ନିଜ ଦେଶରେ ପ୍ରଥମ କରି 'ସାଇନ୍ସ ପାର୍କ'ର ସ୍ଥାପନା କଲା ଏବଂ ପ୍ରତ୍ୟେକ ସାଇନ୍ସ ପାର୍କରେ ନିଜସ୍ୱ 'ଟେକ୍ନୋଲୋଜି ୟୁନିଭରସିଟି'ର ପ୍ରତିଷ୍ଠା କଲା। ଏହାସହ ବିଦେଶରେ ଥିବା ତାଇୱାନ ଜନ୍ମିତ ଇଞ୍ଜିନିୟରମାନଙ୍କୁ ନିଜ ଦେଶକୁ ଫେରିଆସି ଏହି 'ଟେକ୍ନୋଲୋଜି ୟୁନିଭରସିଟି'ରେ କାମ କରିବାକୁ ପ୍ରଚୁର ପରିମାଣର ଅର୍ଥରାଶି ପ୍ରଦାନ କଲା। ତାଇୱାନରେ ଜନ୍ମିତ ଏହି ଗ୍ରାଜୁଏଟ ଇଞ୍ଜିନିୟରମାନେ ବିଦେଶ ମାଟିରେ କାମ କରି ଅର୍ଜନ କରିଥିବା ଅଜସ୍ର ଜ୍ଞାନ ସମ୍ପତ୍ତିକୁ ଏହି 'ଟେକ୍ନୋଲୋଜି ୟୁନିଭରସିଟି'ରେ ପ୍ରୟୋଗ କଲେ। ଫଳତଃ ଏହି ସାଇନ୍ସ ପାର୍କ ଗୁଡ଼ିକ ଷ୍ଟାର୍ଟଅପ୍ କ୍ଷେତ୍ରରେ ପ୍ରମୁଖ ଭୂମିକା ସଂପାଦିତ କଲା। ଏହି ସାଇନ୍ସ ପାର୍କ ମଧ୍ୟରୁ କେତେକ ବିଶ୍ୱସ୍ତରୀୟ ଆସନ ଅଧିକୃତ କରିବାରେ ସକ୍ଷମ ହେଲେ। ୨୦୧୦ ଦଶନ୍ଧି ବେଳକୁ ତାଇୱାନ କମ୍ପାନୀ 'ଫକ୍ସକନ ଟେକ୍ନୋଲୋଜି' ଏସିଆ, ୟୁରୋପ ଓ ଲାଟିନ ଆମେରିକାରେ ଥିବା କଳକାରଖାନାମାନ ବ୍ୟବହାର କରି ବିଶ୍ୱର କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ ପ୍ରଡକ୍ଟସର ୪୦ ପ୍ରତିଶତକୁ ଏକତ୍ରୀକରଣ କରୁଥିଲା। ଆଜିର ଦିନରେ ତାଇୱାନ ସମଗ୍ର ବିଶ୍ୱରେ ସ୍ମାର୍ଟଫୋନ ଲେନ୍ସ, ଇ –ପେପର ଡିସପ୍ଲେଜ୍ ଏବଂ ଅନ୍ୟାନ୍ୟ ବହୁ କମ୍ପ୍ୟୁଟର ପାର୍ଟ୍ସର ଯୋଗାଣକାରୀ ଭାବେ ନିଜକୁ ସର୍ବାଗ୍ରେ ପ୍ରତିଷ୍ଠିତ କରିପାରିଛି। ପରନ୍ତୁ ତାଇୱାନ କମ୍ପ୍ୟୁଟର ଚିପ୍ସର ଏକ ଗୁରୁତ୍ୱପୂର୍ଣ୍ଣ ଯୋଗାଣକାରୀ ଭାବେ ବିଶ୍ୱରେ ସ୍ୱତନ୍ତ୍ର ଆସନରେ ଅଧିଷ୍ଠିତ ହୋଇପାରିଛି।

ଆମେରିକାର ମାସାଚୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି (ଏମ୍.ଆଇ.ଟି.)ର ସ୍ନାତକ ଏବଂ ଟେକ୍ସାଜ ଇନ୍‌ଷ୍ଟ୍ରୁମେଣ୍ଟସର ଦୀର୍ଘ ଅନୁଭୂତିସମ୍ପନ୍ନ ବ୍ୟକ୍ତି ମୋରିସ ଚ୍ୟାଙ୍ଗ ତାଇୱାନ ସରକାରଙ୍କ ତାରକା ନିଯୁକ୍ତିପ୍ରାପ୍ତ ବ୍ୟକ୍ତିବିଶେଷ ଭାବେ ସୁପ୍ରସିଦ୍ଧ। ତାଇୱାନରେ ଏକ ସେମିକଣ୍ଡକ୍ଟର ଇଣ୍ଡଷ୍ଟ୍ରି ପ୍ରତିଷ୍ଠା କରିବା ପାଇଁ ମିଷ୍ଟର ଚ୍ୟାଙ୍ଗଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ସେ ଏଥିପାଇଁ ତାଇୱାନର ଶକ୍ତି ଓ ଦୁର୍ବଳତାକୁ ସମୀକ୍ଷା ଓ ସର୍ବେକ୍ଷଣ କରିବା ସହ ତଉଲିବାକୁ ଲାଗିଲେ ଏବଂ ଗ୍ଲୋବାଲ ବ୍ରାଣ୍ଡ୍ ଇନ୍‌ଟେଲ ସହ ମୁହାଁମୁହିଁ ଲଢ଼ିବା ଚିନ୍ତାଧାରାକୁ ସମ୍ପୂର୍ଣ୍ଣରୂପେ ପରିତ୍ୟାଗ କରିଦେଲେ। ଏହା ପରିବର୍ତ୍ତେ ସେ ତାଇୱାନରେ ବିଶ୍ୱର ପ୍ରଥମ ଚିପ୍ ଫାଉଣ୍ଡ୍ରି ବା ଢଳେଇ କାରଖାନା ପ୍ରତିଷ୍ଠା କଲେ ; ଯାହାର ନାଁ ରଖିଲେ ତାଇୱାନ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ କମ୍ପାନୀ ବା ଟି.ଏସ୍.ଏମ୍.ସି.।

ତାଇୱାନର କଣ୍ଟ୍ରାକ୍ଟ ମାନୁଫାକ୍ଚରର୍ସଙ୍କ ପରି ଯେଉଁମାନେ କି ଦିନେ ଖେଳନା ଓ ଟେକ୍ସଟାଇଲ ଆଦି ପ୍ରସ୍ତୁତ କରୁଥିଲେ ଠିକ୍ ସେହିପରି ମିଷ୍ଟର ଚ୍ୟାଙ୍ଗଙ୍କ 'ପିଓର ଫାଉଣ୍ଡ୍ରି' ପ୍ରଚ୍ଛଦପଟ୍ଟରେ ରହି ଗ୍ଲୋବାଲ ବ୍ରାଣ୍ଡ ପାଇଁ କମ୍ପ୍ୟୁଟର ଚିପ୍ସର ପ୍ରସ୍ତୁତ କରିବାକୁ ଲାଗିଲେ ଓ ବିଶ୍ୱ ସ୍ୱୀକୃତି ମଧ୍ୟ ଲାଭ କଲେ। ଆଜି ଫାଉଣ୍ଡ୍ରିମାନେ ୪୩୦ ବିଲିୟନ ଡଲାର ଗ୍ଲୋବାଲ ଚିପ୍ ମାର୍କେଟର ପ୍ରମୁଖ ଅଂଶ ବିଶେଷ ହୋଇଯାଇଛନ୍ତି ଏବଂ ଅତ୍ୟନ୍ତ ଉନ୍ନତ ଧରଣର କମ୍ପ୍ୟୁଟର ଚିପ୍ସଗୁଡ଼ିକ ଏହି ଫାଉଣ୍ଡ୍ରିଗୁଡ଼ିକରୁ ହିଁ ଉତ୍ପାଦିତ ହୋଇଥାଏ। ସମଗ୍ର ବିଶ୍ୱରେ ଥିବା ଫାଉଣ୍ଡ୍ରିଗୁଡ଼ିକରୁ ଉତ୍ପାଦିତ ହେଉଥିବା କମ୍ପ୍ୟୁଟର ଚିପ୍ସର ଦୁଇ ତୃତୀୟାଂଶ ତାଇୱାନରୁ ହିଁ ଉତ୍ପାଦିତ ହୋଇଥାଏ।

ତାଇୱାନ ନିଜକୁ 'ଚିପ୍ସର ସୁଇଜରଲାଣ୍ଡ' ବୋଲି ସାବ୍ୟସ୍ତ କରିବାକୁ ପ୍ରଚେଷ୍ଟା ଜାରି ରଖିଛି। ତାଇୱାନ ନିଜକୁ ଚିପ୍ସର ଏକ ନିରପେକ୍ଷ ଯୋଗାଣକାରୀ ଭାବେ ଉପସ୍ଥାପନା କରିବାକୁ ଚାହୁଁଛି କିନ୍ତୁ ପରିସ୍ଥିତି ଏପରି ହୋଇଯାଇଛି କି ତାଇୱାନ ଚାଇନା ଓ ଆମେରିକା ମଧ୍ୟରେ ହେଉଥିବା ବୈଷୟିକ ଯୁଦ୍ଧର କେନ୍ଦ୍ରବିନ୍ଦୁରେ ଏକ ପ୍ରବଳ ପରାକ୍ରମଶାଳୀ ଯୋଦ୍ଧା ଭାବେ ଅବତୀର୍ଣ୍ଣ ହେବାକୁ ବାଧ୍ୟ ହେଉଛି। ଚାଇନାର ପ୍ରମୁଖ ସ୍ମାର୍ଟଫୋନ୍ ନିର୍ମାଣକାରୀ ହୁଆୱେଇ ବିରୋଧରେ ଆମେରିକାରେ ଆର୍ଥିକ ପ୍ରତିବନ୍ଧକ ଏଭଳି ଭାବେ ଡିଜାଇନ ହୋଇଥିଲା ଯେପରି କି ତାଇୱାନ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ କମ୍ପାନୀଠାରୁ ଚାଇନାର ହୁଆୱେଇ କମ୍ପାନୀ କମ୍ପ୍ୟୁଟର ଚିପ୍ସ ଲାଭ କରିପାରିବ ନାହିଁ। ଆମେରିକାର ଏହି ମନ୍ଦ ଡିଜାଇନକୁ ପ୍ରତିହତ କରିବା ପାଇଁ ଚାଇନା ନିଜ ଦେଶରେ ଉନ୍ନତ ମାନର ଚିପ୍ସ ପ୍ରସ୍ତୁତ କରିବାକୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କଲା। ଚାଇନାର ଏହି ଉଦ୍ଦେଶ୍ୟକୁ ଠିକ୍ ଭାବେ ହୃଦୟଙ୍ଗମ କରି ଆମେରିକାର ଟ୍ରମ୍ପ ପ୍ରଶାସନ ଏହାକୁ ନିଷ୍ଫଳ ବା ପ୍ରତିରୋଧ କରିବା ପାଇଁ ଆମେରିକାରେ ଚିପ୍ସ ଫାବ୍ରିକେଶନ ପ୍ଲାଣ୍ଟ ପ୍ରତିଷ୍ଠା ଲାଗି ତାଇୱାନ ସେମିକଣ୍ଡକ୍ଟର ମାନୁଫାକ୍ଚରିଂ କମ୍ପାନୀକୁ ନିମନ୍ତ୍ରଣ କଲା।ତାଇୱାନ ପରି ଏକ କ୍ଷୁଦ୍ର ଗଣତାନ୍ତ୍ରିକ ରାଷ୍ଟ୍ର ଚାଇନା ପରି ଏକ ବିରାଟ କମ୍ୟୁନିଷ୍ଟ ରାଷ୍ଟ୍ରର ପ୍ରଚ୍ଛାୟା ତଳେ ତିଷ୍ଠି ରହିବା କାରଣରୁ ଆମେରିକାର ସହାନୁଭୂତି ଓ ସମର୍ଥନର ପାତ୍ର ହୋଇପାରିଲା।

ବି–୩,ଏଚ.ଆଇ.ଜି. କଲୋନୀ, ବରମୁଣ୍ଡା
ହାଉସିଂ ବୋର୍ଡ, ଭୁବନେଶ୍ୱର
ମୋ–୯୩୩୮୨୦୪୯୯୩



# ସମାଜବାଦୀ ଆନ୍ଦୋଳନର ଅନ୍ୟତମ ପୁରୋଧା

ତୁଷାରକାନ୍ତ

ଗାନ୍ଧିଜୀଙ୍କର ଯଥାର୍ଥ ଅନୁଗାମୀ, ସ୍ୱାଧୀନତା ସଂଗ୍ରାମୀ, ଗଡ଼ଜାତ ଆନ୍ଦୋଳନର ଅନ୍ୟତମ କାଣ୍ଡାରି, ସମାଜବାଦୀ ଆନ୍ଦୋଳନର ଅନ୍ୟତମ ପୁରୋଧା ଗୌରାଙ୍ଗ ଚରଣ ଦାସଙ୍କର ଆଜି ୫୦ତମ ପୁଣ୍ୟତିଥି। (ଜନ୍ମ–୨୭.୦୧.୧୮୯୯, ମୃତ୍ୟୁ–୧୯.୦୨.୧୯୭୨)। ଏସବୁ ଛଡ଼ା ସେ ମଧ୍ୟ ଓଡ଼ିଶାରେ ପ୍ରଥମଥର ପାଇଁ ୧୯୪୬ ମସିହାରେ ତାଙ୍କ ନିଜ ଗ୍ରାମ ତଥା ଅଧୁନା ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ତତ୍କାଳୀନ ଅପନ୍ତରା ଗ୍ରାମ ବାଗଲପୁରର ଶ୍ରୀ ଦଧିବାମନଜୀଉ ମନ୍ଦିରରେ ଦଳିତମାନଙ୍କର ପ୍ରବେଶ କରାଇଥିଲେ। ମାଳତୀ ଚୌଧୁରୀଙ୍କ ଠାରୁ ଏ ଖବର ପାଇ ମହାତ୍ମା ଗାନ୍ଧୀ 'ହରିଜନ ପତ୍ରିକା'ରେ ଲେଖିଥିଲେ 'ମୁଁ ଏପରି କାର୍ଯ୍ୟକ୍ରମକୁ ସ୍ୱାଗତ କରୁଛି ଓ ସମୟ ମିଳିଲେ ସେହି ଗ୍ରାମକୁ ଯିବି।' ଅବଶ୍ୟ ହତ୍ୟାର ଶିକାର ହେବାରୁ ସେ ଆସିପାରି ନ ଥିଲେ। ଦାସଙ୍କ ଆହ୍ୱାନରେ ସେହି ଗ୍ରାମର ଆଉ ୧୭ଜଣ ଯୁବକ ଓ ଜଣେ ମହିଳା ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ (ସମୁଦାୟ ୧୮ଜଣ)।

୧୯୪୬ ମସିହା ଗ୍ରୀଷ୍ମଋତୁର କୌଣସି ଏକ ତାରିଖରେ ଓଡ଼ିଶାର ସଂଖ୍ୟାଧିକ କଂଗ୍ରେସ ନେତାଙ୍କ ଉପସ୍ଥିତିରେ 'ମନ୍ଦିରରେ ଦଳିତଙ୍କ ପ୍ରବେଶ' ଉପରେ ବିଶିଷ୍ଟ ଦାର୍ଶନିକ, ସ୍ୱାଧୀନତା ସଂଗ୍ରାମୀ ତଥା ଲେଖକ ଓ ସେହି ଗ୍ରାମରେ ଜନ୍ମିତ ଚିତ୍ତରଞ୍ଜନ ଦାସ, ତାଙ୍କର ୧୯.୦୨.୨୦୦୪ରେ ଗୌରାଙ୍ଗ ଚରଣ ଦାସଙ୍କ ପୁଣ୍ୟତିଥିରେ, ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ 'ଗୌରୀଭାଇ' (ଗୌରାଙ୍ଗ ଚରଣ ଦାସଙ୍କୁ ସମସ୍ତେ ଗୌରୀଭାଇ ବୋଲି ଡାକୁଥିଲେ) ଶୀର୍ଷକ ଏକ ଲେଖା ଲେଖିଥିଲେ। ସେହି ଲେଖାଟି ଏହିପରି। '୧୯୪୬ ମସିହାର ସେହି ଖରାଦିନର ମାସଟି ଭାରି ମନେପଡୁଛି। ସେହି ମାସରେ ଦିନେ ଓଡ଼ିଶାର କେତେ ନା କେତେ ବରିଷ୍ଠ ନେତା ବାଗଲପୁର ଗାଁରେ ଆସି ସମବେତ ହୋଇଥିଲେ। ସେତେବେଳେ ନେତା କହିଲେ, ମନ୍ତ୍ରୀମାନଙ୍କୁ ମୋଟେ ବୁଝାଉ ନ ଥିଲା। ସେମାନେ ସମସ୍ତେ ସେତେବେଳର ସ୍ୱାଧୀନତା ସଂଗ୍ରାମରେ ସଂଗ୍ରାମୀ ଥିଲେ, ଅଗ୍ରଣୀ ଥିଲେ। ଅର୍ଥାତ୍, ସେମାନେ ଆଗେ ଆଗେ ଯାଉଥିଲେ। ଆମେ ସମସ୍ତେ ସେମାନଙ୍କ ସାଙ୍ଗରେ ଯାଉଥିଲୁ। ଆଗରେ ରହିଥିବା ଲକ୍ଷ୍ୟଟି ସତେ ଅବା କ୍ରମେ ପାଖେଇ ଆସୁଥିଲା। ଏ ଦେଶରୁ ବିଦେଶୀ ରାଜତ୍ୱ ହଟିବ ଏବଂ ଭାରତବର୍ଷ ନୂତନ ଧାରାରେ ଗଢାହେବ। ଏକ ନୂଆ ବ୍ୟବସ୍ଥା, ନୂଆ ଶାସନ, ନୂଆ ବୁଝାମଣା, ଯେଉଁଥିରେ କି ଆମେ ସମସ୍ତେ ରହିଥିବା ଅର୍ଥାତ୍ ସଭିଏ ଆପଣାକୁ ଏହି ଦେଶକୁ ଆମ ସମସ୍ତଙ୍କର ଘର ବୋଲି ଅନୁଭବ କରୁଥିବା।

ସେଦିନ ଦଧିବାମନ ଠାକୁରଙ୍କ ମନ୍ଦିରକୁ

### ଗୌରାଙ୍ଗ ଚରଣ ଦାସଙ୍କ ୫୦ତମ ପୁଣ୍ୟତିଥି ଅବସରରେ

ସମସ୍ତେ ଯାଇ ପାରିଲେ। ଗାଁଟା ସତେ ଅବା ଗୋଟାଏ ଏକାବେଳକେ ଅଲଗା ଆତ୍ମୀୟତାରେ ଉଦ୍‌ଭାସିତ ହୋଇ ରହିଥିଲା। ସାରା ଓଡ଼ିଶାରେ ଏଇଟି ସର୍ବପ୍ରଥମ ଘଟଣା ବୋଲି ଆଗନ୍ତୁକ ଅତିଥିମାନେ ମତ ଦେଲେ। ଆମେ ଯେଉଁମାନେ ପୂରା ଗୋଟାଏ ମାସ ଏଥିଲାଗି କ୍ଷେତ୍ର ପ୍ରସ୍ତୁତ କରିଥିଲୁ, ସେମାନେ କେତେ ଖୁସି ହୋଇ ଯାଇଥିଲେ। ବାହାରେ ଖୁସି, ଭିତରେ ଖୁସି। କୋଉ ଖୁସିଟା ଆଗ, କୋଉଟା ପଛ, ସେକଥାଟିକୁ ହିସାବ କରି ମୋଟେ କୁହାଯାଇ ପାରିବ ନାହିଁ।

ତା'ପରେ ଇତି ମଧ୍ୟରେ ୫୮ ବର୍ଷ ବିତିଗଲାଣି ( ଚିତ୍ତରଞ୍ଜନ ଦାସଙ୍କ ଦ୍ୱାରା ଲିଖିତ ୨୦୦୪ ଯାଏ)। ବର୍ତ୍ତମାନ ଏହି ଗାଁରେ ହାତ ପାହାନ୍ତାରେ କଲେଜ ହେଲାଣି। ସେ କାଳର କାଦୁଅମୟ ରାସ୍ତାଗୁଡ଼ାକ ପକ୍କା ହୋଇଗଲାଣି। କେତେ ଘରେ ବିଜୁଳି ଆଲୁଅ, ଦୂରଦର୍ଶନ, ଟେଲିଭିଜନ। ଘରେ ଘରେ ଶିକ୍ଷିତ ପୁଅ ଓ ଝିଅ ଉଭୟ। କିନ୍ତୁ କ'ଣ ପାଇଁ ମଝିରେ କ'ଣ ଘଟିଲା ଏବଂ କ୍ରମେ ଠାକୁରଙ୍କର ଥାନଟା ସେହି ଆଗ ପରି ଥୋକେ ମଣିଷଙ୍କ ସକାଶେ ନିଷିଦ୍ଧ ହୋଇ ରହିଲା। ଉତ୍ସବର ସେହି ଦିନଟି ତୁଚ୍ଛା ଗୋଟିଏ ଦିନ ପାଇଁ ଆସି ପାସୋର ହୋଇ ରହିଗଲା। ଭାରତବର୍ଷ ସ୍ୱାଧୀନ ହେଲା, ଦେଶର ଆଇନ ଅନୁସାରେ ଆଉ ଛୁଆଁ ଅଛୁଆଁ ଭେଦ ରହିଲା ନାହିଁ। ତଥାପି ଆମ ମନ୍ଦିରର ଠାକୁରେ ଆମ ଗାଁର ପ୍ରାୟ ଅଧେ ସରିକି ମଣିଷଙ୍କ ନିମନ୍ତେ ମନା ହୋଇ ରହିଗଲେ କେମିତି କେଜାଣି ? ଏକଥା ପୁନର୍ବାର ଆଲୋଚିତ ହେଉ। ତୋଡ଼ ଦେଖାଇ ନୁହେଁ, ପରସ୍ପରର ପାଖରେ ବସି, ପରସ୍ପରକୁ ଲୋଡ଼ି ଏବଂ ଯେଉଁମାନେ ସ୍କୁଲ୍ ଓ କଲେଜରେ ପଢୁଛନ୍ତି, ସେମାନେ ପ୍ରଥମେ ଏହି ଆଲୋଚନା ଲାଗି ଆଗଭର ହୁଅନ୍ତୁ।

ଗୌରୀଭାଇ ଯେଉଁ ଗାନ୍ଧିଜୀଙ୍କର ନେତୃତ୍ୱ ଦ୍ୱାରା ପରିଚାଳିତ ହୋଇ ଦେଶର ସଂଗ୍ରାମରେ ସେତେବେଳେ ନିଜକୁ ସମ୍ମିଳିତ କରିଥିଲେ ଏବଂ ଗାଁର ଆମ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରୁଥିଲେ, ସେହି ଗାନ୍ଧୀ କେତେ ଦୃଢ଼ ହୋଇ ବାରମ୍ବାର କହି ଯାଇଛନ୍ତି ଯେ ''ବିଦେଶୀ ଶାସନକୁ ହଟାଇବା ସିନା ଆମର ପ୍ରଥମ କାମ, ମାତ୍ର ସେହି ଶାସନ ହଟିଯିବା ପରେ ସମାଜର ପରିବର୍ତ୍ତନ ହେଉଛି ତା'ର ପରବର୍ତ୍ତୀ ଦ୍ୱିତୀୟ ସଂଗ୍ରାମ।'' ସେହି ବାର୍ତ୍ତାଟି ସହରମାନଙ୍କରେ ବହିରେ ଲେଖା ହୋଇ ରହିଥିବ ନା ଆମ ଗାଁମାନଙ୍କରୁ ହିଁ ଆଗ ସେଥିଲାଗି ଅସଲ ଉଦ୍‌ବେଳନ ଆରମ୍ଭ ହେବ ?

ଚିତ୍ତରଞ୍ଜନ ଦାସ ତାଙ୍କ ଲେଖା ଶେଷରେ ଯେଉଁ ପ୍ରଶ୍ନଟି ପଚାରିଥିଲେ ତାହାର ଉତ୍ତର ମିଳୁନାହିଁ ବା ମିଳିବାର ନାହିଁ। ଗୌରାଙ୍ଗ ଚରଣ ଦାସଙ୍କ ବର୍ଗଟି ସେମାନଙ୍କର ଦାୟିତ୍ୱ ତୁଲାଇ ସାରିଛନ୍ତି। ତାଙ୍କର ଆଜିର ପୁଣ୍ୟତିଥିରେ ତାଙ୍କୁ ତଥା ତାଙ୍କ ଜରିଆରେ ସବୁ ଦିବଂଗତ ସଂଗ୍ରାମୀଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି।

ମୋ :୮୮୯୫୮୫୭୩୧୮

## ଏଇ ଭାରତରେ

ପ୍ରଶାସନିକ ଦାୟିତ୍ୱ ସହ ସହରକୁ ସବୁଜ ସୁନ୍ଦର କରିବାରେ ଜଣେ ଆଇଏଏସ୍ ଅଧିକାରୀଙ୍କ ପ୍ରୟାସ ଅନୁକରଣୀୟ। ଏହି ଅଧିକାରୀ ହେଉଛନ୍ତି ଡ.ଆଲ୍‌ବି ଜନ୍ ଭର୍ଗିସ। ସେ ଗ୍ରେଟର ଚେନ୍ନାଇ କର୍ପୋରେଶନର ରିଜିଓନାଲ ଡେପୁଟି କମିଶନର (ସାଉଥ) ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେ ଗତ ବର୍ଷ କୋଟୁପୁରମରେ ପ୍ରଥମେ ଏକ ଜଙ୍ଗଲ କରିବା ପରେ କର୍ପୋରେଶନ ଚେନ୍ନାଇରେ ଚଳିତ ବର୍ଷ ଏଭଳି ୩୦ଟି ଅର୍ବାନ ଫରେଷ୍ଟ ବା ଜଙ୍ଗଲ କରିବା ଲାଗି ଯୋଜନା କରିଛି। ଆଗକୁ ଏଭଳି ୧୦୦ଟି ଜଙ୍ଗଲ କରିବାରେ ଯୋଜନା ରଖାଯାଇଛି। ଏଠାରେ ୧୫ ବର୍ଷ ହେବ ବର୍ଜ୍ୟ ଗଦା ହେଉଥିଲା। ତେବେ ଭର୍ଗିସଙ୍କ ନେତୃତ୍ୱରେ ସେହି ଅଞ୍ଚଳରୁ କଂକ୍ରିଟ ସବୁ ବାହାର କରି ଜାନୁୟାରୀ ୨୦୨୦ ଏନ୍‌ଜିଓଙ୍କ ସହାୟତାରେ ୨୦୨୦ଟି ଦେଶୀ ଜଙ୍ଗଲୀ ଗଛ ଲଗାଯାଇଛି। ଭର୍ଗିସ ମିୟାୱାକି ପଦ୍ଧତି ଅବଲମ୍ବନ କରିଛନ୍ତି, ଯେଉଁଥିରେ ଗଛ ଅନ୍ୟ ପଦ୍ଧତି ଅପେକ୍ଷା ୧୦ଗୁଣ ଅଧିକ ବଢିବ ଓ ୩୦% ଘଞ୍ଚ ହୋଇପାରିବ। ଜାପାନର ଉଦ୍ଭିଦ ବିଜ୍ଞାନୀ ଅକିରା ମିୟାୱାକିଙ୍କ ନାମାନୁସାରେ ଏହି ପଦ୍ଧତିର ନାମ ରଖାଯାଇଛି। ଏଥିରେ ପାଖକୁ ପାଖ ଦେଶୀ ଗଛ ହିଁ ଲଗାଯାଇ ଶୀଘ୍ର ଜଙ୍ଗଲ ସୃଷ୍ଟି କରାଯାଏ। ଏହା ପୂର୍ବରୁ ଭର୍ଗିସ ତାମିଲନାଡୁର ଟୁଟିକୋରିନରେ ନିଯୁକ୍ତି ପାଇଥିବାବେଳ ଏଭଳି ଜଙ୍ଗଲ ବି ସୃଷ୍ଟି କରିଥିଲେ। ସେହି ଅଭିଜ୍ଞତାକୁ ଆଧାର କରି ସେ ଆଗକୁ ବଢୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୯ ଫେବୃୟାରୀ ୧୯୯୬

- ବାଂଲାଦେଶର ଇଦ୍–ଉଲ୍–ଫିତର ଉତ୍ସବର ଅବ୍ୟବହିତ ପୂର୍ବରୁ ବସ୍ ଦୁର୍ଘଟଣାରେ ୨୬ ଜଣଙ୍କ ପ୍ରାଣହାନି।
- ପୌର ନିର୍ବାଚନ ବେଳେ ମଦର ଅବାଧ କାରବାର ଘଟଣାରେ ସମ୍ପୃକ୍ତ ଅଭିଯୋଗ କ୍ରମେ କର୍ନାଟକର ଜେଲ୍ ବିଭାଗ ରାଷ୍ଟ୍ରମନ୍ତ୍ରୀ ମୀରାଦୁଦ୍ଦିନ ପାଟିଲ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଛନ୍ତି।

## ଚିରନ୍ତନୀ

ସିନେମା ଯିବାକୁ ଟ୍ୟାକ୍‌ସିରେ ଚଢ଼ି
ତରୁଣ ବନ୍ଧୁ ଡାକଇ ଆସ
''ଛାତିର ବ୍ରୋଚ୍‌ଟା ଦିଏ ମୁଁ ସଜାଡ଼ି
ନ ହେଲେ ନ ହେଉ ଆଇ ଏ ପାସ୍।''
–(ପ୍ରେମର ଅର୍ଥ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଜୈବିକ କୃଷି ପାଇଁ ସଚେତନତା ଜରୁରୀ

ମହାଶୟ,

କୋଭିଡ୍ ମହାମାରୀ ଯୋଗୁ ଏବେ ସମଗ୍ର ବିଶ୍ୱରେ ସୁସ୍ଥ, ନିରାପଦ ଏବଂ ପୁଷ୍ଟିକର ଖାଦ୍ୟର ଚାହିଦା ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ଜୈବିକ ପଦ୍ଧତିରେ ଚାଷ କରାଯାଇ ଉତ୍ପାଦନ କରାଯାଉଥିବା ଖାଦ୍ୟଶସ୍ୟ, ପନିପରିବା ଓ ଫଳମୂଳ ଏକ ଉତ୍ତମ ବିକଳ୍ପ ଭାବେ ଦେଖାଦେଇଛି। ସିକ୍କିମ୍ ପରେ ନିକଟରେ ଲାକ୍ଷାଦ୍ୱୀପ ଶତ ପ୍ରତିଶତ ଜୈବିକ କେନ୍ଦ୍ରଶାସିତ ଅଞ୍ଚଳର ମାନ୍ୟତା ପାଇଛି। କୃଷି କାର୍ଯ୍ୟରେ ଅଧିକ ଉତ୍ପାଦନ ପାଇଁ ରାସାୟନିକ କୀଟନାଶକ, ସିନ୍ଥେଟିକ୍ ସାରର ଅତ୍ୟଧିକ ବ୍ୟବହାର କରାଯାଉଛି ; ଯାହା ମଣିଷ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଜୈବିକ ପଦ୍ଧତିରେ ହେଉଥିବା ଚାଷରେ ଜୈବିକ ସାର ବା ଖତ, ପଶୁ କିମ୍ବା ଉଦ୍ଭିଦ ବର୍ଜ୍ୟବସ୍ତୁରୁ ପ୍ରାପ୍ତ କୀଟନାଶକ ବ୍ୟବହାର କରାଯାଇଥାଏ ; ଯାହା ଫଳରେ ଆମେ ସମ୍ପୂର୍ଣ୍ଣ ନିରାପଦ ଓ ଅଧିକ ପୁଷ୍ଟିକର ଖାଦ୍ୟ ପାଇବା ସହ ଏହା ପରିବେଶ ସନ୍ତୁଳନ ରକ୍ଷା କରିବାରେ ସାହାଯ୍ୟ କରେ। ସମନ୍ୱିତ ପୁଷ୍ଟିକର ଖାଦ୍ୟ ପରିଚାଳନା ମାଧ୍ୟମରେ ଜୈବ ଚାଷକୁ ପ୍ରୋତ୍ସାହିତ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ସରକାର ଜୈବିକ ଉପାୟରେ ଉତ୍ପାଦିତ ଖାଦ୍ୟକୁ ମଧ୍ୟାହ୍ନଭୋଜନ, ପିଡିଏସ୍ ଓ ରାଜ୍ୟ ପୁଷ୍ଟିକର କାର୍ଯ୍ୟକ୍ରମ ସହ ଯୋଡ଼ିବାକୁ ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ବିଡ଼ମ୍ବନାର ବିଷୟ ରାଜ୍ୟ ସରକାର ଜୈବ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ କରିଥିବା ଯୋଜନା ଚାଷୀ ପାଖରେ ପହଞ୍ଚିପାରୁନି। ଏଣୁ ବିଶେଷ କରି ଗ୍ରାମାଞ୍ଚଳରେ ଚାଷୀମାନଙ୍କ ମଧ୍ୟରେ ଏ ବିଷୟରେ ସଚେତନତା ସୃଷ୍ଟି କରାଯିବା ଆବଶ୍ୟକ।

–ଅତିଥି ଅର୍ପିତ୍ ନାୟକ,ଶାସନ୍ଦା, ଅରେଇ, ଯାଜପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## su|do|ku Puzzles by Srikant Ghosh

### ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 1 | 9 | 6 | | | C | | | | 7 | | | | |
| | | | | | | 7 | | 3 | | | | | 6 | |
| | | 8 | 5 | | 4 | | B | | | 3 | 6 | | | E |
| 6 | | | | | | 9 | 4 | | | E | A | B | C | 7 |
| | | C | | | | 0 | | | 5 | | | | A | |
| | C | | | 4 | | | D | E | 6 | B | | 0 | 7 | |
| | 9 | | | | | | | 0 | | C | 7 | 4 | | 2 |
| B | | | | | | | | C | | 1 | 9 | | 5 | |
| | | | | | 1 | | | A | E | 4 | | | | |
| | | 3 | | | 9 | | 2 | | | 8 | | D | E | |
| | 8 | | | | | | | 2 | | | 4 | | 0 | A |
| 5 | | E | | | | | | | | 9 | 0 | 6 | | |
| 4 | | A | | 9 | 2 | | 6 | B | 1 | | | E | D | C |
| D | 6 | | | | | 5 | 8 | | | | | 7 | | |
| | B | 7 | | 1 | | | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 9 | 0 | E | 5 | 2 | 3 | 1 | 6 | D | 4 | C | A | B | 7 |
| 6 | C | 2 | D | 1 | B | 5 | 7 | A | 0 | 9 | E | 8 | 4 | 3 |
| 5 | E | B | A | 7 | 3 | 8 | 4 | 9 | 2 | 1 | 6 | 0 | D | C |
| A | 4 | D | 8 | C | 9 | B | 0 | 2 | 5 | 3 | 7 | 6 | E | 1 |
| 1 | 7 | 3 | 0 | 6 | 4 | C | D | E | A | B | 8 | 2 | 9 | 5 |
| C | A | 9 | B | 2 | 6 | D | E | 3 | 1 | 7 | 0 | 4 | 5 | 8 |
| 0 | 3 | 4 | 7 | D | 1 | A | B | 8 | 9 | 6 | 5 | C | 2 | E |
| 7 | 6 | 8 | 4 | E | 0 | 2 | 5 | 1 | B | C | D | 3 | A | 9 |
| D | 1 | 5 | C | 3 | 8 | 4 | 9 | 0 | E | A | 2 | 7 | 6 | B |
| 2 | B | E | 9 | A | 5 | 7 | 6 | C | 3 | 8 | 4 | 1 | 0 | D |
| E | 2 | C | 1 | B | A | 6 | 3 | 5 | 7 | 0 | 9 | D | 8 | 4 |
| 3 | 8 | A | 6 | 4 | D | 9 | 2 | B | C | E | 1 | 5 | 7 | 0 |
| 4 | 5 | 6 | 3 | 0 | E | 1 | A | 7 | 8 | D | B | 9 | C | 2 |
| 9 | 0 | 1 | 5 | 8 | 7 | E | C | D | 4 | 2 | A | B | 3 | 6 |
| B | D | 7 | 2 | 9 | C | 0 | 8 | 4 | 6 | 5 | 3 | E | 1 | A |

ଗତକାଲିର ଉତ୍ତର

## ସଂକ୍ଷେପରେ

### ଲାଞ୍ଚ ନେଇ ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଗିରଫ

ଭବାନୀପାଟଣା/ମଦନପୁର, ୧୮।୨ (ଡି.ଏନ.ଏ.): ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମଦନପୁର ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ କ୍ଷିତିଭୂଷଣ ବିଶ୍ୱାଳ। ଶୁକ୍ରବାର ତାଙ୍କୁ ଭିଜିଲାନ୍ସ କୋର୍ଟରେ ହାଜର କରାଯିବ। ଅଭିଯୋଗକାରୀ ଗଙ୍ଗାଧର ବାଗ ସ୍କୁଲ ଜଗୁଆଳି ଭାବେ ନିଯୁକ୍ତି ପାଇଥିଲେ ହେଁ ଯୋଗଦାନ ପାଇଁ ପ୍ରିନ୍ସିପାଲ ବିଶ୍ୱାଳ ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ଗଙ୍ଗାଧର ଭିଜିଲାନ୍ସ ବିଭାଗ ନିକଟରେ ଜଣାଇଥିଲେ। ଗୁରୁବାର ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ପୂର୍ବରୁ ଜଗିରହିଥିବା ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ। ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

# ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କୁ ସୁହାଉଛି ପ୍ରାକୃତିକ ବିପର୍ଯ୍ୟୟ

- ବନ୍ୟାରେ ପିଡବ୍ଲ୍ୟୁଏସ୍ ମରାମତି ନାମରେ ୧.୭୬ କୋଟି ଖର୍ଚ୍ଚ
- କେତେକ ପ୍ରକଳ୍ପରେ ରଙ୍ଗ ଲଗାଇ ଅର୍ଥ ହରିଲୁଟ ଅଭିଯୋଗ

**ଯାଜପୁର ଅଫିସ,୧୮।୨**

ଯାଜପୁର ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ (ଆର୍‌ଡବ୍ଲ୍ୟୁଏସ୍‌ଏସ୍) ବିଭାଗର ୧୨୦ଟି ପାଇପ ଜଳ ଯୋଗାଣ ପ୍ରକଳ୍ପ (ପିଡବ୍ଲ୍ୟୁଏସ୍) ଗତ ଜୁଲାଇ ଓ ଅଗଷ୍ଟ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା। ଏଥିପାଇଁ ବିଭାଗ ପକ୍ଷରୁ ୧ କୋଟି ୭୬ ଲକ୍ଷ ୨୯ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଯାଇଥିଲା। ତେବେ ବାସ୍ତବରେ ପ୍ରାୟ ୫୦ଟି ପିଡବ୍ଲ୍ୟୁଏସ୍ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିଲା। ଅବଶିଷ୍ଟ ପିଡବ୍ଲ୍ୟୁଏସ୍ ମରାମତି ଦର୍ଶାଇ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ହଡପ ହୋଇଥିବା ଅଭିଯୋଗ ହୋଇଛି। ତିତଲି ଓ ଫନି ବାତ୍ୟାରେ ପିଡବ୍ଲ୍ୟୁଏସ୍ ପୁନରୁଦ୍ଧାର କାର୍ଯ୍ୟରେ ପ୍ରାୟ ୧ କୋଟି ୯୦ ଲକ୍ଷ ୮୫ ହଜାର ଟଙ୍କା ଆତ୍ମସାତ୍ ହୋଇଥିଲା ବୋଲି ସେତେବେଳେ ଅଭିଯୋଗ ହୋଇଥିଲା । ଏହାବାଦ୍ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଯାଜପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ଦାଖଲ କରିଥିବା ବିନିଯୋଗ ପତ୍ର(ୟୁସି)ରେ ବ୍ୟାପକ ତ୍ରୁଟି ଆତ୍ମସାତ୍ ସନ୍ଦେହକୁ ଘନୀଭୂତ କରିଥିଲା। ଯଦ୍ୱାରା ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ଓଜିଏଫ୍‌ଆର୍(ଓଡ଼ିଶା ଜେନେରାଲ ଫାଇନାନ୍ସିଆଲ ରୁଲସ୍)-୭-ଏ ର ଉଲ୍ଲଂଘନ ହୋଇଥିବା ଦର୍ଶାଇ ଉଦ୍‌ବେଗ ପ୍ରକାଶ କରିବା ସହିତ ତ୍ରୁଟିପୂର୍ଣ୍ଣ ୟୁସିକୁ ଫେରସ୍ତ କରିଥିଲେ। ଏହି ମହାଦୁର୍ନୀତିରେ ଜିଲାର କେତେଜଣ ଉଚ୍ଚପଦସ୍ଥ ଅଧିକାରୀଙ୍କ ହାତ ଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଏହି କ୍ରମରେ ଯାଜପୁର ଜିଲାରେ ପ୍ରାକୃତିକ ବିପର୍ଯ୍ୟୟ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ଅଧିକାରୀଙ୍କ ପାଇଁ ବରଦାନ ସଦୃଶ ହୋଇଛି ବୋଲି ମତପ୍ରକାଶ ପାଇଛି। ତିତଲି ଓ ଫନି ସହ ଅଗଷ୍ଟ ବନ୍ୟା କ୍ଷୟକ୍ଷତି ଓ ଖର୍ଚ୍ଚକୁ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ହେଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସିବ ବୋଲି ମତ ପ୍ରକାଶ ପାଇଛି।



ବରୀର ଏକ ପାଇପ ଜଳ ଯୋଗାଣ ପ୍ରକଳ୍ପ ।

୨୦୧୮ ଅକ୍ଟୋବର ୧୧ରେ ତିତଲି ବାତ୍ୟା କେତେକ ଜିଲାରେ କ୍ଷୟକ୍ଷତି ସୃଷ୍ଟି କରିଥିଲା। ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ କେବଳ ଯାଜପୁର, ଦର୍ପଣ ଓ ବ୍ୟାସନଗର ତହସିଲର କେତେକ ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲା। ହେଲେ ଏହି ବାତ୍ୟାର ସୁଯୋଗ ନେଇ ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ୧୦୪ ପାଇପ ଜଳ ଯୋଗାଣ ପ୍ରକଳ୍ପ ନଷ୍ଟ ହୋଇଥିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେଇଥିଲେ। ସେହି ରିପୋର୍ଟରେ ତୁରନ୍ତ ମରାମତି ଓ ପୁନରୁଦ୍ଧାର ପାଇଁ ୨ କୋଟି ୫୦ ଲକ୍ଷ ୩୨ ହଜାର ଟଙ୍କା ଅନୁଦାନ ଦେବାକୁ ଅନୁରୋଧ କରାଯାଇଥିଲା । ଉକ୍ତ ରିପୋର୍ଟକୁ ଯାଜପୁର ଜିଲାପାଳ ମଧ୍ୟ ସୁପାରିସ କରିଥିଲେ । ଏହାପରେ ଏସ୍‌ଆର୍‌ସି ପାଣ୍ଠିରୁ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ବିଭାଗର ଇଞ୍ଜିନିୟର-ଇନ-ଚିଫ୍‌ଙ୍କ ପତ୍ରସଂଖ୍ୟା ୧୦୫୨ ଓ ୧୮୪୩/୧।୨।୨୦୧୯ ଜରିଆରେ ଯାଜପୁର ଆର୍‌ଡବ୍ଲ୍ୟୁଏସ୍‌ଏସ୍‌କୁ ୧ କୋଟି ୫୩ ଲକ୍ଷ ୯୭ ହଜାର ଟଙ୍କା ମିଳିଥିଲା। ସେହି ଅର୍ଥରୁ ୧ କୋଟି ୫୨ ଲକ୍ଷ ୮୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ୟୁସିରେ ଦର୍ଶାଯାଇଥିଲା। କିନ୍ତୁ ବାସ୍ତବରେ ଏହିସବୁ ପ୍ରକଳ୍ପ ତିତଲି ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇ ନ ଥିଲା। କେବଳ ପ୍ରକଳ୍ପରେ ରଙ୍ଗ ଲଗାଇ ମିଥ୍ୟା ବିଲ୍ କରାଯାଇ ସମୁଦାୟ ଟଙ୍କାକୁ ଆତ୍ମସାତ୍ କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଥିଲା। ଅନୁରୂପ ଭାବେ ଗତ ଜୁଲାଇ ଓ ଅଗଷ୍ଟରେ ହୋଇଥିବା ବନ୍ୟା ଯୋଗୁ ପ୍ରାୟ ୭୦ଟି ପିଡବ୍ଲ୍ୟୁଏସ୍ କ୍ଷତିଗ୍ରସ୍ତ ହୋଇଥିବା ଦର୍ଶାଇ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ବାଟମାରଣା ହୋଇଥିବା ସନ୍ଦେହ କରାଯାଉଛି। ବନ୍ୟା ପ୍ରଭାବରେ ବରୀ, ଯାଜପୁର, ବିଞ୍ଝାରପୁର ଓ ଦଶରଥପୁର ବ୍ଲକର କେତେକ ପିଡବ୍ଲ୍ୟୁଏସ୍ କ୍ଷତିଗ୍ରସ୍ତ ହୋଇଥିଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ହେଲେ ମରାମତି ବାବଦରେ ପ୍ରାୟ ଦେଢଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ନ ଥିବ ବୋଲି ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଆର୍‌ଡବ୍ଲ୍ୟୁଏସ୍‌ଏସ୍‌ର ନିର୍ବାହୀ ଯନ୍ତ୍ରୀ ମୋତିଲାଲ ତିୱାରୀଙ୍କୁ ପଚାରିବାରୁ ସେ କହିଛନ୍ତି, ମୁଁ ଏଠାରେ ଗତ ଜାନୁୟାରୀ ମାସରେ ଯୋଗଦେଇଛି। ବନ୍ୟା କ୍ଷତିଗ୍ରସ୍ତ ପିଡବ୍ଲ୍ୟୁଏସ୍‌ଏସ୍‌ର ମରାମତି କାମ ଶେଷ ହେଲା ପରେ ୟୁସି ଦାଖଲ ହୋଇ ସାରିଥିବ। ୪୫ ଦିନ ମଧ୍ୟରେ ଏହି କାମ ଶେଷ ହୋଇଥାଏ ।

# ପ୍ରସଙ୍ଗକୁ ଜୋର୍‌ଦାର କର: ଚେଲ୍ଲାକୁମାର

## କଂଗ୍ରେସ ବିଧାୟକ ଦଳ ବୈଠକ


- ପ୍ରଭାରୀଙ୍କ ପାଖରେ ସଭାପତି ପରିବର୍ତ୍ତନ ଦାବି

**ଭୁବନେଶ୍ୱର, ୧୮।୨(ବ୍ୟୁରୋ)**

କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବା ପାଇଁ ଦଳର ରାଜ୍ୟ ପ୍ରଭାରୀ ଚେଲ୍ଲାକୁମାର ବିଭିନ୍ନ ନେତାଙ୍କ ସହ ଗୁରୁବାର ଆଲୋଚନା କରିଛନ୍ତି। କ'ଣ ପାଇଁ ଦଳର ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେଉଛି ଏବଂ ତୃଣମୂଳସ୍ତରରୁ କର୍ମୀଙ୍କୁ ସକ୍ରିୟ କରିବା ଲାଗି କେଉଁଭଳି ଆଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ ସେନେଇ ଚେଲ୍ଲାକୁମାର ଗୁରୁତ୍ୱ ଦେଇଛନ୍ତି। ଦିନିକିଆ ଓଡ଼ିଶା ଗସ୍ତରେ ଆସି ସେ ସନ୍ଧ୍ୟାରେ ବିଧାୟକ ଦଳ ବୈଠକ ମଧ୍ୟ କରିଛନ୍ତି। ଏଥିରେ ଦଳର ପ୍ରାୟ ସମସ୍ତ ବିଧାୟକ, ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଉପସ୍ଥିତ ଥିଲେ। ଆଗକୁ ସବୁବେଳେ ପିସିସି ଏବଂ ବିଧାୟକ ଦଳ ମିଳିତଭାବେ ବୈଠକ କରିବା ଲାଗି ସେ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଭଳି ବୈଠକ ଦ୍ୱାରା ଦଳର ସଙ୍ଗଠନ ଅଧିକ ମଜଭୁତ ହେବ ବୋଲି ସେ କହିଛନ୍ତି। ଅନ୍ୟପଟେ ଚଳିତ ବଜେଟ ଅଧିବେଶନରେ ସବୁ ବିଧାୟକ ଏକତ୍ରିତ ହୋଇ ତେଲ ଦର ବୃଦ୍ଧି, ଧାନ ସଂଗ୍ରହ ହୋଇ ନ ପାରିବା, କୋଟିଆ ସୀମା ବିବାଦ ଏବଂ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଜୋର୍‌ଦାର ବିରୋଧ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଛନ୍ତି। ଏହି ସମୟରେ ସବୁ ବିଧାୟକମାନେ ଏକାଠି ହେବା ଉପରେ ମଧ୍ୟ ତାଙ୍କ ଗୁରୁତ୍ୱ ସହକାରେ ନିର୍ଦ୍ଦେଶ ଦେଇଛନ୍ତି। ଦଳର ସବୁ ନେତାଙ୍କୁ ଏକାଠି କରିବା ଉପରେ ଚେଲ୍ଲାକୁମାର ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ନିକଟରେ ପିସିସି ପରିବର୍ତ୍ତନ ହେବାର ନାହିଁ। ତେଲଦର ବୃଦ୍ଧି ନେଇ ଓଡ଼ିଶା ବନ୍ଦ ଏବଂ ବ୍ରହ୍ମପୁର ସମାବେଶ କାର୍ଯ୍ୟକ୍ରମ ସଫଳତାର ସହ କରାଯାଇଛି। ପିସିସି ଠିକ୍ ଭାବେ କାର୍ଯ୍ୟ କରୁଥିବା ସେ କହିଛନ୍ତି। ଅନ୍ୟପଟେ ଲଗାତର ନିରଞ୍ଜନଙ୍କ ବିରୋଧରେ ଏକାଠି ହେଉଥିବା ନେତାମାନେ ପୁଣିଥରେ ଗୁରୁବାର ଦଳର ପ୍ରଭାରୀଙ୍କୁ ଭେଟି ଏକ ଚିଠି ପ୍ରଦାନ କରିବା ସହ ପିସିସି ସଭାପତି ପରିବର୍ତ୍ତନ ପ୍ରସଙ୍ଗ ଉଠାଇଛନ୍ତି।

ପିସିସି ପ୍ରଭାରୀଙ୍କ ନିକଟରେ ସମସ୍ତ ଅସନ୍ତୁଷ୍ଟ ନେତା ଏକାଠି ବସି ଏନେଇ ଆଲୋଚନା କରିଛନ୍ତି। ଅସନ୍ତୁଷ୍ଟ ନେତାମାନେ ଏହି ଅବସରରେ ତାଙ୍କୁ କହିଛନ୍ତି, କଂଗ୍ରେସର ପୁନରୁଦ୍ଧାର ପାଇଁ ପିସିସି ସଭାପତି ପରିବର୍ତ୍ତନ ଜରୁରୀ। ୨୦୧୯ ସାଧାରଣ ନିର୍ବାଚନରେ ଦଳର ଭୋଟ ହାର ୨୬ରୁ ୧୩ ପ୍ରତିଶତକୁ କମିଯାଇଛି। ବିଧାନସଭା ସଦସ୍ୟଙ୍କ ସଂଖ୍ୟା ସର୍ବନିମ୍ନ ୯କୁ ହ୍ରାସ ପାଇଛି। ଜିଲା ପରିଷଦ ଉପନିର୍ବାଚନରେ ଦଳର ପ୍ରଦର୍ଶନ ନୈରାଶ୍ୟଜନକ ବୋଲି ଜଣାପଡିଛି। ଗତ ୨ ବର୍ଷରେ ହଜାର ହଜାର କର୍ମୀ ଦଳ ମଧ୍ୟ ଛାଡ଼ିଛନ୍ତି। ସେମାନଙ୍କୁ ଅଟକାଇବାରେ ମଧ୍ୟ ଦଳର ନେତୃତ୍ୱ ଫେଲ୍ ମାରିଛନ୍ତି। ଦୁଇଟି ଆସନରୁ ଗତ ସାଧାରଣ ନିର୍ବାଚନରେ ଲଢି ନିରଞ୍ଜନ ହାରି ନିଜର ନୈତିକ ଦାୟିତ୍ୱ ନେଇଛନ୍ତି। ନିଜ ଆଡୁ ପିସିସି ସଭାପତି ପଦରୁ ଇସ୍ତଫା ଦେବା କେବଳ ଲୋକ ଦେଖାଣିଆ ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ଆଗକୁ ପିପିଲି ଉପନିର୍ବାଚନ ଏବଂ ପୌର ଓ ପଞ୍ଚାୟତ ନିର୍ବାଚନ ଆସୁଛି। କଂଗ୍ରେସ ଭବିଷ୍ୟତ ପାଇଁ ନେତୃତ୍ୱ ବଦଳାଇବାକୁ ଅସନ୍ତୁଷ୍ଟ ନେତାମାନେ ଦାବି କରିଛନ୍ତି। ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମାଙ୍କ ସମେତ ଅନ୍ୟମାନେ ଲିଖିତ ଆକାରରେ ପ୍ରଭାରୀଙ୍କୁ ଏହା ଜଣାଇବା ସହ ଏନେଇ ହାଇକମାଣ୍ଡଙ୍କ ସହ ଆଲୋଚନା ଲାଗି ପ୍ରସ୍ତାବ ରଖିଥିବା ଜଣାପଡିଛି।

# ବିଶ୍ୱ ହାଇଡ୍ରୋଜେନ୍ ମାନଚିତ୍ରରେ ଅଗ୍ରଣୀ ନେତୃତ୍ୱ ନେବ ଭାରତ: ଧର୍ମେନ୍ଦ୍ର



ଇଚ୍ଛାପତ୍ର ସ୍ୱାକ୍ଷର ସମାରୋହରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ।

**ଭୁବନେଶ୍ୱର, ୧୮।୨(ବ୍ୟୁରୋ)**

ଭାରତରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଅନ୍ ହାଇଡ୍ରୋଜେନ୍ ପ୍ରତିଷ୍ଠା ପାଇଁ 'ଇଣ୍ଡିଆନ ଅଏଲ' ଏବଂ 'ଗ୍ରୀନ୍‌ସାଟ୍ ହାଇଡ୍ରୋଜେନ୍ ଇଣ୍ଡିଆ' କମ୍ପାନୀ ମଧ୍ୟରେ ଗୁରୁବାର ନୂଆଦିଲ୍ଲୀରେ ଇଚ୍ଛାପତ୍ର ସ୍ୱାକ୍ଷର (ଷ୍ଟେଟମେଣ୍ଟ ଅଫ୍ ଇଣ୍ଟେଣ୍ଟ) ସମାରୋହ ଅନୁଷ୍ଠିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଲେ, ସେଣ୍ଟର ଅଫ୍ ଏକ୍ସିଲେନ୍ସ ଅନ୍ ହାଇଡ୍ରୋଜେନ୍ ସ୍ଥିର ମୂଲ୍ୟ ଓ ବୈଷୟିକ ସମାଧାନର ବିକାଶ, ହାଇଡ୍ରୋଜେନର ସଂରକ୍ଷଣ ଏବଂ ଉତ୍ପାଦନର ବ୍ୟବସାୟ ମଡେଲ ପ୍ରସ୍ତୁତ କରିବ। ଟେକ୍ନୋଲୋଜି ଶେୟାରିଂ, ଟ୍ରାନ୍ସଫର ମାଧ୍ୟମରେ ଫ୍ୟୁଏଲ ସେଲ୍ ଏବଂ ସିସିୟୁଏସ୍ ଟେକ୍ନୋଲୋଜିର ବିକାଶ କରାଯିବ। ହାଇଡ୍ରୋଜେନ୍ ଶକ୍ତି ଭାଲ୍ୟୁଚେନ୍‌ରେ ଘରୋଇ ଦକ୍ଷତା ବିକାଶ ଦିଗରେ 'ଇଣ୍ଡିଆନ ଅଏଲ' ଏବଂ 'ଗ୍ରୀନ୍‌ସାଟ୍ ହାଇଡ୍ରୋଜେନ୍ ଇଣ୍ଡିଆ'ର ମିଳିତ ଉଦ୍ୟମରେ ଭାରତ ବିଶ୍ୱ ହାଇଡ୍ରୋଜେନ୍ ମାନଚିତ୍ରରେ ଅଗ୍ରଣୀ ନେତୃତ୍ୱ ନେବ ବୋଲି ସେ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ହାଇଡ୍ରୋଜେନ ସମେତ ଭବିଷ୍ୟତର ଇନ୍ଧନ ପାଇଁ କାର୍ଯ୍ୟ ଜାରି ରହିଥିବା କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

# 'ଟିକା ବିକାଶରେ ଆଇଏଲ୍‌ଏସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ଭୁବନେଶ୍ୱର, ୧୮।୨(ବ୍ୟୁରୋ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କ ନେତୃତ୍ୱରେ ଭାରତ କୋଭିଡ୍-୧୯ ମୁକାବିଲାରେ ସଫଳ ହୋଇଛି। କୋଭିଡ୍-୧୯ ମହାମାରୀ ବିରୋଧୀ ଲଢ଼େଇ ବିଶେଷ ଭାବେ ସ୍ୱଦେଶୀ ଟିକା ବିକାଶ ଏବଂ ନିରାକରଣରେ ଗବେଷଣାକୁ ପ୍ରୋତ୍ସାହନ ଦେବାରେ ଭୁବନେଶ୍ୱର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ (ଆଇଏଲ୍‌ଏସ୍) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସେହିପରି ରାଜ୍ୟବାସୀଙ୍କ ଜୀବନ ଓ ଜୀବିକା କ୍ଷେତ୍ରରେ ଯୋଗଦାନ ଦେବା ପାଇଁ ସେ ଆଇଏଲ୍‌ଏସ୍‌କୁ ଆହ୍ୱାନ ଦେଇଛନ୍ତି । ଗୁରୁବାର ଭୁବନେଶ୍ୱର ଆଇଏଲ୍‌ଏସ୍‌ର ୩୨ତମ ପ୍ରତିଷ୍ଠା ଦିବସ ସମାରୋହରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ମାନବ ସ୍ୱାସ୍ଥ୍ୟ, କୃଷି ଏବଂ ପରିବେଶର ସାମଗ୍ରିକ ବିକାଶ ସହିତ ଉଚ୍ଚମାନର ଶୃଙ୍ଖଳିତ ଗବେଷଣା କରିବାରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ ଭୁବନେଶ୍ୱର ଅଗ୍ରଣୀ ଭୂମିକା ନେଇଛି। ସେହିପରି ମେକ୍ ଇନ୍ ଇଣ୍ଡିଆକୁ ମଜଭୁତ କରିବା ଦିଗରେ ଏହା ସହଯୋଗ କରୁଛି। ଉତ୍ତର-ପୂର୍ବ ତଥା ଓଡ଼ିଶାର ଆକାଂକ୍ଷୀ ଜିଲା ନବରଙ୍ଗପୁରରେ ବୈଜ୍ଞାନିକ ଜ୍ଞାନକୌଶଳର ବିକାଶ କରିବା ଦିଗରେ ମଧ୍ୟ କାର୍ଯ୍ୟ କରୁଛି। ପ୍ରତିଷ୍ଠାନର ଉତ୍ସର୍ଗୀକୃତ ମନୋଭାବ ଏବଂ ଉଦ୍ୟମ ଲୋକଙ୍କୁ ଆକାଂକ୍ଷାକୁ ପୂରଣ କରିବ। ପ୍ରଧାନମନ୍ତ୍ରଙ୍କ ଅର୍ଥନୀତି ଦୂରଦୃଷ୍ଟିରେ ଓଡ଼ିଶାର ସୁଦୀର୍ଘ ବେଳାଭୂମି ପ୍ରାଥମିକତାରେ ରହିଛି। ଓଡ଼ିଶାର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ ଏବଂ ପ୍ରାକୃତିକ ପରିବେଶ ସୁରକ୍ଷା ଦିଗରେ ଅଧିକ ଗବେଷଣା ପାଇଁ ଆଇଏଲ୍‌ଏସ୍ ଭୁବନେଶ୍ୱରଠାରେ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଅନ୍ ମେରାଇନ୍ ବାୟୋ-ଟେକ୍ନୋଲୋଜି ପ୍ରତିଷ୍ଠା କରିବା ପାଇଁ ଧର୍ମେନ୍ଦ୍ର କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଅନୁରୋଧ କରିଛନ୍ତି। ଭୁବନେଶ୍ୱରଠାରେ ଏହି କେନ୍ଦ୍ର ପ୍ରତିଷ୍ଠା ହେଲେ ରାଜ୍ୟର ସାମୁଦ୍ରିକ ଆଧାରିତ ସ୍ଥାୟୀ ଅର୍ଥନୀତି ଅଭିବୃଦ୍ଧିର ବାଟ ଖୋଲିପାରିବ ବୋଲି ସେ କହିଛନ୍ତି।

# ପୁଅ ମାଡ଼ରେ ଆହତ ମା' ମନ୍ଦିରରୁ ଉଦ୍ଧାର

**ଜଗତ୍‌ସିଂହପୁର ଅଫିସ, ୧୮।୨**

ପୁଅ ମାଡ଼ରେ ଆହତ ହୋଇଥିବା ମା'ଙ୍କୁ ଗାଁ ନିକଟ ଗ୍ରାମଦେବତୀଙ୍କ ମନ୍ଦିରରୁ ପୋଲିସ ଅସହାୟ ଅବସ୍ଥାରେ ଉଦ୍ଧାର କରି ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେ ହେଲେ ଜଗତ୍‌ସିଂହପୁର ବ୍ଲକ ସାଁପୁର ଗ୍ରାମର ସ୍ୱର୍ଗତ ରବୀନ୍ଦ୍ର ମୁଦୁଲିଙ୍କ ସ୍ତ୍ରୀ ଶାନ୍ତିଲତା ମୁଦୁଲି । ଗୁରୁବାର ତାଙ୍କ ମୌନବ୍ରତ ଥିବାରୁ ପୂର୍ଣ୍ଣ ତଥ୍ୟ ମିଳିପାରିନାହିଁ। ଶୁକ୍ରବାର ଶାନ୍ତିଲତାଙ୍କ ବୟାନ ଆଧାରରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୋଲିସ କହିଛି। ଏଭଳି ଅବସ୍ଥା ସମ୍ପର୍କରେ ସାଁପୁର ଗ୍ରାମର କେତେଜଣ ଲୋକ ରାଧାକୃଷ୍ଣ କ୍ଲବର ଦୃଷ୍ଟି ଆକର୍ଷଣ କରିଥିଲେ। କ୍ଲବ ପକ୍ଷରୁ ସୂଚନାପାଇ ସଖୀ ୱାନ୍ ଷ୍ଟପ ସେଣ୍ଟରର ଅନ୍ନପୂର୍ଣ୍ଣା ଦାସ ଓ ସହାୟକ ରଶ୍ମିରଞ୍ଜନ ଦାସ ମନ୍ଦିରରେ ପହଞ୍ଚିଥିଲେ। ପରେ ସେମାନେ ଜଗତ୍‌ସିଂହପୁର ଥାନା ଆଇଆଇସି ରଜନୀକାନ୍ତ ମିଶ୍ରଙ୍କୁ ଖବର ଦେଇଥିଲେ। ଏ ସମ୍ପର୍କରେ କ୍ଲବ ପକ୍ଷରୁ କୁହାଯାଇଛି ଶାନ୍ତିଲତାଙ୍କ ପୁଅ ମା'ଙ୍କୁ ଖାଇବାକୁ ପିଇବାକୁ ନ ଦେଇ ସବୁବେଳେ ନିର୍ଯାତନା ଦେଉଥିଲେ। ଭୟରେ ଶାନ୍ତିଲତା ବନ୍ଧୁବାନ୍ଧବଙ୍କ ଘରେ ଆଶ୍ରୟ ନେଉଥିଲେ। ବୁଧବାର ସେ ନିଜ ଘରକୁ ଯାଇଥିଲେ। ଏହି ସମୟରେ ପୁଅ ତାଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ। ଏନେଇ ଶାନ୍ତିଲତା ଘରଠାରୁ କିଛି ଦୂର ଥିବା ଗ୍ରାମ ଦେବତୀ ମନ୍ଦିରରେ ଆଶ୍ରୟ ନେଇଥିଲେ।


## ସର୍ବସାଧାରଣ ଘୋଷଣା

(ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ବୋର୍ଡ ଅଫ୍ ଇଣ୍ଡିଆ (ପରିସମାପନ ପ୍ରକ୍ରିୟା) ରେଗୁଲେଶନ୍ସ, ୨୦୧୬ର ରେଗୁଲେଶନ୍ ୩୨ ଓ ୩୩ ଅଧୀନରେ)

| ସମ୍ପର୍କିତ ବିବରଣୀ | | |
|---|---|---|
| ୧ | କର୍ପୋରେଟ୍ ଋଣୀଙ୍କ ନାମ | ମା' ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ |
| ୨ | କର୍ପୋରେଟ୍ ଋଣୀଙ୍କ ନିଗମୀକରଣ ତାରିଖ | ଡିସେମ୍ବର ୧୫, ୨୦୦୮ |
| ୩ | କର୍ତ୍ତୃପକ୍ଷ ଯାହାଙ୍କ ଅଧୀନରେ କର୍ପୋରେଟ୍ ଋଣୀ ନିଗମୀକୃତ/ପଞ୍ଜୀକୃତ ହୋଇଥିଲେ | କମ୍ପାନୀ ନିବନ୍ଧକ – କଟକ |
| ୪ | କର୍ପୋରେଟ୍ ଋଣୀଙ୍କ କର୍ପୋରେଟ୍ ପରିଚୟ ସଂଖ୍ୟା/ସୀମିତ ଉତ୍ତରଦାୟିତା ପରିଚୟ ସଂଖ୍ୟା | ୟୁ୪୦୧୦୨ଓଆର୍୨୦୦୮ପିଏଲ୍‌ସି୦୧୦୫୦୧ |
| ୫ | କର୍ପୋରେଟ୍ ଋଣୀଙ୍କ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣା ଏବଂ ପ୍ରଧାନ କାର୍ଯ୍ୟାଳୟ (ଯଦି ଥାଏ) | **ପଞ୍ଜୀକୃତ କାର୍ଯ୍ୟାଳୟ:** ସିଏଡିଡି ସେଣ୍ଟର ବିଲ୍ଡିଂ, ୨ୟ ମହଲା, ପ୍ରେସ୍ ଛକ, ମଧୁପାଟଣା, କଟକ, ଓଡ଼ିଶା – ୭୫୩୦୧୦ **କାରଖାନା ଅବସ୍ଥିତି:** ବଇଁଚୁଆ, ଟାଙ୍ଗୀ, କଟକ– ୭୫୪୦୨୨, ଓଡ଼ିଶା |
| ୬ | କର୍ପୋରେଟ୍ ଋଣୀଙ୍କ ପରିସମାପନ ଆରମ୍ଭ ତାରିଖ | ଜୁନ୍ ୨୫, ୨୦୧୯ |
| ୭ | ପରିସମାପକଙ୍କ ନାମ, ଠିକଣା, ଇମେଲ୍ ଠିକଣା, ଟେଲିଫୋନ ନମ୍ବର ଏବଂ ପଞ୍ଜୀକରଣ ନମ୍ବର | **ନାମ: ପଙ୍କଜ ଧାନୁକା** ଆଇବିବିଆଇ ସହିତ ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬ ପଞ୍ଜୀକୃତ ଇମେଲ୍ ଠିକଣା: pankajdhanuka@gmail.com ଟେଲିଫୋନ୍: +୯୧ ୯୮୩୦୦ ୧୮୧୨୮ **ପଞ୍ଜୀକରଣ ନଂ.:** ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧ **ଯୋଗାଯୋଗ ଠିକଣା:** ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ – ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ – ଇପି ଏବଂ ଜିପି, ସେକ୍ଟର – ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ ଯୋଗାଯୋଗ ଇମେଲ୍ ଠିକଣା: inmtpclip@deloitte.com |
| ୮ | ଇ-ନିଲାମର ତାରିଖ | **ନିଲାମ ଆରମ୍ଭ ତାରିଖ ଓ ସମୟ: ମାର୍ଚ୍ଚ ୧୩, ୨୦୨୧ @ ପୂ. ୧୧.୦୦ ଘ. ନିଲାମ ସମାପ୍ତିର ତାରିଖ ଓ ସମୟ: ମାର୍ଚ୍ଚ ୧୩, ୨୦୨୧ @ ଅ. ୦୪.୩୦ ଘ.** |
| ୯ | ପ୍ରକ୍ରିୟା ଦସ୍ତାବିଜ୍ ହାସଲର ପଦ୍ଧତି | ନିଲାମ ପ୍ରକ୍ରିୟାର ସବିଶେଷ ନିୟମ ଓ ସର୍ତ୍ତାବଳୀ ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ଅଟେ, ଯାହାକୁ ବିଡର୍‌ମାନେ inmtpclip@deloitte.comକୁ ଇମେଲ୍ ଅନୁରୋଧ ପଠାଇ ହାସଲ କରିପାରିବେ। |
| ୧୦ | ପ୍ରକ୍ରିୟା ଦସ୍ତାବିଜ ହାସଲର ଶେଷ ତାରିଖ | ମାର୍ଚ୍ଚ ୧୧, ୨୦୨୧ |
| ୧୧ | ନିଲାମ ପ୍ରକ୍ରିୟାର ବିଷୟବସ୍ତୁ | କର୍ପୋରେଟ୍ ଋଣୀଙ୍କୁ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା |
| ୧୨ | ବିଡ୍ ଦାଖଲର ପଦ୍ଧତି | ପ୍ରକ୍ରିୟା ଦସ୍ତାବିଜରେ ନିର୍ଦ୍ଧାରିତ ହୋଇଥିବା ଅନୁଯାୟୀ, ଯାହା କର୍ପୋରେଟ୍ ଋଣୀଙ୍କ ପରିସମାପକଙ୍କ ଦ୍ୱାରା ଜାରି ହେବ। |
| ୧୩ | ବିକ୍ରୟ ମାଧ୍ୟମ | ବିକ୍ରୟ ମାଧ୍ୟମ ହେଉଛି ଖୋଲା ଇ-ନିଲାମ, ଯେଉଁଠାରେ ବିଡର୍‌ମାନେ ଖୋଲା ସମୟ ଅବଧି ମଧ୍ୟରେ ଅନ୍ୟାନ୍ୟ ବିଡର୍‌ମାନଙ୍କର ପ୍ରତିଯୋଗିତାମୂଳକ ବିଡ୍ ଦେଖିପାରିବେ। କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ ଅଧିଗ୍ରହଣ କରିବା 'ଯେପରି ଅଛି ଯେଉଁଠାରେ ଅଛି' ଭିତ୍ତିରେ କରାଯିବ ଏବଂ କର୍ପୋରେଟ୍ ଋଣୀଙ୍କ ଅଥବା ପରିସମାପକଙ୍କ ଦ୍ୱାରା କୌଣସି ପ୍ରତିନିଧିତ୍ୱ, ୱାରେଣ୍ଟି ଅଥବା କ୍ଷତିପୂରଣ ଦିଆଯିବ ନାହିଁ । |
| ୧୪ | ସଂରକ୍ଷିତ ମୂଲ୍ୟ | ଏକ ଚାଲୁ ବ୍ୟବସାୟ ଭାବେ କର୍ପୋରେଟ୍ ଋଣୀଙ୍କ ଏହି ଇ-ନିଲାମ ସଞ୍ଚାଳନ ଉଦ୍ଦେଶ୍ୟରେ ସଂରକ୍ଷିତ ମୂଲ୍ୟକୁ **ଆଇଏନ୍‌ଆର୍ ୫୦ କୋଟି** ଭାବେ ନିର୍ଦ୍ଧାରଣ କରାଯାଇଛି। |
| ୧୫ | ଅମାନତ ରାଶି ଜମାର ଆବଶ୍ୟକତା | କମ୍ପାନୀ ଏବଂ ଏକ ଚାଲୁ ବ୍ୟବସାୟ ଭାବେ ଏହାର ବ୍ୟବସାୟକୁ ଅଧିଗ୍ରହଣ କରିବା ନିମନ୍ତେ ବିଡ୍ କରିବା ପାଇଁ ବିଡର(ମାନ)ଙ୍କୁ **ଆଇଏନ୍‌ଆର୍ ୫୦ ଲକ୍ଷର** ଅମାନତ ରାଶି ଜମା (''ଇଏମ୍‌ଡି'') ଦାଖଲ କରିବାକୁ ହେବ । |

**ଦ୍ରଷ୍ଟବ୍ୟ:** ଏଠାରେ ସନ୍ନିହିତ କୌଣସି ଲେଖା କର୍ପୋରେଟ୍ ଋଣୀଙ୍କୁ ଏକ ଚାଲୁ ବ୍ୟବସାୟ ଭାବେ କିମ୍ବା ଏହାର ପରିସମ୍ପତ୍ତିକୁ ବିକ୍ରି କରିବାର ଏକ ବାଧ୍ୟତାମୂଳକ ଯାଚନା କିମ୍ବା ପ୍ରତିବଦ୍ଧତା ନୁହେଁ ।

ବିଡର୍‌ମାନେ ଏହା ଧ୍ୟାନରେ ରଖିବା ଜରୁରୀ ଯେ ଉପରଦର୍ଶିତ ନିଲାମ ପ୍ରକ୍ରିୟା ଇନ୍‌ସଲ୍‌ଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି ସଂହିତା, ୨୦୧୬ (''ସଂହିତା'') ଏବଂ ତାହା ଅଧୀନ ସମ୍ପର୍କିତ ବ୍ୟବସ୍ଥାପନ ଅନୁଯାୟୀ ସଞ୍ଚାଳିତ ହେଉଛି । ସଂହିତାର ଧାରା ୫୨ ସହିତ ପଠନପୂର୍ବକ ପ୍ରଯୁଜ୍ୟ ନିୟମାବଳୀର ନିୟମ ଅନୁଯାୟୀ ବିଦ୍ୟମାନ ପ୍ରଭାରୀଙ୍କ ଦ୍ୱାରା କର୍ପୋରେଟ ଋଣୀଙ୍କ କୌଣସି ପରିସମ୍ପତ୍ତି ଆଦାୟକରଣ କ୍ଷେତ୍ରରେ, ସମ୍ପୃକ୍ତ ପ୍ରଭାରୀଙ୍କ ଦ୍ୱାରା ଏପରି ବିକଳ୍ପର ପ୍ରୟୋଗ ଯେପରି ଓ ଯେବେ କରାଯିବ, ସେହି ପରିସମ୍ପତ୍ତିଟି ପରିସମାପକଙ୍କ ଦ୍ୱାରା ସଞ୍ଚାଳନ କରାଯାଉଥିବା ନିଲାମ ପ୍ରକ୍ରିୟାର ପରିସରରୁ ବହିର୍ଭୂତ ହୋଇଯିବ।

ଏହି ଆମନ୍ତ୍ରଣ ସମେତ ସମୟରେଖା କିମ୍ବା ସେଥିରେ ଅନ୍ତର୍ଭୁକ୍ତ ପ୍ରକ୍ରିୟାଗୁଡ଼ିକୁ ବିନା କୌଣସି କାରଣ ଦର୍ଶାଇ, ଯେକୌଣସି ସମୟରେ ଓ ଯେକୌଣସି ଉପାୟରେ ସଂଶୋଧନ ଏବଂ/କିମ୍ବା ରଦ୍ଦ କରିବାର ଅଧିକାର ପରିସମାପକଙ୍କ ନିକଟରେ ସଂରକ୍ଷିତ। ଆମନ୍ତ୍ରଣ ସମେତ ଉପରଦର୍ଶିତ ସମୟରେଖାରେ ଏପରି କୌଣସି ସଂଶୋଧନ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ www.mtpcl.inରେ ଅଧିସୂଚିତ ହେବ।

ମା' ଦୁର୍ଗା ଥର୍ମାଲ ପାୱାର କମ୍ପାନୀ ଲିମିଟେଡ୍ ପାଇଁ
ସ୍ୱା./- ପଙ୍କଜ ଧାନୁକା
ମୀମାଂସା ବୃତ୍ତିଧାରୀ - ପଞ୍ଜୀକରଣ ନଂ.: ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୧୨୦୫/୨୦୧୮-୨୦୧୯/୧୧୯୧୧
ପଞ୍ଜୀକୃତ ଠିକଣା: ଏଫ୍‌ଇ ୩୨୮, ସେକ୍ଟର ୩, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ୭୦୦୧୦୬
ପଞ୍ଜୀକୃତ ଇମେଲ୍: pankajdhanuka@gmail.com
ଯୋଗାଯୋଗ ଠିକଣା:
ଡିଲୋଏଟେ ଟଚେ ତୋହମାସୁ ଇଣ୍ଡିଆ ଏଲ୍‌ଏଲ୍‌ପି, ୧୩ ମହଲା, ବିଲ୍ଡିଂ - ଓମେଗା, ବେଙ୍ଗଲ ଇଣ୍ଟେଲିଜେଣ୍ଟ ପାର୍କ, ବ୍ଲକ୍ - ଇପି ଏବଂ ଜିପି, ସେକ୍ଟର - ଭି, ସଲ୍ଟ ଲେକ୍ ସିଟି, ପଶ୍ଚିମବଙ୍ଗ ୭୦୦୦୯୧ ଯୋଗାଯୋଗ ଇମେଲ୍: inmtpclip@deloitte.com
ତାରିଖ: ଫେବୃୟାରୀ ୧୯, ୨୦୨୧
ସ୍ଥାନ: କୋଲକାତା



## ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଚମ୍ପୁଆ

ବିଜ୍ଞାପନ ନଂ.୨୧୮ ତାରିଖ ୧୭।୦୨।୨୦୨୧

ଏତଦ୍ୱାରା ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆ ତଥା ଚମ୍ପୁଆ ଉପଖଣ୍ଡ ଅଞ୍ଚଳର ସମସ୍ତ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି କି, ଚମ୍ପୁଆ କାର୍ଯ୍ୟାଳୟ ସମ୍ମୁଖ Market Complexରେ ୦୧ ଗୋଟି, ଟୁଣ୍ଟୁଣା ସାପ୍ତାହିକ ହାଟଠାରେ ନିର୍ମିତ ହୋଇଥିବା Market Complexରେ ୦୯ ଗୋଟି ମଧ୍ୟରୁ ୦୮ (ଆଠ) ଗୋଟି ଓ ରିମୂଳି ସାପ୍ତାହିକ ହାଟଠାରେ ନିର୍ମିତ ହୋଇଥିବା ବଳକା ୦୨(ଦୁଇ) ଗୋଟି ନୂତନ ଘର (ବିପଣନ ଗୃହ)ଗୁଡିକୁ ନିମ୍ନଲିଖିତ ସର୍ତ୍ତାବଳୀ ମୁତାବକ ଭଡା ସୂତ୍ରରେ ଆବଣ୍ଟନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଅଛି। ଏଣୁ ଯେଉଁ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀମାନେ ଉକ୍ତ ବଜାରର ବଜାର ପ୍ରାଙ୍ଗଣରେ କୃଷିଜାତ ଦ୍ରବ୍ୟ ଓ କୃଷିଭିତ୍ତିକ ଦ୍ରବ୍ୟର (ସାର, ଲୁଣ, ଶୁଖୁଆ ବ୍ୟତୀତ) ବ୍ୟବସାୟ କରିବାକୁ ଇଚ୍ଛୁକ ଅଟନ୍ତି, ସେମାନେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଚମ୍ପୁଆ ଠିକଣାରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ମୁଦ ଲଫାପାରେ ରେଜେଷ୍ଟ୍ରି ଡାକ / କ୍ଷିପ୍ର ଡାକ ମାଧ୍ୟମରେ ଆବେଦନ କରିପାରିବେ। ଦରଖାସ୍ତ ଫର୍ମ ବିକ୍ରି ଆରମ୍ଭ ଆସନ୍ତା ତା୨୨।୦୨।୨୦୨୧ ଏବଂ ଦରଖାସ୍ତ ଗ୍ରହଣ ଶେଷ ତାରିଖ – ୧୦।୦୩।୨୦୨୧ ଅପରାହ୍ନ ୦୫.୦୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଅଛି। ଧାର୍ଯ୍ୟ ତାରିଖ ସମୟ ପରେ ଡାକ ଯୋଗେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ। ଦରଖାସ୍ତ ଫର୍ମଗୁଡିକ ତାରିଖ ୧୧।୦୩।୨୦୨୧ ପୂର୍ବାହ୍ନ ୧୧.୩୦ ଘଟିକା ସମୟରେ ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆ, କାର୍ଯ୍ୟାଳୟଠାରେ ଦରଖାସ୍ତକାରୀ କିମ୍ବା ତାଙ୍କର ପ୍ରାଧିକୃତ ବ୍ୟକ୍ତିଙ୍କ ସମ୍ମୁଖରେ ଯାଞ୍ଚ କରାଯାଇ (Lottery) ଲଟେରି ମାଧ୍ୟମରେ ଦରଖାସ୍ତକାରୀଙ୍କୁ ଆବଣ୍ଟନ କରାଯିବ।

| କ୍ରମିକ ସଂଖ୍ୟା | ସ୍ଥାନ | ଅମାନତ ରାଶି | ମାସିକ ଭଡ଼ା |
|---|---|---|---|
| ୦୧ | ଚମ୍ପୁଆ ବଜାର ପ୍ରାଙ୍ଗଣ (ଅଫିସ କାର୍ଯ୍ୟାଳୟ ସମ୍ମୁଖ Market Complexର ଉପର ମହଲଠାରେ) | ଟ୨,୦୦,୦୦୦/- | ଟ୧,୦୦୦/- |
| ୦୨ | ରିମୂଳି ବଜାର ପ୍ରାଙ୍ଗଣ (ସାପ୍ତାହିକ ହାଟ Market Complex ଠାରେ) | ଟ୬୦,୦୦୦/- | ଟ୬୦୦/- |
| ୦୩ | ଟୁଣ୍ଟୁଣା ବଜାର ପ୍ରାଙ୍ଗଣ (ସାପ୍ତାହିକ ହାଟ Market Complex ଠାରେ) | ଟ୪୦,୦୦୦/- | ଟ୪୦୦/- |

୨. ଉକ୍ତ ଦୋକାନ ଘରଗୁଡିକୁ କେବଳ ଚମ୍ପୁଆ ଉପଖଣ୍ଡର ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଦିଆଯିବ।
୩. ଟୁଣ୍ଟୁଣା ବଜାର ପ୍ରାଙ୍ଗଣର ଦୋକାନ ଘର ମଧ୍ୟରୁ ଏକ ଗୋଟି ଦୋକାନ ଘର ଶାରୀରିକ ଅକ୍ଷମ (ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ)ମାନଙ୍କ ପାଇଁ ଉଦ୍ଦିଷ୍ଟ ଅଟେ।
୪. ଦରଖାସ୍ତ ଫର୍ମ ଟ୧୦୦/- (ଏକଶତ ଟଙ୍କା) ମାତ୍ର ନଗଦ ଦେୟ / ବ୍ୟାଙ୍କ ଡ୍ରାଫ୍ଟ ଦାଖଲ କରି କାର୍ଯ୍ୟାଳୟ ଦିବସରେ ନିୟନ୍ତ୍ରିତ ବଜାର କମିଟି, କାର୍ଯ୍ୟାଳୟଠାରୁ ପାଇପାରିବେ।
୫. ଦରଖାସ୍ତ ଫର୍ମ ସହିତ ଆବେଦନକାରୀଙ୍କ ପ୍ରଥମ ମାସର ଭଡ଼ା ଓ ଅମାନତ ଟଙ୍କା (ଅଲଗା ଅଲଗା) ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆ (Secretary, Regulated Market Committee, Champua) ସପକ୍ଷରେ ଦାଖଲ କରିବେ ଏବଂ ବ୍ୟାଙ୍କ ଡ୍ରାଫ୍ଟ ବିନା ଦରଖାସ୍ତ ବିଚାର ଯୋଗ୍ୟ ନୁହେଁ ଏବଂ ଏହା ସୁଧ ବିହୀନ ଅଟେ।
୬. କେବଳ ଗୋଟିଏ ପରିବାରରୁ ଜଣେ ଚାଷୀ/କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଏକ ଗୋଟି ଦୋକାନ ଗୃହ ପାଇଁ ଆବେଦନ କରିପାରିବେ।
୭. ଯେଉଁ ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀମାନଙ୍କୁ ଉକ୍ତ ଦୋକାନ ଘରଗୁଡିକୁ ଆବଣ୍ଟନ କରାଯିବ ସେମାନେ ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆର ନୀତି ଏବଂ ନିୟମ ମାନିବାକୁ ବାଧ୍ୟ ହେବେ ଏବଂ ଏ ସମ୍ବନ୍ଧୀୟ ଏକ ଚୁକ୍ତିନାମା ସାତ ଦିନ ମଧ୍ୟରେ କର୍ତ୍ତୃପକ୍ଷଙ୍କ ସହିତ କରିବେ।
୮. ଆବେଦନକାରୀଙ୍କୁ ନିଶ୍ଚିତ ଭାବେ ଦୋକାନ ଘର ଦେବାକୁ କର୍ତ୍ତୃପକ୍ଷ ବାଧ୍ୟ ନୁହନ୍ତି ଏବଂ ଏଥି ନିମନ୍ତେ କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ଚୂଡାନ୍ତ ଅଟେ।

**ଦରଖାସ୍ତ ସହିତ ଆବଶ୍ୟକୀୟ କାଗଜପତ୍ର**

୧। ଆବେଦନକାରୀଙ୍କ ପରିଚୟପତ୍ର (ଭୋଟର କାର୍ଡ)ର ଅବିକଳ ନକଲ।
୨। ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ରର ଅବିକଳ ନକଲ।
୩। ଆବେଦନକାରୀଙ୍କ ୨ (ଦୁଇ) ଗୋଟି Passport Size Photo ।
୪। ନିୟନ୍ତ୍ରିତ ବଜାର କମିଟିଠାରୁ ହାସଲ କରିଥିବା Licence କିମ୍ବା Licence Fees ରସିଦର Xerox ବାଧ୍ୟତାମୂଳକ ଅଟେ।
୫। ଶାରୀରିକ ଅକ୍ଷମ ପ୍ରମାଣପତ୍ରର (ଯଦି ଆବଶ୍ୟକ) ଅବିକଳ ନକଲ।
୬। ଆବେଦନକାରୀ ନିଜେ କିମ୍ବା ନିଜର ସମ୍ପର୍କୀୟଙ୍କ ନାମରେ ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆ ଅନ୍ତର୍ଗତ କୌଣସି ପଞ୍ଚାୟତ, ପଞ୍ଚାୟତ ସମିତି, ବିଜ୍ଞାପିତ ଅଞ୍ଚଳ ପରିଷଦ କିମ୍ବା ମ୍ୟୁନିସିପାଲିଟିଠାରୁ କୌଣସି ଦୋକାନ ଗୃହ ଭଡା ସୂତ୍ରରେ ପାଇ ନ ଥିବାର ସତ୍ୟପାଠ ଯାହା Executive Magistrateଙ୍କଠାରୁ ପ୍ରାପ୍ତ ହୋଇଥିବ, ତାହା ଦାଖଲ କରିବା ବାଧ୍ୟତାମୂଳକ ଅଟେ।
୭। ଅମାନତ ଟଙ୍କାର ବ୍ୟାଙ୍କ ଡ୍ରାଫ୍ଟ।
୮। ପ୍ରଥମ ମାସ ଭଡାର ବ୍ୟାଙ୍କ ଡ୍ରାଫ୍ଟ।
୯। ଦରଖାସ୍ତ ଫର୍ମ ଖର୍ଚ୍ଚର ମୂଳ ରସିଦ (Original Money Receipt) ।

ଆବେଦନକାରୀଙ୍କ ଦରଖାସ୍ତକୁ କର୍ତ୍ତୃପକ୍ଷ ଆବଶ୍ୟକସ୍ଥଳେ ଖାରଜ କରିପାରିବେ।

ସ୍ୱା./- ଉପଜିଲ୍ଲାପାଳ, ଚମ୍ପୁଆ ତଥା ଅଧକ୍ଷ
ନିୟନ୍ତ୍ରିତ ବଜାର କମିଟି, ଚମ୍ପୁଆ



## ODISHA STATE ROAD TRANSPORT CORPORATION

Paribahan Bhavan, Sachivalaya Marg, Unit-II, Bhubaneswar - 751001, Odisha, India | Email: - osrtc@nic.in | Tel: - +91-674-2530908

NOTICE No.291 (En.) /OSRTC Dt.18/02/2021

**NOTICE INVITING TENDER DOCUMENT TO OPERATE OSRTC BUSES ON CHARTER (3rd Phase)**

1. Odisha State Road Transport Corporation (**OSRTC**) invites sealed Tenders for chartering of specific routes of OSRTC.
2. The tender document shall be available from **19.02.2021** onwards in the website **"www.osrtc.in"**. **Further intimation i.e. Corrigendum/ Addendum shall be uploaded in the above website only.**
3. Bidders are required to submit duly filled tender document as per the prescribed format on or before **04.03.2021 by 1.00 P.M.** The documents received shall be opened at **3.00 PM** on **04.03.2021.**
4. In case of any queries / clarifications, please contact: **0674 - 2530908** or email at **osrtc@nic.in**.
5. OSRTC reserves the right to accept or reject tender process without assigning any reason thereof.

Sd/-
General Manager (Admn.)
Odisha State Road Transport Corporation



## TPCODL
### TP CENTRAL ODISHA DISTRIBUTION LIMITED

(Purchase Department)
2nd Floor, IDCO Tower, Janpath Bhubaneshwar, Odisha 751022

**NOTICE INVITING TENDER**

**TP Central Odisha Distribution Limited (TPCODL) invites tender from eligible vendors for following:**

| Sl No | Tender Description | Tender Enquiry No. | EMD (Rs.) | Tender Fee inclusive of GST (Rs) | Last date and time of payment of Tender Fee |
|---|---|---|---|---|---|
| 1 | Rate Contract for Enforcement related activities in TPCODL area | TPCODL/P&S/ 198//2020-21 | 2,00,000 | 5,000 | 03.03.2021, 15:00 Hrs |
| 2 | Rate Contract for supply of Portable Grounding set | TPCODL/P&S/ 203/2020-21 | 1,00,000 | 5,000 | 01.03.2021, 15:00 Hrs |
| 3 | SITC for UG cabling work across Railway line near Mancheswar Railway Station under BED, Bhubaneswar | TPCODL/P&S/ 204/2020-21 | 4,00,000 | 5,000 | 03.03.2021, 15:00 Hrs |
| 4 | Supply of Split AC's at TPCODL offices | TPCODL/P&S/ 205/2020-21 | 50,000 | 5,000 | 10.03.2021, 15:00 Hrs. |

For detail tender, please visit Tender section on website https://www.tpcentralodisha.com
Interested bidders have to submit Tender Fee and Authorization Letter before Last Date and time, as indicated above, after which link from TPCODL e-tender system will be shared for further communication and bid submission. Please note that all future correspondence regarding the tender, bid submission, bid submission date extension, etc. will happen only through TPCODL E-tender system. Also all future corrigendum's if any, to be informed on Tender section on website https://www.tpcentralodisha.com

## ଚୋରା କାଠ ସହ ପିକ୍‌ଅପ୍ ଜବତ

ଢେଙ୍କିକୋଟ, (ଡି.ଏନ.ଏ.)-କେନ୍ଦୁଝର ଜିଲା ଢେଙ୍କିକୋଟ-ଖଣ୍ଡଘର ରାସ୍ତାରେ ଗୁରୁବାର ସକାଳ ୭ଟା ବେଳେ ଘଟଗାଁ ରେଞ୍ଜର ପ୍ରଭାତ କୁମାର କୁଅଁର ପାଟ୍ରୋଲିଂ କରିଥିଲାବେଳେ ଏକ ଚୋରା କାଠ ବୋଝେଇ ପିକ୍‌ଅପ୍‌କୁ ଜବତ କରିଛନ୍ତି। ଚୋରକାଠର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବବୋଲି ବନବିଭାଗ ସୂତ୍ରରୁ ପ୍ରକାଶ। ରେଞ୍ଜର୍ କୁଅଁର ଢେଙ୍କିକୋଟ ଫରେଷ୍ଟର ପୂର୍ଣ୍ଣ ଚନ୍ଦ୍ର ମହାନ୍ତ, ଘଟଗାଁ ଫରେଷ୍ଟର ଟିକେଶର ମହାନ୍ତ ଫରେଷ୍ଟ ଗାର୍ଡ ଯୋଗେଶ୍ୱର ମାଝି ପ୍ରମୁଖ ଏହି ପାଟ୍ରୋଲିଂରେ ସାମିଲଥିଲେ।

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଓସିସିଏ

**ଭୁବନେଶ୍ୱର, ୧୮।୨(ବ୍ୟୁରୋ):** କଳିଙ୍ଗ ଷ୍ଟୁଡିଓର ପୁନର୍ବିନ୍ୟାସ ନିମନ୍ତେ ରାଜ୍ୟ ସରକାର ୨୦୦ କୋଟି ଟଙ୍କା ମଞ୍ଜୁର ପାଇଁ ହୋଇଥିବା ନିଷ୍ପତ୍ତିକୁ ଓଡ଼ିଶା ସିନେ କ୍ରିଟିକ୍ ଆସୋସିଏଶନ(ଓସିସିଏ) ଓ ଷ୍ଟାର୍ ଚଳଚ୍ଚିତ୍ର ପ୍ରଯୋଜକ ପରିବାର ପକ୍ଷରୁ ସ୍ୱାଗତ କରାଯାଇଛି। ଗୁରୁବାର ଅନୁଷ୍ଠିତ ବୈଠକରେ ଦୁଇ ଅନୁଷ୍ଠାନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହ ରାଜ୍ୟର ପ୍ରତି ବ୍ଲକରେ ସରକାରୀ-ଘରୋଇ ଭାଗିଦାରୀରେ ଅନ୍ତତଃ ଗୋଟିଏ ହଲ୍ ନିର୍ମାଣର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଛି। ବୈଠକରେ ସିନେ କ୍ରିଟିକ୍‌ର ସଭାପତି ପ୍ରଦୋଷ ପଟ୍ଟନାୟକ, ସମ୍ପାଦକ ଦିଲ୍ଲୀପ ହାଲି, ପ୍ରଯୋଜକ ଲୁଟୁ ମହାନ୍ତି, ଲୋକନାଥ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### ଟ୍ରକ ଧକ୍କାରେ ବାଇକ୍ ଆରୋହୀ ମୃତ

**କୁଜଙ୍ଗ,୧୮।୨(ଡି.ଏନ୍.ଏ.):** ପାରାଦୀପ-ଦଇତାରୀ ୫ ନମ୍ବର (କ) ଜାତୀୟ ରାଜପଥ ଭୁତମୁଣ୍ଡାଇ ପଞ୍ଚାୟତ ଅନ୍ତର୍ଗତ ଜଗତିଗଡା ନିକଟରେ ଏକ ୧୨ ଚକିଆ ଟ୍ରକ୍ ଧକ୍କାରେ ଗୁରୁବାର ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଗତି ଗ୍ରାମର ଅକ୍ଷୟ ସ୍ୱାଇଁଙ୍କ ପୁଅ ଟୁଟୁ ସ୍ୱାଇଁ (୨୧)। ଟୁଟୁ ବାଇକ୍ ଯୋଗେ ଗ୍ରାମର ତଳରାସ୍ତାରୁ ଜାତୀୟ ରାଜପଥକୁ ଉଠୁଥିବା ବେଳେ ପାରାଦୀପରୁ ଚଣ୍ଡିଖୋଲ ଅଭିମୁଖେ ଯାଉଥିବା ଏକ ଟ୍ରକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଜଗତିଗଡ଼ାଠାରେ ରାସ୍ତାରୋକୋ କରିଛନ୍ତି।

# ପୁଅ ହତ୍ୟାର ନ୍ୟାୟ ନ ପାଇ ମା'ର ଆତ୍ମାହୁତି ଉଦ୍ୟମ

ଭୁବନେଶ୍ୱର,(ବ୍ୟୁରୋ)/କୁଜଙ୍ଗ, ୧୮।୨(ଡି.ଏନ୍.ଏ.)

ପୁଅ ହତ୍ୟାର ୫ବର୍ଷ ପରେ ବି ମିଳିଲାନି ନ୍ୟାୟ। ଥାନା ପୋଲିସ, କ୍ରାଇମବ୍ରାଞ୍ଚଠାରୁ ନ୍ୟାୟ ପାଇବା ଆଶା ହରାଇବା ପରେ ଶେଷରେ ବିଧାନସଭା ସମ୍ମୁଖରେ ଜୀବନ ହାରିବାକୁ ଉଦ୍ୟମ କରିଛନ୍ତି ମା'। ଗୁରୁବାର ବିଧାନସଭା ସମ୍ମୁଖରେ ମହିଳା ଜଣକ ନିଜ ଦେହରେ କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରୁଥିବାବେଳେ ସୁରକ୍ଷା କର୍ମୀମାନେ ତାଙ୍କୁ ଉଦ୍ଧାର କରିଛନ୍ତି। ମହିଳା ଜଣକ ହେଲେ ଜଗତ୍‌ସିଂହପୁର କୁଜଙ୍ଗ ଥାନା ଅଞ୍ଚଳର ଜ୍ୟୋତ୍ସ୍ନା ଜେନା। ବୁଧବାର ଭୁବନେଶ୍ୱର ହଂସପାଳର ଜଣେ ବ୍ୟକ୍ତି ଥାନାରୁ ନ୍ୟାୟ ନ ପାଇ ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରି ଗିରଫ ହୋଇଥିଲେ। ଏହାପରେ ସମ୍ମୁଖ ରାସ୍ତାକୁ ସିଲ୍ କରାଯିବା ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପୋଲିସ ଫୋର୍ସ ଉପସ୍ଥିତ ରହି ଲୋକଙ୍କୁ ଅଟକାଉଛି। ହେଲେ ଜ୍ୟୋତ୍ସ୍ନା ନିଜ ଦୁଇ ପୁଅଙ୍କ ସହ ସୂଚନା ଭବନ ପାର୍ଶ୍ୱ ରାସ୍ତାରେ ଆସି ରାସ୍ତା ସିଲ୍ ହୋଇଥିବା ସ୍ଥାନରେ ପହଞ୍ଚିଥିଲେ। ଏହାପରେ ହଠାତ୍ ବିଧାନସଭା ଆଡକୁ ମାଡ଼ି ଯାଇ ହାତରେ ଧରିଥିବା କିରୋସିନ ଢାଳି ପୋଲିସ ଉପସ୍ଥିତିରେ ଆତ୍ମାହୁତି ଉଦ୍ୟମ କରିଥିଲେ। ସୁରକ୍ଷା କର୍ମୀମାନେ ତାଙ୍କୁ କାବୁ କରିବାବେଳେ ସେ ଚିତ୍କାର କରି ନ୍ୟାୟ ଦାବି କରୁଥିଲେ। ତେବେ ସେମାନେ ଆଇନକୁ ଉଲ୍ଲଂଘନ କରି ଆତ୍ମାହୁତି ଉଦ୍ୟମ କରିଥିବାରୁ ପୋଲିସ ଜ୍ୟୋତ୍ସ୍ନାଙ୍କ ସହ ତାଙ୍କ ଦୁଇ ପୁଅଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

ପୁଅ ମୃତ୍ୟୁ ପରଠୁ ମାନସିକ ଭାରସାମ୍ୟ ହରାଇ ଜ୍ୟୋତ୍ସ୍ନା ନ୍ୟାୟ ପାଇଁ ଏପରି ପନ୍ଥା ଆପଣାଇବାକୁ ବାଧ୍ୟ ହୋଇଥିବା ଜଣାପଡ଼ିଛି। ସେ କୁଜଙ୍ଗ ଥାନା ପୋଲିସ ବିରୋଧରେ ଗୁରୁତର ଅଭିଯୋଗ ଆଣିଛନ୍ତି। ତାଙ୍କ ପୁଅ ଉଲ୍ଲାସ ଜେନା କୁଜଙ୍ଗ ପଙ୍କପାଳରେ ଥିବା ଏକ ମଦ ଦୋକାନରେ ସେଲ୍‌ସ ମ୍ୟାନ୍ ଭାବେ କାର୍ଯ୍ୟ କରୁଥିଲେ। ୨୦୧୬ ନଭେମ୍ବର ୪ରେ ଉଲ୍ଲାସ ରାତିରେ ଦୋକାନରେ ଶୋଇଥିବା ସମୟରେ ତାଙ୍କୁ ହତ୍ୟା କରାଯାଇଥିଲା। ଏହାକୁ ଦୁର୍ଘଟଣାର ରୂପ ଦେବା ପାଇଁ ହତ୍ୟାକାରୀ ତାଙ୍କୁ ନିଆଁରେ ପୋଡିଦେଇଥିଲେ। ଏନେଇ କୁଜଙ୍ଗ ଥାନା ପୋଲିସ ମାମଲା ରୁଜୁ କରିବା ସହ ୩ଜଣଙ୍କୁ ଅଟକ ରଖିଥିଲେ ମଧ୍ୟ କାହାକୁ ଗିରଫ କରି ନ ଥିଲା। ତତ୍କାଳୀନ ଥାନାଧିକାରୀଙ୍କ କାର୍ଯ୍ୟଧାରାକୁ ନେଇ ସେତେବେଳେ ଅଭିଯୋଗ ଆସିବା ପରେ ମାମଲାର ତଦନ୍ତ ଭାର କ୍ରାଇମ୍‌ବ୍ରାଞ୍ଚ ନେଇଥିଲା। ଇତିମଧ୍ୟରେ ୫ବର୍ଷ ବିତିଯାଇଥିଲେ ମଧ୍ୟ ପୁଅ ହତ୍ୟାକାରୀଙ୍କୁ ଏଯାଏ ଶାସ୍ତି ମିଳି ନ ଥିବା ମା' ଜ୍ୟୋତ୍ସ୍ନା କହିଛନ୍ତି।

କୁଜଙ୍ଗ ଥାନା ଅଧିକାରୀ ପାରାଓ ଟୁଡୁ କହିଛନ୍ତି, ଏହା ବହୁତ ପୁରୁଣା ମାମଲା। ମୁଁ କିଛିଦିନ ହେବ କୁଜଙ୍ଗ ଥାନାକୁ ଆସିଛି। ୨୦୨୦ ଜୁଲାଇ ୨୪ରୁ ଏହି ମାମଲାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ତେଣୁ ଏନେଇ ମୁଁ ଅଧିକ କିଛି କହିପାରିବି ନାହିଁ ବୋଲି ସେ କହିଛନ୍ତି।



ଆତ୍ମାହୁତି ଉଦ୍ୟମ କରୁଥିବା ମହିଳାଙ୍କଠାରୁ କିରୋସିନ ଜବତ କରିବା ସହ ତାଙ୍କୁ ଉଦ୍ଧାର କରାଯାଉଛି।

### ବିଧାନସଭା ସମ୍ମୁଖରେ ଦ୍ୱିତୀୟ ଘଟଣା

- କୁଜଙ୍ଗ ପୋଲିସ ନାଁରେ ଗୁରୁତର ଅଭିଯୋଗ
- ପୋଲିସ ଚାପି ଦେଇଛି, କ୍ରାଇମବ୍ରାଞ୍ଚ ଚୁପ୍ ବସିଛି
- ମହିଳା ଓ ତାଙ୍କ ଦୁଇ ପୁଅ ଗିରଫ

### ଥାନା ସ୍ତରରେ ନ୍ୟାୟ ଅପହଞ୍ଚ

ଥାନା ସ୍ତରରେ ସାଧାରଣ ଲୋକଙ୍କୁ ନ୍ୟାୟ ମିଳୁନି। ଫଳରେ ନ୍ୟାୟ ଆଶା ନେଇ ଲୋକେ ରାଜଧାନୀ ମୁହାଁ ହେବା ସହ ବିଧାନସଭା ଆଗରେ ଆତ୍ମାହୁତି ଉଦ୍ୟମ କରୁଛନ୍ତି। ଗତ ଶୀତ ଅଧିବେଶନ ସମୟରେ ମା' ବାପାଙ୍କ ଆତ୍ମାହୁତି ଉଦ୍ୟମ ପରେ ନୟାଗଡ଼ର ବହୁ ଚର୍ଚ୍ଚିତ ପରୀ ହତ୍ୟା ଘଟଣା ସହ ପୋଲିସର ଅସଲ ଚେହେରା ପଦାକୁ ଆସିଥିଲା। ଏହାପରଠୁ ଗୋଟିକ ପରେ ଗୋଟିଏ ଆତ୍ମାହୁତି ଉଦ୍ୟମ ଘଟଣା ଘଟି ଚାଲିଛି। ଏବେ ବଜେଟ ଅଧିବେଶନ ଆରମ୍ଭ ହୋଇଥିବାବେଳେ ଦୁଇଟି ଆତ୍ମାହୁତି ଘଟଣା ରାଜ୍ୟ ପୋଲିସର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

### ଏଣିକି ପ୍ରରୋଚନାକାରୀ ମଧ୍ୟ ଗିରଫ ହେବେ



ଯେକୌଣସି ଅଭିଯୋଗ ଥିଲେ ଉପଯୁକ୍ତ ଅଧିକାରୀଙ୍କ ନିକଟକୁ ଯାଆନ୍ତୁ। ଅଭିଯୋଗ ନିମନ୍ତେ ରାଜ୍ୟ ପୋଲିସ ବିଭାଗର ଏକ ଗ୍ରିଭାନ୍ସ ସେଲ୍ ରହିଛି। ଅଭିଯୋଗ ଆସିଲେ ତାହାର ତୁରନ୍ତ ସମାଧାନ ନିମନ୍ତେ ସମ୍ପୃକ୍ତ ବିଭାଗ ଓ ଅଧିକାରୀଙ୍କ ନିକଟକୁ ପଠାଯାଉଛି। ତେଣୁ ଏହା ନ କରି ଆତ୍ମାହୁତି ଭଳି ବେଆଇନ ପନ୍ଥା ଆପଣାଇବା ଠିକ୍ ନୁହେଁ। ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର। ଏହା ଆଗରେ ଆତ୍ମାହୁତି ଉଦ୍ୟମ କରିବା କୌଣସି ଅପରାଧଠାରୁ କମ୍ ନୁହେଁ। କେତେଜଣ ଲୋକଙ୍କ ପ୍ରରୋଚନାରେ ଆସି ଏମାନେ ଆତ୍ମାହୁତି ଉଦ୍ୟମ କରୁଥିବା ଆମେ ଜାଣିବାକୁ ପାଇଛୁ। ତେଣୁ ଯିଏ ଏପରି ଉଦ୍ୟମ କରିବ ତଥା ପ୍ରରୋଚନା ଦେବ, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।

## ପ୍ରେମିକା ସହ ମିଶି ହତ୍ୟା କରିଥିଲେ ସ୍ୱାମୀ

### କାଜୁ ଜଙ୍ଗଲରୁ ମହିଳାଙ୍କ ମୃତଦେହ ମିଳିବା ଘଟଣା

କବିସୂର୍ଯ୍ୟନଗର,୧୮।୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅର୍ଜ୍ଜୁନପଲ୍ଲୀ ଗ୍ରାମ କାଜୁ ତୋଟାରୁ ଗତ ୧୦ତାରିଖରେ ବ୍ରହ୍ମପୁର ସଦର ଥାନା ଅଞ୍ଚଳ ନୂଆଗାଁ ରାମଚନ୍ଦ୍ରପୁରର ଲିଲି ନାଏକଙ୍କ କ୍ଷତବିକ୍ଷତ ମୃତଦେହ ପୋଲିସ ଜବତ କରିଥିଲା। ଉକ୍ତ ଘଟଣାରେ ମୃତା ଲିଲିଙ୍କ ସ୍ୱାମୀ ଶଙ୍କର ନାୟକ ଓ ଅର୍ଜ୍ଜୁନପଲ୍ଲୀର ରେଣୁ ନାହାକ ହିଁ ହତ୍ୟାକାରୀ ବୋଲି ଗୁରୁବାର କବିସୂର୍ଯ୍ୟନଗର ଥାନାରେ ଏକ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ସୀମା ସ୍ୱାଇଁ ସୂଚନା ଦେଇଛନ୍ତି। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଶଙ୍କର ଓ ରେଣୁ ଅନ୍ୟରାଜ୍ୟରେ ଦାଦନ ଭାବେ କାମ କରୁଥିବାବେଳେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢି ଉଠିଥିଲା। ଏଣୁ ଲିଲିଙ୍କୁ ମାରିବା ପାଇଁ ଉଭୟେ ଯୋଜନା କରିଥିଲେ। ଗତ ୭ତାରିଖରେ ଶଙ୍କର ସ୍ତ୍ରୀ ଲିଲିଙ୍କୁ ଧରି କବିସୂର୍ଯ୍ୟନଗର ବାଉଁଶିଆ ପଞ୍ଚାୟତ ଅର୍ଜ୍ଜୁନପଲ୍ଲୀର ରେଣୁଙ୍କ ଘରକୁ ବକେୟା ୩ହଜାର ଟଙ୍କା ମାଗିବାକୁ ଆସିଥିଲେ। ଶଙ୍କରଙ୍କ ଉପସ୍ଥିତିରେ ଲିଲି ଓ ରେଣୁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଉଭୟେ ମିଶି ଲିଲିଙ୍କୁ ଶାବଳ ପକାଇ ହତ୍ୟା କରି ନିକଟସ୍ଥ କାଜୁ ଜଙ୍ଗଲରେ ଫିଙ୍ଗି ଦେଇଥିଲେ। ଏହାପରେ ଶଙ୍କର ଫେରାର ହୋଇଯାଇଥିବାବେଳେ ରେଣୁ ଘରେ ଥିଲେ। ମୃତଦେହ ମିଳିବା ପରେ ଗ୍ରାମରକ୍ଷୀଙ୍କ ଏତଲା କ୍ରମେ କବିସୂର୍ଯ୍ୟନଗର ଥାନାରେ ନଂ.୩୮/୨୧ରେ ହତ୍ୟା ମାମଲା ରୁଜୁ କରାଯାଇଥିଲା।

# ଦାରୁଦିଅଁ ଦର୍ଶନ ପାଇଁ ୬୫ କି.ମି. ଚାଲିଲେ ୨ ଦୃଷ୍ଟିହୀନ

ପୁରୀ ଅଫିସ,୧୮।୨

ଦାରୁଦିଅଁଙ୍କ ପ୍ରତି ମନରେ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିଭାବନା ଦୁଇଜଣ ଦୃଷ୍ଟିହୀନ ଶ୍ରଦ୍ଧାଳୁଙ୍କୁ ଗୁରୁବାର ଶ୍ରୀକ୍ଷେତ୍ରକୁ ଟାଣି ଆଣିଥିଲା। ସେମାନେ ପ୍ରାୟ ୬୫ କି.ମି. ଚାଲିଚାଲି ଭୁବନେଶ୍ୱରରୁ ପୁରୀରେ ପହଞ୍ଚିଥିଲେ। ଏଠାରେ ପହଞ୍ଚିବା ପରେ ପ୍ରଶାସନ ପକ୍ଷରୁ ଜଣେ ଯାତ୍ରୀ ସହଯୋଗୀ ତାଙ୍କୁ ଶ୍ରୀମନ୍ଦିର ଭିତରକୁ ନେଇ ମହାପ୍ରଭୁଙ୍କ ଦର୍ଶନ କରାଇଥିଲେ। ଏହି ଦୁଇଜଣ ଦୃଷ୍ଟିହୀନ ଶ୍ରଦ୍ଧାଳୁ ହେଉଛନ୍ତି ବଂଶୀଧର ପ୍ରଧାନ ଏବଂ ପ୍ରଶାନ୍ତ ସାହୁ। ଜନ୍ମରୁ ଦୁହେଁ ଦୃଷ୍ଟିଶକ୍ତି ହରାଇଥିବାରୁ ସ୍ୱଚକ୍ଷୁରେ ଶ୍ରୀଜୀଉଙ୍କ ଦର୍ଶନ କରିପାରି ନ ଥିଲେ ମଧ୍ୟ ତାଙ୍କ ଅସ୍ତିତ୍ୱକୁ ଅନୁଭବ କରିପାରୁଛନ୍ତି ବୋଲି ବଂଶୀଧର ଓ ପ୍ରଶାନ୍ତ ଭାବବିହ୍ୱଳ କଣ୍ଠରେ କହିଛନ୍ତି।

ବଡଦେଉଳରୁ ଫେରିବା ପରେ ବଂଶୀଧର କହିଥିଲେ, ଚର୍ମ ଚକ୍ଷୁ ଦ୍ୱାରା ଦର୍ଶନକୁ କେବଳ ଦର୍ଶନ ବୋଲି କୁହାଯାଇପାରିବ ନାହିଁ। ମୋ' ବିଚାରରେ ମହାପ୍ରଭୁଙ୍କ ସତ୍ତା ଓ ମହାନତାକୁ ଅନୁଭବ କରିବା ପାଇଁ ଚକ୍ଷୁର ଆବଶ୍ୟକତା ହୋଇ ନ ଥାଏ। ସେ ଭାବର ଠାକୁର। ଭାବାବେଗ ସହ ଓତପ୍ରୋତ ଭାବେ ଜଡ଼ିତ। ତାଙ୍କୁ ଅନୁଭବ କରି ମହାସାନ୍ନିଧ ଲାଭ କରିଛି। ସେହିପରି ଯାତ୍ରା ସମ୍ପର୍କରେ ବର୍ଣ୍ଣନା କରି ପ୍ରଶାନ୍ତ କହିଥିଲେ, କରୋନା ଯୋଗୁ ଦୀର୍ଘ ୧୦ ମାସରୁ ଊର୍ଦ୍ଧ୍ୱ ସମୟ ହେବ ମହାପ୍ରଭୁଙ୍କ ଦୁଆରକୁ ଆସିପାରି ନ ଥିଲୁ। ତେଣୁ ୭ ଜଣ ବନ୍ଧୁ କାଳିଆ ଠାକୁରଙ୍କ ଦର୍ଶନ ପାଇଁ ଚାଲିଚାଲି ଆସିବା ଲାଗି ମଙ୍ଗଳବାର ପବିତ୍ର ଶ୍ରୀପଞ୍ଚମୀ ଅବସରରେ ନିଷ୍ପତ୍ତି ନେଲୁ। ଶ୍ରୀପଞ୍ଚମୀ ଦିନ ଭୁବନେଶ୍ୱର ସତ୍ୟନଗର ନିକଟସ୍ଥ ନବୀନ ବସ୍ତିଠାରୁ ଯାତ୍ରା ଆରମ୍ଭ କରିଥିଲୁ। ରାସ୍ତାରେ କେବଳ ପାଣି ପିଇଛୁ। ଆହାର ସ୍ପର୍ଶ କରିନାହୁଁ। ଏବେ ଶ୍ରୀମନ୍ଦିରରେ ପହଞ୍ଚି ଆତ୍ମା ତୃପ୍ତ ହେଲା। ସେମାନଙ୍କର ଅନ୍ୟ ୫ ଜଣ ବନ୍ଧୁ ମାଳତୀପାଟପୁର ପାଖରେ ଅଟକି ରହିଛନ୍ତି। ସେମାନେ କ୍ଲାନ୍ତି ମେଣ୍ଟାଇ ଶୁକ୍ରବାର ଦାରୁବିଗ୍ରହଙ୍କ ଦର୍ଶନ କରିବେ ବୋଲି ପ୍ରଶାନ୍ତ ପ୍ରକାଶ କରିଥିଲେ।



ସିଂହଦ୍ୱାର ସମ୍ମୁଖରେ ବଂଶୀଧର ଓ ପ୍ରଶାନ୍ତ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ରସିକ ନାଗର ଚୂଡ଼ାମଣି**
**ଘଣ୍ଟି ବାଜୁଥାଏ ଟିଣିଟିଣି।**

ରସିକ ପଣରେ ଠିକ୍, ମାତ୍ର ଦୃଷ୍ଟିକୋଣ ଖୁବ୍ ନିରସ। ତୁଚ୍ଛାକୁ ରସିକିଆପଣ ଦେଖାଇହେଉଥିବା ବ୍ୟକ୍ତିର ଭିନ୍ନ ଦୃଷ୍ଟିଭଙ୍ଗୀ ଏବଂ ନ୍ୟୂନ ଆଚରଣ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ରଙ୍ଗତା ମାଳି**
**ପିନ୍ଧିଲେ ସୁନ୍ଦର ଦିଶେ କି କାଳୀ ?**

ମହିଳାମାନେ ସାଧାରଣତଃ ସୌନ୍ଦର୍ଯ୍ୟ ପ୍ରିୟ। ନିଜ ରୂପଲାବଣ୍ୟକୁ ଦ୍ୱିଗୁଣିତ କରିବାନେଇ ନାନା ଅଳଙ୍କାରର ସାହାରା ନେଇଥାନ୍ତି। ଅନ୍ୟ ଆଗରେ ଆହୁରି ସୁନ୍ଦର ଦିଶିବା ପାଇଁ ଅହରହ ଚେଷ୍ଟା ଚଳାଇଥାନ୍ତି। ଏପରିସ୍ଥଳେ ଶ୍ୟାମଳା ବର୍ଣ୍ଣା ଯୁବତୀ ମାଳି ପିନ୍ଧି ନିଜକୁ ଆକର୍ଷଣୀୟ କରିବା ନେଇ ଚେଷ୍ଟା କରୁଥିବା ଦେଖି ଅନ୍ୟମାନେ ଟାହିଟାପରା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୪ଘଣ୍ଟିଆ ରେଳରୋକୋ ଶାନ୍ତିପୂର୍ଣ୍ଣ

କଟକଅଫିସ/କଟକସଦର,୧୮।୨(ଡି.ଏନ.ଏ.)

କେନ୍ଦ୍ରର ୩ କୃଷି ଆଇନ ପ୍ରତ୍ୟାହାର ଦାବିରେ କୃଷକ ସଂଗଠନଗୁଡ଼ିକ ପକ୍ଷରୁ ଗୁରୁବାର ମଧ୍ୟାହ୍ନ ୧୨ଟାରୁ ୪ଟା ପର୍ଯ୍ୟନ୍ତ ଦେଶବ୍ୟାପୀ ରେଳରୋକୋ କରାଯାଇଥିଲା। ଶାନ୍ତିପୂର୍ଣ୍ଣ ଭାବେ ରେଳରୋକୋ କରାଯାଇଥିଲେ ସୁଦ୍ଧା ଏହାର ପ୍ରଭାବ ପଞ୍ଜାବ, ହରିୟାଣା, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ସହ ଓଡ଼ିଶାରେ ବିଶେଷଭାବେ ଦେଖିବାକୁ ମିଳିଥିଲା। ସଂଯୁକ୍ତ କିଷାନ ମୋର୍ଚ୍ଚା, ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଓ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବୁଧବାର ରାଜ୍ୟର ବିଭିନ୍ନ ରେଳଷ୍ଟେଶନରେ ଶହଶହ କର୍ମୀ ରେଳରୋକୋ କରିଥିଲେ। ଏହାଦ୍ୱାରା ଯାତ୍ରୀମାନେ ଦୀର୍ଘସମୟ ଧରି ଷ୍ଟେଶନରେ ଅଟକି ରହି ସମସ୍ୟାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଥିଲା। କଟକ, ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧାରୋଡ୍, ବାଲେଶ୍ୱର, ବ୍ରହ୍ମପୁର, ରାଉରକେଲା ଆଦି ରେଳଷ୍ଟେଶନରେ ରେଳ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ଭୁବନେଶ୍ୱର ରେଳଷ୍ଟେଶନରେ ନବନିର୍ମାଣ କୃଷକ ସଂଗଠନ, ଆମ ଅଧିକାର ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭକାରୀଙ୍କୁ ପୋଲିସ ଗିରଫ କରି ପରେ ଛାଡ଼ି ଦେଇଥିଲା। କଟକ ରେଳ ଷ୍ଟେଶନରେ କରାଯାଇଥିବା ରେଳରୋକୋରେ ରବିନାରାୟଣ ମଲ୍ଲିକ, ଖଗେଶ୍ୱର ସେଠୀ, ଅମରେନ୍ଦୁ ମହାନ୍ତି, ବସନ୍ତ ନାୟକ, ରାଜକିଶୋର ମଲ୍ଲିକ, ବିନୋଦ ବେହେରା, ମନମୋହନ ପତି, ପାଭେଲ ପ୍ରିୟଦର୍ଶନଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ସେହିପରି କୃଷି ଆଇନ ପ୍ରତ୍ୟାହାର ଦାବିରେ ସର୍ବ ଭାରତୀୟ କୃଷକ ସଂଘର୍ଷ ମୋର୍ଚ୍ଚାର ଆହ୍ୱାନକ୍ରମେ କଟକ-ପାରାଦୀପ ରେଳପଥର ସୋମପୁର ଲେଭଲକ୍ରସିଂରେ ରେଳରୋକୋ କରାଯାଇଥିଲା। କିଷାନ କ୍ଷେତ-ମଜଦୁର ସଙ୍ଗଠନ ବିରିଡି ଶାଖାର କର୍ମୀମାନେ ୪ ଘଣ୍ଟା ଧରି ରେଳଧାରଣାରେ ବସି ରହିବାରୁ ଉଭୟ ପଟୁ ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଥିଲା। ସିପିଆଇର ନାରାୟଣ ଭୋଳ, ତ୍ରୈଲୋକ୍ୟ ଜେନା, ବିଜୟ କୁମାର ଭୋଇ, ସଞ୍ଜୟ ସାହୁ, ପ୍ରକାଶ ଦାସ, ଦୀପକ ଭୋଇ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

### କୃଷି ଆଇନ ପ୍ରତ୍ୟାହାର ଦାବି




ଭୁବନେଶ୍ୱର ରେଳଷ୍ଟେଶନରେ ଆମ ଅଧିକାର ପକ୍ଷରୁ କରାଯାଇଥିବା ରେଳରୋକୋ ସମୟରେ କର୍ମୀମାନଙ୍କୁ ପୋଲିସ ଉଠାଇ ନେଉଛି।



ଭୁବନେଶ୍ୱର ରେଳଷ୍ଟେଶନରେ ନବନିର୍ମାଣ କୃଷକ ସଙ୍ଗଠନର କର୍ମୀମାନେ ରେଳ ଧାରଣାରେ ଶୋଇ ରହି ପ୍ରତିବାଦ ଜଣାଉଛନ୍ତି।




କୃଷି ଆଇନ ପ୍ରତ୍ୟାହାର ଦାବିରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ବ୍ରହ୍ମପୁର ଷ୍ଟେଶନରେ ରେଳ ରୋକୋ କରାଯାଇଛି।




ପୁରୀ ରେଳ ଷ୍ଟେଶନ ସମ୍ମୁଖରେ ଅଖିଳ ଭାରତ କୃଷକ ସଂଘ ପକ୍ଷରୁ ଧାରଣା ଦିଆଯାଇଛି।




ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ କଟକ ରେଳଷ୍ଟେଶନରେ ଦିଆଯାଇଥିବା ଧାରଣା।




ବାଲେଶ୍ୱର ରେଳଷ୍ଟେଶନରେ ବିଭିନ୍ନ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।




ରାଉରକେଲା ରେଳଷ୍ଟେଶନ ପରିସରରେ ସିଟୁର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିଷ୍ଣୁ ମହାନ୍ତିଙ୍କ ନେତୃତ୍ୱରେ ଗୁରୁବାର ରେଳରୋକୋ ଆନ୍ଦୋଳନ କରାଯାଉଛି।

## ୨ରେ ସାଇ ଶ୍ରୀକ୍ଷେତ୍ରର ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ଢେଙ୍କାନାଳ ଅଫିସ, ୧୮।୨:** ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁରସ୍ଥିତ ସାଇ ଶ୍ରୀକ୍ଷେତ୍ରରେ ଆସନ୍ତା ୨ ତାରିଖରେ ୧୧ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ସ୍ଥାନରୁ ବହୁ ସାଇପ୍ରେମୀ ଯୋଗଦେବେ। କାର୍ଯ୍ୟକ୍ରମକୁ ଶୃଙ୍ଖଳିତ କରିବା ଲାଗି ପରିଚାଳନା କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଉତ୍ସବ ଅବସରରେ ଶ୍ରୀ ସାଇବାବାଙ୍କ ପୂଜାର୍ଚ୍ଚନା, ହୋମଯଜ୍ଞ ସହ ପ୍ରସାଦ ସେବନ ଆଦି ରହିଛି। କୋଭିଡ୍ ନିୟମ ଅନୁପାଳନପୂର୍ବକ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହାକୁ ସଫଳ କରିବାକୁ କମିଟି ପକ୍ଷରୁ ସମସ୍ତଙ୍କ ସହଯୋଗ କାମନା କରାଯାଉଛି।

## ଥ୍ରୋବଲ ପ୍ରତିଯୋଗିତା ପାଇଁ ୨୫ରେ ଚୟନ

**ଢେଙ୍କାନାଳ ଅଫିସ, ୧୮।୨:** ଯାଜପୁରସ୍ଥିତ ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳପଡ଼ିଆରେ ଆସନ୍ତା ୨୭ରୁ ମାର୍ଚ୍ଚ ୧ ଯାଏ ୨୯ତମ ରାଜ୍ୟସ୍ତରୀୟ ଥ୍ରୋବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ଢେଙ୍କାନାଳ ଜିଲାର ମହିଳା ଏବଂ ପୁରୁଷ ଦଳ ଅଂଶଗ୍ରହଣ କରିବ। ଏଥିଲାଗି ଦଳ ଚୟନ ପ୍ରକ୍ରିୟା ଚଳିତ ମାସ ୨୫ ତାରିଖ ପୂର୍ବାହ୍ନ ୮ଟାରେ ଅନୁଷ୍ଠିତ ହେବ ବୋଲି ଜିଲା ଥ୍ରୋବଲ ଆସୋସିଏଶନ ସମ୍ପାଦକ ରାମକୃଷ୍ଣ ବେହେରା ସୂଚନା ଦେଇଛନ୍ତି। ନାମ ପଞ୍ଜୀକରଣ ଲାଗି ଆଧାରକାର୍ଡ ସହ ୨ଟି ପାସ୍‌ପୋର୍ଟ ଫଟୋ ଆଣିବାକୁ ସଂଘ ପକ୍ଷରୁ ଆଶାୟୀଙ୍କୁ ପରାମର୍ଶ ଦିଆଯାଇଛି।

## ତାଳଚେରକୁ ହରାଇ ଗୋଲକୁଣ୍ଡା ଫାଇନାଲରେ

**କାମାକ୍ଷାନଗର, ୧୮।୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ହଳଦୀକୁଣ୍ଡିରେ ଚାଲିଥିବା ୯ମ ରାଜ୍ୟସ୍ତରୀୟ ହଳଦୀକୁଣ୍ଡି କ୍ରିକେଟ କପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚରେ ତାଳଚେର ୟୁଥ୍ ସ୍ପୋର୍ଟିଂକୁ ହରାଇ ବିସିସି ଗୋଲକୁଣ୍ଡା ଫାଇନାଲରେ ପ୍ରବେଶ କରିଛି। ତାଳଚେର ପ୍ରଥମେ ବ୍ୟାଟିଂ କରି ୧୯.୪ ଓଭରରେ ୧୮୮ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଜବାବରେ ଗୋଲକୁଣ୍ଡା ୧୮.୨ ଓଭରରେ ୪ ଉଇକେଟ ହରାଇ ୧୯୧ ରନ୍ କରି ସହଜ ବିଜୟ ହାସଲ କରିଥିଲା। ରାଜେଶ ସାହୁ ମ୍ୟାନ୍ 'ଅଫ୍ ଦି ମ୍ୟାଚ୍' ବିବେଚିତ ହୋଇଥିଲେ। ସୁରେନ୍ଦ୍ର ସାହୁ, ଦିବ୍ୟଜିତ୍ ଖେଳ ପରିଚାଳନା କରିଥିବାବେଳେ ଶୁକଦେବ ମହାନ୍ତ, ଅରୂପାନନ୍ଦ ବିଶ୍ୱାଳ ସ୍କୋରର ରହିଥିଲେ। ଜାତୀୟ ଘୋଷକ ବିପିନ ବିହାରୀ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ବିସିସି ଭୁବନ ଏବଂ ସୋଲାର କଟକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ପ୍ରଗତି ସ୍ପୋର୍ଟିଂକୁ ହରାଇଲା ୟୁନିୟନ ସ୍ପୋର୍ଟିଂ

**ସାତମାଇଲ, ୧୮।୨(ଡି.ଏନ.ଏ.):** ସାତମାଇଲସ୍ଥିତ ଜନତା କଲେଜ ଖେଳପଡ଼ିଆରେ ଚାଲିଥିବା ହିନ୍ଦୋଳ କପ୍ କ୍ରିକେଟର ଗୁରୁବାର ଖେଳାଯାଇଥିବା 'ପୁଲ୍ ବି'ର ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂକୁ ହରାଇ କଟକର ୟୁନିୟନ ସ୍ପୋର୍ଟିଂ ବିଜୟୀ ହୋଇଛି। ୨୫ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ସ୍ପୋର୍ଟିଂ ୨୨.୩ ଓଭରରେ ୧୧୬ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ୟୁନିୟନ ସ୍ପୋର୍ଟିଂ ୧୯ ଓଭରରେ ୫ ଉଇକେଟ ବିନିମୟରେ ୧୧୯ ରନ୍ ସଂଗ୍ରହ କରି ବିଜୟୀ ହେବା ସହ ସେମିଫାଇନାଲକୁ ଉନ୍ନୀତ ହୋଇଛି। ସୋମନାଥ ସେଠୀ, ପ୍ରଶାନ୍ତ ଦାସ ଖେଳ ପରିଚାଳନା କରିଥିବା ବେଳେ ବିଜନ ମିଶ୍ର ଧାରାବିବରଣୀ ଦେଇଥିଲେ। ତାପସ ସାମଲ, ସୁନୀଲ ସାମଲ, ରାଜୁ ମାଝି, ବିଶ୍ୱରଞ୍ଜନ ଗଡ଼ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅତିଥି ଭାବେ ସୁଶାନ୍ତ ପତି, ପୀତବାସ ସାମଲ ଉପସ୍ଥିତ ରହି ବିଜୟୀ ଦଳର ନିର୍ମେଶଙ୍କୁ 'ମ୍ୟାନ ଅଫ ଦି ମ୍ୟାଚ' ଟ୍ରଫି ପ୍ରଦାନ କରିଥିଲେ। ପର୍ଶୁରାମ ଗଡ଼ନାୟକ, ଦେବୀ ପ୍ରସାଦ ପଟ୍ଟନାୟକ, କିଷାନ ପଟ୍ଟନାୟକ, ଝୁଲିଆ ପଟ୍ଟନାୟକ, ହାପି ଗଡ଼ନାୟକ, ସୁଶାନ୍ତ ସାମଲ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ବିପଦ ବଢ଼ାଉଛି ବେଆଇନ ବ୍ଲାଷ୍ଟିଂ

- ଚିନ୍ତାରେ ଆର୍ତ୍ତସାନ୍ତରାକାଟେଣୀର ଦଳିତ ପରିବାର
- ଫାଟି ଆଁ କଲାଣି କୋଠାଘର, ଘାରିଛି ସୁରକ୍ଷା ଚିନ୍ତା
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମାଧାନ ହେଉନି
- ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ହେଉଛି ଅସନ୍ତୋଷ


ବ୍ଲାଷ୍ଟିଂରେ ଭାଙ୍ଗି ଯାଇଥିବା ଘର।

**ଢେଙ୍କାନାଳ ଅଫିସ, ୧୮।୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଆର୍ତ୍ତସାନ୍ତରାକାଟେଣୀ ଗ୍ରାମ ନିକଟରେ ଥିବା କଳାମୁଗୁନି ପଥର ଖାଦାନରେ ବେଆଇନ ବ୍ଲାଷ୍ଟିଂ ସ୍ଥାନୀୟ ବାସିନ୍ଦାଙ୍କ ସୁରକ୍ଷା ବିପନ୍ନ କରିଛି। ଭୟଙ୍କର ବିସ୍ଫୋରଣରେ କୋଠାଘର ଛାତ, କାନ୍ଥ ଫାଟି ଆଁ କଲାଣି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମସ୍ୟାର ପ୍ରତିକାର ଲାଗି ପ୍ରଶାସନ ପଦକ୍ଷେପ ନେଉନାହିଁ। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ପୁଞ୍ଜୀଭୂତ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି।

ଆର୍ତ୍ତସାନ୍ତରାକାଟେଣୀ ୧ନଂ. ୱାର୍ଡରେ ରହିଛି ଦଳିତ ବସ୍ତି। ଏଠାରେ ବହୁ ଗରିବ ପରିବାର ବାସ କରୁଛନ୍ତି। ବସ୍ତି ନିକଟରେ ଥିବା କଳାମୁଗୁନି ପଥର ଖାଦାନରୁ ଆଇନ ଉଲ୍ଲଂଘନ କରି ଦିନରାତି ବ୍ଲାଷ୍ଟିଂ କରାଯାଉଛି। ଏଥିରେ ସମ୍ପୃକ୍ତ ଅଭିଯୁକ୍ତମାନେ ଲୋକମାନଙ୍କ ସୁରକ୍ଷା ବିପନ୍ନ କରି ନିଜ ବେଆଇନ ବ୍ୟବସାୟ ବଢ଼ାଇବାରେ ଲାଗିଛନ୍ତି। ବେଧଡକ ବିସ୍ଫୋରଣ ଯୋଗୁ ସମ୍ପୃକ୍ତ ଗରିବ ପରିବାର ଆବାସ ଯୋଜନାରେ ନିର୍ମାଣ କରିଥିବା ଘରଗୁଡ଼ିକ ଭାଙ୍ଗି ଗଲାଣି। ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟ କାନ୍ଥ ମଧ୍ୟ ଏଥିରୁ ବାଦ୍ ପଡ଼ିନି। କେବଳ ଏତିକି ନୁହେଁ, ସମ୍ପୃକ୍ତ ଅଞ୍ଚଳରେ ରହୁଥିବା ସାଧାରଣ ପରିବାର ମଧ୍ୟ ଏଥିରେ ପ୍ରଭାବିତ ହେଉଛନ୍ତି। ବ୍ଲାଷ୍ଟିଂ ପରେ ପଥର ଆସି ଘର ଉପରେ ପଡୁଛି। ବିସ୍ଫୋରଣ ଶବ୍ଦ ଏତେ ତୀବ୍ର ହେଉଛି ଯେ, ରାତିରେ ଶୋଇବା କାଠିକର ହୋଇପଡୁଛି। ପଥର ଖଣି ଯୋଗୁ ସୃଷ୍ଟି ହେଉଥିବା ପ୍ରଦୂଷଣ ବିଭିନ୍ନ ରୋଗର କାରଣ ସାଜୁଛି। ଛୋଟ ଛୋଟ ପିଲାମାନେ ବିପଦପୂର୍ଣ୍ଣ ଭାବେ ସ୍କୁଲକୁ ପାଠ ପଢ଼ିବାକୁ ଯାଉଛନ୍ତି। ପୂର୍ବରୁ ସମସ୍ୟା ନେଇ ବସ୍ତିବାସିନ୍ଦା ୨୦୨୦ ଡିସେମ୍ବର ୧୧ ଏବଂ ୨୦୨୧ ଜାନୁୟାରୀ ୪ରେ ତହସିଲ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ଏହାସତ୍ତ୍ୱେ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କଲେନି କି ଗୁହାରି ଶୁଣିଲେନି।

ପ୍ରଶାସନର କୋହଳ ମନୋଭାବ ପଥର ମାଫିଆଙ୍କୁ ସୁଯୋଗ ଦେଉଛି। ପ୍ରଭାବିତ ପରିବାର ପ୍ରତିବାଦ କଲେ ସେମାନେ ନାଲିଆଖି ଦେଖାଉଛନ୍ତି। ଧମକଚମକ ଦେଇ ଚୁପ୍ କରାଇ ଦେଉଛନ୍ତି। ଉକ୍ତ ବେଆଇନ ପଥର ବ୍ଲାଷ୍ଟିଂ ବନ୍ଦ କରିବା ସହ ଧନଜୀବନକୁ ସୁରକ୍ଷା ଦେବା ଲାଗି ଗୁରୁବାର ଗ୍ରାମର ଅଶୋକ ନାୟକ, ଗୋବିନ୍ଦ ନାୟକ, ତ୍ରିନାଥ ନାୟକ, ଚନ୍ଦନ ବେହେରା, ଅଜିତ ନାୟକ ପ୍ରମୁଖ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଏ ନେଇ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ କୁହନ୍ତି, ଅଭିଯୋଗ ମିଳିଛି। ଯଦି ଉକ୍ତ ସ୍ଥାନରେ ବେଆଇନ ଭାବେ ପଥର ବ୍ଲାଷ୍ଟିଂ ଅଥବା ଚାଲାଣ ହେଉଥାଏ ତେବେ ସ୍ଥାନୀୟ ଥାନାଧିକାରୀ ଏବଂ ତହସିଲଦାରଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯିବ।

ସୂଚନାଯୋଗ୍ୟ, ଓଡ଼ାପଡ଼ା ବ୍ଲକ ଅଞ୍ଚଳରେ ମିଳୁଥିବା ମୁଗୁନି ପଥର ଉଚ୍ଚମାନର। ଏହାକୁ ଜିଲା ସମେତ ଜିଲା ବାହାରକୁ ଚାଲାଣ କରି ମାଫିଆମାନେ କୋଟି କୋଟି ଟଙ୍କା କମାଉଛନ୍ତି। ସ୍ଥାନୀୟ ବାସିନ୍ଦା ଏବଂ ପ୍ରଶାସନିକ ଅଧିକାରୀଙ୍କୁ ଚାପ ପକାଇ ସେମାନେ ବେଆଇନ ଭାବେ ବ୍ଲାଷ୍ଟିଂ କରିବା ସହ ପଥର ଚୋରା ଚାଲାଣ କରୁଛନ୍ତି। ସେମାନଙ୍କୁ ରୋକିବାକୁ ଯାଇ ଅନେକ ସମୟରେ ପୋଲିସ ଏବଂ ପ୍ରଶାସନିକ ଅଧିକାରୀ ଆକ୍ରମଣର ଶିକାର ହୋଇଥିବା ନଜିର ରହିଛି। ବେଆଇନ ଖାଦାନରୁ ପଥର ଚାଲାଣ ରୋକିବାକୁ ଜିଲା ପ୍ରଶାସନ ପକ୍ଷରୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଥିଲେ ମଧ୍ୟ ସେତେଟା ସୁଫଳ ମିଳୁନାହିଁ। ପୋଲିସ, ପ୍ରଶାସନ ପକ୍ଷରୁ ଚଢ଼ାଉ ଜୋରଦାର କରାଯାଇ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏହାକୁ ରୋକାଯାଇ ପାରିବ ବୋଲି ପ୍ରଭାବିତ ଅଞ୍ଚଳବାସୀ କହିଛନ୍ତି।

## 'ସ୍ୱେଚ୍ଛାସେବୀ ବଦଳାଇପାରିବେ ସ୍ଥିତି'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଭୁବନ, ୧୮।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜରେ ଗୁରୁବାର ଯୁବ ରେଡ୍‌କ୍ରସ ପକ୍ଷରୁ ମଣ୍ଡଳସ୍ତରୀୟ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ବିଭିନ୍ନ କଲେଜରେ ଶତାଧିକ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସ ଶିବିର ଉଦ୍‌ଘାଟନ କରି କହିଲେ, ସେବାର ଅନ୍ୟନାମ ରେଡ୍‌କ୍ରସ୍। ରକ୍ତଦାନ, ପ୍ରାକୃତିକ ବିପର୍ଯ୍ୟୟ, ସାମାଜିକ ସଚେତନତାମୂଳକ କାର୍ଯ୍ୟକ୍ରମରେ ଏହି ବୃହତ୍ ସଙ୍ଗଠନର ଅବଦାନ ଅନନ୍ୟ। ଏଥିରେ ସାମିଲ ହୋଇଥିବା ସ୍ୱେଚ୍ଛାସେବୀମାନେ ଚାହିଁଲେ ସମାଜର ଆବିଳତା ଦୂର କରିବା ସହ ସ୍ଥିତି ବଦଳାଇପାରିବେ। ଯୁବ ରେଡ୍‌କ୍ରସ୍ କାଉନ୍‌ସିଲର ପ୍ରଭାତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ାପଡ଼ା କଲେଜର କାଉନସିଲର ତଥା ଜିଲା ରେଡ୍‌କ୍ରସ୍ ସଂଯୋଜକ ପ୍ରଫେସର ପ୍ରଣବ ହୋତା, ମଠକରଗୋଳା କଲେଜର ପ୍ରଶାନ୍ତ ମିଶ୍ର, ଭୁବନ ମହିଳା କଲେଜର ନିରଞ୍ଜନ ନାୟକ, ପିଙ୍ଗୁଆ ଡିଗ୍ରୀ କଲେଜର ଟିକି ମହାଳିକ ପ୍ରମୁଖ ଉପସ୍ଥିତ ରହି ରେଡ୍‌କ୍ରସ୍‌ର ଉଦ୍ଦେଶ୍ୟ, ଇତିହାସ ଏବଂ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ଏଭଳି ଶିବିର ଦ୍ୱାରା ରେଡ୍‌କ୍ରସ୍ ସହ ଯୋଡ଼ିହେବା ଲାଗି ଉତ୍ସାହ ବୃଦ୍ଧି ପାଇବ। ଏହାଦ୍ୱାରା କଲେଜ ସମେତ ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ, ରକ୍ତଦାନ ଶିବିର ଆୟୋଜନ ଲାଗି ଛାତ୍ରୀଛାତ୍ରଙ୍କୁ ପ୍ରେରଣା ମିଳିବ ବୋଲି ମତ ପ୍ରକାଶ ପାଇଥିଲା। କଲେଜର ସମସ୍ତ ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ସଚେତନ କଲେ ଚକୁଳିଆପଣ୍ଡା


ଜଣେ ଗାଡ଼ି ଚାଳକଙ୍କୁ ସଚେତନ କରାଯାଉଛି।

**ଢେଙ୍କାନାଳ ଅଫିସ, ୧୮।୨**

ଢେଙ୍କାନାଳ ମହାବୀର ବଜାରରେ ବୁଧବାର ସନ୍ଧ୍ୟାରେ ସଡ଼କ ସୁରକ୍ଷା ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଗୁରୁଦେବଜୀ ମିଶନ ସୁରକ୍ଷା ଏବଂ ଢେଙ୍କାନାଳ ଯୋଗସଂଘର ମିଳିତ ଆନୁକୂଲ୍ୟରେ ଏହା ଆୟୋଜିତ ହୋଇଥିଲା। ଚକୁଳିଆ ପଣ୍ଡା ବେଶଧାରୀ ନିଆରା ଢଙ୍ଗରେ ପଥଚାରୀ, ଗାଡ଼ି ଚାଳକଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଛୋଟ ଛୋଟ ପିଲାମାନେ ସାମିଲ ହୋଇ ନିୟମ ଭଙ୍ଗ କରୁଥିବା ଗାଡ଼ି ଚାଳକଙ୍କୁ ଗୋଲାପ, ଚକୋଲେଟ ଦେଇ ହେଲମେଟ ଏବଂ ସିଟ୍ ବେଲ୍ଟ ବାନ୍ଧିବାକୁ ପରାମର୍ଶ ଦେଇଥିଲେ।

ଇନ୍ସପେକ୍ଟର ମହେନ୍ଦ୍ର ଦେହୁରୀ, ଟ୍ରାଫିକ ଇନ୍ସପେକ୍ଟର ବିଚିତ୍ରାନନ୍ଦ କର, ଗୁରୁଦେବଜୀ ମିଶନ ସୁରକ୍ଷାର ପ୍ରତିଷ୍ଠାତା ଇଂ. ସୌମ୍ୟବ୍ରତ ସାହୁ, ନିର୍ଦ୍ଦେଶକ ବିଜ୍ଞାନ ମହାନ୍ତି, ଯୋଗସଂଘ ସମ୍ପାଦକ ଦୀପ୍ତିରଞ୍ଜନ ପଣ୍ଡା, ସଭ୍ୟ ସୋମନାଥ ପାଣିଗ୍ରାହୀ, ମାର୍ଶାଲ ଆର୍ଟର ଇନ୍ଦ୍ରଜିତ ସାହୁ, ଶ୍ରୀନିବାସ ରାଓ, ଡାର୍ଲିନ ଡାଲ୍‌ଟନ, ରବୀନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆ ରୂପରେ ହନୁମାନ ବାଟିକା

**ଢେଙ୍କାନାଳ ଅଫିସ, ୧୮।୨**



ଢେଙ୍କାନାଳ ବସ୍‌ଷ୍ଟାଣ୍ଡ ଟ୍ରାଫିକ ଛକ ନିକଟଥିବା ହନୁମାନ ବାଟିକାର ନବକଳେବର ହୋଇଛି। ଠାକୁରଙ୍କ ନୂଆ ରଙ୍ଗରେ ରଙ୍ଗାୟିତ କରାଯାଇଛି। ଭକ୍ତମାନେ ବସିବା ଲାଗି ପିଣ୍ଡି କରାଯାଇଛି। ଏଥିସହିତ ଆନୁଷଙ୍ଗିକ ଉନ୍ନୟନମୂଳକ କାମ କରାଯାଇଛି। ଏହି ଉପଲକ୍ଷେ ସଙ୍କଟମୋଚନଙ୍କ ପୂଜା ଏବଂ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶ୍ରୀରାମଚରିତ ମାନସ, ହନୁମାନ ଚାଳିଶା ପାଠ କରାଯାଇଥିଲା। ୫୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଧାଡ଼ିବାନ୍ଧି ପ୍ରସାଦ ସେବନ କରିଥିଲେ।

## ଅଭିଯୁକ୍ତ କୋର୍ଟ ଚାଲାଣ, ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଛି

**ଭାଣିଜୀଙ୍କୁ ବଳାତ୍କାର ମାମଲା**

**ହିନ୍ଦୋଳ, ୧୮।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଥାନା ଅଞ୍ଚଳରେ ବୁଧବାର ଘଟିଥିବା ନାବାଳିକା ବଳାତ୍କାର ମାମଲାର ଅଭିଯୁକ୍ତ ଦୂର ସମ୍ପର୍କୀୟ ମାମୁ ଗୋବିନ୍ଦ ସାହୁ (୨୩)ଙ୍କୁ ଗୁରୁବାର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଛି। ଅନ୍ୟପଟେ ଅନୁଗୋଳ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସୁଥିବା ଜଣାପଡ଼ିଛି। ଏଭଳି ସ୍ପର୍ଶକାତର ମାମଲାକୁ ପୋଲିସ ଗୁରୁତ୍ୱର ସହ ଗ୍ରହଣ କରିଛି। ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରି ତଦନ୍ତ ଜାରି ଥିବା ଥାନାଧିକାରୀ ଅନାଦି ଚରଣ ପଟ୍ଟାୟତ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ଯୁବକଙ୍କ ଘର କଟକ ଜିଲା ନରସିଂହପୁର ଥାନା ଅଞ୍ଚଳରେ। ସେ ପୀଡ଼ିତାଙ୍କ ଦୂର ସମ୍ପର୍କୀୟ ମାମୁ ହେବେ। ସେ ନାବାଳିକାଙ୍କ ଘରକୁ ବୁଲିବାକୁ ଆସିଥିବା ବେଳେ ନାବାଳିକା ଭାଣିଜୀଙ୍କୁ କୌଶଳକ୍ରମେ ଡାକିନେଇ ବଳାତ୍କାର କରିଥିଲେ। ଘଟଣାକୁ ନେଇ ଗ୍ରାମରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଅଭିଯୁକ୍ତ ଯୁବକଙ୍କୁ କାବୁ କରି ଗ୍ରାମବାସୀ ନିସ୍ତୁକ ମାଡ଼ ମାରିଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ପୀଡ଼ିତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ପରେ ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ପୁରୁଣା ସିଏସ୍‌ଓ ଅଫିସ ଦଖଲକୁ ନେଲେ ଓକିଲ

**ଢେଙ୍କାନାଳ ଅଫିସ, ୧୮।୨**

ଢେଙ୍କାନାଳସ୍ଥିତ ପୁରୁଣା ଜିଲା ଯୋଗାଣ ବିଭାଗ ଅଧିକାରୀ (ସିଏସ୍‌ଓ)ଙ୍କ କାର୍ଯ୍ୟାଳୟକୁ ଗୁରୁବାର ଓକିଲ ସଂଘ ଦଖଲକୁ ନେଇଛି। ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ମହିଷାପାଟ ଅଞ୍ଚଳର ନୂତନ ଗୃହକୁ ସ୍ଥାନାନ୍ତର ହେବା ପରେ ପୁରୁଣା କାର୍ଯ୍ୟାଳୟ ଖାଲି ପଡ଼ିଥିଲା। ଏହା ଜିଲା ସିଭିଲ କୋର୍ଟ ପରିସର ମଧ୍ୟରେ ଥିବାରୁ ଏହାକୁ ଦଖଲ କରାଯାଇଥିବା ସଂଘ ସଭାପତି ଓମ୍ ପ୍ରକାଶ ଶରଣ ସୂଚନା ଦେଇଛନ୍ତି। ବହୁ ଆଇନଜୀବୀ ଅପରାହ୍ନରେ ସିଭିଲ କୋର୍ଟ ପରିସରରୁ ଶୋଭାଯାତ୍ରାରେ ବାହାରି କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସଂଘର କାର୍ଯ୍ୟାଳୟ ଲେଖାଥିବା ସୂଚନା ଫଳକ ଲଗାଯାଇଛି। ସଦର ତହସିଲଦାର ଲକ୍ଷ୍ମୀଧର ରାଉତ, ଟାଉନ ଥାନାଧିକାରୀ ନମିତା ନାୟକ ଉପସ୍ଥିତ ଥିଲେ।


ପୁରୁଣା ସିଏସ୍‌ଓ କାର୍ଯ୍ୟାଳୟ ପରିସରରେ ଏକାଠି ହୋଇଥିବା ଆଇନଜୀବୀମାନେ।

## ଅବକାରୀ ଚଢ଼ାଉ: ୩ ଗିରଫ

**ବଉଣ୍ଡା, ୧୮।୨(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ପାଇକସାହି ଗ୍ରାମରେ ଗୁରୁବାର ଆଠମଲ୍ଲିକ ଅବକାରୀ ବିଭାଗ ଚଢାଉ କରି ୩୦ ଲିଟର ଦେଶୀ ମହୁଲି ମଦ ଜବତ କରିଛି। ଏହି ଘଟଣାରେ ଟୁନା ମାଝି, ନିଶା ମାଝି, କୈକେଇ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏମାନେ ଚୋରାରେ ଦେଶୀ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ନିରୀକ୍ଷକ ଅନିତା ଓଝା, ଉପନିରୀକ୍ଷକ ପ୍ରଫୁଲ୍ଲ ପତି ପ୍ରମୁଖ ଚଢାଉ କରିଥିଲେ।

## ଆଜି ଶରଣ ଶ୍ରୀକ୍ଷେତ୍ରରେ ରତ୍ନମୁଦ ଉତ୍ସବ


ଏକଘରିଆସ୍ଥିତ ଶରଣ ଶ୍ରୀକ୍ଷେତ୍ର।

**ଢେଙ୍କାନାଳ ଅଫିସ, ୧୮।୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଏକଘରିଆ ଗ୍ରାମସ୍ଥିତ ଶରଣ ଶ୍ରୀକ୍ଷେତ୍ରରେ ନବନିର୍ମିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରର ରତ୍ନମୁଦ ମହୋତ୍ସବ ଶୁକ୍ରବାରଠାରୁ ୪ଦିନ ଧରି ଅନୁଷ୍ଠିତ ହେବ। ପ୍ରଥମ ଦିବସରେ ଅଙ୍କୁରାରୋପଣ, ଗ୍ରାମ ଇଷ୍ଟଦେବୀ ଅଙ୍କନ, ୨୦ରେ କଳସ ଆନାୟନ, ମଣ୍ଡଳକରଣ, ଦେବତା ଆବାହନ, ନୃସିଂହ ପୂଜନ, ୨୧ରେ ସୂର୍ଯ୍ୟପୂଜା, ବାସ୍ତୁ ପୂଜନ, ଅଷ୍ଟଲକ୍ଷ୍ମୀ, ସିଦ୍ଧିନିଧି ପୂଜନ, ଇନ୍ଦ୍ର ଇନ୍ଦ୍ରାଣୀ ଅଙ୍କନ, ଯଜ୍ଞ ଅନୁଷ୍ଠିତ ହେବ। ଅନ୍ତିମ ଦିବସରେ ସୂର୍ଯ୍ୟପୂଜା, ଶୁଦ୍ଧିକରଣ, ଗର୍ଭଶୋଧନ, ବିଶ୍ୱକର୍ମା ପୂଜନ, ଗର୍ଭମୁଦ ଓ ରତ୍ନମୁଦ କରଣ, ଯଜ୍ଞ ପୂର୍ଣ୍ଣାହୁତି, ଦେବତା ବିସର୍ଜନ ଆଦି କାର୍ଯ୍ୟକ୍ରମ ରହିଥିବା ଶରଣ ଶ୍ରୀକ୍ଷେତ୍ର ବିକାଶ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ପୁରୀ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସାଧୁସନ୍ଥ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## କୋଭିଡ୍ ନିୟମ ମାନିବାକୁ ପରାମର୍ଶ

**ଢେଙ୍କାନାଳ ଅଫିସ, ୧୮।୨**

ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସ୍ଥାନୀୟ ଏଡିଆର ସମ୍ମିଳନୀ ଗୃହରେ ଗୁରୁବାର କୋଭିଡ୍-୧୯ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ ସଂକ୍ରମଣ କମିଥିଲେ ମଧ୍ୟ ବିପଦ ଟଳିନି। ସରକାରୀ ଗାଇଡ୍ ଲାଇନ ମାନି ଚଳିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲାଜଜ୍ ଶରତ ଦେହୁରୀଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ମୈତ୍ରୀ ସାମନ୍ତରାୟ, ଶ୍ରୀମୟୀ ନନ୍ଦ ଯୋଗଦେଇ କୋଭିଡ୍‌ର ଭୟାବହତା ଉପରେ ଆଲୋକପାତ କରିଥିଲେ। ଆଇନସେବା ପ୍ରାଧିକରଣ ସଚିବ ସୁକାନ୍ତ ଜେନା, ବିଚାରପତି ଲଳିତ ଦାସ, ଦୀପ୍ତିରଞ୍ଜନ କାନୁନ୍‌ଗୋ, ମୁକ୍ତିରଞ୍ଜନ ଶତପଥୀ, ସୁବାସ ଚନ୍ଦ୍ର ଧଳ, ସୁଶୀଲ ସାହୁ, ଛାୟାକାନ୍ତ ଦାସ, ସାବିତ୍ରୀ ନାୟକ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ, ନିଶା ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# କାମନା ଦେବୀଙ୍କ ଚୈତ୍ର ମହୋତ୍ସବ

**ସମ୍ମାନିତ ହେଲେ କଳାକାର, ବ୍ୟକ୍ତିତ୍ୱ**

**ଢେଙ୍କାନାଳ ଅଫିସ, ୧୮।୨**

ଭାରତ ସରକାରଙ୍କ ସଂସ୍କୃତି ବିଭାଗ ସହାୟତାରେ ଢେଙ୍କାନାଳ ସଦର ବ୍ଲକ ନରଣପୁର ଗ୍ରାମରେ କାମନାଦେବୀ ଚୈତ୍ର ମହୋତ୍ସବ-୨୦୨୧ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳର ପ୍ରତିଭାକୁ ଲୋକଲୋଚନକୁ ଆଣିବା ଜରୁରୀ ବୋଲି କହିଥିଲେ। ପୂଜା କମିଟି ସଭାପତି ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଶିକ୍ଷକ ଡ. ନିରଞ୍ଜନ ଦାଶ, ଓଡ଼ିଶା ଲେଖିକା ସଂସଦ ଆବାହିକା ସୁକାନ୍ତି ସାହୁ, ମାଇକ୍ରୋମିଡିଆ ନିର୍ଦ୍ଦେଶକ ଅଥୟ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ନୃତ୍ୟଗୁରୁ ଶ୍ରୀକାନ୍ତ ସାହୁ, କୀର୍ତ୍ତନମଣ୍ଡଳୀ ଆବାହକ ନବକିଶୋର ନାୟକ, ପୂଜକ ଲଳିତ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୟୂର ଅନୁଷ୍ଠାନର ନିର୍ଦ୍ଦେଶକ ବନମାଳୀ ମଲ୍ଲିକଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଲକ୍ଷ୍ମୀଧର ନାୟକ, ମନୋଜ ମହ୍ନୟ, ଦେବରାଜ ନାୟକ, ପ୍ରକାଶ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଜଣେ ପ୍ରତିଭାବାନ କଳାକାରଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

## ଦମ୍ପତିଙ୍କଠାରୁ ଅଳଙ୍କାର ଲୁଟ୍

ହିନ୍ଦୋଳ,(ଡି.ଏନ.ଏ.): ହିନ୍ଦୋଳ ଥାନା ନୂଆବଗ ଜଙ୍ଗଲ ରାସ୍ତାରେ ଗୁରୁବାର ସନ୍ଧ୍ୟାରେ ଦମ୍ପତିଙ୍କଠାରୁ ଲୁଟ୍ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ କହିଛି, ରାସୋଳ ଥାନା କଳିଙ୍ଗା ଗ୍ରାମର ଦମ୍ପତି ହିନ୍ଦୋଳରୁ ଏକ ବାହାଘର ସାରି ନୂଆବଗ ଦେଇ ନିଜ ଗ୍ରାମକୁ ଫେରୁଥିଲେ। ଜଙ୍ଗଲ ରାସ୍ତାରେ ୩ ଜଣ ଅଜଣା ବ୍ୟକ୍ତି ଏକ ବାଇକ୍‌ରେ ଆସି ସେମାନଙ୍କୁ ଅଟକାଇ ଥିଲେ। ଏହାପରେ ମହିଳାଙ୍କଠାରୁ ୩ ଭରିର ଏକ ସୁନା ଚେନ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

### ସଂକ୍ଷେପରେ

## ସୁନା ଚେନ୍ ଝାମ୍ପିନେଲେ ଦୁର୍ବୃତ୍ତ

ବଅଁରପାଳ,୧୮।୨(ଡି.ଏନ.ଏ.): ନାଲ୍‌କୋ ଥାନା ଅଞ୍ଚଳରେ ଗୁରୁବାର ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ସୁନାଚେନ୍ ଝାମ୍ପି ନେଇଛନ୍ତି। ଗିରାଙ୍ଗ ଗ୍ରାମର ସୁପ୍ରଭା ଗଡନାୟକ ଏକ ସ୍କୁଟି ଯୋଗେ ଗିରାଙ୍ଗ ଛକରୁ ମେଡିସିନ କିଣି ଫେରୁଥିବା ବେଳେ ସିପିପି ରାସ୍ତାର ସାଇ ମନ୍ଦିର ନିକଟରେ ୩ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ମାରଣାସ୍ତ୍ର ଦେଖାଇ ଚେନ ଲୁଟି ନେଇଥିଲେ। ଏ ନେଇ ସୁପ୍ରଭା ନାଲ୍‌କୋ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି।

## କୃଷକ ମହାସଂଘ ଆନ୍ଦୋଳନ ଆଜି

ମାଧପୁର,୧୮।୨: କୃଷକମାନଙ୍କ ବିଭିନ୍ନ ସମସ୍ୟା ନେଇ ଓଡ଼ିଶା କୃଷକ ମହାସଂଘ ଆଠମଲ୍ଲିକ ଶାଖା ପକ୍ଷରୁ ଶୁକ୍ରବାର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ। ଧାନ ମଣ୍ଡିରୁ ଧାନ ଉଠାଇବା, ଦଲାଲ ରାଜ ବନ୍ଦ କରିବା, ମାନଜୋର ସେଚ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ଆଦି ଦାବିରେ ଏହି ଆନ୍ଦୋଳନ କରାଯିବ ବୋଲି ସଂଘ ସଭାପତି ଦେବେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ଜଳିଗଲା ୩ ବଖରା

ଛେଣ୍ଡିପଦା,୧୮।୨(ସ୍ୱ.ପ୍ର.): ଛେଣ୍ଡିପଦା ବ୍ଲକ ବରସାହି ପଞ୍ଚାୟତ ଖମାର ଜଙ୍ଗଲ ମୌଜା ରଙ୍ଗମାଟିଆ ସାହିରେ ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଗୁରୁବାର ୩ ବଖରା ଜଳିଯାଇଛି। ଏଥିସହିତ ଘରେ ଥିବା ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। କୃଷ୍ଣ ମାହାର, କପିଳ ମାହାର, ସୁନୀଲ ମାହାରଙ୍କ ପରିବାର ଅପରାହ୍ନ ୩ଟାରେ ଘରେ ବିଶ୍ରାମ ନେଉଥିବା ବେଳେ ହଠାତ ନିଆଁ ଲାଗିଯାଇଥିଲା। ପଡ଼ୋଶୀମାନେ ଆସି ଘର ଭିତରେ ରହିଯାଇଥିବା କୃଷ୍ଣ , କପିଳ, ସୁନୀଲଙ୍କ ପରିବାର ସଦସମାନଙ୍କୁ ଉଦ୍ଧାର କରିଥିଲେ। ସୁନୀଲ ଓ ସରୋଜ ସାମାନ୍ୟ ଆହତ ହୋଇଛନ୍ତି। ଖବରପାଇ ଛେଣ୍ଡିପଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଆହତ ବ୍ୟକ୍ତିଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତୁରନ୍ତ ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇବା ପାଇଁ ଦାବି ହୋଇଛି।

## ସମିତି ସମ୍ପାଦକଙ୍କୁ ଦାବିପତ୍ର

ମାଧପୁର/ ଆଠମଲ୍ଲିକ,୧୮।୨: ମଣ୍ଡିରେ ପଞ୍ଜୀକରଣ ସହ ଟୋକନ ମେସେଜ ପାଇବା ପରେ ମଧ ମଣ୍ଡିରେ ଚାଷୀଙ୍କୁ ଟୋକନ ମିଳୁ ନାହିଁ। ଫଳରେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ମାଧପୁର ଅଞ୍ଚଳର ଚାଷୀମାନେ ମଣ୍ଡିରେ ଧାନ ବିକ୍ରୟ କରିପାରୁ ନାହାନ୍ତି। ତୁରନ୍ତ ସମସ୍ୟା ସମାଧାନ ସହ ଚାଷୀଙ୍କୁ ଟୋକନ ପ୍ରଦାନ କରି ଧାନ ବିକ୍ରୟ ସୁଯୋଗ ଦେବା ପାଇଁ ଗୁରୁବାର ମାଧପୁର ସେବା ସମବାୟ ସମିତି ସମ୍ପାଦକ ସର୍ବେଶ୍ୱର ଗୁରାଣ୍ଡିଙ୍କୁ ଅଞ୍ଚଳର ଚାଷୀମାନେ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି। ସେହିପରି ଧାନ ବିକ୍ରିରେ ସମସ୍ୟାର ସମାଧାନ ପାଇଁ ଓଳଥ ଗ୍ରାମବାସୀ ଆଠମଲ୍ଲିକ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ଜନସାଧାରଣଙ୍କ ସହ ରହୁନି ସୁସମ୍ପର୍କ

■ଦେଢ଼ବର୍ଷ ହେଲା ବସିନି ଆମ ପୋଲିସ ସମିତି ବୈଠକ

■୭ଟି ବିଟ୍‌ରେ ଖାଲି ପଡ଼ିଛି ଅଧିକାରୀ ପଦବୀ

■ନାଲ୍‌କୋ ଥାନା ଅଞ୍ଚଳରେ ବଢ଼ୁଛି ଅପରାଧ




ବଅଁରପାଳ,୧୮।୨(ଡି.ଏନ.ଏ.)

ଜନସାଧାରଣଙ୍କ ପ୍ରତି ଉତ୍ତମ ବ୍ୟବହାର ହିଁ ପୋଲିସକୁ ଲୋକଙ୍କ ପୋଲିସ କରିଦେବ। ଭୟମୁକ୍ତ ହୋଇ ସେମାନେ ଥାନା ସହ ସମ୍ପର୍କ ରକ୍ଷାକରିବେ। ଏହା ଅପରାଧ ହ୍ରାସ ଦିଗରେ ସହାୟକ ହେବ ଓ ଆଇନଶୃଙ୍ଖଳା ବିଗାଡ଼ିବାକୁ ଦେବନାହିଁ। ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବାରମ୍ବାର ଏ ନେଇ ଥାନାଗୁଡ଼ିକୁ ସଚେତନ କରାଯାଉଛି। ଅଞ୍ଚଳବାସୀଙ୍କ ନିକଟତର ହେବାକୁ ପରାମର୍ଶ ଦିଆଯାଉଛି। ଏ ଦିଗରେ ବିଭିନ୍ନ ଥାନା ପକ୍ଷରୁ ଗଠନ କରାଯାଇଥିବା 'ଆମ ପୋଲିସ ସମିତି' ବେଶ୍ ନିର୍ଣ୍ଣାୟକ ଭୂମିକା ନେଉଥିଲା। ହେଲେ ଆନ୍ତରିକତା ଅଭାବରୁ ଏହି ସମିତି ଅନେକ ଥାନା ଅଞ୍ଚଳରେ ପୂର୍ବପରି କାର୍ଯ୍ୟକ୍ଷମ ନାହିଁ। ଫଳରେ ଲୋକଙ୍କଠାରୁ ପୋଲିସ ଦୂରେଇ ଯାଉଥିବା ବେଳେ ଅପରାଧ ସଂଖ୍ୟା ମଧ ବଢ଼ି ବଢ଼ି ଚାଲିଛି। ଅନୁଗୋଳ ଜିଲା ନାଲ୍‌କୋ ଥାନା ଏହାର ଏକ ଉଦାହରଣ।

୨୦୧୩ରେ ନାଲ୍‌କୋ ଥାନା ଠାରେ ଆମ ପୋଲିସ ସମିତି କାର୍ଯ୍ୟକ୍ଷମ ହୋଇଥିଲା। ସାଧାରଣ ଜନତା ଓ ପୋଲିସ ମଧ୍ୟରେ ଉତ୍ତମ ସମନ୍ୱୟ ସ୍ଥାପନ ଉଦ୍ଦେଶ୍ୟରେ କୁଲାଡ଼, ଗିରାଙ୍ଗ, କୁରୁଡୋଲ, କାଣ୍ଡସର, କନ୍ୟାବେଡ଼ା, ବଳରାମପ୍ରସାଦ, ନାଲ୍‌କୋ ହଟିଙ୍ଗ ଆଦି ଅଞ୍ଚଳରେ ୭ଟି ବିଟ୍ ଗଠନ କରାଯାଇଥିଲା। ପ୍ରତି ବିଟ୍‌ରେ ସ୍ୱତନ୍ତ୍ର ଭାବେ ଜଣେ ଲେଖାଏ ଅଧିକାରୀଙ୍କୁ ନିୟୋଜିତ କରାଯାଇଥିଲା। ସେମାନଙ୍କୁ ପାଟ୍ରୋଲିଂ ପାଇଁ ୭ଟି ବାଇକ୍ ପ୍ରଦାନ କରାଯାଇଥିଲା। ବିଟ୍ ଅଧିକାରୀମାନେ ଉକ୍ତ ବାଇକ୍‌ରେ ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କ ସହ ଭଲ ସମ୍ପର୍କ ସ୍ଥାପନ କରୁଥିଲେ। ବରିଷ୍ଠ ନାଗରିକମାନେ ଯେପରି ଅସୁରକ୍ଷିତ ଅନୁଭବ ନ କରିବେ ସେ ଦିଗରେ ଧ୍ୟାନ ଦେଉଥିଲେ। ଏହାଛଡ଼ା ସମିତିର ବୈଠକ ନିୟମିତ ବସୁଥିବାରୁ ପୋଲିସକୁ ଲୋକଙ୍କଠାରୁ ଭଲ ସହଯୋଗ ମିଳୁଥିଲା। ଏହାଦ୍ୱାରା ନାଲ୍‌କୋ ଥାନା ଅଞ୍ଚଳରେ ଅପରାଧ ହ୍ରାସ ପାଇବାରେ ଲାଗିଥିଲା। କିନ୍ତୁ ପାଖାପାଖି ଦେଢ଼ବର୍ଷ ହେଲା ସମିତି କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ପୋଲିସ ପ୍ରଶାସନ ପକ୍ଷରୁ ଥାନା କିମ୍ବା କୌଣସି ଗ୍ରାମରେ ବୈଠକ ଡକାଯାଉ ନାହିଁ। ଏପରି କି ଗଠନ କରାଯାଇଥିବା ବିଟ୍‌ଗୁଡ଼ିକରେ ଜଣେ ହେଲେ ଅଧିକାରୀ ନାହାନ୍ତି। ପାଟ୍ରୋଲିଂ ପାଇଁ ପ୍ରଦାନ କରାଯାଇଥିବା ୭ ବାଇକ୍ ମଧ୍ୟରୁ ୪ଟି ବିଟ୍‌ରେ ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି। ଚୋରି, ଡକାୟତି, ଚିନ୍ତାଇ ଓ ଲୁଟ୍ ସହ ନିଶାଦ୍ରବ୍ୟର ଅବାଧ କାରବାର ଜନସାଧାରଣଙ୍କୁ ଚିନ୍ତାରେ ପକାଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ବିନ୍ଦୁ ବାସିନୀ ବିଶ୍ୱାଳ କହିଛନ୍ତି, ସମିତି ବୈଠକ ସମ୍ପର୍କରେ ବିଶେଷ କିଛି କହିପାରିବିନି। ଉଚ୍ଚ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଆଦେଶ ଆସିଲେ କାର୍ଯ୍ୟକାରୀ ହେବ।

### ସମିତିକୁ କେହି ପଚାରୁ ନାହାନ୍ତି

ଆମ ପୋଲିସ ସମିତି କାର୍ଯ୍ୟକ୍ଷମ ହେବାର ୭ ବର୍ଷ ବିତିଗଲାଣି। ପୂର୍ବରୁ ଯାହା ଯେମିତି ବୈଠକ ବସୁଥିଲା। ଏଥିରେ ସଦସ୍ୟମାନେ ସେମାନଙ୍କ ମତ ଉପସ୍ଥାପନ କରିପାରୁଥିଲେ। ପୋଲିସ ଓ ଲୋକେ ଏକାଠି ବସୁଥିବାରୁ ଆଇନଶୃଙ୍ଖଳା ଉପରେ ଏହାର ଭଲ ପ୍ରଭାବ ପଡୁଥିଲା। କିନ୍ତୁ ଦେଢ଼ବର୍ଷ ହେଲା ସମିତିକୁ କେହି ପଚାରୁନାହାନ୍ତି। ଏହା ଯେପରି ସ୍ଥାଣୁ ପାଲଟିଯାଇଛି।

-ରାଜୀବ ଜେନା, ସଦସ୍ୟ, କୁଲାଡ

### ପାଟ୍ରୋଲିଂ କଥା ପାସୋରି ଦେଲେଣି

ନାଲ୍‌କୋ ଅଞ୍ଚଳବାସୀଙ୍କ ସହ ଉତ୍ତମ ସମ୍ପର୍କ ରକ୍ଷା ଦିଗରେ ଥାନା ପକ୍ଷରୁ ଆଉ ଗୁରୁତ୍ୱ ଦିଆଯାଉ ନାହିଁ। ଏପରି କି ପାଟ୍ରୋଲିଂ କଥା ମଧ ପୋଲିସ ମନରୁ ପାସୋରି ଦେଲାଣି। ଏହି କାରଣରୁ ଏଠାରେ ଆଇନଶୃଙ୍ଖଳା ବିଗିଡ଼ି ଗଲାଣି। ଦୈନିକ ଚୋରା ଗଞ୍ଜେଇ, ମଦ, ବ୍ରାଉନସୁଗାର କାରବାର ବଢ଼ି ଚାଲିଛି। ଜିଲା ଏସ୍‌ପି ଏ ଦିଗରେ ତୁରନ୍ତ ଧ୍ୟାନ ଦିଅନ୍ତୁ।

-ଶ୍ରୀକାନ୍ତ ଗଡ଼ନାୟକ, ଆଇନଜୀବୀ, ଗିରାଙ୍ଗ

### କର୍ତ୍ତୃପକ୍ଷ ଧ୍ୟାନ ଦେଉନାହାନ୍ତି

ଅନୁଗୋଳ ଜିଲାରେ ଆମ ପୋଲିସ ସମିତି ପ୍ରଥମେ ନାଲ୍‌କୋ ଥାନା ପକ୍ଷରୁ ଗଠନ କରାଯାଇଥିଲା। ଏହା ସେତେବେଳେ ଜିଲାରେ ଚର୍ଚ୍ଚାର ବିଷୟ ହୋଇଥିଲା। ସମିତିର ସଦସ୍ୟମାନେ ପୋଲିସକୁ ଆବଶ୍ୟକ ସହଯୋଗ କରିବାରେ ଖୁସି ପାଉଥିଲେ। ସମୟ ଗଡ଼ିବା ସହ ପୋଲିସ ଧୀରେ ଧୀରେ ଲୋକଙ୍କଠାରୁ ଦୂରେଇ ଯିବାରେ ଲାଗିଛି। କର୍ତ୍ତୃପକ୍ଷ ଧ୍ୟାନ ଦେଉ ନ ଥିବାରୁ ଏପରି ସ୍ଥିତି ସୃଷ୍ଟି ହୋଇଛି।

-ପ୍ରମୋଦ କୁମାର ସିଂହ, ସାମାଜିକ କର୍ମୀ

## ସଡ଼କ ସୁରକ୍ଷା ଶୋଭାଯାତ୍ରା




ଏନ୍‌ଟିପିସି ପକ୍ଷରୁ ଆୟୋଜିତ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା।

କଣିହାଁ,୧୮।୨(ଡି.ଏନ.ଏ.)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ପକ୍ଷରୁ ବୁଧବାର ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ ଅବସରରେ ପ୍ଲାଣ୍ଟ ସୁରକ୍ଷା ବିଭାଗ ପକ୍ଷରୁ ଏହାର ଆୟୋଜନ କରାଯାଇଥିଲା। ପ୍ଲାଣ୍ଟ ସିଜିଏମ୍ ସୁଦୀପ ନାଗ୍ ଏହାକୁ ଉଦ୍‌ଘାଟନ କରିବା ସହ ଦୈନନ୍ଦିନ ଜୀବନରେ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଏନ୍‌ଟିପିସି ଜିଏମ୍ ଶିଭମ ଶ୍ରୀବାସ୍ତବ, ଅନ୍ୟ ବିଭାଗୀୟ ଜିଏମ୍, ସେକ୍ସନ ମୁଖ୍ୟ, ସହଯୋଗୀମାନେ ଉପସ୍ଥିତ ଥିଲେ।

## ବଇଣ୍ଡା ଷ୍ଟେଶନରେ ବିକ୍ଷୋଭ



ଚାଷୀ ମୂଲିଆ ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

ବଇଣ୍ଡା,୧୮।୨(ଡି.ଏନ.ଏ.)

କିଶୋରନଗର ବ୍ଲକ ବଇଣ୍ଡା ରେଳ ଷ୍ଟେଶନଠାରେ ଗୁରୁବାର ଚାଷୀ ମୂଲିଆ ସଂଘ ଆଠମଲ୍ଲିକ ପକ୍ଷରୁ ବିକ୍ଷୋଭ କରାଯାଇଛି। ସଂଘ ସଦସ୍ୟ ତପନ ମିଶ୍ରଙ୍କ ନେତୃତ୍ୱରେ ବହୁ ଚାଷୀ ଏକଜୁଟ୍ ହୋଇ ବଇଣ୍ଡା ଛକରୁ ଶୋଭାଯାତ୍ରାରେ ବାହାରି ଷ୍ଟେଶନ ପରିସରରେ ପ୍ରତିବାଦ ସଭା କରିଥିଲେ। କେନ୍ଦ୍ର ସରକାରଙ୍କ କୃଷି ଆଇନ ଚାଷୀ ବିରୋଧୀ। ଏହାକୁ ନେଇ ଦୀର୍ଘଦିନ ହେଲା ଆନ୍ଦୋଳନ ଚାଲିଥିଲେ ମଧ ସରକାର ତାହାକୁ ପ୍ରତ୍ୟାହାର କରୁନାହାନ୍ତି। ତେଣୁ ତୁରନ୍ତ ଉକ୍ତ ଆଇନକୁ ବାତିଲ କରିବା ପାଇଁ ଚାଷୀମାନେ ଦାବି କରିଥିଲେ। ଏଥିରେ ସରୋଜୁ ସିଂ, ଦୁହିତା ବେହେରା, ପ୍ରମିଳା ବାଘ, ଗୋଲାପି କର୍ମୀ, ବୃନ୍ଦାବନ ନାୟକଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ।

# ବିତ୍ତୀୟ ସାକ୍ଷରତା କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅଧିକାରୀମାନେ।

ଅନୁଗୋଳ ଅଫିସ,୧୮।୨

ଭାରତୀୟ ରିଜର୍ଭ ବ୍ୟାଙ୍କ ଆନୁକୂଲ୍ୟରେ ଅନୁଗୋଳ ଜିଲା ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ବଅଁରପାଳ ଶାଖା ପକ୍ଷରୁ ବିତ୍ତୀୟ ସାକ୍ଷରତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରିଜର୍ଭ ବ୍ୟାଙ୍କ ଉପ ମୁଖ୍ୟ ମହାପ୍ରବନ୍ଧକ ସୁନୀଲ କୁମାର ଦାସ ଅଧ୍ୟକ୍ଷତା କରି ବିତ୍ତୀୟ ସାକ୍ଷରତା ସପ୍ତାହର ମୁଖ୍ୟ ବିଷୟ 'ହୁସିଆର ବନନ୍ତୁ, ବୁଦ୍ଧିମାନ ବନନ୍ତୁ, ଦାୟିତ୍ୱବାନ ବନନ୍ତୁ' ସମ୍ପର୍କରେ ଅବଗତ କରାଇଥିଲେ। ବ୍ୟାଙ୍କ ଋଣ ବା ଉଧାର ନୀତି ନିୟମ, ଠିକ୍ ପରିଚାଳନା, ଏଟିଏମ୍ କାର୍ଡର ପରିଚାଳନା, ସରକାରୀ ଯୋଜନା ତଥା ସଞ୍ଚୟ ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ନୂତନ କରି ଯୋଗ ଦେଇଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଧ୍ୟକ୍ଷ ମୋହନ ଏମ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିତ୍ତୀୟ ସାକ୍ଷରତା କର୍ମଶାଳାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ମହାପ୍ରବନ୍ଧକ ବସନ୍ତ କୁମାର ପାତ୍ର, ଅଗ୍ରଣୀ ଜିଲା ପ୍ରବନ୍ଧକ ମହେଶ୍ୱର ଗୌଡ, ନାବାର୍ଡ ଜିଲା ପ୍ରାଧିକାରୀ ଶରତ ଚନ୍ଦ୍ର ବେହେରା, ସହକାରୀ ଜିଲାପାଳ ଈଶାନୀ ପଣ୍ଡା, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଢେଙ୍କାନାଳ ଆଞ୍ଚଳିକ ପ୍ରବନ୍ଧକ ସନ୍ଦୀପ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଢେଙ୍କାନାଳ ଆଞ୍ଚଳିକ କାର୍ଯ୍ୟାଳୟର ବିତ୍ତୀୟ ଅଧିକାରୀ ଶ୍ରୀକାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସ୍ଥାନୀୟ ଶାଖା ପରିଚାଳିକା ଭାନୁପ୍ରିୟା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ବେଆଇନ ନିର୍ମାଣ ସନ୍ଧାନ କରିବ ସ୍ୱତନ୍ତ୍ର ଟିମ୍

ଅନୁଗୋଳ ଅଫିସ,୧୮।୨




ଅନୁଗୋଳ ଜିଲାର ତାଳଚେର-ଅନୁଗୋଳ-ମେରାମଣ୍ଡଳୀ ଉନ୍ନୟନ କର୍ତ୍ତୃପକ୍ଷ (ତାମଡା)ଙ୍କ ଅଧୀନରେ ଥିବା ବିଭିନ୍ନ ସ୍ଥାନରେ ତାମଡାର ବିନା ଅନୁମତିରେ ଅନେକ ନିର୍ମାଣ କାର୍ଯ୍ୟ କରାଯାଇଛି। କେଉଁଠି ଘର ତ ଆଉ କେଉଁଠି ଦୋକାନ ଗଢ଼ି ଉଠିଥିବା ଦୀର୍ଘଦିନ ଧରି ଅଭିଯୋଗ ହୋଇଆସୁଛି। ତେବେ ଏସବୁ ବେଆଇନ ନିର୍ମାଣ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ତଥା ତାମଡା ଉପାଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ତିନୋଟି ଟିମ୍ ଗଠନ କରିଛନ୍ତି। ପ୍ରଥମ ଟିମ୍‌ରେ ପ୍ଲାନିଙ୍ଗ ଆସିଷ୍ଟାଣ୍ଟ ନୀଳିମା ମହାପାତ୍ର ଓ ଜୁନିଅର ଆସିଷ୍ଟାଣ୍ଟ ମନୋଜ କୁମାର ସିଂ ରହିଥିବାବେଳେ ଏହି ଟିମ୍‌କୁ ପୌରାଞ୍ଚଳ, ଅନୁଗୋଳ ଓ ଛେଣ୍ଡିପଦା ତହସିଲ ଅଞ୍ଚଳ ଦାୟିତ୍ୱ ମିଳିଛି। ଦ୍ୱିତୀୟ ଟିମ୍‌ରେ ସିନିୟର ଡ୍ରାଫ୍ଟସମ୍ୟାନ ରମେଶ ଚନ୍ଦ୍ର ସାହୁ ଓ ସିନିୟର ଆସିଷ୍ଟାଣ୍ଟ ରସାନନ୍ଦ ସାମନ୍ତରାୟ ଅଛନ୍ତି। ଏମାନଙ୍କୁ ବଅଁରପାଳ ତହସିଲ ଓ ଓଡାପଡା ଦାୟିତ୍ୱ ପ୍ରଦାନ କରାଯାଇଛି। ତୃତୀୟ ଟିମ୍‌ରେ ରହିଥିବା ଆର୍କିଟେକ ଆସିଷ୍ଟାଣ୍ଟ ଶାନ୍ତିଲତା ପ୍ରଧାନ, ଜୁନିଅର ଆସିଷ୍ଟାଣ୍ଟ ନରେଶ ଚନ୍ଦ୍ର ଦଳେଇଙ୍କୁ ତାଳଚେର ପୌରପାଳିକା, ତାଳଚେର ତହସିଲ ଓ କଣିହାଁ ଅଞ୍ଚଳର ଦାୟିତ୍ୱ ମିଳିଛି। ଏହି ତିନିଟି ଟିମ୍ ମିଳିଥିବା ଦାୟିତ୍ୱ ଅନୁଯାୟୀ ଅଞ୍ଚଳରେ ଅଣସ୍ୱିକୃତୀ ପ୍ରାପ୍ତ ନିର୍ମାଣ ଚିହ୍ନଟ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଏହି ସବୁ କମିଟି ଚଳିତ ଫେବୃଆରୀ ମାସ ଶେଷ ସୁଦ୍ଧା ନିର୍ମାଣ ଅନୁମତି, ଜମି ରୂପାନ୍ତର ଏବଂ ଦୋକାନ ଭଡା ସଂଗ୍ରହ ସମ୍ବନ୍ଧରେ ବିଚାରାଧୀନ କାର୍ଯ୍ୟ ଗୁଡିକର ସମୀକ୍ଷା କରିବ। ମାସ ଶେଷରେ ପ୍ରତ୍ୟେକ ଟିମ୍ ୫୦ଟି ଲେଖାଏ ମାମଲା ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ନ କଲେ ଦରମା ବନ୍ଦ କରାଯିବ ବୋଲି ଜିଲାପାଳ ତଥା ତାମଡା ଉପାଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କଡା ତାଗିଦ୍ କରିଛନ୍ତି।

## ଛୁରା ମାଡ଼ରେ ଯୁବକ ଗୁରୁତର

ମାଧପୁର,୧୮।୨(ଡି.ଏନ.ଏ.)

ଅନୁଗୋଳ ଜିଲା କିଆକଟା ଥାନା ହାଟୁଆପଡ଼ା ଗ୍ରାମରେ ବୁଧବାର ବିବାହ ଭୋଜି ବେଳେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଛୁରା ମାଡ଼ ହୋଇଛି। ସୂଚନା ମୁତାବକ, ସୋନପୁର ଜିଲା କାମୀରା ଗ୍ରାମର ଅମିତ ପ୍ରଧାନ ସମ୍ପର୍କୀୟ ହଟୁଆପଡ଼ାର ଜୈନିକ ବ୍ୟକ୍ତିଙ୍କ ବିବାହ ଭୋଜିରେ ଯୋଗଦେବା ପାଇଁ ଆସିଥିଲେ। ଭୋଜି ଚାଲିଥିବାବେଳେ ହାତଧୁଆକୁ ନେଇ ନାଏକପଡ଼ା ଗ୍ରାମର ଶ୍ରବଣ କର୍ମୀଙ୍କ ସହିତ ତାଙ୍କର ବଚସା ହୋଇଥିଲା। ଏଥିରେ ଶ୍ରବଣ ଉତ୍‌କ୍ଷିପ୍ତ ହୋଇ ଅମିତଙ୍କୁ ଛୁରା ମାଡ କରିଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ବୌଦ୍ଧ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ବୁର୍ଲା ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅପରପକ୍ଷରେ ଅଭିଯୁକ୍ତ ଶ୍ରବଣଙ୍କୁ ଗ୍ରାମବାସୀ କାବୁ କରି କିଆକଟା ପୋଲିସକୁ ହସ୍ତାନ୍ତର କରିଛନ୍ତି। ପୋଲିସ ନଂ. ୯/୨୧ରେ ଏକ ମାମଲା ରୁଜୁ କରି ଗୁରୁବାର ଶ୍ରବଣଙ୍କୁ କୋର୍ଟଚାଲାଣ କରିଥିବା କିଆକଟା ଥାନା ଅଧିକାରୀ ଅନାମ ଲାକ୍ରା ସୂଚନା ଦେଇଛନ୍ତି।

## ୭୫ ୟୁନିଟ୍ ରକ୍ତ ସଂଗ୍ରହ

ଆଠମଲ୍ଲିକ,୧୮।୨(ଡି.ଏନ.ଏ.)

ଆଠମଲ୍ଲିକ ଥାନା ପରିସରରେ ଉପଖଣ୍ଡ ପୋଲିସ ଅଧିକାରୀ (ଏସ୍‌ଡିପିଓ) ଭବାନୀ ଶଙ୍କର ଉଦ୍‌ଗାତାଙ୍କ ତତ୍ତ୍ୱାବଧାନରେ ଗୁରୁବାର ଏକ ଉପଖଣ୍ଡସ୍ତରୀୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏସ୍‌ଡିପିଓ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ୍ ୭୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଠମଲ୍ଲିକ ଥାନା ସମେତ ଉପଖଣ୍ଡର ୫ଟି ଥାନାର ଅଧିକାରୀ, କର୍ମଚାରୀ ଯୋଗଦେଇ ରକ୍ତଦାନ କରିଥିଲେ। ସେହିପରି ଆଠମଲ୍ଲିକ ଏନ୍‌ଏସି ଏବଂ ମାଧପୁର ଅଞ୍ଚଳର କେତେକ ଯୁବକ ସ୍ୱେଚ୍ଛାକୃତ ରକ୍ତଦାନ କରିଥିବା ଜଣାଯାଇଛି। ଆଠମଲ୍ଲିକ ରକ୍ତ ଭଣ୍ଡାର ଡାକ୍ତର ସୁନୀଲ କୁମାର ପଣ୍ଡା, ଡାକ୍ତର ପ୍ରଜ୍ଞାପରିମିତା ପ୍ରଧାନ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ଷ୍ଟାଫନର୍ସ ସ୍ନିଗ୍ଧାରାଣୀ ସିଂ, ରିୟଙ୍କା ମଲ୍ଲିକ ରକ୍ତ ସଂଗ୍ରହ କରିଥିଲେ। ସୁଶାନ୍ତ କୁମାର ସାହୁ, ବିଶ୍ୱଜିତ କର, ମୀନକେତନ ରାଉଳ, ଗୋପୀନାଥ ନାଏକ ପଞ୍ଜୀକରଣ କରିଥିଲେ। ଗୋବିନ୍ଦ ବେହେରା, ଶ୍ରୀତମ ବେହେରା, ରାଧାମୋହନ ତ୍ରିପାଠୀ, ତପନ ବେହେରା, ବିନୟ ପଟ୍ଟନାୟକ ସହଯୋଗ କରିଥିଲେ। ଦେବେନ୍ଦ୍ର ସାହୁ ସଂଯୋଜନା କରିଥିଲେ।



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି।

# କେନାଲ ନିର୍ମାଣ ପ୍ରତିଶ୍ରୁତି



ଗୁରଙ୍ଗ କରଡ଼ାବଣି ସାହିର ଚାଷୀମାନଙ୍କ ସହ କ୍ଷୁଦ୍ର ଜଳସେଚନ ବିଭାଗ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ବନ୍ତଳା,୧୮।୨(ଡି.ଏନ.ଏ.)

■ବିସ୍ଥାପିତ କ୍ଷତି ସହିବା ଘଟଣା

■ଗାଁକୁ ଯାଇ ଚାଷୀଙ୍କୁ ଭେଟିଲେ ଏସ୍‌ଡିଓ, ଯନ୍ତ୍ରୀ

■ଜୁନ୍ ମଧ୍ୟରେ କରାଯିବ ବ୍ୟବସ୍ଥା

ଅନୁଗୋଳ ଜିଲା ବନ୍ତଳା ଥାନା ବଡକେରା ପଞ୍ଚାୟତ ଗୁରଙ୍ଗ ଗ୍ରାମର କରଡ଼ାବଣି ସାହି ଚାଷ ଜମିକୁ ଯାଇଥିବା ଏକ କେନାଲକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ ବେଳେ ପୋତି ଦିଆଯାଇଥିବାରୁ ୧୦୦ ଏକର ଜମି ପଡ଼ିଆ ରହିବା ନେଇ ଗତ ୧୫ ତାରିଖରେ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଏହି ଘଟଣାର ତଦନ୍ତ ପାଇଁ ଗୁରୁବାର କ୍ଷୁଦ୍ର ଜଳ ସେଚନ ବିଭାଗ ଏସ୍‌ଡିଓ ସରୋଜ କୁମାର ସାଠୁଆ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ରବି ଶଙ୍କର ଦାସ ଗ୍ରାମରେ ପହଞ୍ଚିଥିଲେ। ଉଭୟ ଘଟଣାସ୍ଥଳକୁ ଯାଇ କେନାଲ ଓ ଗୁରଙ୍ଗ ଡ୍ୟାମ୍ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଗୁରଙ୍ଗ ଗ୍ରାମର କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ଏପରି କାର୍ଯ୍ୟକୁ ନେଇ ଏସ୍‌ଡିଓ ଏବଂ ଯନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ଏ ନେଇ ଉକ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ଚିଠି କରାଯିବ ବୋଲି କହିଥିଲେ। ଏଥିସହିତ ଆସନ୍ତା ଜୁନ ମାସ ମଧ୍ୟରେ କଂକ୍ରିଟ କେନାଲ କାର୍ଯ୍ୟକ୍ଷମ କରିବା ପାଇଁ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଠିକାଦାରଙ୍କ ସହିତ ଚାଷୀମାନେ ମିଳିତ ହୋଇ ଏହି କେନାଲ ନିର୍ମାଣ କରିବା ପାଇଁ ଅଧିକାରୀମାନେ କହିଥିବାରୁ ଚାଷୀମାନେ ଖୁସି ହୋଇଥିଲେ। ଏହା ପୂର୍ବରୁ ଦୁଇ ଅଧିକାରୀ ଖଣ୍ଡା, ଖାଲଗାଁ, ବଉଳି ଓ ଗୋପାଳପୁର କେନାଲ କାର୍ଯ୍ୟ ଦେଖିବା ସହ ପାଣି ପଞ୍ଚାୟତ କର୍ମକର୍ତ୍ତାମାନଙ୍କୁ ଭେଟିଥିବା ସୂଚନା ମିଳିଛି।

## ସୋସାଇଟିରେ ତାଲା ପକାଇଲେ ଚାଷୀ

ବଇଣ୍ଡା,୧୮।୨(ଡି.ଏନ.ଏ.)

କିଶୋରନଗର ବ୍ଲକର ବିଭିନ୍ନ ମଣ୍ଡିରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା ହେଉଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ସୋସାଇଟି ଗୁଡିକରେ କୁଇଣ୍ଟାଲ କୁଇଣ୍ଟାଲ ଧାନ ଗଦା ହୋଇଥିବାବେଳେ ମିଲର କିଣୁ ନାହାନ୍ତି। ଏହାର ପ୍ରତିବାଦରେ ବୁଧବାର ଅଙ୍ଗପଡା ଓ ଗୁରୁବାର ହିମିତିରା ସୋସାଇଟିରେ ଚାଷୀମାନେ ତାଲା ପକାଇ ଦେଇଛନ୍ତି। ଚାଷୀମାନେ କହିଛନ୍ତି, ଧାନ ବିକ୍ରି କରିବାରେ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟୋକାନ ମିଳିଥିଲେ ମଧ ମିଲର ଧାନ ସଂଗ୍ରହ କରୁନାହିଁ। ରାତି ସାରା ଧାନକୁ ମଣ୍ଡିରେ ଜଗି ରହିବା ସହ ବିଳମ୍ବକୁ ନେଇ ଚାଷୀ ସଂଗଠନ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମିଲରମାନେ କେତେଜଣ ଅସାଧୁ କର୍ମଚାରୀଙ୍କୁ ଧରି ବେପାରୀଙ୍କ ଜରିଆରେ ଅଳ୍ପ ଦରରେ ଧାନ କିଣୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ନେଇ ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା କହିଛନ୍ତି, ତୁରନ୍ତ ପଦକ୍ଷେପ ନିଆଯିବ।



ସୋସାଇଟି ସମ୍ମୁଖରେ ଚାଷୀମାନେ।


# ଓସାକା–ବ୍ରାଡି ଫାଇନାଲ

ମେଲବୋର୍ନ,୧୮।୨

ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଅଷ୍ଟ୍ରେଲିଆନ ଓପନ ମହିଳା ସିଙ୍ଗଲ୍ସ ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ଟାଇଟଲ ପାଇଁ ଶନିବାର ଜାପାନର ତୃତୀୟ ସିଡ୍ ଖେଳାଳି ନାଓମି ଓସାକା ଓ ୨୨ତମ ସିଡ୍ ଖେଳାଳି ଆମେରିକାର ଜେନିଫର ବ୍ରାଡି ପରସ୍ପରକୁ ଭେଟିବେ। ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ଓସାକା ୩୯ ବର୍ଷୀୟ ଅଭିଜ୍ଞ ଆମେରିକୀୟ ଖେଳାଳି ସେରେନା ୱିଲିୟମ୍ସଙ୍କୁ ୬–୩, ୬–୪ ସେଟ୍‌ରେ ପରାସ୍ତ କରି ଫାଇନାଲ ଟିକେଟ ହାସଲ କରିଛନ୍ତି। ଏଥିସହ ସେରେନାଙ୍କ ୨୪ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଆଶା ଧୂଳିସାତ୍ ହୋଇଛି। ଏଥର ସଫଳ ହୋଇଥିଲେ ସେ ଅଷ୍ଟ୍ରେଲିଆର ମାର୍ଗାରେଟ୍ କୋର୍ଟଙ୍କ ରେକର୍ଡର ସମକକ୍ଷ ହୋଇଥାନ୍ତେ। ପରାଜୟ ପରେ ସେରେନାଙ୍କ ଆଖିରେ ଲୁହ ଆସିଯାଇଥିଲା। ଏଥିସହିତ ଓସାକା କ୍ରମାଗତ ୨୦ତମ ବିଜୟ ହାସଲ କରି ସୁପରଫର୍ମରେ ରହିଛନ୍ତି। ସେରେନା ନିଜ ଖେଳରେ ଅସନ୍ତୋଷ ଜାହିର କରିଥିଲେ। ସେ ଓସାକାଙ୍କ ବିପକ୍ଷରେ ଏକାଧିକ ତ୍ରୁଟି କରିଥିଲେ ବୋଲି ସ୍ୱୀକାର କରିଛନ୍ତି। ପୂର୍ବରୁ ମଧ୍ୟ ଓସାକା ସେରେନାଙ୍କୁ ୨୦୧୮ ୟୁଏସ୍ ଓପନ ଫାଇନାଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲେ। ଏଥିସହ ଓସାକା କ୍ୟାରିୟରର ଚତୁର୍ଥ ମେଜର ଫାଇନାଲରେ ପ୍ରବେଶ କରିଛନ୍ତି। ଓସାକା ୨୦୧୮, ୨୦୨୦ରେ ୟୁଏସ୍ ଓପନ୍ ଓ ୨୦୧୯ରେ ଅଷ୍ଟ୍ରେଲିଆନ ଓପନ ଟାଇଟଲ ଜିତିଥିଲେ। ୨୩ତମ ଗ୍ରାଣ୍ଡସ୍ଲାମ ଜିତିବା ପରେ ସେରେନା ୪ଟି ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ସବୁଥର ପରାସ୍ତ ହୋଇଛନ୍ତି। ଫଳରେ ସେ ଆହୁରି ନିରାଶ ହୋଇଛନ୍ତି। ପୂର୍ବରୁ ଅନ୍ୟ ଏକ ସେମିଫାଇନାଲରେ ବ୍ରାଡି ୬–୪, ୩–୬, ୬–୪ ସେଟ୍‌ରେ ୨୫ତମ ସିଡ୍ ଖେଳାଳି ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭାଙ୍କୁ ପରାସ୍ତ କରିଛନ୍ତି। ଏଥିସହ ପ୍ରଥମଥର ପାଇଁ ସେ ଗ୍ରାଣ୍ଡସ୍ଲାମ ଫାଇନାଲକୁ ଉଠିଛନ୍ତି। ବିଜୟ ହାସଲ ପରେ ୨୫ ବର୍ଷୀୟା ବ୍ରାଡି ନିଜର ଖୁସିକୁ ଲୁଚାଇପାରି ନ ଥିଲେ। ଏହାପୂର୍ବରୁ ମୁଚୋଭା କ୍ୱାର୍ଟର ଫାଇନାଲରେ ବିଶ୍ୱର ୧ ନମ୍ବର ଖେଳାଳି ଅଷ୍ଟ୍ରେଲିଆର ଆଶ୍‌ଲେ ବାର୍ଟିଙ୍କୁ ହରାଇଥିଲେ ମଧ୍ୟ ଏହି ସଫଳତାକୁ ଦୋହରାଇ ପାରି ନ ଥିଲେ। ବ୍ରାଡି ଗତ ବର୍ଷ ୟୁଏସ୍ ଓପନ ସେମିଫାଇନାଲରେ ପ୍ରବେଶ କରିଥିଲେ। ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍ ନିଶ୍ଚିତ ଭାବେ ସଂଘର୍ଷପୂର୍ଣ୍ଣ ହେବ ବୋଲି ଆଶା କରାଯାଉଛି।



ନାଓମି ଓସାକା



ନୋଭାକ ଜୋକୋଭିଚ୍

## ଫାଇନାଲରେ ଜୋକୋଭିଚ୍

ପୁରୁଷ ସିଙ୍ଗଲ୍ସ ଇଭେଣ୍ଟର ଟପ୍ ସିଡ୍ ସର୍ବିଆର ନୋଭାକ ଜୋକୋଭିଚ୍ ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ସେମିଫାଇନାଲ ମ୍ୟାଚ୍‌ରେ ରୁଷିଆ କ୍ୱାଲିଫାୟର ତଥା ବିଶ୍ୱର ୧୧୪ ନମ୍ବର ଖେଳାଳି ଆସଲାନ କାରାତ୍ସେଭଙ୍କୁ ୬–୩, ୬–୪, ୬–୨ ସିଧାସଳଖ ସେଟ୍‌ରେ ହରାଇ ଫାଇନାଲକୁ ଉଠିଛନ୍ତି। ୩୩ ବର୍ଷୀୟ ଜୋକୋଭିଚ୍ ଏହି ମ୍ୟାଚ୍‌ରେ ଅତି ସହଜରେ ବିଜୟ ହାସଲ କରିଥିଲେ। ଟାଇଟଲ ପାଇଁ ଫାଇନାଲ ମୁକାବିଲାରେ ସେ ରବିବାର ଚତୁର୍ଥ ସିଡ୍ ରୁଷିଆର ଡାନିଲ ମେଡଭେଡେଭ କିମ୍ବା ପଞ୍ଚମ ସିଡ୍ ଗ୍ରୀସ୍‌ର ଷ୍ଟିଫାନୋସ ସିଟ୍‌ସିପାସ୍‌ଙ୍କୁ ଭେଟିବେ। ଶୁକ୍ରବାର ଏହି ଦୁଇ ଖେଳାଳି ଅନ୍ୟ ଏକ ସେମିଫାଇନାଲରେ ପରସ୍ପରକୁ ଭେଟିବେ। ପୂର୍ବରୁ ମଧ୍ୟ ଏହି ଦୁଇ ଖେଳାଳି କୌଣସି ମେଜର ଟାଇଟଲ ଜିତି ନାହାନ୍ତି। ଏଥର ସଫଳ ହେଲେ ଜୋକୋଭିଚ୍ କ୍ୟାରିୟରର ନବମ ଅଷ୍ଟ୍ରେଲିଆନ ଟାଇଟଲ ହାସଲ କରି ନିଜର ପୂର୍ବ ରେକର୍ଡକୁ ଆହୁରି ଦୃଢ଼ କରିବେ ଓ ଏଥିସହିତ କ୍ୟାରିୟରର ୧୮ତମ ଗ୍ରାଣ୍ଡସ୍ଲାମ ଜିତି ରୋଜର ଫେଡେରର ଓ ରାଫାଲ ନାଡ଼ାଲଙ୍କ ନିକଟବର୍ତ୍ତୀ ହେବେ।

# ଇଲେଭେନ ଷ୍ଟାର ଚାମ୍ପିୟନ

ରାଜନଗର, ୧୮।୨(ଡି.ଏନ୍.ଏ.)

ରାଜନଗର ବ୍ଲକ ବଡ଼ପଲ୍ଲୀସ୍ଥିତ ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୩୯ତମ ଚଞ୍ଚଳା ଟ୍ରଫିର ଗୁରୁବାର ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଙ୍ଗକୁ ୧୨୦ ରନରେ ହରାଇ ଯାଜପୁରର ଇଲେଭେନ ଷ୍ଟାର ଚାମ୍ପିୟନ ହୋଇଛି। ପ୍ରଥମେ ଟସ୍ ଜିତି ଇଲେଭେନ ଷ୍ଟାର ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୯୮ ରନ୍ କରିଥିଲା। ଦଳର ପ୍ରିୟାଂଶୁ ଯାଦବ ୭ ଛକା, ୪ ଚଉକା ସହାୟତାରେ ୬୫ ରନ୍ କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ୧୩.୪ ଓଭରରେ ୭୮ ରନ୍ କରି ଅଲ୍‌ଆଉଟ ହୋଇ ଯାଇଥିଲା। ଯାଜପୁରର ରାଜା ଧଳ ୩.୪ ଓଭରରେ ୧୫ ରନ ଦେଇ ୪ ଉଇକେଟ, ଚନ୍ଦନ ତିୱାରୀ ୪ ଓଭରରେ ୧୭ ରନ ଦେଇ ୪ ଉଇକେଟ ନେଇଥିଲେ। ବେଷ୍ଟ ଫିଲ୍ଡର ଓ କ୍ୟାପଟେନ ଭାବେ ଯାଜପୁରର ଅଭିଳାଷ ରାଉତରାୟ, ବେଷ୍ଟ ବ୍ୟାଟ୍ସମ୍ୟାନ ଭାବେ ପ୍ରିୟାଂଶୁ ଯାଦବ, ବେଷ୍ଟ ବୋଲର ଚନ୍ଦନ ତିୱାରୀ, ବେଷ୍ଟ ଉଇକେଟ୍‌କିପର ଜ୍ୟୋତି ରଞ୍ଜନ ସ୍ୱାଇଁ ଓ ବେଷ୍ଟ ଡିସିପ୍ଲିନ ଟିମ ଭାବେ ଗୋପବନ୍ଧୁ କ୍ରିକେଟ କ୍ଲବ କେନ୍ଦ୍ରାପଡ଼ାକୁ ପୁରସ୍କୃତ କରାଯାଇଥିଲା। ବ୍ଲକ ବିଜେଡି ସଭାପତି ତଥା ଆୟୋଜକ ପଲ୍ଲିଶ୍ରୀ ଯୁବକ ସଂଘର ଉପଦେଷ୍ଟା ଅଶୋକ କୁମାର ପ୍ରତିହାରୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ, ଶ୍ରମ ଓ ନିୟୋଜନ ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ସିଂ ଚାମ୍ପିୟନ ଦଳକୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଉତ୍ସବରେ ବାଲେଶ୍ୱର ବିଧାୟକ ଜୀବନ ସ୍ୱରୂପ ଦାସ, ରାଜନଗର ବିଧାୟକ ଧ୍ରୁବ ସାହୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟରାମ ସେଠୀ, ସରପଞ୍ଚ ରଶ୍ମିତା ପ୍ରତିହାରୀ ପ୍ରମୁଖ

**ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି**

ଯୋଗ ଦେଇଥିଲେ। ଉତ୍ସବରେ ମନ୍ତ୍ରୀ ସିଂ ଖେଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରୋତ୍ସାହନ ଦେଉଛନ୍ତି। ପଡ଼ିଆର ଉନ୍ନତୀକରଣ ପାଇଁ ସବୁ ବ୍ଲକରେ ମିନି ଷ୍ଟାଡିୟମ କରାଯାଉଛି। ଆଗାମୀ ବଜେଟରେ ରାଜନଗର ବ୍ଲକରେ ରାସ୍ତାଘାଟର ଉନ୍ନତୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ସେତୁ ପାଇଁ ବିଧାୟକ ସାହୁ ଦେଇଥିବା ପ୍ରସ୍ତାବ ନିମନ୍ତେ ଅର୍ଥ ବରାଦ କରାଯାଇଛି ବୋଲି କହିଥିଲେ। ପଲ୍ଲିଶ୍ରୀ ଯୁବକ ସଂଘର ସଭାପତି ଶ୍ରୀନିବାସ ବଳ, ସମ୍ପାଦକ ଅଭିମନ୍ୟୁ ପ୍ରତିହାରୀ, ଅଧ୍ୟାପକ ଶଶଧର ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଚାମ୍ପିୟନ ଇଲେଭେନ୍ ଷ୍ଟାର୍ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।




ଭୁବନେଶ୍ୱର ବି' ଓ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଦଳର ଖେଳାଳିମାନେ ଅତିଥିଙ୍କ ସହ।

# ଭୁବନେଶ୍ୱର, କେନ୍ଦ୍ରାପଡ଼ା, କଟକ ବିଜୟୀ

**ଆନ୍ତଃ ଜିଲା ସିନିୟର ମହିଳା ଫୁଟବଲ**

**ଲଖନପୁର,୧୮।୨(ଡି.ଏନ.ଏ.):** ଜିଲା କ୍ରୀଡା ସଂଘ ଓ ଫୁଟ୍‌ବଲ ଆସୋସିଏଶନ ଓଡିଶା ମିଳିତ ଆନୁକୂଲ୍ୟରେ ୨ୟ ବାଟାଲିଅନ ଓଏସ୍‌ଏପି ମିନି ଷ୍ଟାଡିୟମରେ ଚାଲିଥିବା ଆନ୍ତଃ ଜିଲା ପି.ସି. ବେହେରା ସିନିୟର ମହିଳା ଫୁଟ୍‌ବଲ ପ୍ରତିଯୋଗିତାର ଗୁରୁବାର ୪ର୍ଥ ଦିବସରେ ୪ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର 'ବି' ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ଭୁବନେଶ୍ୱର 'ବି'୨–୦ ଗୋଲରେ ବିଜୟୀ ହୋଇଛି। ବିଜୟୀ ଦଳର ଶ୍ରଦ୍ଧାଞ୍ଜଳି ପଣ୍ଡା ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। କେନ୍ଦ୍ରାପଡ଼ା ଓ କେନ୍ଦୁଝର ମଧ୍ୟରେ ଅନୁଷ୍ଠିତ ୨ୟ ମ୍ୟାଚରେ କେନ୍ଦ୍ରାପଡ଼ା ୫–୦ ଗୋଲରେ ବିଜୟୀ ହୋଇଛି। କେନ୍ଦ୍ରାପଡ଼ାର ସଂଘମିତ୍ରା ମଲ୍ଲିକ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଅପରାହ୍ନରେ କଟକ ଓ ମୟୂରଭଞ୍ଜ ମଧ୍ୟରେ ଅନୁଷ୍ଠିତ ୩ୟ ମ୍ୟାଚରେ କଟକ ୪–୦ ଗୋଲରେ ବିଜୟୀ ହୋଇଛି। ବିଜୟୀ ଦଳର ଦୀପା ନାୟକ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ। ୪ର୍ଥ ମ୍ୟାଚ ଭୁବନେଶ୍ୱର 'ଏ' ଓ ଅନୁଗୋଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର 'ଏ' ୧୦–୦ ଗୋଲରେ ବିଜୟୀ ହୋଇଛି। ବିଜୟୀ ଦଳର ସତ୍ୟବତୀ ଖଡିଆ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ଝାରସୁଗୁଡା ଯାନ୍ତ୍ରିକ ବିଦ୍ୟାଳୟ ଅଧ୍ୟକ୍ଷା ପ୍ରଗତି ଦାସ, ଜିଲା ନିୟୋଜନ ଅଧିକାରୀ ସଞ୍ଜୁକୁମାରୀ ସାହୁ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁପ୍ରଭା ସେଠ୍ ଅତିଥି ଭାବେ ଯୋଗଦେଇଥିଲେ। ଝାରସୁଗୁଡ଼ା ଜିଲା କ୍ରୀଡା ସଂଘ ତରଫରୁ ଅତିଥିମାନଙ୍କୁ ଉପଢ଼ୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଫୁଟ୍‌ବଲ ଆସୋସିଏଶନ ଓଡ଼ିଶାର ଚୟନ କର୍ତ୍ତା କଳ୍ପନା ବେହେରା ଉପସ୍ଥିତ ଥିଲେ। ଭୁବନେଶ୍ୱର (ଏ) ଓ କଟକ ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି।

# ଓଡ଼ିଶାରେ ହ୍ୱିଲ୍‌ଚେୟାର ଟେନିସ୍

**ଭୁବନେଶ୍ୱର,୧୮।୧(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶାରେ ହ୍ୱିଲଚେୟାର ଟେନିସ ଖେଳର ପ୍ରବେଶ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମେ ଭୁବନେଶ୍ୱର ଉପକଣ୍ଠ ମେଣ୍ଢାଶାଳସ୍ଥିତ ଗୁରୁକୁଳ ଟେନିସ ରିସୋର୍ଟରେ ଶୁକ୍ରବାରଠାରୁ ୩ ଦିନିଆ ହ୍ୱିଲଚେୟାର ଟେନିସ କର୍ମଶାଳା ଆୟୋଜିତ ହେବାକୁଯାଉଛି। ଏଥିରେ ରାଜ୍ୟର ପ୍ରାୟ ୨୦ଜଣ ପ୍ରତିଯୋଗୀ ଭାଗ ନେବେ। ଇଣ୍ଡିଆନ ହ୍ୱିଲଚେୟାର ଟେନିସ ଟୁର୍ (ଆଇଡବ୍ଲ୍ୟୁଟିଟି)ର ମିଳିତ ସହଯୋଗରେ ଚକୋଲେଟ୍ ଗ୍ରୁପ୍ ଦ୍ୱାରା ଏହି କର୍ମଶାଳାର ଆୟୋଜନ କରାଯାଇଛି। କର୍ମଶାଳା ପରେ ଗୁରୁକୁଳ ଟେନିସ ରିସୋର୍ଟଠାରେ ଏକ ବର୍ଷ ପାଇଁ ହ୍ୱିଲ ଚେୟାର ଟ୍ରେନିଂ ପ୍ରୋଗ୍ରାମ୍ ଅନୁଷ୍ଠିତ ହେବ। ଗୁରୁବାର ଆଇଡବ୍ଲ୍ୟୁଟିଟି ଏବଂ ଚକୋଲେଟ ଗ୍ରୁପ୍ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହାଛଡ଼ା ଇଭେଣ୍ଟ ଲାଗି ଟି–ଶାର୍ଟ ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଡବ୍ଲ୍ୟୁଟିଟିର ଚେୟାରମ୍ୟାନ ସୁନୀଲ ଜୈନ, ପ୍ରକଳ୍ପ ମୁଖ୍ୟ ବିଜୟ ସୂର୍ଯ୍ୟନାରାୟଣ, ଇନ୍‌ଷ୍ଟ୍ରକ୍ଟର ଏଚ୍. ମଧୁସୂଦନ ଏବଂ ଚକୋଲେଟ ଗ୍ରୁପ୍‌ର ଫାଉଣ୍ଡର ଓ ମ୍ୟାନେଜିଂ ଟ୍ରଷ୍ଟି ଚିନ୍ମୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


GOVERNMENT OF ODISHA
No. O-1101

## OFFICE OF THE SUPERINTENDING ENGINEER CENTRAL CIRCLE, RURAL WORKS, BHUBANESWAR

No.________________/Date: 11.02.2021

**"e" Procurement Notice for Building Work for the year 2020-21**

| | | |
|---|---|---|
| 1. | Name of the Work | : Building Works |
| 2. | Total No. of Packages | : 1 No. of Building Work |
| 3. | Estimated Cost of the Package | : Rs.129.82 lakhs |
| 4. | Class of Contractor | : Estiamted Cost more than Rs.40.00 lakhs & upto Rs.3.00 Crores. **B Class & A Class** (of Odisha PWD) or relevant class of other licensing authorities |
| 5. | Period of Completion | : As mentioned in Column - 6 of Annexure |
| 6. | Offered rates by bidder | : The offered rate by the contractor shall be excluding GST |
| 7. | Other details | |

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Central Circle, Rural Works, Bhubaneswar | Tender Online - C.C.-04 of 2021 | 22.02.2021 at 11.00 A.M. | 12.03.2021 upto 5.00 P.M. | 08.03.2021 upto 3.00 P.M. | 15.03.2021 at 11.00 A.M. | 23.03.2021 at 11.00 A.M. |

Further details can be seen from the website: **www.tendersorissa.gov.in**.

OIPR-25082/11/0011/2021

**Superintending Engineer**
**Central Circle, Rural Works, Bhubaneswar**



## OFFICE OF THE CDM & PHO, KORAPUT DISTRICT PROGRAMME MANAGEMENT UNIT, NHM

**Advt. No. 702/DPMU/NHM/2021 Date: 17.02.2021**

**SHORT TENDER CALL NOTICE**

No. E-578: Sealed tenders are invited from registered suppliers/agencies/dealers for "Supply & Installation of Hospital Information System at DHH, Koraput at Jeypore" to CMD & PHO, Koraput (NHM wing). Details regarding the items, specifications, terms & conditions and formats for submission of tender may be downloaded from the website **www.koraput.nic.in**. The tenders should reach the Office of the undersigned by 03.03.2021 till 11.00 A.M. through Regd. Post/Speed Post/Courier only. The undersigned reserves the right to reject any or all the tenders without assigning any reason thereof.

**Sd./- CDM & PHO-cum-**
**District Mission Director, Koraput**

OIPR-10077/11/0018/2021



## OFFICE OF THE DEAN & PRINCIPAL MAHARAJA KRISHNA CHANDRA GAJAPATI MEDICAL COLLEGE

**BRAHMAPUR - 760004, GANJAM, ORISSA**
**Tel.: 0680-2292746, Fax: 0680-2292809**
**E-mail: prin_mkcgmcberhampur@yahoo.com**
**mkcgmc.bam@gmail.com, Website: www.mkcgmch.org**
**No. 1477/MCB-2021/Welfare**
**Dated, Brahmapur the 15th February, 2021**

**TENDER NOTICE FOR AWARD OF CONTRACT FOR PROVIDING OF SERVICES OF MECHANISED LAUNDRY SERVICE**

No. E-580: Sealed tenders are invited from reputed Laundry agencies/ service providers to provide Laundry Service for MKCG Medical College & Hospital establishment for a period of one year which is extendable upto a maximum period of 3 (three) years subject to periodic review of performance.

The detailed information for outsourcing of aforesaid service is available in the tender document which may either be downloaded from the website **www.mkcgmch.org** or procure in person from Office of the Dean & Principal, M.K.C.G. Medical College, Berhampur (GM), Orissa - 760 004 on any working day between 11 A.M. to 4 P.M. on payment of **Rs.2000/- (Rupees Two Thousand) only**. The last date and time for submission of tender document is **from 21 (Twenty one) days from the date of publication of this advertisement in the Newspaper by Speed Post/Regd. Post only**.

The undersigned reserves the right to cancel the tender in full or parts at any time without assigning any reason thereof.

**Sd./- Dean & Principal**
**M.K.C.G. Medical College, Berhampur**

OIPR-10013/11/0019/2021



## পৌর কার্য্যালয়, জয়পুর

ପୌର କାର୍ଯ୍ୟାଳୟ, ଜୟପୁର

## MUNICIPAL OFFICE, JEYPORE

**Main Road, Jeypore, Dist.- Koraput, Odisha**
**e-Mail: ulbjeypore@gmail.com**

**Letter No. 455/JM** **Date: 15, February 2021**

**EXPRESSION OF INTEREST**

Expression of Interest are invited from intended electrical contractors/agency for covering of 57 Nos. of duel wing electric poles (Along N.H. 26 road divider) with ornamental spiral coil LED bulbs. The contractor/agency should have valid electric licence. The interested contractor/agency may verify the site physically and submit their willingness to execute the work in their letter head mentioning quantity required, unit price, service charges, tax etc. in details. The EOI should reach to the undersigned by Speed Post/Regd. Post/In person on or before 24.02.2021 upto 4.00 P.M. (Only on working days) along with all relevant documetns such as extracts of GST Certificate, Pan Card, valid electric contract licence/authorisation, experience if any and other relevant documents. The EOIs received thereof shall be opened on 24.02.2021 at 5.00 P.M. in presence of the quotationers or their authorized representatives.

The undersigned reserves the right to reject any or all EOIs without assigning any reason thereof.

**Sd./- Executive Officer**
**Jeypore Municipality**



## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER

No.534/ Dt.18.2.21

**SHORT SEALED TENDER NOTICE**

Sealed tenders are invited for disposal of condemned 108 Ambulance vehicles lying at different site/location of Jajpur district. The intending tenderers may obtain tender paper containing terms & conditions details of auction vehicles available in the district website www.jajpurnic.in. The intending tenderer may inspect the concerned vehicles to be disposed of in "as is where condition is". The sealed tender papers to be submitted through Regd. Post/Speed Post upto 5.00 P.M. on dated 02.03.2021 to the Chief District Medical & Public Health Officer, Jajpur, At/P.O./Dist. Jajpur, Pin-755001.

**Sd./- Dr. S.S. Bal**
**CDM&PHO, JAJPUR**



## OFFICE OF THE DIRECTOR GENERAL OF POLICE

**ODISHA, CUTTACK**

**Advertisement for re-engagement of retired Section Officers / Asst. Section Officers as OSD against the Vacant Post of Asst. Section Officer on Contractual Basis for Odisha Police**

No. D-172: Applications are invited from the retired Ministerial Officers in the rank of Section Officer/ Asst. Section Officer of DGPO Cadre for 10 (ten) posts on re-engagement basis in the State Police Headquarters, Odisha, Cuttack for a period of 01 (one) year on contractual basis as OSD against the vacant post of ASO or till the vacancies are filled up, whichever is earlier. This re-engagement will be as per terms and conditons laid down in the guidelines relating to engagement of retired Government servants issued vide G.A. Department Resolution No. 23750/Gen. Dtd.27.08.2014.

1. The egnagement shall be made in transparent manner for 01 (one) year initially.
2. The performance of the Officers is to be reviewed periodically and documented at least once in a quarter.
3. Their monthly remuneration is to be fixed as per Finance Department O.M. No. 7022/F., Dtd.17.03.2018.
4. Candidates interested to be re-engaged shall apply to the Inspector General of Police (Personnel), Odisha, Cuttack in the given format by Registered Post which should reach at State Police Headquarters, Odisha, Buxi Bazar, Cuttack on or before 05.03.2021.
5. The selection will be governed by the procedure and rule laid down in G.A. Department Resolution No. 23750/Gen. Dtd.27.08.2014 and Home Department Letter No. 5340/D&A, Dtd.09.02.2021.
6. Details of postal address of Inspector General of Police (Pers.), Odisha, Cuttack, Application form and related Government resolution are available in Odisha Police website: **www.sphqrs.odpol@gov.in**.

**Sd./- I.G. of Police (Personnel)**
**Odisha, Cuttack**

OIPR-12017/11/0005/2021



GOVERNMENT OF ODISHA
No. A-597

## DEPARTMENT OF WATER RESOURCES OFFICE OF THE SUPERINTENDING ENGINEER

**MECHANICAL CIRCLE, BHUBANESWAR**
**Email Address: semechcircle104@gmail.com**

**e-Procurement Notice**

**Bid Identification No. SEM/MDB-18/2020-21**

1. Name of the Work : Mechanical Gate Works
2. No. of Works : 02 (Two)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates.
4. Bid Identification No. : SEM/MDB-18/2020-21
5. Estimated Cost : Rs.10,37,708.00 to Rs.12,42,463.00
6. Period of Completion : 30 (Thirty) Calendar Days
7. Date & time of availability of bid documents in the portal : From Dt.19.02.2021 (10.00 A.M.) : to Dt.01.03.2021 (5.30 P.M.)
8. Last date/time for receipt of bid in the portal : Dt.01.03.2021 (upto 5.30 P.M.)
9. Date and place of opening of Bid : Dt.02.03.2021 (04.00 P.M. onwards in the O/o. the undersigned)
10. Name of the Officer Inviting Bid : Superintending Engineer, Mechanical Circle, Bhubaneswar

Further details can be seen from the e-procurement portal **https://tendersodisha.gov.in**.

**Sd./- Superintending Engineer**
**Mechanical Circle, Bhubaneswar**

OIPR-32405/11/0002/2021



## OFFICE OF THE MUNICIPAL COUNCIL, JODA

**Phone No.:- 06767-272214, Fax No.:- 06767-272214, E-mail:- jodam.hud@nic.in**

**No. 1584** **Dt. 17.02.21**

**'e'-procurement Notice**

**Bid Identification No. JM-12/2020-21**

**No. C-480:-** Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. **website i.e. www.tendersodisha.gov.in**

1. Nature of Work :- Civil
2. No. of Works :- 01 No.
3. Estimated Cost :- Rs.1,16,57,994/-
4. Bid Identification No. :- 2021_ORULB_66449_1
5. Date & time of availability of the Documents in the Portal :- From 11.00 A.M. on dt. 17.02.2021 to 5.00 P.M. of Dt.09.03.2021
6. Last date/time for receipt of Bids in the Portal :- on dt.09.03.2021 upto 5.00 P.M.
7. Last date for submission & drop the Bid documents in the box :- from 10.00 A.M. on dt.10.03.2021 to dt.15.03.2021 upto 5.00 P.M.
8. Technical Bids received online shall be opened :- at 11.00 A.M. on Dt.16.03.2021
9. Financial Bids received online shall be opned at 11.30 A.M. on Dt.18.03.2021
10. Name and address of the Officer Inviting Bid :- Executive Officer, Joda Municipality

Further, the details can be seen from the e-Procurement Portal:- **www.tendersodisha.gov.in**

**Sd./- Executive Officer, Joda Municipality**

OIPR-13124/11/0004/2021



## OFFICE OF THE ROURKELA MUNICIPAL CORPORATION, ROURKELA

**INVITATION FOR BID**

**No. 1904** **Dated 17.02.21**

**Bid Identification No.:- MC/RMC/8/2021**

**No.C-484:-** The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online mode. Bid Identification **No. MC/RMC/8/2021** for **11 nos.** different Electrical work with value of Rs.2.99 lakh to Rs.25.03 lakh.

1. Bid documents will be available in website **www.tendersorissa.gov.in** from **19.02.2021**.
2. Bids must be submitted on "online" on or before **02.03.2021 by 17.000 hours**.
3. Bids shall be opened at 11.00 hours on **03.03.2021** in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**

**Sd./- Municipal Commissioner**
**Rourkela Municipal Corporation**

OIPR-13131/11/0003/2021

## ସଂକ୍ଷେପରେ

### ଅର୍ଥ ସଚିବଙ୍କୁ ଭେଟିଲେ କେୟାର୍ନ ସିଇଓ

ନୂଆଦିଲ୍ଲୀ,୧୮।୨: ବ୍ରିଟେନ ଭିତ୍ତିକ କମ୍ପାନୀ କେୟାର୍ନ ଏନର୍ଜି ପିଏଲ୍‌ସିର ସିଇଓ ସାଇମନ ଥମ୍ପସନ ଅର୍ଥ ସଚିବ ଅଜୟ୍ ଭୂଷଣ ପାଣ୍ଡେ ଏବଂ ସିବିଡିଟି ଅଧକ୍ଷ ପିସି ମୋଦିଙ୍କୁ ଭେଟିଛନ୍ତି। ଭାରତ ବିରୋଧରେ ଅନ୍ତର୍ଜାତୀୟ ଆର୍ବିଟ୍ରେଶନ ଟ୍ରିବ୍ୟୁନାଲ ରାୟ ଦେବାର ପ୍ରାୟ ୨ ମାସ ପରେ ସେ ଭାରତୀୟ ଉଚ୍ଚ ପଦାଧିକାରୀଙ୍କୁ ଭେଟିଛନ୍ତି। ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଜାରୀ ରହିଛି ବୋଲି ସାଇମନ ବୈଠକ ପରେ ଗଣମାଧମକୁ ସୂଚନା ଦେଇଛନ୍ତି। ବୈଠକରେ କଣ ନିର୍ଯ୍ୟାସ ବାହାରିଲା ସେ ନେଇ କିଛି କହିବାକୁ ସେ ମନା କରି ଦେଇଛନ୍ତି। ୧.୪ ବିଲିୟନ ଡଲାର ଅର୍ଥ ଭାରତ କେୟାର୍ନକୁ ଫେରାଉବୋଲି ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ଭାରତ ସରକାର ଅନ୍ତର୍ଜାତୀୟ ନିୟମକୁ ଉଲ୍ଲଘଂନ କରିଥିବା ମଧ କୁହାଯାଇଛି। ଏଭଳି ସ୍ଥିତିରେ ଭାରତ ସରକାରଙ୍କଠାରୁ ଅର୍ଥ ଫେରି ପାଇବା ଲାଗି ଏହି କମ୍ପାନୀ ୟୁଏସ୍ ଡିଷ୍ଟ୍ରିକ୍ଟ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି।

### ପଓ୍ୱନହଂସ ଲାଗି ଏକାଧିକ ସଂସ୍ଥା ଆଗ୍ରହୀ

ନୂଆଦିଲ୍ଲୀ,୧୮।୨: ରାଷ୍ଟ୍ରାୟତ୍ତ ଚପର ସେବା ପ୍ରଦାନକାରୀ କମ୍ପାନୀ ପଓ୍ୱନ ହଂସ ଲିମିଟେଡର ନିଲାମ ପ୍ରକ୍ରିୟାରେ ଭାଗନେବା ଲାଗି ଏକାଧିକ ସଂସ୍ଥା ଆଗ୍ରହ ଦେଖାଇଛନ୍ତି। ଏ ନେଇ ସରକାରଙ୍କୁ ଏକାଧିକ ଏକ୍ସପ୍ରେସନ ଅଫ୍ ଇଣ୍ଟରେଷ୍ଟ(ଇଓଆଇ) ମିଳିଛି। ଟ୍ରାଞ୍ଜାକଶନ ଦ୍ୱିତୀୟ ପର୍ଯ୍ୟାୟକୁ ଗତି କରିଥିବା ନିବେଶ ଏବଂ ରାଷ୍ଟ୍ରାୟତ୍ତ ସମ୍ପତ୍ତି ପରିଚାଳନା ବିଭାଗ ସଚିବ ତୁହୀନ କାନ୍ତ ପାଣ୍ଡେ ଗୁରୁବାର ସଂଧାରେ ଟୁଇଟ ଯୋଗେ ସୂଚନା ଦେଇଛନ୍ତି। ଏହି କମ୍ପାନୀର ଘରୋଇକରଣ ଲାଗି ସରକାର ଗତ ଡିସେମ୍ବରରେ ପ୍ରକ୍ରିୟା ଆରମ୍ଭ କରିଥିଲେ। କମ୍ପାନୀରରେ ସରକାରଙ୍କ ୫୧% ଅଂଶଧନ ରହିଛି। ସରକାର ତାଙ୍କର ମୋଟ ଅଂଶଧନକୁ ବିକ୍ରି କରିଦେବେ ବୋଲି ଜଣାପଡିଛି। ବିନିବେଶ ପ୍ରକ୍ରିୟା ସମ୍ପାଦନ କରିବା ଲାଗି ଏସ୍‌ବିଆଇ କ୍ୟାପିଟାଲକୁ ଟ୍ରାଞ୍ଜାକଶନ ଆଡଭାଇଜର ଭାବେ ନିଯୁକ୍ତ କରାଯାଇଛି।

# ୨୬ରେ ବନ୍ଦ ରହିବ କମର୍ସିଆଲ ମାର୍କେଟ

ନୂଆଦିଲ୍ଲୀ,୧୮।୨

ଚଳିତ ମାସ ୨୬ ତାରିଖରେ ଦେଶର ସମସ୍ତ କମର୍ସିଆଲ ମାର୍କେଟ ବନ୍ଦ ରହି ବୋଲି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି) ପକ୍ଷରୁ ସୂଚନା ଦିଆଯାଇଛି। ସାମଗ୍ରୀ ଓ ସେବା ଟିକସ ବ୍ୟବସ୍ଥାକୁ ପୁଣି ଥରେ ବିଶ୍ଳେଷଣ କରିବା ଦାବିରେ ସଂଘ ପକ୍ଷରୁ ଭାରତ ବନ୍ଦ ଡାକରାର ଏହା ଅଂଶ ବିଶେଷ। ଏହି ଦିନ ସିଏଆଇଟି ପକ୍ଷରୁ ଦେଶର ୧୫୦୦ ଶହ ସ୍ଥାନରେ ଧାରଣା ଦିଆଯିବ। ଜିଏସ୍‌ଟିରେ ରହିଥିବା ବିଭିନ୍ନ ଡ୍ରାକୋନିଆନ ନିୟମକୁ ହଟାଇବା ନେଇ ସଂଘ ଦାବି ଉପସ୍ଥାପନ କରିଛି। ବ୍ୟବସାୟୀଙ୍କୁ ଅନୁପାଳନ ସହଜ ଏବଂ ଟିକସ ସ୍ଲାବ ସରଳ ଏବଂ ହ୍ରାସ ହେବା ଭଳି ବ୍ୟବସ୍ଥା ଆଣିବାକୁ କୁହାଯାଇଛି। ସିଏଆଇଟି ମହାସଚୀବ ପ୍ରଭୀନ ଖଣ୍ଡେଲୱାଲ କହିଛନ୍ତି, ଏହି ପ୍ରସଙ୍ଗ ଉପରେ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରାଯାଉଛି। ଫେବୃୟାରି ୨୬ରେ ହେବାକୁ ଥିବା ଧର୍ମଘଟକୁ ଅଲ ଇଣ୍ଡିଆ ଟ୍ରାନ୍ସପୋର୍ଟର୍ସ ୱେଲଫେୟାର ଆସୋସିଏଶନ ପକ୍ଷରୁ ମଧ ସମର୍ଥନ କରାଯିବ। ବନ୍ଦକୁ ଦେଶର ୪୦ ହଜାର ଟ୍ରେଡର ସମର୍ଥନ କରିବେ। ଜିଏସ୍‌ଟି ସଫଳତା ଲାଗି ସ୍ୱେଚ୍ଛାକୃତ ଅନୁପାଳନ ଜରୁରି ବୋଲି ବୋଲି ସେ ମତ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି, ଗତ ୪ ବର୍ଷରେ ଜିଏସ୍‌ଟିରେ ୯୫୦ ସଂଶୋଧନ କରାଯାଇଛି। ଜିଏସ୍‌ଟି ପୋର୍ଟାଲରେ ଏବଂ ଅନୁପାଳନରେ ବିଭିନ୍ନ ସମସ୍ୟା ଦେଖାଯାଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

**ବ୍ୟବସାୟୀ ମହାସଂଘ ପକ୍ଷରୁ ବନ୍ଦ ଡାକରା**



# ଠକେଇ ନେଇ ସତର୍କ କରାଇଲା ହଳଦୀରାମ

ନୂଆଦିଲ୍ଲୀ,୧୮।୨

ହଳଦୀରାମ ୱେବ୍‌ସାଇଟ ନାମରେ ଅନ୍ୟ ୱେବ୍‌ସାଇଟ ତିଆରି କରି କେତେଜଣ ଅସାଧୁ ବ୍ୟକ୍ତି ଲୋକମାନଙ୍କୁ ଠକୁଛନ୍ତି। ଏହି ଠକେଇ ଘଟଣା ସମ୍ପର୍କରେ କମ୍ପାନୀ ଅବଗତ ରହିଛି। ଏହାକୁ ନେଇ କମ୍ପାନୀ ଲୋକଙ୍କୁ ସତର୍କ ରହିବାକୁ କହିଛି। କମ୍ପାନୀ ପକ୍ଷରୁ କୁହାଯାଇଛି,(www.haldirams.com.) ନାମରେ କମ୍ପାନୀର ୱେବ୍‌ସାଇଟ ରହିଛି। ମାତ୍ର ଏଭଳି ଆଉ କିଛି ୱେବ୍‌ସାଇଟ ବଜାରରେ ଦେଖିବାକୁ ମିଳୁଛି। ଡିଲରଶିପ, ବିତରକ ନିଯୁକ୍ତି କରାଇଦେବା ନାମରେ ଲୋକଙ୍କଠାରୁ ଅର୍ଥ ଆଦାୟ କରାଯାଉଛି। ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଅଗ୍ରିମ ନିଆଯାଉଛି। ସେହିଭଳି ବ୍ୟାଙ୍କ ଆକାଉଣ୍ଟରେ ମଧ ଠକେଇ ହେଉଛି। ଏ ନେଇ ଦେଶର ବିଭିନ୍ନ ପ୍ରାନ୍ତରେ ପୋଲିସ ଷ୍ଟେଶନଗୁଡ଼ିକରେ ଅଭିଯୋଗ ହେଉଥିବା ଖବର କମ୍ପାନୀର ହସ୍ତଗତ ହୋଇଛି। ଠକେଇ ହେଉଥିବା ୱେବ୍‌ସାଇଟଗୁଡିକୁ ବନ୍ଦ କରିବା ଲାଗି କମ୍ପାନୀ ପକ୍ଷରୁ ପଦକ୍ଷେପ ନିଆଯାଉଛି। ନାଗପୁର ସିନିୟର ଡିଭିଜନ ସିଭିଲ କୋର୍ଟ ଏଭଳି ଏକ ମାମଲାର ଶୁଣାଣି କରି ଗୋଡାଡି ଡଟ୍ କମ୍, ନେଟ୍‌ୱର୍କ ସଲ୍ୟୁଶନ ଏବଂ ନିକ୍ସିକୁ ନୋଟିସ ଜାରି କରିଛନ୍ତି। ତୁରନ୍ତ ଉତ୍ତର ରଖିବାକୁ ଏହି କମ୍ପାନୀଗୁଡିକୁ କୁହାଯାଇଛି। ଏହି ୱେବ୍‌ସାଇଟଗୁଡିକୁ କାହିଁକି ତୁରନ୍ତ ବନ୍ଦ କରାଯିବ ନାହିଁ ବୋଲି କୋର୍ଟ ପ୍ରଶ୍ନ କରିଛନ୍ତି। ହଳଦୀରାମ କମ୍ପାନୀ ପକ୍ଷରୁ ଆଇନଜୀବୀ ମହେନ୍ଦ୍ର ଲିମାୱେ ମାମଲା ଲଢୁଛନ୍ତି।

# ଏମ୍‌ଜି ହେକ୍ଟର ୨୦୨୧ର ନୂଆ ଟ୍ରାନ୍ସମିଶନ

ନୂଆଦିଲ୍ଲୀ,୧୮।୨

ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ଅଲ ନିୟୁ ହେକ୍ଟର-୨୦୨୧ ରେଞ୍ଜର ସିଭିଟି ଅଟୋମେଟିକ ଟ୍ରାନ୍ସମିଶନ ବଜାର ପ୍ରବେଶ ହୋଇଛି। ଏହାର ପ୍ରାରମ୍ଭିକ ମୂଲ୍ୟ ୧୬.୫୧ ଲକ୍ଷ ଟଙ୍କା ରହିଛି। ମଡେଲଟି ଏମ୍‌ଟି, ହାଇବ୍ରିଡ୍ ଏମ୍‌ଟି, ସିଭିଟି ଏବଂ ଡିସିଟି ଆଦି ୪ଟି ପେଟ୍ରୋଲ ଇଞ୍ଜିନ ଲାଇନ ଅପ୍‌ରେ ଉପଲବ୍ଧ। ସିଭିଟି ଅଟୋମେଟିକ ଟ୍ରାନ୍ସମିଶନ ଉଭୟ ଏମ୍‌ଜି ହେକ୍ଟର-୨୦୨୧ ମଡେଲ ୫ ସିଟି ଏବଂ ହେକ୍ଟର ପ୍ଲସ୍ ୬ ସିଟରରେ ଉପଲବ୍ଧ। ଏହି ପରିପ୍ରେକ୍ଷୀରେ ଏମ୍‌ଜି ମୋଟର ଇଣ୍ଡିଆର ମୁଖ୍ୟ କମର୍ସିଆଲ ଅଫିସର ଗୌରବ ଗୁପ୍ତା କହିଛନ୍ତି, ଆମେ ଗ୍ରାହକଙ୍କ ଆବଶ୍ୟକତାକୁ ନଜରରେ ରଖି ନିରନ୍ତର ନୂଆ ନୂଆ ଉତ୍ପାଦର ବଜାର ପ୍ରବେଶ କରାଇଥାଉ।



# ୩୭୯ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବାଇ,୧୮।୨

ଲଗାତର ୩ ସେସନ ଧରି ଦେଶର ପୁଞ୍ଜିବଜାରରେ ହ୍ରାସ ଦେଖାଯାଉଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ଗୁରୁବାର ୩୭୯ ପଏଣ୍ଟ ଖସିଥିବା ନଜରକୁ ଆସିଛି। ସେନ୍‌ସେକ୍ସ କାରବାର ୦.୭୩% ନିମ୍ନରେ ରହି ୫୧,୩୨୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ୯୦ ପଏଣ୍ଟ(୦.୫୯%) ନିମ୍ନରେ ରହିବା ଯୋଗୁ ୧୫,୧୧୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ବଜାଜ ଫାଇନାନ୍ସ, କୋଟାକ ବ୍ୟାଙ୍କ, ନେସ୍‌ଲେ ଇଣ୍ଡିଆ, ଏଚ୍‌ଡିଏଫ୍‌ସି, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଆଇସିଆଇସିଆଇ ବ୍ୟାଙ୍କର ଶେୟାର କାରବାର ନିମ୍ନରେ ରହିବା ସହ ୨.୪୩% ଖସିଛି। ଏହାବାଦ ଓଏନ୍‌ଜିସି, ଏନ୍‌ଟିପିସି, ଏସିଆନ ପେଣ୍ଟସ, ଟେକ୍ ମହିନ୍ଦ୍ରା, ପାୱାର ଗ୍ରୀଡ୍ ଏବଂ ଇଣ୍ଡସ ଇଣ୍ଟ ବ୍ୟାଙ୍କର ଶେୟାର କାରବାର ୮.୩୨ ଉଚ୍ଚରେ ରହିଛି। ଏନ୍‌ଏସ୍‌ଇ ପ୍ଲାଟ୍‌ଫର୍ମରେ ଫାଇନାନ୍ସିଆଲ ସର୍ଭିସ, ଅଟୋମୋବାଇଲ ଏବଂ ପ୍ରାଇଭେଟ ବ୍ୟାଙ୍କ ଶେୟାର କାରବାର ୧.୪୮% ନିମ୍ନରେ ରହିଥିବା ଶେୟାର ବଜାର ଡାଟାରୁ ସାମ୍ନାକୁ ଆସିଛି।

# କାନାରା ବ୍ୟାଙ୍କ ପକ୍ଷରୁ ମେଗା ଋଣମେଳା

ଭୁବନେଶ୍ୱର,୧୮।୨

ଗ୍ରାହକ ଚାହିଦା ଓ କାରବାର ବୃଦ୍ଧି ପାଇଁ ଗୁରୁବାର କାନାରା ବ୍ୟାଙ୍କ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ଜାଗମରା ଅଞ୍ଚଳରେ ଏକ ମେଗା ଋଣମେଳାର ଶୁଭାରମ୍ଭ ହୋଇଯାଇଛି। ଏହି ଅବସରରେ ଆଞ୍ଚଳିକ କାର୍ଯ୍ୟାଳୟ ଭୁବନେଶ୍ୱରର ସର୍କଲ ହେଡ୍ ତଥା ଜିଏମ୍ ବି.ଏଲ୍. ମୀନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଜିଏମ୍ ଏସ୍.ଏନ୍. ପଣ୍ଡା, ଭୁବନେଶ୍ୱର ଆର୍‌ଓ-୧ର ଆର୍‌ଓ ହେଡ୍ ତଥା ଡିଜିଏମ ଏ.କେ. ସିଂହ, ସିଓ ଭୁବନେଶ୍ୱର ତଥା ଏଜିଏମ୍ କେ.ଏସ୍.ଗୁପ୍ତା, ଭୁବନେଶ୍ୱର ଆର୍‌ଓ-୨ ର ଆର୍‌ଓ ହେଡ୍ ତଥା ଏଜିଏମ୍ ଏସ୍. ରାଜକିଶୋର, ଏଜିଏମ୍ ସୁଶୀଲ କୁମାର ସିଆର, କୁମାର ସଞ୍ଜୀବ ଡିଭିଜନାଲ ମ୍ୟାନେଜର, ଆର୍.କେ. ସିହ୍ନା, ଦିବ୍ୟଲୋଚନ ସ୍ୱର ଏବଂ ଦୁଷ୍ମନ୍ତ ନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ। ସଭା ପ୍ରାରମ୍ଭରୁ ଏସ୍.ଏନ୍. ପଣ୍ଡା ସ୍ୱାଗତ ଭାଷଣ ସହ ମେଳାର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଛନ୍ତି, ଦେଶର ଏକ ଅଗ୍ରଣୀ ଆର୍ଥିକ ସଂସ୍ଥା ଭାବରେ କାନାରା ବ୍ୟାଙ୍କ ଗ୍ରାହକଙ୍କ ଚାହିଦା ପୂରଣ ପାଇଁ କାର୍ଯ୍ୟକ୍ରମ ଜାରି ରଖିଛି। ପରିଶେଷରେ ପ୍ରାୟ ୪୯.୦୯ କୋଟି ଟଙ୍କାର ଋଣ ସହାୟତା ରାଶି (କାର୍ ଓ ଗୃହ ଋଣ) ହିତାଧିକାରୀଙ୍କୁ ପ୍ରଦାନ କରିଥିଲେ। ମେଳାରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ସଂସ୍ଥାର ଷ୍ଟଲ୍ ଗ୍ରାହକ ଓ ସାଧାରଣ ଲୋକଙ୍କୁ ପ୍ରଦର୍ଶନ କରାଯାଇଛି।

# ଆଜିଠାରୁ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାର

ଭୁବନେଶ୍ୱର,୧୮।୨

ଇଣ୍ଡିଆ ଇଣ୍ଟରନ୍ୟାଶନାଲ ମେଗା ଟ୍ରେଡ୍ ଫେୟାରର ୧୭ତମ ସଂସ୍କରଣ ଏବଂ

**କ୍ରେଡାଇ ଆନୁକୂଲ୍ୟରେ ହୋମ୍ ଆଣ୍ଡ ଡେକୋର ପ୍ରଦର୍ଶନ**

କ୍ରେଡାଇ ଭୁବନେଶ୍ୱର ହୋମ୍ ଆଣ୍ଡ ଡେକୋର ପ୍ରଦର୍ଶନୀ ଶୁକ୍ରବାରଠାରୁ ଆରମ୍ଭ ହେଉଛି। କ୍ରେଡାଇ ଭୁବନେଶ୍ୱର, ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ, ବେଙ୍ଗଲ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ଏବଂ ଜିଏସ୍ ମାର୍କେଟିଂ ଆସୋସିଏଶନର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ମାର୍ଚ୍ଚ ପହିଲା ଯାଏ ଏହା ଚାଲିବ। ମଧାହ୍ନ ୧୨ରୁ ସନ୍ଧ୍ୟା ୮ଟା ଯାଏ ଏହା ଚାଲିବ। ହୋମ୍ ଡେକର ପ୍ରଦର୍ଶନୀରେ ରିୟଲ ଇଷ୍ଟେଟ ପ୍ରକଳ୍ପ ସବୁ ପ୍ରଦର୍ଶନ କରାଯିବ। ଖବରଦାତା କାର୍ଯ୍ୟକ୍ରମରେ କ୍ରେଡାଇ ଭୁବନେଶ୍ୱରର ସଭାପତି କାନ୍ତିଲାଲ ପଟେଲ, କ୍ରେଡାଇ ଭୁବନେଶ୍ୱର ଉପସଭାପତି ଉମେଶ ପଟ୍ଟନାୟକ, ୟୁସିଆଇ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାଜନ ପାଢ଼ୀ, ଜିଏସ୍ ମାର୍କେଟିଂର ସିଇଓ ସୁପର୍ଣ୍ଣା ଦତ୍ତା ଉପସ୍ଥିତ ଥିଲେ।




## ରାଜ୍ୟ ଖବର

### ୟୁଜିସି ପ୍ରତିନିଧି ଦଳର ରମାଦେବୀ ବିଶ୍ୱବିଦ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର,୧୮।୨(ବ୍ୟୁରୋ): ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଏକ ପାଞ୍ଚଜଣିଆ ପ୍ରତିନିଧି ଦଳ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିଦର୍ଶନ କରି ଗୁରୁବାର ଫେରିଯାଇଛନ୍ତି। ଅନୁଦାନ ପ୍ରଦାନ ପୂର୍ବରୁ ଏହି ପ୍ରତିନିଧି ଦଳ ବିଶ୍ୱବିଦ୍ୟାଳୟର ୧୨ (ବି) ଏବଂ ୨(ଏଫ୍) ଯୋଗ୍ୟତା ଜାଣିବାକୁ ଦୁଇଦିନ ଧରି ବିଭିନ୍ନ ବିଭାଗ ଓ କାର୍ଯ୍ୟକ୍ରମର ସ୍ଥିତି ପରଖିଥିଲେ। ବିତ୍ତୀୟ ପରିଚାଳନା, ପରୀକ୍ଷା ପରିଚାଳନା, ଶିକ୍ଷାଦାନ, କର୍ମ ନିର୍ଘଣ୍ଟ, ରୁଟିନ୍, ଗବେଷଣା ଆଦି ସମ୍ପର୍କରେ ପଚାରିବୁଝିଥିଲେ। ସେହିଭଳି ଛାତ୍ରୀ ନିବାସ, ପରୀକ୍ଷାଗାର, ଶ୍ରେଣୀଗୃହ, ନବନିର୍ମିତ କୋଠା, କ୍ୟାଣ୍ଟିନ, କଲେଜ ବିକାଶ ପରିଷଦ, ଛାତ୍ରୀ ସାଧାରଣ କକ୍ଷ, ସାରଳାଦେବୀ ଗବେଷଣା କେନ୍ଦ୍ର, ଛାତ୍ରୀ ମଙ୍ଗଳ କାର୍ଯ୍ୟାଳୟ, ଇ-ଶିକ୍ଷାଦାନ କେନ୍ଦ୍ର, ଏନ୍‌ଏସ୍‌ଏସ୍, ଏନ୍‌ସିସି, ରେଡକ୍ରସ ଆଦି ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗ ବୁଲି ଦେଖିଥିଲେ। ଶେଷରେ ଛାତ୍ରୀ, ଶିକ୍ଷକ ଓ ଅଣଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। କୁଳପତି ଅପରାଜିତା ଚୌଧୁରୀଙ୍କ ନେତୃତ୍ୱରେ କୁଳସଚିବ ଶ୍ୟାମଳୀ ମହାପାତ୍ର, ପିଜି କାଉନ୍‌ସିଲ ଅଧକ୍ଷା ସସ୍ମିତା ମହାନ୍ତି, ସିଡିସି ଚଣ୍ଡୀଚରଣ ରଥ ପ୍ରମୁଖ ପ୍ରତିନିଧି ଦଳକୁ ପୂରା ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

# ଦୁର୍ଦ୍ଧାନ୍ତ ଡକାୟତ ନବ ଗିରଫ



ଗିରଫ ନବକିଶୋର ଓ ଜବତ ସାମଗ୍ରୀ।

ବାଲେଶ୍ୱର ଅଫିସ, ୧୮।୨

**୪ ବନ୍ଧୁକ, ୧୨ରାଉଣ୍ଡ ଗୁଳି ଜବତ**

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ଦୁର୍ଦ୍ଧାନ୍ତ ଡକାୟତ ନବକିଶୋର ଦେଙ୍କୁ ବୁଧବାର ବିଳମ୍ବିତ ରାତିରେ ଗିରଫ କରିଛି। ତାଙ୍କ ନିକଟରୁ ୪ ବନ୍ଧୁକ, ୧୨ରାଉଣ୍ଡ ଗୁଳି, ଟର୍ଚ୍ଚ ଓ ୧୨ଶହ ଟଙ୍କା ଜବତ କରାଯାଇଛି। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ.୫୫/୨୧) ରୁଜୁ କରାଯାଇ ଦଫା ୩୯୨/୩୯୮ ଆଇପିସି ୨୫/୨୭ ଆର୍ମସ ଆକ୍ଟରେ ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ନବକିଶୋରଙ୍କ ଘର ଚାନ୍ଦିପୁର ଥାନା ପାତ୍ରପଡ଼ା ଗ୍ରାମରେ। ସେ ଗ୍ୟାଙ୍ଗଷ୍ଟାରମାନଙ୍କ ସହ ସମ୍ପୃକ୍ତ ରହି ସ୍ଥାନୀୟ ବ୍ୟବସାୟୀ, ବାଲି ବେପାରୀ, ଜମି ବ୍ୟବସାୟୀ ଏବଂ ବିଲ୍ଡର୍ସମାନଙ୍କୁ ବନ୍ଧୁକ ଦେଖାଇ ଦାଦାବଟି ଆଦାୟ କରୁଥିଲେ। ତାଙ୍କ ନାମରେ ହତ୍ୟା, ଛିନ୍‌ତାଇ, ଡକାୟତି ଭଳି ବହୁ ମାମଲା ଜିଲାର ବିଭିନ୍ନ ଥାନାରେ ରହିଛି। ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୨୬୩/୧୧, ୧୪୮/୧୬, ୩୦୪/୧୭, ୨୦୫/୧୯, ୫୫/୨୧), ଟାଉନ୍ ଥାନାରେ ମାମଲା (ନଂ. ୧୧୨/୧୧, ୩୫/୧୨) ଓ ଶିଳ୍ପାଞ୍ଚଳ ଥାନାରେ ମାମଲା (ନଂ. ୧୨୪/୧୭) ରହିଛି। ସହଦେବଖୁଣ୍ଟା ମଡ଼େଲ ଥାନା ସବ୍‌ଇନ୍ସପେକ୍ଟର ବିରଞ୍ଚି ସାହୁଙ୍କ ସୂଚନା ଅନୁଯାୟୀ, ୧୬ନଂ. ଜାତୀୟ ରାଜପଥର ନହରପାଟଣା ପୋଲ ଉପରେ ନବକିଶୋର ପ୍ରଥମେ ଜଣଙ୍କୁ ଅଟକାଇ ବନ୍ଧୁକ ଦେଖାଇ ତାଙ୍କ ନିକଟରୁ ୩ଶହ ଟଙ୍କା ଆଦାୟ କରିଥିଲେ। ପରେ ଅନ୍ୟ ଜଣଙ୍କ ପାଖରୁ ବନ୍ଧୁକ ଦେଖାଇ ୨ଶହ ଟଙ୍କା ଲୁଟ୍ କରିଥିଲେ। ପୋଲିସ ପହଞ୍ଚି ତାଙ୍କୁ କୌଶଳକ୍ରମେ ଗିରଫ କରିଥିଲା। ଗତ ୨୦୧୬ରେ ହୋଇଥିବା ଖାସୁଆ ହତ୍ୟା ମାମଲା ଏବଂ ଆନନ୍ଦବଜାରରେ ହୋଇଥିବା ହତ୍ୟା ମାମଲାରେ ନବକିଶୋର ସମ୍ପୃକ୍ତ ଥିଲେ। ପୋଲିସ ଦୁଇ ବର୍ଷ ହେଲା ତାଙ୍କୁ ଖୋଜୁଥିଲା।

# ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ନେଇ ଆଲୋଚନା

ଭୁବନେଶ୍ୱର, ୧୮।୨ (ବ୍ୟୁରୋ)

**ଓଡ଼ିଶୀ ସଙ୍ଗୀତ ଉତ୍ସବର ଦ୍ୱିତୀୟ ଦିବସ**

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଓଡ଼ିଶୀ ସଙ୍ଗୀତ ଉତ୍ସବର ଗୁରୁବାର ଥିଲା ଦ୍ୱିତୀୟ ଦିବସ। ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟ ଉତ୍କଳ ରଙ୍ଗମଞ୍ଚରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଓଡ଼ିଶୀ ସଙ୍ଗୀତକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ପାଇଁ ସରକାରୀ ସ୍ତରରେ ଆଉ କ'ଣ ପଦକ୍ଷେପ ନିଆଯିବ ସେନେଇ ବିଶେଷ ଆଲୋଚନା ହୋଇଥିଲା। ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟନିର୍ବାହୀ ପଣ୍ଡିତ ଡ. ଦାମୋଦର ହୋତା, ପଣ୍ଡିତ ଗୋପାଳ ଚନ୍ଦ୍ର ପଣ୍ଡା, ଶ୍ୟାମାମଣି ଦେବୀ, ଗୁରୁ ରାମହରି ଦାସ, ଧନେଶ୍ୱର ସ୍ୱାଇଁ, ପଣ୍ଡିତ ହରମୋହନ ଖଣ୍ଟିଆ, ଗୁରୁ ରାମାରାଓ ପାତ୍ର ପ୍ରମୁଖ ଯୋଗଦେଇ ମତ ରଖିଥିଲେ। ଉତ୍ସବର ଦ୍ୱିତୀୟ ସନ୍ଧ୍ୟାକୁ ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ ନିର୍ବାହୀ ଡକ୍ଟର ସଙ୍ଗୀତା ଗୋସାଇଁ ଉଦ୍‌ଘାଟନ କରିଥିଲେ । ପ୍ରଥମ ଚରଣରେ ଗୁରୁ କେଶବ ଚନ୍ଦ୍ର ରାଉତ ଓଡ଼ିଶୀ ସଙ୍ଗୀତ ପରିବେଷଣ କରିଥିଲେ। ପରେ ଅର୍ଚ୍ଚନା ଜେନା, ହିମାଂଶୁ ଶେଖର ସ୍ୱାଇଁ ଓ ଅରୂପ ଦାସ ମର୍ଦ୍ଦଳ ବାଦନ କରିଥିଲେ।

### କୋଭିଡ୍ ପରିଚାଳନାକୁ...

ଏକତ୍ରୀକରଣ ଉପରେ କଟକଣା ଲଗାଇଥିଲେ। ସାଧାରଣ ଜୀବନଯାତ୍ରାକୁ ବିଶେଷ ଭାବେ ପ୍ରଭାବିତ ହେବାକୁ ନ ଦେଇ ତାଲାବନ୍ଦ ବ୍ୟବସ୍ଥାକୁ ସୁରୁଖୁରୁରେ ପରିଚାଳିତ କରି ପାରିଛନ୍ତି। କେବଳ ସେତିକି ନୁହେଁ, ସାମାଜିକ ସୁରକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ଜୀବନଜୀବିକା, ଅନ୍‌ଲାଇନରେ ପିଲାଙ୍କ ପାଠପଢ଼ା, ଚାଷ, ଭିତ୍ତିଭୂମି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିପାରିଛନ୍ତି। ଗୁରୁବାର ବଜେଟ ଅଧିବେଶନ ଆରମ୍ଭରେ ରାଜ୍ୟପାଳ ଗଣେଶୀ ଲାଲ ଅଭିଭାଷଣ ରଖି ରାଜ୍ୟ ସରକାରଙ୍କ କୋଭିଡ୍ ପରିଚାଳନା ଓ ବିକାଶର ଚିତ୍ର ଆଙ୍କିଛନ୍ତି। ରାଜ୍ୟପାଳଙ୍କ ଅଭିଭାଷଣ ଆରମ୍ଭ କରିବାର କିଛି ସମୟ ମଧ୍ୟରେ କୋଚିଆ, ଆଇନଶୃଙ୍ଖଳା ଓ ତେଲ ଦର ବୃଦ୍ଧି ପ୍ରତିବାଦରେ କଂଗ୍ରେସ ସଦସ୍ୟମାନେ ବିଧାନସଭା କକ୍ଷ ଛାଡି ବାହାରକୁ ଚାଲି ଯାଇଥିଲେ। ସେହିଭଳି ଭାଜପା ସଦସ୍ୟମାନେ ମଧ ରାଜ୍ୟପାଳଙ୍କ ଅଭିଭାଷଣକୁ ବିରୋଧ କରି କକ୍ଷତ୍ୟାଗ କରିଥିଲେ। ବିରୋଧୀଙ୍କ ଅନୁପସ୍ଥିତିରେ ରାଜ୍ୟପାଳ ସରକାରଙ୍କ ଗତ ୧ ବର୍ଷର କୋଭିଡ୍ ପରିଚାଳନା ଓ ବିକାଶର ଚିତ୍ର ବିଧାନସଭାରେ ଥୋଇଥିଲେ। ସେ କହିଥିଲେ ଯେ କୋଭିଡ୍ ସମୟରେ ପ୍ରବାସୀ ଓଡ଼ିଆମାନେ କିଭଳି ବିନା ଅସୁବିଧାରେ ନିଜ ରାଜ୍ୟକୁ ଫେରିବେ ସେ ନେଇ ଓଡ଼ିଶା ସରକାର ସମସ୍ତ ବନ୍ଦୋବସ୍ତ କରିଥିଲେ। କୋଭିଡ୍‌କୁ ନେଇ ସମଗ୍ର ବିଶ୍ୱ ଯେତେବେଳେ ତ୍ରାହି ତ୍ରାହି ଡାକୁଥିଲା ସେତେବେଳେ ରାଜ୍ୟ ସରକାର କୋଭିଡ୍ ପରୀକ୍ଷାଠାରୁ ଆରମ୍ଭ କରି ସମସ୍ତ ଚିକିତ୍ସାକୁ ମାଗଣା କରାଇଥିଲେ। ଉଚ୍ଚକୋଟୀର ପ୍ରଦର୍ଶନ ପାଇଁ ରାଜ୍ୟ ସରକାର ଜାତୀୟ ଓ ଅନ୍ତର୍ଜାତୀୟ ସଂଗଠନ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ସରକାରଙ୍କର କେବଳ ଗୋଟିଏ ଲକ୍ଷ୍ୟ ଥିଲା ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା। ପ୍ରବାସୀ ଓଡ଼ିଆ ଶ୍ରମିକମାନେ କିଭଳି ନିଜ ରାଜ୍ୟକୁ ଫେରିବେ ତାହା ସରକାର ସୁନିଶ୍ଚିତ କରିଥିଲେ। କୋଭିଡ୍ ପରୀକ୍ଷାଠାରୁ ଆରମ୍ଭ କରି ଗୁରୁତର ସଂକ୍ରମିତଙ୍କ ଚିକିତ୍ସା ଯାଏ ସରକାର ସମସ୍ତ ବ୍ୟବସ୍ଥା କରିଥିଲେ। ଏଥିଯୋଗୁ ରାଜ୍ୟରେ ଜାତୀୟ ଓ ଅନ୍ତର୍ଜାତୀୟ ମୃତ୍ୟୁ ହାର ତୁଳନାରେ କମ୍ ହୋଇଛି। 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ସମୂହ ଗାନ ସମାରୋହ ଆୟୋଜନ କରି ରାଜ୍ୟ ସରକାର ବିଶ୍ୱବ୍ୟାପୀ ଓଡ଼ିଆମାନଙ୍କୁ ଏକାଠି କରିପାରିଥିଲେ ବୋଲି ରାଜ୍ୟପାଳ ତାଙ୍କ ଅଭିଭାଷଣରେ ଉଲ୍ଲେଖ କରିଛନ୍ତି।

ରାଜ୍ୟ ସରକାରଙ୍କ ପାଇଁ ପ୍ରତ୍ୟେକ ଜୀବନ ମୂଲ୍ୟବାନ। ସମସ୍ତଙ୍କ ପାଇଁ ସମାନ ଓ ଗୁଣାତ୍ମକ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ବ୍ୟାପକ କରିବା ପାଇଁ ରାଜ୍ୟରେ ୫ଟି ମେଡିକାଲ କଲେଜ ଓ ୭ଟି ଜିଲା ହସ୍ପିଟାଲ ନିର୍ମାଣାଧୀନ ରହିଛି। ୩୫୦୦ କୋଟି ଟଙ୍କା ବ୍ୟୟରେ ଏସ୍‌ସିବି ମେଡିକାଲ କଲେଜକୁ ଏମ୍ସ ପ୍ଲସ ଅନୁଷ୍ଠାନରେ ପରିବର୍ତ୍ତନ କରାଯାଉଛି। ସ୍ୱାସ୍ଥ୍ୟ ସେବା ଉପରେ

ପ୍ରଥମ ପୃଷ୍ଠାରୁ

ଜନସାଧାରଣଙ୍କ ଆସ୍ଥା ଓ ବିଶ୍ୱାସ ବଢିଛି। ଏଥିପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ମଧ ପ୍ରଶଂସା ଓ ସ୍ୱୀକୃତି ରାଜ୍ୟ ସରକାରଙ୍କୁ ମିଳିଛି। ଖାଦ୍ୟ ସୁରକ୍ଷା ଯୋଜନାରେ ୩.୨୪ କୋଟି ହିତାଧିକାରୀଙ୍କୁ କିଲୋ ପିଛା ୧ ଟଙ୍କାରେ ଚାଉଳ ଯୋଗାଇ ଦିଆଯାଉଛି। ସେହିପରି ୧ ଲକ୍ଷ ପ୍ରବାସୀ ଶ୍ରମିକମାନଙ୍କୁ ୨୦୨୦ ମେ-ଜୁନ ମାସରୁ ୮ ମାସ ପର୍ଯ୍ୟନ୍ତ ମାଗଣାରେ ଚାଉଳ ଓ ଡାଲି ଯୋଗାଇ ଦିଆଯାଇଛି। ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ୪.୭ ଲକ୍ଷ ନଳକୂପ, ୧୩ ହଜାର ୫୦ ପାଇପ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଛି। ଖଣି କାର୍ଯ୍ୟ ଦ୍ୱାରା ପ୍ରଭାବିତ ୮ଟି ଜିଲାର ୬୯୧ଟି ଗ୍ରାମରେ ୧୮ଟି ମେଗା ପାଇପ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ୨୦୨୦-୨୧ରେ ରାଜ୍ୟରେ ୨.୮ ଲକ୍ଷ ପକ୍କାଘର ନିର୍ମାଣ ହୋଇଥିବା ବେଳେ ସ୍ୱଚ୍ଛ ଭାରତ ମିଶନ(ଗ୍ରାମୀଣ)ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ରାଜ୍ୟ ସରକାର ୭୫୦୦ କୋଟି ଟଙ୍କା ବ୍ୟୟରେ ୬୬ ଲକ୍ଷ ବ୍ୟକ୍ତିଗତ ଶୌଚାଳୟ ନିର୍ମାଣ କରିଛନ୍ତି। ୨୦୧୯ ସେପ୍ଟେମ୍ବରରେ ରାଜ୍ୟକୁ ବାହ୍ୟ ମଳମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ରାଜ୍ୟ ସରକାର ନିରାଶ୍ରୟା, ସ୍ୱାମୀ ପରିତ୍ୟକ୍ତା , ଛାଡ଼ପତ୍ର ପାଇଥିବା ମହିଳା ଓ କିନ୍ନରଙ୍କୁ ମଧୁବାବୁ ପେନ୍‌ସନ ଯୋଜନାରେ ସାମିଲ କରାଯାଇଛି। ବିଜୁ ଶିଶୁ ସୁରକ୍ଷା ଯୋଜନାରେ ୪୮ ହଜାର ଟଙ୍କାରୁ କମ୍ ବାର୍ଷିକ ଆୟ କରୁଥିବା ପରିବାରର ଶିଶୁ ଏବଂ ଏଡ୍‌ସ ରୋଗାକ୍ରାନ୍ତ ଶିଶୁମାନଙ୍କୁ ସାମିଲ କରାଯାଇଛି। ରାଜ୍ୟର ୫୨,୯୫୮ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବର୍ଷର ପ୍ରଥମ ୯ ମାସରେ ୧,୦୨୨ କୋଟି ଟଙ୍କାର ବ୍ୟବସାୟକୁ ସୁନିଶ୍ଚିତ କରିପାରିଛନ୍ତି। ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଏବଂ ପଛୁଆବର୍ଗର ଛାତ୍ରୀଛାତ୍ରଙ୍କ ପାଇଁ ୬୯୫୪ ଛାତ୍ରାବାସ ନିର୍ମାଣ କରି ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ହୋଇପାରିଛି। ସର୍ବାଧିକ ଶ୍ରମିକ ପ୍ରବଣ ଅଞ୍ଚଳ ପାଇଁ ଟୋଲ୍ ଫ୍ରି ହେଲପ୍ ଲାଇନ, ଇ-ଶ୍ରମିକ ସମାଧାନ ଅଭିଯୋଗ ପ୍ରକୋଷ୍ଠ ଖୋଲାଯାଇଛି। ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦର୍ପଣ ବିତରଣ କରାଯାଇଛି। ୧୦୬୧ ସ୍କୁଲକୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ୧୦.୬୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ମୋ ସ୍କୁଲ ଅଭିଯାନରେ ରାଜ୍ୟର ୧୭,୩୯୬ ସ୍କୁଲରେ ସ୍ୱେଚ୍ଛାକୃତ ଅବଦାନ ଭାବେ ୫୮.୮୦ କୋଟି ଟଙ୍କା ମିଳିଥିବା ବେଳେ ରାଜ୍ୟ ସରକାର ମଧ ଅନୁରୂପ ଅନୁଦାନ ପ୍ରଦାନ କରିଛନ୍ତି। କୋଭିଡ୍-୧୯ ମହାମାରୀ ଯୋଗୁ ପିଲାଙ୍କ ପାଠପଢା ଯେପରି ବ୍ୟାହତ ନ ହେବ ସେଥିପାଇଁ ଶିକ୍ଷା ସଂଯୋଗ, ଦୀକ୍ଷା ଆପ୍, ଶିକ୍ଷା ଦର୍ପଣ ଏବଂ ରେଡିଓ ପାଠଶାଳା ଆଦି ଅନ୍‌ଲାଇନ ଶିକ୍ଷାଦାନ ପଦ୍ଧତି ଜରିଆରେ ନିରନ୍ତର ଶିକ୍ଷା ଦିଆଯାଉଛି। ସ୍କୁଲ ବନ୍ଦ ଥିବା ବେଳେ ମଧାହ୍ନ ଭୋଜନ କାର୍ଯ୍ୟକ୍ରମ ଜରିଆରେ ଖାଦ୍ୟ ନିରାପତ୍ତା ପ୍ରଦାନ କରାଯାଇଛି। ସିଙ୍ଗାପୁରର ଆଇଟିଇଏସ୍ ସହଯୋଗରେ ଭୁବନେଶ୍ୱରରେ ୱାର୍ଲଡ ସ୍କିଲ୍ ସେଣ୍ଟର ପ୍ରତିଷ୍ଠା କରି ବିଶ୍ୱସ୍ତରୀୟ ଅତ୍ୟାଧୁନିକ ସୁବିଧା କରାଯାଇଛି। ୨୦୧୯-୨୦ରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମରେ ପ୍ରାୟ ୩.୩ ଲକ୍ଷ ଯୁବତୀ ଯୁବକଙ୍କୁ ସାମାଜିକ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କ୍ରୀଡ଼ା କ୍ଷେତ୍ରରେ ମଧ ରାଜ୍ୟ ଆଗକୁ ବଢୁଛି। ୨୦୨୩ ବିଶ୍ୱକପ ହକି ପୂର୍ବରୁ ରାଉରକେଲାରେ ଭାରତବର୍ଷର ବୃହତ୍ ହକି ଷ୍ଟାଡିୟମ ନିର୍ମାଣ କରାଯାଉଛି। କାଳିଆ ଏବଂ ବଳିଆ ଭଳି ଯୋଜନାରେ କୃଷିଭିତ୍ତିକ ଅଭିବୃଦ୍ଧି ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି। ସଫଳ ମତ୍ସ୍ୟଚାଷ ପାଇଁ ରାଜ୍ୟକୁ ଦୁଇଟି ଜାତୀୟ ପୁରସ୍କାର ବେଷ୍ଟ ମେରାଇନ ଷ୍ଟେଟ ଏବଂ କଳାହାଣ୍ଡି ଜିଲାକୁ ବେଷ୍ଟ ଡିଷ୍ଟ୍ରିକ୍ଟ ଆୱାର୍ଡ ମିଳିଛି। ସରକାର ଜଳ ସଂରକ୍ଷଣ ଓ ଜଳ ବ୍ୟବହାର ଦକ୍ଷତା ହାସଲ ଉପରେ ଗୁରୁତ୍ୱାରୋପ କରିବା ପାଇଁ ଆସନ୍ତା ୫ ବର୍ଷ ମଧ୍ୟରେ ୧୧,୭୦୦ କୋଟି ଟଙ୍କା ପୁଞ୍ଜିନିବେଶରେ ଭୂପୃଷ୍ଠ ଜଳ ଓ ନଦୀ ଜଳର ବ୍ୟାପକ ସଂରକ୍ଷଣ କାର୍ଯ୍ୟ ହାତକୁ ନେଇଛନ୍ତି। କୃଷକଙ୍କ ଅଭିଯୋଗର ସମାଧାନ ନିମନ୍ତେ ମୋବାଇଲ ଆପ୍ ସେଚ ସମାଧାନ କରାଯାଇଛି। ଓଡ଼ିଶା ଦ୍ରୁତ ଗତିରେ ପୂର୍ବ ଭାରତର ଉତ୍ପାଦନ କେନ୍ଦ୍ର ଭାବେ ଉଭା ହେଉଛି। ଏଥିସହିତ ରାଜ୍ୟ ବିପୁଳ ପୁଞ୍ଜିନିବେଶକୁ ମଧ ଆକୃଷ୍ଟ କରିପାରିଛି। ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହନ ଦେବା ସକାଶେ ଇଡ୍‌କୋ ରାଜ୍ୟର ବିଭିନ୍ନ ସ୍ଥାନରେ ୧୧୭ଟି ଶିଳ୍ପାଞ୍ଚଳ ବିକାଶ କରିଛି। କୋଭିଡ୍ ପରିସ୍ଥିତିରୁ ମୁକୁଳିବା ପାଇଁ ୨୯୮ କୋଟିର ସ୍ୱତନ୍ତ୍ର ସହାୟତା ପ୍ୟାକେଜ ଘୋଷଣା କରାଯାଇଛି। ହସ୍ତତନ୍ତ ଓ ହସ୍ତଶିଳ୍ପର ବିକାଶ ପାଇଁ ୫୨ କୋଟି ଟଙ୍କା ଯୋଗାଇ ଦିଆଯାଇଛି। କାରିଗରମାନଙ୍କୁ କୋଭିଡ୍ ସମୟରେ ସେମାନଙ୍କ ଉତ୍ପାଦ ବିଶ୍ୱ ବଜାରରେ ବିକ୍ରି କରିବା ପାଇଁ ଅନ୍‌ଲାଇନ ଇ-ବଜାର ସୁବିଧା କରିବାକୁ ଫ୍ଲିପ୍‌କାର୍ଟ ଓ ଆଜିଓ ସହ ବୁଝାମଣା କରାଯାଇଛି। ପର୍ଯ୍ୟଟନର ବିକାଶ ପାଇଁ ନୂତନ ପର୍ଯ୍ୟଟନ ନୀତି ପ୍ରଣୟନ କରାଯାଇଛି। ଏପରି କି ପରିବେଶ ପର୍ଯ୍ୟଟନ ଶିବିର ଆୟୋଜନ ଭଳି ଅନେକ ପଦକ୍ଷେପ ନିଆଯାଇଛି। ରାଜ୍ୟରେ ବିମାନ ଚଳାଚଳକୁ ସମ୍ପ୍ରସାରିତ କରିବା ପାଇଁ ବିରାଶାଳ ଏୟାର ଷ୍ଟ୍ରିପ୍‌ଠାରେ ଏକ ବିମାନ ଚାଳନା ତାଲିମ କେନ୍ଦ୍ର, ମାଲକାନଗିରିଠାରେ ନୂତନ ଏୟାର ଷ୍ଟ୍ରିପ୍ ନିର୍ମାଣ କରିବା ସହ ଅନ୍ୟାନ୍ୟ ଏୟାର ଷ୍ଟ୍ରିପ୍‌ଗୁଡିକୁ ବିକଶିତ କରାଯାଉଛି। ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ଯୋଗାଇ ଦେବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। କୋଭିଡ୍ ମହାମାରୀକୁ ସରକାର ବିପର୍ଯ୍ୟୟ ଭାବେ ଘୋଷଣା କରି ସଂକ୍ରମଣକୁ ରୋକାଯାଇ ପାରିଛି। କୋଭିଡ୍ ପରିଚାଳନାରେ ଯୋଗ ଦେଇ ୪୯ ଜଣ ପୋଲିସ କର୍ମୀ ଜୀବନ ଉତ୍ସର୍ଗ କରିଥିବା ବେଳେ ୯୪୦ ଜଣ ଗୁରୁତର କୋଭିଡ୍ ରୋଗୀଙ୍କୁ ପ୍ଲାଜମା ପ୍ରଦାନ କରିଛନ୍ତି। ଆଗୁଆ ପଦକ୍ଷେପ ଯୋଗୁ ଗତ ୫ ବର୍ଷରେ ରାଜ୍ୟରେ ମାଓବାଦ ଦ୍ରୁତ ଗତିରେ ହ୍ରାସ ପାଇଛି। ଏଭଳି ଅନେକ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟପାଳ ସୂଚନା ଦେଇ ସରକାରଙ୍କ ଗୁଣଗାନ କରିଥିଲେ।

# ଚକିତ କରିଥିବା ଖେଳାଳି

**ମାଡ୍ରାସ, ୧୮।୨ (ପି.ଟି.)**

ଗୁରୁବାର ହୋଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ନିଲାମରେ ବହୁ ଖେଳାଳି ଅପ୍ରତ୍ୟାଶିତ ମୂଲ୍ୟରେ ବିକ୍ରି ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ସ୍ପିନ ଅଲରାଉଣ୍ଡର କ୍ରିଷ୍ଣାପ୍ପା ଗୋଥାମ୍। ତାଙ୍କ ବେସ୍ ପ୍ରାଇସ୍ ୨୦ ଲକ୍ଷ ଟଙ୍କା ରହିଥିବାବେଳେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ତାଙ୍କୁ ୯.୨୫ କୋଟି ଟଙ୍କାରେ ନେଇଛି। କର୍ନାଟକର ଏହି ୩୨ ବର୍ଷୀୟ ଅଲରାଉଣ୍ଡର ଆଇପିଏଲ ପାଇଁ ନୂଆ ନୁହନ୍ତି। ସେ ଏହି ଟି୨୦ ଲିଗ୍‌ରେ

## ଆଇପିଏଲ୍ ନିଲାମ

ଏକାଧିକ ଦଳ ତରଫରୁ ଖେଳିଛନ୍ତି। ନିକଟ ଅତୀତରେ ସେ ପଞ୍ଜାବ କିଙ୍ଗ୍ସ ତରଫରୁ ଖେଳିଛନ୍ତି। ସେ ବଲ୍‌କୁ ସ୍ପିନ କରିପାରନ୍ତି। ଆବଶ୍ୟକ ସ୍ଥଳେ ବଡ଼ ଶଟ୍ ଖେଳିପାରନ୍ତି। ସେ ତାଙ୍କ ଅଫ୍ ସ୍ପିନ ବୋଲିଂରେ ଭାରତ ଅଧିନାୟକ ବିରାଟ କୋହଲିଙ୍କୁ ଦୁଇଥର ଆଉଟ୍ କରିଛନ୍ତି। ପଞ୍ଜାବ କିଙ୍ଗ୍ସ ଦ୍ୱାରା ରିଲିଜ ହୋଇଥିବା ଏହି ଖେଳାଳିଙ୍କୁ ସିଏସ୍‌କେ ଏତେ ଦାମ୍‌ରେ କିଣିବାରେ ଗୋଥାମ ନିଜେ ଆଶ୍ଚର୍ଯ୍ୟଚକିତ ହୋଇଛନ୍ତି। ସେ ୪୨ ପ୍ରଥମଶ୍ରେଣୀ ଗେମ୍ ଖେଳି ୧୦୪୫ ରନ କରିଥିବାବେଳେ ୧୬୬ ଉଇକେଟ ଅକ୍ତିଆର କରିଛନ୍ତି।


କ୍ରିଷ୍ଣାପ୍ପା ଗୋଥାମ୍

### ଶାହରୁଖ ଖାନ୍

ବଲିଉଡ୍ ଷ୍ଟାରଙ୍କ ନାମଧାରୀ ସ୍ପିନ ଅଲରାଉଣ୍ଡ ଶାହରୁଖ ଖାନ୍‌ଙ୍କୁ ପଞ୍ଜାବ କିଙ୍ଗ୍ସ ୫.୨୫ କୋଟି ଟଙ୍କାରେ କ୍ରୟ କରିଛି, ଯାହାଙ୍କ ବେସ୍ ପ୍ରାଇସ ୨୦ ଲକ୍ଷ ଟଙ୍କା ରହିଥିଲା। ତାମିଲନାଡୁର ଏହି ବ୍ୟାଟ୍ସମ୍ୟାନ ବଡ଼ ଶଟ ଖେଳିପାରନ୍ତି। ସେ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ଜଣେ ଫିନିଶର ଭାବେ ତାଙ୍କ ଦକ୍ଷତା ପ୍ରତିପାଦନ କରିଛନ୍ତି। ଚଳିତବର୍ଷ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ନିଜ ଦଳକୁ ଜିତାଇବାରେ ୨୫ବର୍ଷୀୟ ଶାହରୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଗତବର୍ଷ ସେ ନିଲାମରେ ଅଲୋଡା ହୋଇପଡ଼ିଥିଲେ। ସେ ୫ଟି ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ଦୁଇଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ତନ୍ମଧ୍ୟରେ ସେ ଥରେ ୯୨ ରନ କରି ଅପରାଜିତ ରହିଥିଲେ।


### ମହମ୍ମଦ ଆଝାରୁଦ୍ଦିନ

ଉଇକେଟକିପର ବ୍ୟାଟ୍ସମ୍ୟାନ ମହମ୍ମଦ ଆଝାରୁଦ୍ଦିନ କିନ୍ତୁ ତାଙ୍କ ବେସ୍ ପ୍ରାଇସ୍ ୨୦ଲକ୍ଷ ଟଙ୍କାରେ ବିକ୍ରି ହୋଇଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତାଙ୍କୁ କ୍ରୟ କରିଛି। ଚଳିତବର୍ଷ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ଯେଉଁ କେତେଜଣ ବ୍ୟାଟ୍ସମ୍ୟାନ ଦୃଷ୍ଟି ଆକର୍ଷଣ କରିପାରିଛନ୍ତି ସେମାନଙ୍କ ମଧ୍ୟରେ କେରଳର ଏହି ୨୨ ବର୍ଷୀୟ ବ୍ୟାଟ୍ସମ୍ୟାନ ଅନ୍ୟତମ। ମୁମ୍ବାଇ ବିପକ୍ଷରେ ସେ ୩୭ ବଲ୍‌ରେ ବିସ୍ଫୋରକ ଶତକ ହାସଲ କରିଥିଲେ। ଆଝାରୁଦ୍ଦିନ ୨୨ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳିଛନ୍ତି। ତାଙ୍କର ଆଭରେଜ ୨୫.୯୧ ରହିଛି। ସେହିପରି ୨୪ ଲିଷ୍ଟ ଏ' ମ୍ୟାଚରେ ତାଙ୍କ ଆଭରେଜ ୨୨.୨୫ ରହିଛି।

### ଚେତନ ସାକାରିୟା

ସୌରାଷ୍ଟ୍ରର ୨୨ ବର୍ଷୀୟ ବାମହାତୀ ପେସ୍ ବୋଲର ଚେତନ ସାକାରିୟାଙ୍କୁ ରାଜସ୍ଥାନ ରୟାଲ୍ସ ୧.୨ କୋଟି ଟଙ୍କାରେ କ୍ରୟ କରିଛି, ଯାହାଙ୍କ ବେସ୍ ପ୍ରାଇସ୍ ୨୦ ଲକ୍ଷ ଟଙ୍କା ରହିଥିଲା। ଭାବନଗର ଜିଲାର ସାକାରିୟା ଏକ ସାଧାରଣ ପରିବାରରୁ ଆସିଛନ୍ତି। ଗତବର୍ଷ ପର୍ଯ୍ୟନ୍ତ ତାଙ୍କ ଘରେ ଗୋଟିଏ ଟିଭି ନ ଥିଲା। ଖେଳ ଦେଖିବା ଲାଗି ସେ ପଡୋଶୀ ଘର ଟିଭି ଉପରେ ନିର୍ଭର କରୁଥିଲେ। କୁଚ ବିହାର ଟ୍ରଫିରେ ପ୍ରଭାବୀ ପ୍ରଦର୍ଶନ ଦ୍ୱାରା ସେ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ଅଷ୍ଟ୍ରେଲୀୟ କିମ୍ବଦନ୍ତୀ ଗ୍ଲେନ ମ୍ୟାକ୍‌ଗ୍ରାଙ୍କ ଅଧୀନରେ ସେ ଏମ୍‌ଆର୍‌ଏଫ୍ ପେସ୍ ଏକାଡେମୀରେ ଟ୍ରେନିଂ ନେଇସାରିଛନ୍ତି।


କାଏଲ ଜେମିସନ


ଗ୍ଲେନ ମ୍ୟାକ୍ସୱେଲ


ଝେ ରିଚାର୍ଡଶନ

# ବିକ୍ରି ହୋଇଥିବା ଖେଳାଳି

| ଖେଳାଳି | ଅର୍ଥ | ଫ୍ରାଞ୍ଚାଇଜ୍ | ବେସ୍ ପ୍ରାଇସ୍ |
|---|---|---|---|
| କ୍ରିସ୍ ମୋରିସ | ୧୬.୨୫ କୋଟି | ରାଜସ୍ଥାନ ରୟାଲ୍ସ | ୭୫ ଲକ୍ଷ |
| କାଏଲ ଜେମିସନ | ୧୫ କୋଟି | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୭୫ ଲକ୍ଷ |
| ଗ୍ଲେନ ମ୍ୟାକ୍ସୱେଲ | ୧୪.୨୫ କୋଟି | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୨ କୋଟି |
| ଝେ ରିଚାର୍ଡଶନ | ୧୪ କୋଟି | ପଞ୍ଜାବ କିଙ୍ଗ୍ସ | ୧.୫୦ କୋଟି |
| କ୍ରିଷ୍ଣାପ୍ପା ଗୋଥାମ | ୯.୨୫ କୋଟି | ଚେନ୍ନାଇ ସୁପରକିଙ୍ଗ୍ସ | ୨୦ ଲକ୍ଷ |
| ରିଲେ ମେରେଡିଥ୍ | ୮ କୋଟି | ପଞ୍ଜାବ କିଙ୍ଗ୍ସ | ୪୦ ଲକ୍ଷ |
| ଆଡାମ ମିଲ୍‌ନେ | ୩.୨୦ କୋଟି | ମୁମ୍ବାଇ ଇଣ୍ଡିଆନ୍ସ | ୫୦ ଲକ୍ଷ |
| ଦାୱିଦ ମଲନ | ୧.୫୦ କୋଟି | ପଞ୍ଜାବ କିଙ୍ଗ୍ସ | ୧.୫୦ କୋଟି |
| ଶିବମ ଦୁବେ | ୪.୪୦ କୋଟି | ରାଜସ୍ଥାନ ରୟାଲ୍ସ | ୫୦ ଲକ୍ଷ |
| ମୋଇନ ଅଲୀ | ୭ କୋଟି | ଚେନ୍ନାଇ ସୁପରକିଙ୍ଗ୍ସ | ୨ କୋଟି |
| ଶାକିବ ଅଲ୍ ହାସନ | ୩.୨୦ କୋଟି | କୋଲକାତା ନାଇଟ ରାଇଡର୍ସ | ୨ କୋଟି |
| ଷ୍ଟିଭେନ ସ୍ମିଥ | ୨.୨୦ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ | ୨ କୋଟି |
| ମୁସ୍ତାଫିଜର ରହମନ | ୧ କୋଟି | ରାଜସ୍ଥାନ ରୟାଲ୍ସ | ୧ କୋଟି |
| ନାଥାନ କୁଲ୍ଟର ନିଲ | ୫ କୋଟି | ମୁମ୍ବାଇ ଇଣ୍ଡିଆନ୍ସ | ୧.୫୦ କୋଟି |
| ଉମେଶ ଯାଦବ | ୧ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ | ୧ କୋଟି |
| ପୀୟୂଷ ଚାୱଲା | ୨.୪୦ କୋଟି | ମୁମ୍ବାଇ ଇଣ୍ଡିଆନ୍ସ | ୫୦ ଲକ୍ଷ |
| ସଚିନ ବାବି | ୨୦ ଲକ୍ଷ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୨୦ ଲକ୍ଷ |
| ରଜତ ପଟିଦାର | ୨୦ ଲକ୍ଷ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୨୦ ଲକ୍ଷ |
| ରିପଲ ପଟେଲ | ୨୦ ଲକ୍ଷ | ଦିଲ୍ଲୀ କ୍ୟାପିଟାଲ୍ସ | ୨୦ ଲକ୍ଷ |
| ଶାହରୁଖ ଖାଁ | ୫.୨୫ କୋଟି | ପଞ୍ଜାବ କିଙ୍ଗ୍ସ | ୨୦ ଲକ୍ଷ |
| ବିଷ୍ଣୁ ବିନୋଦ | ୨୦ ଲକ୍ଷ | ଦିଲ୍ଲୀ କ୍ୟାପିଟାଲ୍ସ | ୨୦ କୋଟି |
| ଶେଲଡନ ଜ୍ୟାକସନ | ୨୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ | ୨୦ ଲକ୍ଷ |
| ମହମ୍ମଦ ଆଝାରୁଦ୍ଦିନ | ୨୦ ଲକ୍ଷ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୨୦ ଲକ୍ଷ |
| ଲୁକମାନ ମାରିୱାଲା | ୨୦ ଲକ୍ଷ | ଦିଲ୍ଲୀ କ୍ୟାପିଟାଲ୍ସ | ୨୦ ଲକ୍ଷ |
| ଚେତନ ସାକାରିୟା | ୧.୨୦ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ | ୨୦ ଲକ୍ଷ |
| ଏମ. ସିଦ୍ଧାର୍ଥ | ୨୦ ଲକ୍ଷ | ଦିଲ୍ଲୀ କ୍ୟାପିଟାଲ୍ସ | ୨୦ ଲକ୍ଷ |
| ଜଗଦୀଶ ସୁଚିଥ | ୩୦ ଲକ୍ଷ | ସନ୍‌ରାଇଜର୍ସ ହାଇଦ୍ରାବାଦ | ୨୦ ଲକ୍ଷ |
| କେ.ସି. କାରିଆପ୍ପା | ୨୦ ଲକ୍ଷ | ରାଜସ୍ଥାନ ରୟାଲ୍ସ | ୨୦ ଲକ୍ଷ |
| ଚେତେଶ୍ୱର ପୂଜାରା | ୫୦ ଲକ୍ଷ | ଚେନ୍ନାଇ ସୁପରକିଙ୍ଗ୍ସ | ୫୦ ଲକ୍ଷ |
| ଟମ୍ କୁରାନ | ୫.୨୫ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ | ୧.୫୦ କୋଟି |
| ମୋଇସେସ ହେନରିକ୍ସ | ୪.୨୦ କୋଟି | ପଞ୍ଜାବ କିଙ୍ଗ୍ସ | ୧ କୋଟି |
| ଜଲଜ ସକ୍ସେନା | ୩୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ | ୩୦ ଲକ୍ଷ |
| ଇକ୍ରର୍ସ ସିଂ | ୨୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ | ୨୦ ଲକ୍ଷ |
| ବୈଭବ ଆରୋରା | ୨୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ | ୨୦ ଲକ୍ଷ |
| ଫାବିଆନ ଆଲେନ | ୭୫ ଲକ୍ଷ | ସନ୍‌ରାଇଜର୍ସ ହାଇଦ୍ରାବାଦ | ୭୫ ଲକ୍ଷ |
| ଡାନିଏଲ ଖ୍ରିଷ୍ଟିଆନ | ୪.୮୦ କୋଟି | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୭୫ ଲକ୍ଷ |
| ଲିଆମ ଲିଭିଙ୍ଗଷ୍ଟୋନ | ୭୫ ଲକ୍ଷ | ରାଜସ୍ଥାନ ରୟାଲ୍ସ | ୭୫ ଲକ୍ଷ |
| ସୁୟାଶ ପ୍ରଭୁଦେଶାଇ | ୨୦ ଲକ୍ଷ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୨୦ ଲକ୍ଷ |
| କେ.ଏସ୍ ଭରତ | ୨୦ ଲକ୍ଷ | ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୨୦ ଲକ୍ଷ |
| ହରିଶଙ୍କର ରେଡ୍ଡୀ | ୨୦ ଲକ୍ଷ | ଚେନ୍ନାଇ ସୁପରକିଙ୍ଗ୍ସ | ୨୦ ଲକ୍ଷ |
| କୁଲଦୀପ ଯାଦବ | ୨୦ ଲକ୍ଷ | ରାଜସ୍ଥାନ ରୟାଲ୍ସ | ୨୦ ଲକ୍ଷ |
| ଜେମ୍ସ ନିଶାମ | ୫୦ ଲକ୍ଷ | ମୁମ୍ବାଇ ଇଣ୍ଡିଆନ୍ସ | ୫୦ ଲକ୍ଷ |
| ଯୁଦ୍ଧବୀର ସିଂ | ୨୦ ଲକ୍ଷ | ମୁମ୍ବାଇ ଇଣ୍ଡିଆନ୍ସ | ୨୦ ଲକ୍ଷ |
| କେ. ଭଗତ ବର୍ମା | ୨୦ ଲକ୍ଷ | ଚେନ୍ନାଇ ସୁପରକିଙ୍ଗ୍ସ | ୨୦ ଲକ୍ଷ |
| ମାର୍କୋ ଜାନସେନ | ୨୦ ଲକ୍ଷ | ମୁମ୍ବାଇ ଇଣ୍ଡିଆନ୍ସ | ୨୦ ଲକ୍ଷ |
| ସୌରଭ କୁମାର | ୨୦ ଲକ୍ଷ | ପଞ୍ଜାବ କିଙ୍ଗ୍ସ | ୨୦ ଲକ୍ଷ |
| କରୁଣ ନାୟାର | ୫୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ | ୫୦ ଲକ୍ଷ |
| କେଦାର ଯାଦବ | ୨ କୋଟି | ସନ୍‌ରାଇଜର୍ସ ହାଇଦ୍ରାବାଦ | ୨ କୋଟି |
| ସାମ୍ ବିଲିଙ୍ଗ୍ସ | ୨ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ | ୨ କୋଟି |
| ମୁଜିବ ଉର ରହମନ | ୧.୫୦ କୋଟି | ସନ୍‌ରାଇଜର୍ସ ହାଇଦ୍ରାବାଦ | ୧.୫୦ କୋଟି |
| ହରଭଜନ ସିଂ | ୨ କୋଟି | କୋଲକାତା ନାଇଟ ରାଇଡର୍ସ | ୨ କୋଟି |
| ସି.ହରି ନିଶାନ୍ତ | ୨୦ ଲକ୍ଷ | ଚେନ୍ନାଇ ସୁପରକିଙ୍ଗ୍ସ | ୨୦ ଲକ୍ଷ |
| ବେନ୍ କଟିଂ | ୭୫ ଲକ୍ଷ | କୋଲକାତା ନାଇଟ ରାଇଡର୍ସ | ୭୫ ଲକ୍ଷ |
| ଭେଙ୍କଟେଶ ଆୟାର | ୨୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ | ୨୦ ଲକ୍ଷ |
| ପୱନ ନେଗୀ | ୫୦ ଲକ୍ଷ | କୋଲକାତା ନାଇଟ ରାଇଡର୍ସ | ୫୦ ଲକ୍ଷ |
| ଆକାଶ ସିଂ | ୨୦ ଲକ୍ଷ | ରାଜସ୍ଥାନ ରୟାଲ୍ସ | ୨୦ ଲକ୍ଷ |
| ଅର୍ଜୁନ ତେନ୍ଦୁଲକର | ୨୦ ଲକ୍ଷ | ମୁମ୍ବାଇ ଇଣ୍ଡିଆନ୍ସ | ୨୦ ଲକ୍ଷ |

# ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ ସଭାପତିଙ୍କୁ ସମ୍ବର୍ଦ୍ଧନା


ଡ. ଜି.ଏସ୍. ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭୁବନେଶ୍ୱର, ୧୮।୨ (ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନ (ଓଏଏ) ର ନବନିର୍ବାଚିତ ସଭାପତି ଡ. ଜି.ଏସ୍. ପଟ୍ଟନାୟକଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଏକ ହୋଟେଲରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ତଥା ପୂର୍ବତନ ଏମ୍‌ପି ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ଓଡ଼ିଶା ଆଥ୍‌ଲେଟିକ୍ସ ଆସୋସିଏଶନର ଉତ୍ତରୋତ୍ତର ଉନ୍ନତି ଓ ସଫଳତା କାମନା କରିଥିଲେ। ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଜି.ଏସ୍. ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ସଫଳତାର ଶୀର୍ଷରେ ପହଞ୍ଚୁ ବୋଲି ଆଶାବ୍ୟକ୍ତ କରି କହିଥିଲେ। ଓଏଏର ନବନିର୍ବାଚିତ ସଭାପତି ତାଙ୍କ ଅଭିଭାଷଣରେ କହିଥିଲେ, ଜିଲାସ୍ତରୀୟ ପ୍ରତିଯୋଗିତା ମାଧ୍ୟମରେ ତୃଣମୂଳ ସ୍ତରରୁ ପ୍ରତିଭା ଚିହ୍ନଟ କରାଯାଇ ସାମ୍ନାକୁ ଅଣାଯିବ। ଆଥ୍‌ଲେଟିକ୍ସରେ ଓଡ଼ିଶାକୁ ନମ୍ବର ୱାନ କରିବା ତାଙ୍କର ମୂଳ ଲକ୍ଷ୍ୟ ରହିବ। ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ ଅତିଥି ପରିଚୟ କରାଇଥିଲେ। ଆର.ଜେ. କେପି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେଣ୍ଟ ଜାଭିୟର ଗ୍ରୁପ୍ ଅଫ୍ ସ୍କୁଲର ନିର୍ଦ୍ଦେଶକ ଡ. ପ୍ରଭୁମ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଇନୋବାଖ୍‌ରେଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାଇଚୁଙ୍ଗ ଭୂଟିଆ**

ହିରୋ ଇଣ୍ଡିଆନ ସୁପର ଲିଗ୍‌ରେ କୋଲକାତାର ଦୁଇ ଶକ୍ତିଶାଳୀ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଏଟିକେ ମୋହନବାଗାନ ଓ ଏସ୍‌ସି ଇଷ୍ଟବେଙ୍ଗଲ ମଧ୍ୟରେ ଶୁକ୍ରବାର ମ୍ୟାଚ ଖେଳାଯିବ। ଏହି ଦୁଇ ଦଳ ମଧ୍ୟରେ ଲଢେଇକୁ ସବୁବେଳେ ଭାରତୀୟ ଫୁଟ୍‌ବଲର ଏକ ବଡ଼ ମ୍ୟାଚ ବୋଲି ବିବେଚନା କରାଯାଇଥାଏ। ଏହି ମ୍ୟାଚ ଦେଖିବା ଲାଗି ଫୁଟ୍‌ବଲପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ରହିଥାଏ। କାଗଜପତ୍ରରେ ସବୁ ବିଭାଗରେ ମୋହନବାଗାନ ଅପେକ୍ଷାକୃତ ଶକ୍ତିଶାଳୀ। ଲିଗ୍ ଟେବୁଲର ଶୀର୍ଷରେ ରହି ଏଏଫ୍‌ସି ଚାମ୍ପିୟନ୍ସ ଲିଗ୍ ପାଇଁ ଯୋଗ୍ୟତା ହାସଲ କରିବା ଦଳର ଅଧିକ ସମ୍ଭାବନା ରହିଛି। ଲେନି ରୋଡ୍ରିଗୁଏଜ୍‌ଙ୍କ ସହିତ ଚୁକ୍ତି କରିବା ପରେ ଦଳ ଅଧିକ ସନ୍ତୁଳିତ ହୋଇପାରିଛି। ମାର୍ସେଲିନୋଙ୍କ ଯୋଗଦାନ ପରେ ଦଳର ଆକ୍ରମଣ କ୍ଷମତା ବୃଦ୍ଧି ପାଇଛି। କିନ୍ତୁ ଏହି ଦୁଇ ଦଳ ମଧ୍ୟରେ ଯେତେବେଳେ ମ୍ୟାଚ ଖେଳାଯାଏ କୌଣସି ଦଳକୁ ଫେଭରାଇଟ୍ ବୋଲି କୁହାଯାଇପାରିବ ନାହିଁ। ମ୍ୟାଚ ଦିନ ଯେଉଁ ଦଳ ଚାପକୁ ଠିକଣା ରୂପେ ହାତେଇପାରିବ ସେହି ଦଳ ହିଁ ଭଲ କରିବ। ଏଟିକେ ମୋହନବାଗାନ ଅଧିକ ସନ୍ତୁଳିତ ଦଳ ହୋଇଥିଲେ ମଧ୍ୟ ମୁଁ କେବେ ସେମାନଙ୍କୁ ଫେଭରାଇଟ୍ ବିବେଚନା କରିବି ନାହିଁ। ଇଷ୍ଟବେଙ୍ଗଲ ମଧ୍ୟ ଏହି ମ୍ୟାଚ ଜିତିପାରେ। ହେଲେ ଏହି ଦଳକୁ ଏଟିକେ ମୋହନବାଗାନର ସୁଦୃଢ ଡିଫେନ୍ସକୁ ଅତିକ୍ରମ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଏସସି ଇଷ୍ଟବେଙ୍ଗଲ ଦଳରେ ରହିଥିବା ଭାରତୀୟ ଖେଳାଳି ସେତେଟା ଦକ୍ଷ ନୁହନ୍ତି। ଏହି ଦଳ ଯେଉଁ ଭାରତୀୟ ଖେଳାଳିଙ୍କ ସହିତ ଚୁକ୍ତି କରିଛନ୍ତି, ସେମାନଙ୍କ ମଧ୍ୟରେ ସୁବ୍ରତ ପଲ୍ ଶ୍ରେଷ୍ଠ। ଏସ୍‌ସି ଇଷ୍ଟବେଙ୍ଗଲ ଅଭିଜ୍ଞ ସୁବ୍ରତଙ୍କୁ ମିଡ୍‌ଫିଲ୍ଡ କିମ୍ବା ଅପ୍‌ଫ୍ରଣ୍ଟରେ ଖେଳାଇପାରିବ। ଅତୀତ ଉପରେ ନଜର ପକାଇଲେ ଇଷ୍ଟବେଙ୍ଗଲ କ୍ୱାଲିଟି ଫୁଟ୍‌ବଲ ଖେଳିଆସିଛି। ମାତ୍ର ବର୍ତ୍ତମାନ ଦଳରେ ଯଥେଷ୍ଟ ଅଭିଜ୍ଞ ଖେଳାଳି ଏବଂ ଏକାଗ୍ରତାର ଅଭାବ ରହିଛି। ଏଟିକେ ମୋହନବାଗାନକୁ ହରାଇବାକୁ ହେଲେ ସୁଚିନ୍ତିତ ଯୋଜନା ସହ ସଂଘବଦ୍ଧ ହୋଇ ଖେଳିବାକୁ ପଡ଼ିବ। ଇଷ୍ଟବେଙ୍ଗଲକୁ ବିଶେଷ କରି ବ୍ରାଇଟ୍ ଇନୋବାଖ୍‌ରେଙ୍କ ପ୍ରଦର୍ଶନ ଉପରେ ନିର୍ଭର କରିବାକୁ ପଡ଼ିବ। ନାଇଜେରିଆର ଏହି ପ୍ରଫେସନାଲ ଖେଳାଳି ଫରୱାର୍ଡ ପୋଜିଶନରେ ଖେଳିଥାନ୍ତି। **(ଗେମ୍‌ପ୍ଲାନ୍)**

SEAGRAM'S
ROYAL STAG
PACKAGED DRINKING WATER

# ଉତ୍କଳ କରାଟେ ସ୍କୁଲକୁ ଖେଲୋ ଇଣ୍ଡିଆ ମାନ୍ୟତା

**ଭୁବନେଶ୍ୱର, ୧୮।୨ (ସ୍ପୋର୍ଟ୍ସ ବ୍ୟୁରୋ):** ସ୍ଥାନୀୟ ୟୁନିଟ୍-୬ ସ୍ଥିତ ଉତ୍କଳ କରାଟେ ସ୍କୁଲକୁ ଖେଲୋ ଇଣ୍ଡିଆ ଭାରୋତ୍ତୋଳନ କ୍ରୀଡ଼ା ପାଇଁ ଏକାଡେମୀ ମାନ୍ୟତା ପ୍ରଦାନ କରିଛି। ଏହି ପରିପ୍ରେକ୍ଷୀରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ(ସାଇ) ଓ ଉତ୍କଳ କରାଟେ ସ୍କୁଲ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉତ୍କଳ କରାଟେ ସ୍କୁଲରେ ବହୁ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ସଫଳତାର ସହ ଆୟୋଜିତ ହୋଇ ସାରିଛି। ପ୍ରଥମ ଥର ଜାତୀୟ ଭାରୋତ୍ତୋଳନ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଛି। ଏହି ସ୍କୁଲରୁ ତାଲିମପ୍ରାପ୍ତ ବହୁ ଖେଳାଳି ସଫଳତା ଅର୍ଜନ କରିଛନ୍ତି। ଭିତ୍ତିଭୂମି ଓ ବିଭିନ୍ନ ମାନଦଣ୍ଡକୁ ତର୍ଜମା କରିବା ପରେ ଉତ୍କଳ କରାଟେ ସ୍କୁଲକୁ ଖେଲୋ ଇଣ୍ଡିଆ ମାନ୍ୟତା ମିଳିଥିବା ସ୍କୁଲର ପ୍ରତିଷ୍ଠାତା ତଥା ସମ୍ପାଦକ ଡ. ହରିପ୍ରସାଦ ପଟ୍ଟନାୟକ ସୂଚନା ଦେଇଛନ୍ତି।

# ଦୂତୀଙ୍କୁ ସ୍ୱର୍ଣ୍ଣ, ଅମିୟ ବ୍ରୋଞ୍ଜ

## ଇଣ୍ଡିଆନ ଗ୍ରାଁ ପ୍ରି-୧

**ଭୁବନେଶ୍ୱର, ୧୮।୨ (କ୍ରୀଡ଼ା ପ୍ରତିନିଧି):** କରୋନା ମହାମାରୀ ଜନିତ ଦୀର୍ଘ ଦିନର ବ୍ରେକ୍ ପରେ ଭାରତୀୟ ଆଥଲେଟ୍‌ମାନେ ପ୍ରଥମଥରପାଇଁ ଗୁରୁବାର ଟ୍ରାକ୍‌କୁ ଓହ୍ଲାଇଛନ୍ତି। ପଞ୍ଜାବର ପଟିଆଲାରେ ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ସ୍ପ୍ରିଣ୍ଟ କୁଇନ୍ ଓଡ଼ିଶାର ଦୂତୀ ଚାନ୍ଦ ସ୍ୱର୍ଣ୍ଣ ଏବଂ ଅମିୟ ମଲିକ ବ୍ରୋଞ୍ଜ ପଦକ ପାଇଛନ୍ତି। ମହିଳା ୧୦୦ ମିଟର ଫାଇନାଲରେ ଦୂତୀ ୧୧.୫୧ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। କର୍ନାଟକର ଧନେଶ୍ୱରୀ ଏ.ଟି. ୧୧.୮୬ ସେକେଣ୍ଡ ସହିତ ରୌପ୍ୟ ଏବଂ ମହାରାଷ୍ଟ୍ରର ଡିଣ୍ଡ୍ରା ଡୁଡଲି ଭାଲ୍ଲାଡା ୧୧.୯୭ ସେକେଣ୍ଡ ସମୟ ନେଇ ବ୍ରୋଞ୍ଜ ପଦକ ପାଇଛନ୍ତି। ଏହି ଇଭେଣ୍ଟରେ ଦୂତୀ ୧୧.୨୨ ସେକେଣ୍ଡ ଟାଇମିଂ ସହିତ ଜାତୀୟ ରେକର୍ଡର ଅଧିକାରୀଣି ଅଛନ୍ତି। ସେହିପରି ପୁରୁଷ ୧୦୦ ମିଟର ରେସ୍‌ରେ ଓଡ଼ିଶାର ଅମିୟ ୧୦.୮୯ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହାରାଷ୍ଟ୍ରର କ୍ରିଷ୍ଣା କୁମାର ସତୀଶ ୧୦.୬୮ ଓ କେରଳର ମହମ୍ମଦ ଅନାସ ୟାହିୟା ୧୦.୮୯ ସେକେଣ୍ଡ ସହିତ ପ୍ରଥମ ଦୁଇସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ଅମୀୟ ୧୦.୨୬ ସେକେଣ୍ଡ ଟାଇମିଂ ସହିତ ଜାତୀୟ ରେକର୍ଡର ଅଧିକାରୀ ଅଛନ୍ତି।



ଅମିୟ ମଲିକ


ଦୂତୀ ଚାନ୍ଦ

# ହାସିମୋତୋ ଟୋକିଓ ଅଲିମ୍ପିକ ସଭାପତି

**ଟୋକିଓ, ୧୮।୨ (ଏପି)**

ସିକୋ ହାସିମୋତୋ ଟୋକିଓ ଅଲିମ୍ପିକ ଆୟୋଜକ କମିଟି ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ୭ଟି ଅଲିମ୍ପିକ୍ସରେ ଭାଗ ନେଇଛନ୍ତି। ତନ୍ମଧ୍ୟରେ ୪ଟି ଶୀତକାଳୀନ ଅଲିମ୍ପିକ୍ସ ଏବଂ ୩ଟି ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ରହିଛି। ଜାପାନରେ ରାଜନୀତି ହେଉ ଅବା କୌଣସି ପରିଚାଳନା ପରିଷଦରେ କ୍ୱଚିତ ମହିଳା କର୍ମକର୍ତ୍ତାଙ୍କୁ ଦେଖିବାକୁ ମିଳିଥାଏ। ପୁରୁଷ ପ୍ରଧାନ କାର୍ଯ୍ୟନିର୍ବାହୀ ବୋର୍ଡର ଏକ ବୈଠକରେ ୫୬ ବର୍ଷୀୟା ହାସିମୋତୋଙ୍କୁ ଟୋକିଓ ଅଲିମ୍ପିକ ଆୟୋଜକ କମିଟି ସଭାପତି ଭାବେ ମନୋନୀତ କରାଯାଇଛି। ହାସିମୋତୋଙ୍କୁ ୮୩ ବର୍ଷୀୟ ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ୟୋଶିରୋ ମୋରିଙ୍କ ସ୍ଥାନରେ ନିଯୁକ୍ତି ମିଳିଛି। ଲିଙ୍ଗବାଦୀ ଟିପ୍ପଣୀ ଦେଇ ବିବାଦୀୟ ହେବା ପରେ ମୋରି ଗତ ସପ୍ତାହରେ ଅଲିମ୍ପିକ ଆୟୋଜକ କମିଟି ସଭାପତି ପଦବୀରୁ ଇସ୍ତଫା ଦେଇଥିଲେ। ସେ କହିଥିଲେ ମହିଳାମାନେ କମ୍ କାର୍ଯ୍ୟକରି ଅଧିକ କଥା କହିଥାନ୍ତି। ହାସିମୋତୋ ପ୍ରଧାନମନ୍ତ୍ରୀ ୟୋସିହିଦେ ସୁଗାଙ୍କ କ୍ୟାବିନେଟ୍‌ରେ ଅଲିମ୍ପିକ ମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସେ ଲିଙ୍ଗଗତ ସମାନତା ଏବଂ ମହିଳା ସଶକ୍ତୀକରଣ ବିଭାଗ ଦାୟିତ୍ୱରେ ଥିଲେ। ହାସିମୋତୋ ତିନୋଟି ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ (୮୮, ୯୨ ଓ ୯୬)ରେ ସାଇକ୍ଲିଂ ଏବଂ ଚାରୋଟି ଶୀତକାଳୀନ ଅଲିମ୍ପିକ୍ସ (୮୪, ୮୮, ୯୨ ଓ ୯୪)ରେ ସ୍ପିଡ୍‌ସ୍କେଟିଂ ଇଭେଣ୍ଟରେ ଭାଗ ନେଇଥିଲେ। ସେ ଏକମାତ୍ର ବ୍ରୋଞ୍ଜ ପଦକ ୧୯୯୨ରେ ୧,୫୦୦ ମିଟର ସ୍ପିଡ୍ ସ୍କେଟିଂରେ ଜିତିଥିଲେ। ହାସିମୋତୋ ବିଭିନ୍ନମତେ ଅଲିମ୍ପିକ୍ସ ସହିତ ସଂଶ୍ଲିଷ୍ଟ। ୧୯୬୪ ଟୋକିଓ ଅଲିମ୍ପିକ୍ସ ଉଦ୍‌ଘାଟନୀ ଉତ୍ସବର ମାତ୍ର ୫ଦିନ ପୂର୍ବରୁ ସେ ଉତ୍ତରାଞ୍ଚଳ ଜାପାନ ହୋକାଇଦୋରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ନାମ ସିକୋ 'ସିକା' ଶବ୍ଦରୁ ଆସିଛି। 'ସିକା'ର ଇଂଲିଶ ଅନୁବାଦ ହେଉଛି ଅଲିମ୍ପିକ ଜ୍ୟୋତି।



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଲିସା ହେଡେନ ତୃତୀୟଥର ପାଇଁ ମା’ ହେବାକୁ ଯାଉଛନ୍ତି। ସୋସିଆଲ ମିଡିଆରେ ତାଙ୍କ ବେବି ବମ୍ପ ଫଟୋ ଶେୟାର କରି ସେ ଏହି ସୂଚନା ଦେଇଛନ୍ତି। ଫଟୋରେ ସେ ସମୁଦ୍ର କୂଳରେ ବିକିନ ପିନ୍ଧି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ଏବେ ସେ ପରିବାର ସହ ସମୟ ବିତାଉଛନ୍ତି। ୨୦୧୬ ଅକ୍ଟୋବରରେ ଲିସା ଡିନୋ ଲାଲଭାନୀଙ୍କୁ ବିବାହ କରିଥିଲେ। ୨୦୧୭ରେ ସେ ପ୍ରଥମ ପୁତ୍ର ସନ୍ତାନଙ୍କୁ ଜନ୍ମ ଦେଇଥିଲେ। ୨୦୨୦ ଫେବୃୟାରୀରେ ସେ ଦ୍ୱିତୀୟ ଥର ମା’ ହୋଇଥିଲେ।



# ୩୧ ବର୍ଷ ପରେ ଖୋଲିଲା ଶୀତଲନାଥ ଭୈରବ ମନ୍ଦିର



**ସୁଧୁରୁଛି କଶ୍ମୀର ସ୍ଥିତି। ଧୀରେ ଧୀରେ ଫେରୁଛି ଶାନ୍ତି। ଦୀର୍ଘବର୍ଷ ଧରି ବନ୍ଦ ପଡ଼ିଥିବା ଦେବାଳୟଗୁଡ଼ିକରେ ଆରମ୍ଭ ହେଲାଣି ଗହଳଚହଳ। ଆଗାମୀ ଦିନରେ କଶ୍ମୀର ଘାଟିର ଟେମ୍ପଲ ଟୁରିଜମ ପାଇଁ ଏହା ନୂଆ ସମ୍ଭାବନା ସୃଷ୍ଟି କରିଛି। ହେଲେ ସମସ୍ୟା ଏତିକିରେ ସରିନି। ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଅଭାବରୁ ଶତାଧିକ ମଠମନ୍ଦିର ଜରାଜୀର୍ଣ୍ଣ ହୋଇପଡ଼ିଛି। ଏଗୁଡ଼ିକର ପୁନରୁଦ୍ଧାର କରାଗଲେ କଶ୍ମୀର ଘାଟିରେ ବ୍ୟାପକ ପୁଞ୍ଜି ପ୍ରବାହ ହେବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି।**

**ଶ୍ରୀନଗର:** କଶ୍ମୀର ପଣ୍ଡିତଙ୍କ ପଳାୟନ ପରେ ଦୀର୍ଘ ୩୧ ବର୍ଷ ଧରି ବନ୍ଦ ପଡ଼ିଥିବା ଶୀତଲନାଥ ଭୈରବ ମନ୍ଦିରରେ ପବିତ୍ର ବସନ୍ତ ପଞ୍ଚମୀ ତିଥିରେ କରାଯାଇଛି ପୂଜାର୍ଚ୍ଚନା। ଜମ୍ମୁ ଏବଂ ଦିଲ୍ଲୀରୁ ଆସିଥିବା କଶ୍ମୀର ପଣ୍ଡିତମାନେ ଏଠାରେ ପୂଜାର ଆୟୋଜନ କରିଥିଲେ। ହେଲେ ଶ୍ରୀନଗର ସମେତ ସମ୍ପୂର୍ଣ୍ଣ କଶ୍ମୀର ଭ୍ୟାଲିରେ ଏବେ ବି ସହସ୍ରାଧିକ ମନ୍ଦିର ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଅନେକ ପୀଠ ମାଟିରେ ମିଶିଯାଇଥିବାବେଳେ ଆଉ କେତେକ ସ୍ଥିତି ବଞ୍ଚାଇବାକୁ ସଂଘର୍ଷ କରୁଛି।

୧୯୯୦ ପୂର୍ବରୁ ଶୀତଲନାଥ ଭୈରବ ମନ୍ଦିର ସାଜିଥିଲା କଶ୍ମୀର ପଣ୍ଡିତଙ୍କ ପ୍ରମୁଖ ସାମାଜିକ ଏବଂ ଧାର୍ମିକ ସ୍ଥଳୀ। ସ୍ୱାଧୀନତା ଆନ୍ଦୋଳନରେ ମହାତ୍ମା ଗାନ୍ଧୀ, ଜବାହରଲାଲ ନେହେରୁ ମନ୍ଦିର ପରିସରରେ ପଣ୍ଡିତଙ୍କୁ ସମ୍ବୋଧିତ କରିଥିଲେ। ୧୯୮୯ରେ ଆତଙ୍କବାଦ ଚରମସୀମାରେ ପହଞ୍ଚିବା ପରେ ପଣ୍ଡିତମାନଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଲା। ସେମାନଙ୍କ ଗଣପଳାୟନ ପରେ ଏହା ବନ୍ଦ ହୋଇଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ଏହାକୁ ଜାଳି ଦିଆଯାଇଥିଲା। ପୀଠର ପୂଜକ ସନ୍ତୋଷ ରାଜଦାନ ଅତୀତର ସ୍ମୃତିଚାରଣ କରି କହିଛନ୍ତି, ମନ୍ଦିର ନିକଟରେ ତାଙ୍କର ଘର। ବସନ୍ତ ପଞ୍ଚମୀରେ ଶୀତଲନାଥ ଭୈରବଙ୍କ ଜୟନ୍ତୀ ମହାଆଡମ୍ବରରେ କରାଯାଉଥିଲା। ମେଳା ମହୋତ୍ସବ ଆୟୋଜିତ ହେଉଥିଲା। ହଜାର ହଜାର ଲୋକ ଏଥିରେ ସାମିଲ ହେଉଥିଲେ। ଦୀର୍ଘଦିନ ବନ୍ଦ ପଡ଼ିବା ପରେ ଏବେ ଏହା ଖୋଲିଛି। ହେଲେ କଶ୍ମୀରର ହଜାର ହଜାର ମନ୍ଦିର ଏବେ ବି ବନ୍ଦ ପଡ଼ିଛି। ସନ୍ତୋଷ ଆହୁରି ମଧ୍ୟ କହିଛନ୍ତି, ୩୭୦ ଧାରା ହଟିବା ପରେ ସୁରକ୍ଷା ବ୍ୟବସ୍ଥା ବଢ଼ିଛି। ପରିସ୍ଥିତି ସ୍ୱାଭାବିକ ହେବାରେ ଲାଗିଛି। ତେଣୁ ଚଳିତବର୍ଷ ନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇପାରିଛି। ଜଣେ ପ୍ରଶାସନିକ ଅଧିକାରୀ କହିଛନ୍ତି, ମନ୍ଦିର ଜାଳି ଦିଆଯିବା ପରେ ପରେ ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିକଟରେ ଫାଣ୍ଡି ଏବଂ ପୋଲିସ ଷ୍ଟେଶନ ସ୍ଥାପିତ ହୋଇଛି। ଏହାସତ୍ତ୍ୱେ ୩୧ ବର୍ଷ ଧରି ଏଠାରେ ପୂଜା କରିବାକୁ କେହି ସାହସ ଜୁଟାଇ ପାରୁ ନ ଥିଲେ।

ବାବା ଶୀତଲନାଥ ଭୈରବ ମନ୍ଦିରରେ ଏକ ସ୍କୁଲ ଚାଲୁଥିଲା। ପଣ୍ଡିତଙ୍କ ପଳାୟନ ପରେ ଏହାର ପରିଚାଳନା କେତେଜଣ କଶ୍ମୀର ମୁସଲମାନ ହାତକୁ ନେଇଥିଲେ। ସେମାନେ ଦୁଇଗୋଷ୍ଠୀରେ ବିଭକ୍ତ ହେବା ପରେ ମାମଲା ଅଦାଲତରେ ପହଞ୍ଚିଲା। ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା ମନ୍ଦିରର ମୋଟ ସମ୍ପତ୍ତି ୨୫ରୁ ୩୦ କୋଟି। ଶୀତଲନାଥ ମନ୍ଦିର ପ୍ରମୁଖ ସ୍ଥାନରେ ରହିଥିବାରୁ ଏହା ଉପରେ ସମସ୍ତେ ଆଧିପତ୍ୟ ଜାହିର କରିବାକୁ ଉଦ୍ୟମ ଚଳାଇଛନ୍ତି। ଶ୍ରୀନଗର ମେୟର ଜୁନୈଦ ଅଜିମ ମଟ୍ଟୁ କୁହନ୍ତି, ସୁରକ୍ଷା ସହିତ କଶ୍ମୀରର ରାଜନୈତିକ ପରିବେଶ ବଦଳିବାରେ ଲାଗିଛି। ଏହା ଟେମ୍ପଲ ଟୁରିଜମ ପାଇଁ ନୂଆ ଆଶା ସଞ୍ଚାର କରିଛି। କଶ୍ମୀରର ପ୍ରତି ମନ୍ଦିରକୁ ପୁନରୁଦ୍ଧାର କରାଯିବା ଆବଶ୍ୟକ ହୋଇପଡ଼ିଛି। ଚଳିତବର୍ଷ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ୩୦ ମନ୍ଦିରକୁ ଏହି ତାଲିକାରେ ରଖାଯାଇଛି। ପୂର୍ବରୁ ମନ୍ଦିରକୁ ନେଇ ରାଜନୀତି କରାଯାଉଥିଲା। ଏବେ ଏହାକୁ ପର୍ଯ୍ୟଟନର ମାଧ୍ୟମ ଭାବେ ଦେଖିବାକୁ ପଡ଼ିବ ବୋଲି ସେ କହିଛନ୍ତି।

## ମୁସଲମାନଙ୍କ ସହଯୋଗ ବଢ଼ୁଛି

କଶ୍ମୀରର ପ୍ରାଚୀନ ମନ୍ଦିରଗୁଡ଼ିକର ଗୌରବ ଫେରାଇ ଆଣିବା ଏବଂ ଏହାକୁ ନୂଆ ରୂପ ଦେବା ଲାଗି ମୁସଲମାନ ସମ୍ପ୍ରଦାୟ ମଧ୍ୟ ଆଗ୍ରହ ବଢ଼ିବାରେ ଲାଗିଛି। ୨୦୧୮ରେ ଦକ୍ଷିଣ କଶ୍ମୀରର ପୁଲୱାମା ଜିଲା ଅନ୍ତର୍ଗତ ଅଚନ କ୍ଷେତ୍ରରେ ଏକ ମନ୍ଦିରକୁ ସ୍ଥାନୀୟ ମୁସ୍‌ଲିମ୍ ସମ୍ପ୍ରଦାୟର ବାସିନ୍ଦା ପୁନଃନିର୍ମାଣ କରାଇବାରେ ସହଯୋଗ କରିଥିଲେ। ପୂରା କଶ୍ମୀର ଘାଟିରେ ଏଭଳି ମନୋଭାବ ବଢ଼ିଲେ ଭାଇଚାରା ଏବଂ ସଦ୍‌ଭାବନା ଫେରିବାରେ ଡେରି ହେବନି ବୋଲି ଆଶାବ୍ୟକ୍ତ କରିଛନ୍ତି କଶ୍ମୀରୀ ପଣ୍ଡିତ ସଂଘର୍ଷ ସମିତିର ଅଧ୍ୟକ୍ଷ ସଞ୍ଜୟ ଟିକ୍କୁ।

# ପ୍ରିୟଙ୍କାଙ୍କ ଘର ଭଡ଼ାରେ ନେଲେ ଜ୍ୟାକ୍‌ଲିନ

**ମୁମ୍ବାଇ:** ବଲିଉଡ ନାୟିକା ଜ୍ୟାକ୍‌ଲିନ ଫର୍ଣ୍ଣାଡିଜ ମୁମ୍ବାଇର ଜୁହୁରେ ନିଜର ଠିକଣା ବନାଇଛନ୍ତି। ସେଠାରେ ଥିବା ବଲିଉଡ ଦେଶୀ ଗର୍ଲ ପ୍ରିୟଙ୍କା ଚୋପ୍ରାଙ୍କ ଘରକୁ ଭଡାରେ ନେଇଛନ୍ତି ଜ୍ୟାକଲିନ। ଯେଉଁଠାରେ ପ୍ରିୟଙ୍କା ୨୦୧୮ରେ ନିକ ଜୋନସଙ୍କ ସହ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। କିଛିଦିନ ହେବ ଜ୍ୟାକଲିନ ପ୍ରିୟଙ୍କାଙ୍କ ମୁମ୍ବାଇରେ ଥିବା ଆପାର୍ଟମେଣ୍ଟ କର୍ମଯୋଗକୁ ଭଡାରେ ନେଇଥିଲେ। ଏବେ ଏହିଠାରେ ହିଁ ଜ୍ୟାକଲିନ ରହିବେ ବୋଲି ଜଣାପଡିଛି। ବିବାହ ପରେ ପ୍ରିୟଙ୍କା ବିଦେଶ ଚାଲିଯିବା ପରେ ଏହି ଘରେ ତାଙ୍କ ମା’ ମଧୁ ଚୋପ୍ରା ଓ ଭାଇ ସିଦ୍ଧାର୍ଥ ରହୁଥିଲେ। ହେଲେ ଏମାନେ ଏବେ ୟାରି ରୋଡ ଆପାର୍ଟମେଣ୍ଟକୁ ସିଫ୍ଟ ହୋଇଯିବା ପରେ ଜୁହୁ ଘର ଖାଲି ପଡିଛି। ଏହି ଆଲିସାନ ଆପାର୍ଟମେଣ୍ଟରେ ରହିବାକୁ ଜ୍ୟାକଲିନ ମୋଟା ଅଙ୍କର ଭଡା ବି ଦେଉଛନ୍ତି। ଶୁଣିବାକୁ ମିଳିଛି ଏହି ଘର ପାଇଁ ପ୍ରତି ମାସରେ ଜ୍ୟାକଲିନ କୁଆଡେ ୬.୭୮ ଲକ୍ଷ ଟଙ୍କା ଦେଉଛନ୍ତି। ତେବେ ସେ ୩ ବର୍ଷ ପାଇଁ ଏହାକୁ ଭଡାରେ ନେଇଥିବା ଜଣାପଡିଛି। ଏହି ୩ ବର୍ଷ ଭିତରେ ଜ୍ୟାକଲିନ ପ୍ରିୟଙ୍କାଙ୍କୁ ପ୍ରାୟ ୨ କୋଟି ୪୪ ଲକ୍ଷ ୮ ହଜାର ଟଙ୍କା ଦେବେ ବୋଲି କୁହାଯାଉଛି। ନିକଟରେ ଶୈଫ ଅଲ୍ଲୀଙ୍କ ସହ ‘ଭୂତ ପୋଲିସ’ ଫିଲ୍ମର ଶୁଟିଂ ସାରିଥିବା ଜ୍ୟାକଲିନ ନିକଟରେ ରୋହିତ ସେଟ୍ଟିଙ୍କ ଫିଲ୍ମ ‘ସର୍କସ’ରେ କାମ ଆରମ୍ଭ କରିବେ ବୋଲି ଜଣାପଡିଛି। ଏବର୍ଷ ଜ୍ୟାକଲିନ ଖୁବ ବ୍ୟସ୍ତ ବୋଲି କୁହାଯାଉଛି।

# ଦୋସା ଷ୍ଟଣ୍ଟ





**ମୁମ୍ବାଇ:** ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ପ୍ରକାରର ଦୋସା ତିଆରି ହୋଇଥାଏ। କିନ୍ତୁ ସୋସିଆଲ ମିଡିଆରେ ଏବେ ଜଣେ ଦୋସା ବିକ୍ରେତାଙ୍କ ଭିଜୁଆଲ ଭାଇରାଲ ହେବାରେ ଲାଗିଛି। ବିକ୍ରେତାଜଣଙ୍କର ଦୋସା ପରଷିବାର ଶୈଳୀ ଏବେ ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି।

ଦକ୍ଷିଣ ମୁମ୍ବାଇର ମଙ୍ଗଳାଦାସ ମାର୍କେଟର ଶ୍ରୀ ବାଲାଜୀ ଦୋସା ଦୋକାନରେ ଦୋସା ତିଆରି ପରେ ସିଧାସଳଖ ଉଡି ଉଡି ଆସି ପ୍ଲେଟରେ ପଡୁଛି। ଏକଥା ଶୁଣିଲେ ହୁଏତ କେହି ବିଶ୍ୱାସ କରିପାରିବେ ନାହିଁ। କିନ୍ତୁ ଠିକ୍ ଏମିତି ଭିଜୁଆଲ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଦୋକାନରେ ଦୋସା ତିଆରି କରି ସାରିବା ପରେ ଏକ ବିଶେଷ ଟେକ୍‌ନିକ୍‌ରେ ଦୋସାକୁ ଏତେ ଦୂରକୁ ଫିଙ୍ଗି ଦେଉଛନ୍ତି। ତେବେ ଫିଙ୍ଗିବା ପରେ ଦୋସା ସିଧାସଳଖ ଯାଇ ପ୍ଲେଟରେ ହିଁ ପଡୁଛି। ଏମିତି ଢଙ୍ଗରେ ଦୋସା ତିଆରି କରିବା ଶୈଳୀକୁ ଦେଖି ଲୋକେ ବେଶ୍ ପ୍ରଭାବିତ ହୋଇଛନ୍ତି। ଦୋସା ତିଆରିର ଏହି ଷ୍ଟାଇଲ୍ ପ୍ରଥମେ ଫେସ୍‌ବୁକରେ ହିଁ ଶେୟାର କରାଯାଇଥିଲା। ତେବେ ଖୁବ୍‌ଶୀଘ୍ର ଏହା ଭାଇରାଲ୍ ହୋଇଥିଲା। ଲୋକେ ଏହି ଭିଜୁଆଲ ଦେଖି ହଜାର ହଜାର କମେଣ୍ଟ ଦେଉଛନ୍ତି। କେହି କେହି ଏହି ଦୋସାକୁ ଫ୍ଲାଇଂ ଦୋସା କହୁଥିବାବେଳେ ଆଉ କେହି ଏହାକୁ ଦୋସା ଷ୍ଟଣ୍ଟ ବୋଲି କହିଛନ୍ତି। ତେବେ ଖାଦ୍ୟକୁ ଏଭଳି ଫିଙ୍ଗିବା ଶୈଳୀକୁ ଅନେକ ନାପସନ୍ଦ ବି କରିଛନ୍ତି। କାରଣ ଖାଦ୍ୟକୁ ଫିଙ୍ଗିବା ଭୋଜନ ପ୍ରତି ଏକ ଅପମାନ ଏବଂ ଅନ୍ନପୂର୍ଣ୍ଣାଙ୍କର ମଧ୍ୟ ଅପମାନ ଭଳି। ତେଣୁ ଭୋଜନ ସହ ଖେଳିବା ମଧ୍ୟ ଏକ ଖରାପ କାମ ବୋଲି ଅନେକେ ପ୍ରତିକ୍ରିୟା ଦେଇଛନ୍ତି।

# ବାଇକ୍‌ରେ ଜେସିବି



**ନୂଆଦିଲ୍ଲୀ:** ଭାରତର ପ୍ରତିଷ୍ଠିତ ବ୍ୟବସାୟୀ ଆନନ୍ଦ ମହିନ୍ଦ୍ରା ସୋସିଆଲ ମିଡିଆରେ ବେଶ୍ ସକ୍ରିୟ ରହୁଛନ୍ତି। ଏବେ ସେ ଏକ ଭିଡିଓ ଶେୟାର କରିଛନ୍ତି ଯାହା ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଆମେରିକାର ଜଣେ ବ୍ୟକ୍ତି କିପରି ଏକ ବାଇକ୍‌ରେ କିପରି ଜେସିବି ମେଶିନ ଲଗାଯାଇଛି ତାହା ଦେଖିବାକୁ ମିଳିଛି। ଏଭଳି କାରିଗରୀ କୌଶଳକୁ ବେଶ ପ୍ରଶଂସା କରିଛନ୍ତି ମହିନ୍ଦ୍ରା। ଆମେରିକାର ଜଣେ ବନ୍ଧୁ ତାଙ୍କୁ ସେହି ଭିଡିଓ ପଠାଇଥିବା ମହିନ୍ଦ୍ରା କ୍ୟାପଶନରେ ଲେଖିଛନ୍ତି।

ଭେନାମି ବିହନ ବିକ୍ରି ହେବ
ପିଏଲ୍: 10ରୁ 12, ପିପିଟି: 0ରୁ 30
ଦର: 0.25 ପଇସା | ବୋନସ୍: 60%
ଶ୍ରୀ ପୁରୀ ଜଗନ୍ନାଥ ହ୍ୟାଚେରୀ
ସି.ଏ.ଏ. ଅନୁମୋଦିତ
ଟୁନି ଉପକୂଳ, ଶ୍ରୀରାମପୁରମ୍ (ଭି), ୟୁ.କୋଠାପାଲ୍ଲୀ (ଏମ୍), ପୂର୍ବ ଗୋଦାବରୀ ଜିଲ୍ଲା, ପିନ୍‌କୋଡ୍: 533449
ପି. ରାମୁ (ଏମ୍.ଡି.)
ଫୋନ୍: 98481 40024, 99857 99998

# କ୍ଷୀର ବିକ୍ରି ପାଇଁ ହେଲିକପ୍ଟର କିଣିଲେ



**ମୁମ୍ବାଇ:** କ୍ଷୀର ବ୍ୟବସାୟ ପାଇଁ ହେଲିକପ୍ଟର କିଣି ଚର୍ଚ୍ଚାକୁ ଆସିଛନ୍ତି ମହାରାଷ୍ଟ୍ରର ଜଣେ ବ୍ୟବସାୟୀ ଜନାର୍ଦ୍ଦନ ଭୋଇ। ଦେଶର ସବୁ ସ୍ଥାନକୁ ଯାଇ ବେପାର କରିବାକୁ ସେ ୩୦ କୋଟି ଟଙ୍କାର ହେଲିକପ୍ଟର କିଣିଥିବା କହିଛନ୍ତି। ବିଲ୍ଡର କାମ କରୁଥିବା ଜନାର୍ଦ୍ଦନ କିଛି ଦିନ ତଳେ ଡାଏରୀ ବ୍ୟବସାୟ ଆରମ୍ଭ କରିଛନ୍ତି।


ନିକଟରେ ଏକ ୱେବ ସାଇଟକୁ ଦେଇଥିବା ଏକ ସାକ୍ଷାତକାରରେ ଜନାର୍ଦ୍ଦନ ହେଲିକପ୍ଟର କିଣିବା କଥା କହିଥିଲେ। ଅନେକ ସମୟରେ ସେ ପଞ୍ଜାବ, ରାଜସ୍ଥାନ, ହରିୟାଣା ଓ ଗୁଜରାଟ ଗସ୍ତରେ ଯାଇ ଥାଆନ୍ତି। କେବଳ ଗସ୍ତରେ ଅଧିକ ସମୟ ବିତିଯାଉଥିବାରୁ ସେ ହେଲିକପ୍ଟରରେ ଯିବାଆସିବା କରିବାକୁ ସ୍ଥିର କରିଛନ୍ତି। ଏଥିପାଇଁ ୨୧୫ ଏକର ଜମିରେ ସେ ହେଲିପ୍ୟାଡ ସହ ଅନ୍ୟ ସୁବିଧା କରାଇବେ ବୋଲି କହିଛନ୍ତି।

ମନେ ପଡ଼ନ୍ତି
ଦ୍ୱାଦଶ କର୍ମ ଶ୍ରଦ୍ଧାଞ୍ଜଳି



✓ପ୍ରେମମୟୀ ପାଣିଗ୍ରାହୀ
ପତୀ-ସ୍ୱର୍ଗତ କିଶୋର ଚନ୍ଦ୍ର ପାଣିଗ୍ରାହୀ
ଓକିଲ (ବ୍ରହ୍ମପୁର)
ଆବିର୍ଭାବ - ୦୨.୦୨.୧୯୨୮
ତିରୋଧାନ - ୦୮.୦୨.୨୦୨୧
ତୁମର ପବିତ୍ର ଆତ୍ମା ପରମାତ୍ମାଙ୍କ ପଦଯୁଗଳରେ ଚିରକାଳ ସୁରକ୍ଷିତ ରହିଥାଉ। ଏ ଜୀବନ ଥିବାଯାଏଁ ତୁମ ଦିଗଦର୍ଶନ ଆମକୁ ବାଟ ଚଲାଉଥାଉ। ତୁମ ସ୍ନେହ, ମମତା ଓ ଆଶିର୍ବାଦ ସଦା ଆମକୁ ପ୍ରେରଣା ଯୋଗାଉଥାଉ। ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ଏତିକି ବିନମ୍ର ପ୍ରାର୍ଥନା କରୁଛୁ।
ତୁମ ଆଶୀର୍ବାଦଭିକ୍ଷୁ... ଶୋକ ସନ୍ତପ୍ତ -
ପ୍ରଶାନ୍ତ, ସୁଶାନ୍ତ ଏବଂ ପାଣିଗ୍ରାହୀ ପରିବାର (ବ୍ରହ୍ମପୁର)
ଧ-୧୯୯୮୪

# କୁକୁରଙ୍କ ଯତ୍ନ ନେବ ରୋବୋ



**ଲକ୍ଷ୍ନୌ:** ବୁଲା କୁକୁରଙ୍କୁ କେହି ଆକ୍ରମଣ କଲେ କିମ୍ବା ସେମାନଙ୍କର କୌଣସି ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖାଗଲେ ତୁରନ୍ତ ସାହାଯ୍ୟ କରିବ ରୋବୋ। ଏଭଳି ବିଶେଷ ଟେକ୍ନୋଲୋଜିରେ ରୋବୋ ତିଆରି କରିଛନ୍ତି ଲକ୍ଷ୍ନୌର ମିଲିନ୍ଦ ରାଜ୍।

ବୁଲା କୁକୁରଙ୍କ ପାଇଁ ଯଥାସମ୍ଭବ ସାହାଯ୍ୟ ସହଯୋଗ ଯୋଗାଇ ଦେବାକୁ ମିଲିନ୍ଦ ବିଭିନ୍ନ ପ୍ରକାରର କାମ କରିଥାନ୍ତି। ଲକ୍‌ଡାଉନ୍ ସମୟରେ ସେ ତାଙ୍କର ଏଭଳି କାମ କରି ଢେର୍ ଲୋକପ୍ରିୟତା ହାସଲ କରିପାରିଥିଲେ। କିନ୍ତୁ ସବୁ ସମୟରେ ସେ କୁକୁରଙ୍କ ପାଖରେ ରହି ପାରୁ ନ ଥିବାରୁ ରୋବୋ ତିଆରି କରିବା ପାଇଁ ଚିନ୍ତା କରିଥିଲେ। ଆଉ ନିଜ କଳ୍ପନାକୁ ରୂପ ଦେବା ପାଇଁ ସେ ଜୋରଦାର ଉଦ୍ୟମ କରି ସଫଳ ବି ହୋଇଥିଲେ। ଫଳସ୍ୱରୂପ ଏବେ ସେ ଏଭଳି ଏକ ରୋବୋ ତିଆରି କରିଛନ୍ତି; ଯାହା ମାଧ୍ୟମରେ ବୁଲା କୁକୁରମାନଙ୍କୁ ଖୁଆଇବା ସହିତ ସେମାନଙ୍କର ଚିକିତ୍ସା ଓ ଯତ୍ନ ମଧ୍ୟ ନେଇ ହେଉଛି। ମିଲିନ୍ଦ ନ ଥିବା ସମୟରେ ଏକ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ରୋବୋ କୁକୁରଙ୍କର ଯତ୍ନ ନେଇପାରୁଛି। ବୁଲା କୁକୁରଙ୍କ ଉପରେ ବେଳେବେଳେ ଲୋକେ ବହୁ ଅତ୍ୟାଚାର କରିଥାନ୍ତି। ଏମିତି କି ଅତି ଭୟଙ୍କର ଭାବେ ଆକ୍ରମଣ କରି ମୃତ୍ୟୁମୁଖରେ ଛାଡି ଦେଇଥାନ୍ତି। ଏମିତି ଏକ ଘଟଣା ଦେଖିବା ପରେ ମିଲିନ୍ଦ ବୁଲା କୁକୁରଙ୍କ ପାଇଁ କାମ କରିବାକୁ ନିଷ୍ପତ୍ତି ନେଇଥିଲେ। ଆଉ ଏବେ ସେ ରୋବୋ ମାଧ୍ୟମରେ ଏହି କାମ କରୁଛନ୍ତି। ଆଧୁନିକ ଟେକ୍ନୋଲୋଜିକୁ ବ୍ୟବହାର କରି ମିଲିନ୍ଦ ପୂର୍ବରୁ ମଧ୍ୟ ବହୁ ଯନ୍ତ୍ରପାତି ତିଆରି କରିଛନ୍ତି। ତାଙ୍କର ଏହି ଦକ୍ଷତା ପାଇଁ ସେ ଡ୍ରୋନ ମ୍ୟାନ୍ ଭାବେ ବି ପରିଚିତ ହୋଇଥାନ୍ତି। ଏଥିପାଇଁ ସେ ମିସାଇଲ୍ ମ୍ୟାନ୍ ଅବଦୁଲ କାଲାମଙ୍କଠାରୁ ପୁରସ୍କୃତ ବି ହୋଇଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NATIONAL FINANCE
ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କ ଭରସାର ପ୍ରତୀକ
FINANCE LOAN
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା ଓ କର୍ମଚାରୀ ମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
9473753634

(Registration Free) Govt. Approved
Indus Tower Group
ଦ୍ୱାରା ନିଜର ଖାଲି ଜମି, ଛାତ, ଖେତରେ ସବୁ କମ୍ପାନୀର 3G/4G Digital ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ଆଡ୍‌ଭାନ୍ସ ୨୦ ଲକ୍ଷ ଭଡ଼ା: 60,000 + ଅନ୍ୟାନ୍ୟ ସୁବିଧା
କାମ ଆମର, ବିଶ୍ୱାସ ଆପଣଙ୍କର
ଠକମାନଙ୍କ ପ୍ରତି ସାବଧାନ
09473850463
08278034293

GALAXY TOWER
ପ୍ରଥମଥର ଓଡିଶାରେ ଏମିତି ଅଫର୍ ନିଜର ଖାଲିଥିବା ଜମି ଓ ଛାତ Plot ରେ ଟ୍ୱାଓର 4G/5G ବସାଇ ଅଗ୍ରୀମ 60,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ + ଚାକିରୀ ପାଆନ୍ତୁ
Bansal Tower B Wing, Bangalore, Karnataka-400021.
9485687401
8901064681

ବିଶ୍ୱ ପ୍ରସିଦ୍ଧ ତାନ୍ତ୍ରିକ ବାବାଙ୍କର ଖୋଲା ଚ୍ୟାଲେଞ୍ଜ
୨ଘଣ୍ଟା ମଧ୍ୟରେ ଗ୍ୟାରେଣ୍ଟି ସମାଧାନ
୨,୮୮,୩୭୪ ପ୍ରକାର ସମସ୍ୟାର ସଫଳ ସମାଧାନ
ତାନ୍ତ୍ରିକ ବାବା ଆଲାମ ଖାନ
9773820765
ସଉତୁଣୀ, ଶତ୍ରୁମୁକ୍ତି, ଲଭ୍ ମ୍ୟାରେଜ୍, ଯାଦୁକରଣ, ହଜି ଯାଇଥିବା ପ୍ରେମକୁ ଫେରିପାଇବା। କଳାଯାଦୁ, ବଶୀକରଣ ସମସ୍ୟାର ଗୁପ୍ତ ସମାଧାନ। କୌଣସି ପଣ୍ଡିତ, ତାନ୍ତ୍ରିକ, ଅଘୋରୀ, କାମକୁ କାଟିପାରିବେ ତେବେ ତାଙ୍କୁ ବାବା ଆଲମ ଖାନଙ୍କ ତରଫରୁ ପୁରସ୍କାର।
Address : ରାମ ମନ୍ଦିର ନିକଟରେ
9910560681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9810472786
8800979262

M (GROUP) Finance Company
ଆପଣଙ୍କ ପାଇଁ ଋଣ
ବ୍ୟବସାୟ ଋଣ, ସାଲାରି ସ୍ଲିପ୍ ଋଣ, ମାର୍କଶିଟ୍ ଋଣ ମାତ୍ର 5% ସୁଧରେ
ମହିଳାଙ୍କ ପାଇଁ 40% ଛାଡ୍
8895358521
8895357605

ଟାୱାର ବସାଇ ମାସିକ ଘରେ ବସି ଟଙ୍କା କମାନ୍ତୁ
Hindusthan Tower
India's No.1 Tower Co. (Govt. Approved)
ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍, ଦୋକାନ, ଘର ଭଡ଼ାରେ ଦେଇ ଉଚ୍ଚ କ୍ୱାଲିଟିର 4G/5G ମଲ୍ଟିମିଡିଆ ମୋବାଇଲ ଟାୱାର ଲଗାନ୍ତୁ
ଆଡଭାନ୍ସ: 90 ଲକ୍ଷ
ଭଡ଼ା: 45 ହଜାର
ଟାୱାରର ରକ୍ଷଣାବେକ୍ଷଣ ପାଇଁ 2 ଜଣଙ୍କୁ ଠିକା ଦିଅନ୍ତୁ କମ୍ପାନୀ ତରଫରୁ ବୋଲେରୋ + କୋର୍ଟ ଏଗ୍ରିମେଣ୍ଟ
75896-04782

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଅଲରାଉଣ୍ଡର ଅଶ୍ୱିନ

**ଜଣେ ସ୍ୱୟଂସମ୍ପନ୍ନ ଅଲରାଉଣ୍ଡର ଭାବେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଆଉ ପ୍ରମାଣ ଦେବାର ଆବଶ୍ୟକତା ନାହିଁ। ଗତ ଅଷ୍ଟ୍ରେଲିଆ ଗସ୍ତରେ ଓ ଚଳିତ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜରେ ସେ ଉଭୟ ବୋଲିଂ ଓ ବ୍ୟାଟିଂରେ ନିଜର ଅସାଧାରଣ ଦକ୍ଷତାର ପରିଚୟ ଦେଇଛନ୍ତି। ଏପର୍ଯ୍ୟନ୍ତ ୭୬ଟି ଟେଷ୍ଟ ଖେଳି ୫ଟି ଶତକ, ୧୧ଟି ଅର୍ଦ୍ଧଶତକ ଅର୍ଜନ କରିବା ସହ ସେ ୩୯୪ଟି ଉଇକେଟ ହାସଲ କରି ଏକାଧିକ ରେକର୍ଡ ସୃଷ୍ଟି କରିଛନ୍ତି।**



ରବିଚନ୍ଦ୍ରନ ଅଶ୍ୱିନ

ଅଭିଜ୍ଞ ଅଫ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଭାରତୀୟ ଟେଷ୍ଟ ଦଳ ପାଇଁ ଅପରିହାର୍ଯ୍ୟ ହୋଇପଡିଛନ୍ତି। ତାଙ୍କୁ ବାଦ୍ ଦେଲେ ଏବେ ଭାରତୀୟ ଟେଷ୍ଟ ଦଳ ବିଷୟରେ ଚିନ୍ତା କରିବା ଅସମ୍ଭବ। ପ୍ରାରମ୍ଭିକ ଭାବେ ଅଶ୍ୱିନ ଜଣେ ଅଫ୍ ସ୍ପିନର ଭାବେ ଦଳରେ ଯୋଗ ଦେଇଥିଲେ। ତେବେ ସମୟକ୍ରମେ ସେ ନିଜର ବ୍ୟାଟିଂ ସୁଧାରି ଏବେ ଅନ୍ତର୍ଜାତୀୟ କ୍ରିକେଟରେ ଜଣେ ସଫଳ ଅଲରାଉଣ୍ଡର ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ନିଜର ଅଲରାଉଣ୍ଡ ଦକ୍ଷତାକୁ ସେ ବାରମ୍ବାର ପ୍ରମାଣିତ କରିଛନ୍ତି। ନିକଟରେ ଅଷ୍ଟ୍ରେଲିଆ ଗସ୍ତରେ ଅଶ୍ୱିନ ବୋଲିଂ ସହିତ ନିଜ ବ୍ୟାଟିଂ ଦକ୍ଷତା ପ୍ରମାଣ କରିଥିଲେ। ମିଡିଲ ଅର୍ଡର ବ୍ୟାଟ୍ସମ୍ୟାନ ହନୁମା ବିହାରୀଙ୍କ ସହ ସେ ସପ୍ତମ ଉଇକେଟରେ ଅପରାଜିତ ୬୨ ରନ ସଂଗ୍ରହ କରିଥିଲେ ମଧ୍ୟ ଉଭୟ ବ୍ୟାଟ୍ସମ୍ୟାନ ୨୫୯ଟି ବଲ୍ ଖେଳି ଅଷ୍ଟ୍ରେଲିଆ ବୋଲରଙ୍କୁ ନିରାଶ କରିଥିଲେ ଓ ଶେଷରେ ମ୍ୟାଚ୍‌କୁ ଅମୀମାଂସିତ ରଖିବାରେ ସକ୍ଷମ ହୋଇଥିଲେ। ଏହି ମ୍ୟାଚ୍‌ରେ ଅଶ୍ୱିନ ୩୯ ରନ କରିଥିଲେ। ରନ ସଂଗ୍ରହ ସେଭଳି ଆଖିଦୃଶିଆ ହୋଇ ନ ଥିଲେ ମଧ୍ୟ ସେ ବାରମ୍ବାର ଆଘାତ ପାଇବା ସତ୍ତ୍ୱେ ୧୨୮ଟି ବଲ୍ ଖେଳି ମ୍ୟାଚ୍‌କୁ ଅମୀମାଂସିତ ରଖିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ବିହାରୀ ମଧ୍ୟ ୧୩୦ଟି ବଲ ଖେଳି ମାତ୍ର ୨୦ ରନ ସଂଗ୍ରହ କରିଥିଲେ। ଅଷ୍ଟ୍ରେଲିଆ ମାଟିରେ ପ୍ରତିପକ୍ଷ ବୋଲରଙ୍କ ଅଗ୍ନିବର୍ଷୀ ବୋଲିଂକୁ ସେ ଜଣେ ପୋଖତ ବ୍ୟାଟ୍ସମ୍ୟାନ ଭାବେ ସଫଳତାର ସହ ସାମ୍ନା କରିଥିଲେ। ଅନ୍ୟ ଟେଷ୍ଟଗୁଡିକରେ ମଧ୍ୟ ସେ ଭଲ ପ୍ରଦର୍ଶନ କରିଥିଲେ।

ସେହିପରି ଚଳିତ ଇଂଲଣ୍ଡ ବିପକ୍ଷ ସିରିଜର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଅଶ୍ୱିନ ପୁଣି ଥରେ ତାଙ୍କର ଅଲରାଉଣ୍ଡର ପ୍ରଦର୍ଶନକୁ ଦୋହରାଇଥିଲେ। ସେ ପ୍ରଥମ ଇନିଂସରେ ୫ ଉଇକେଟ ଓ ଦ୍ୱିତୀୟ ଇନିଂସରେ ୩ ଉଇକେଟ ଅକ୍ତିଆର କରିଥିଲେ। କେବଳ ସେତିକି ନୁହଁ, ସେ ଦ୍ୱିତୀୟ ଇନିଂସରେ ବ୍ୟାଟିଂରେ ମଧ୍ୟ କମାଲ କରିଥିଲେ। ତାରକା ବ୍ୟାଟ୍ସମ୍ୟାନ ଯାହା କରିପାରି ନ ଥିଲେ ସେ ତାହା କରି ଦେଖାଇଥିଲେ। ଦ୍ୱିତୀୟ ଇନିଂସରେ ସେ ୧୦୬ ରନର ଲଢୁଆ ଶତକୀୟ ଇନିଂସ ଖେଳିଥିଲେ। କ୍ରିଜ୍‌ରେ ସେ ୨୩୫ ମିନିଟ୍ ଅର୍ଥାତ୍ ପାଖାପାଖି ୪ ଘଣ୍ଟା ଧୈର୍ଯ୍ୟର ସହ ତିଷ୍ଠି ରହିବା ସହ ୧୪୮ଟି ବଲ୍ ଖେଳି ୧୪ ଚୌକା ଓ ୧ ଛକା ସହ ୧୦୬ ରନର ଶତକୀୟ ପାଳି ଖେଳିଥିଲେ। ଏହି ଦୃଷ୍ଟାନ୍ତମୂଳକ ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ଅଶ୍ୱିନଙ୍କ ବୋଲିଂ ଓ ବ୍ୟାଟିଂର ଜବାବ ଇଂଲଣ୍ଡ ଖେଳାଳିଙ୍କ ପାଖରେ ନ ଥିଲା। ପୂର୍ବତନ ଇଂଲଣ୍ଡ ଅଧିନାୟକ ମାଇକେଲ ଭନ୍, ପୂର୍ବତନ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନ ମାର୍କ ୱ୍ୱଙ୍କ ସମେତ କେତେକ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଚେନ୍ନାଇର ଏହି ପିଚ୍‌କୁ ଟେଷ୍ଟ ପାଇଁ ନିମ୍ନମାନର ବୋଲି କହି ସମାଲୋଚନା କରିଥିଲେ। ତେବେ ଏହାର କିଛି ସମୟ ପରେ ଅଶ୍ୱିନ ଶତକ ହାସଲ କରି ସେମାନଙ୍କୁ ଭୁଲ୍ ବୋଲି ପ୍ରମାଣିତ କରିଥିଲେ। ଯଦି ଏହି ପିଚ୍ ଟେଷ୍ଟ ପାଇଁ ଯୋଗ୍ୟ ନ ଥିଲା, ତେବେ ଫଳାଫଳ ପାଇଁ ଚତୁର୍ଥ ଦିବସର ଦ୍ୱିତୀୟ ସେସନ ପର୍ଯ୍ୟନ୍ତ ମ୍ୟାଚ୍ ତିଷ୍ଠି ନ ଥାନ୍ତା। ତୃତୀୟ ଦିବସରେ ଅଶ୍ୱିନଙ୍କ ଭଳି ଜଣେ ଟେଲଏଣ୍ଡର ୮ ନମ୍ବରରେ ବ୍ୟାଟିଂ କରିବାକୁ ଆସି ଶତକ ହାସଲ କରିପାରୁଛନ୍ତି। ତେଣୁ ଏହି ପିଚ୍ ଆଦୌ ଖରାପ ବୋଲି କହିହେବ ନାହିଁ। ଶତକ ହାସଲ କରିବା ପରେ ଅଶ୍ୱିନ ତାଙ୍କ ସମାଲୋଚକଙ୍କୁ ଚୁପ୍ କରାଇଛନ୍ତି। ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ଭାରତ ବୃହତ୍ ବ୍ୟବଧାନରେ ପରାସ୍ତ ହୋଇଥିଲେ ମଧ୍ୟ ଅଶ୍ୱିନ ଭଲ ପ୍ରଦର୍ଶନ କରିଥିଲେ। ପ୍ରଥମ ଇନିଂସରେ ସେ ୩ ଓ ଦ୍ୱିତୀୟ ଇନିଂସରେ ମୂଲ୍ୟବାନ ୬ଟି ଇକେଟ ଅକ୍ତିଆର କରି ମ୍ୟାଚ୍‌ରେ ମୋଟ ୯ଟି ସଫଳତା ପାଇଥିଲେ। ସେହିପରି ପ୍ରଥମ ଇନିଂସରେ ସେ ୩୧ ରନର ସଂଗ୍ରହ କରିଥିଲେ। ଦୃଢ଼ ମନୋବଳ, କ୍ରିଜ୍‌ରେ ତିଷ୍ଠି ରହିବାର ଅଦମ୍ୟ ଇଚ୍ଛାଶକ୍ତି ତାଙ୍କୁ ସଫଳ କରାଇଥିଲା। ତେଣୁ ଜଣେ ଅଲରାଉଣ୍ଡର ଭାବେ ସେ ନିଜକୁ ଆଉ ବାରମ୍ବାର ପ୍ରମାଣ ଦେବାର ଆବଶ୍ୟକତା ନାହିଁ ବୋଲି କେତେକେ ମତ ଦିଅନ୍ତି। ଅହମ୍ମଦାବାଦର ମୋଟେରା ଷ୍ଟାଡିୟମରେ ସିରିଜ ବାକି ଦୁଇଟି ଟେଷ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଦୁଇଟି ମ୍ୟାଚରେ ଅଶ୍ୱିନ ପୁଣି ଥରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ ବୋଲି ଆଶା କରାଯାଉଛି।

ଏ ସବୁ ସତ୍ତ୍ୱେ ଧଳାବଲ କ୍ରିକେଟ ଅର୍ଥାତ୍ ସୀମିତ ଓଭର କ୍ରିକେଟ(ଟି୨୦ ଓ ଦିନିକିଆ)ରୁ ସେ ଦୀର୍ଘଦିନ ଧରି ବାଦ୍ ପଡିଆସିବା ଆଶ୍ଚର୍ଯ୍ୟଜନକ ମନେହୁଏ। ଗତ ୨୦୧୭ ଚାମ୍ପିୟନ୍ସ ଟ୍ରଫି ଫାଇନାଲରେ ଭାରତ ପ୍ରାରମ୍ଭିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନଠାରୁ ଲଜ୍ଜାଜନକ ଭାବେ ୧୮୦ ରନରେ ପରାସ୍ତ ହୋଇଥିଲା। ଅଶ୍ୱିନ ଏହି ମ୍ୟାଚ୍‌ରେ ପ୍ରଭାବହୀନ ସାବ୍ୟସ୍ତ ହୋଇଥିଲ। ଏହାପରଠାରୁ ସେ ସୀମିତ ଓଭର କ୍ରିକେଟରେ ଭାରତୀୟ ଦଳରୁ କ୍ରମାଗତ ଭାବେ ବାଦ୍ ପଡିଆସୁଛନ୍ତି।

ଇତିମଧ୍ୟରେ ଅଶ୍ୱିନ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ଅଶ୍ୱିନ ଭଲ ପ୍ରଦର୍ଶନ କରିଛନ୍ତି। ତେଣୁ ଚୟନକର୍ତ୍ତାମାନେ ଅଶ୍ୱିନଙ୍କୁ ପୁଣି ଥରେ ଦିନିକିଆ ଓ ଟି୨୦ ଦଳରେ ସାମିଲ କରିବା ନେଇ ଗୁରୁତର ସହ ଚିନ୍ତା କରିବା ଆବଶ୍ୟକ। ୨୦୨୩ରେ ଭାରତରେ ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ଓ ୨୦୨୧ରେ ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣ ଆୟୋଜନ ହେବ। ଏପରିସ୍ଥଳେ ଅଶ୍ୱିନଙ୍କୁ ପୁଣି ଥରେ ଦିନିକିଆ ଓ ଟି୨୦ ଦଳରେ ସାମିଲ କରିବାର ସମୟ ଆସି ଉପନୀତ ହୋଇଛି। ଅଶ୍ୱିନ ଏପର୍ଯ୍ୟନ୍ତ ୭୬ଟି ଟେଷ୍ଟ ଖେଳି ୩୯୪ଟି ଉଇକେଟ ଅକ୍ତିଆର କରିବା ସହ ୫ଟି ଶତକ ଓ ୧୧ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ୨୦୧୬ ପରେ ଅର୍ଥାତ ପାଖାପାଖି ୫ ବର୍ଷ ପରେ ଅଶ୍ୱିନ ପୁଣି ଥରେ ଶତକ ଅର୍ଜନ କରିଛନ୍ତି। କିମ୍ବଦନ୍ତୀ ଅଲରାଉଣ୍ଡର ଇଆନ ବୋଥାମଙ୍କ ପରେ ସେ ପ୍ରଥମ ଖେଳାଳି ଭାବେ ୨ଥର ଗୋଟିଏ ଟେଷ୍ଟରେ ୫ ଉଇକେଟ ହାସଲ କରିବା ସହ ଶତକ ହାସଲ କରିଛନ୍ତି। ଅଶ୍ୱିନଙ୍କ ଅଲରାଉଣ୍ଡ ପ୍ରଦର୍ଶନରେ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସୁନୀଲ ଗାଭାସ୍କର ପ୍ରଶଂସାରେ ଶତମୁଖ ହୋଇଛନ୍ତି ଓ ସେ ଏହାକୁ ଜାରି ରଖିବେ ବୋଲି ଅଶା ପ୍ରକାଶ କରିଛନ୍ତି। ନିଜର ଏହି ସଫଳତାକୁ ଅଶ୍ୱିନ ଚେନ୍ନାଇର ଦର୍ଶକଙ୍କୁ ଉତ୍ସର୍ଗ କରିଛନ୍ତି।

– ରଞ୍ଜନ କୁମାର ରାୟ

### ସଂକ୍ଷେପରେ...

ନାମ: ରବିଚନ୍ଦ୍ରନ ଅଶ୍ୱିନ
ଡାକ ନାମ: ଅଶ, ଗୋରା
ଜନ୍ମ: ୧୭ ସେପ୍ଟେମ୍ବର ୧୯୮୬
ବୟସ: ୩୪
ଉଚ୍ଚତା: ୬ ଫୁଟ୍ ୨ ଇଞ୍ଚ୍
ବ୍ୟାଟିଂ: ଡାହାଣହାତୀ
ବୋଲିଂ: ରାଇଟ୍ ଆର୍ମ ଅଫ୍‌ସ୍ପିନ୍
ଭୂମିକା: ଅଲରାଉଣ୍ଡର
ଘରୋଇ ଦଳ: ତାମିଲନାଡୁ, ଚେନ୍ନାଇସୁପର କିଙ୍ଗ୍ସ, ରାଇଜିଂ ପୁଣେ ସୁପରଜାଏଣ୍ଟ, ୱ୍ୱରସେଷ୍ଟରସାୟାର, କିଙ୍ଗ୍ସ ଇଲେଭେନ ପଞ୍ଜାବ, ନଟିଂହାମସାୟାର, ଦିଲ୍ଲୀ କ୍ୟାପିଟାଲ୍ସ।

**ଟେଷ୍ଟ ମ୍ୟାଚ୍: ୭୬**
ରନ: ୨, ୬୨୬
ବ୍ୟାଟିଂ ଆଭରେଜ: ୨୮.୨୪
ଶତକ: ୫
ଅର୍ଦ୍ଧଶତକ: ୧୧
ଶ୍ରେଷ୍ଠ ସ୍କୋର: ୧୨୪
ଉଇକେଟ: ୩୯୪
ବୋଲିଂ ଆଭରେଜ: ୨୫.୪୭
ଗୋଟିଏ ଇନିଂସରେ ୫ ଉଇକେଟ: ୨୯ ଥର
ଗୋଟିଏ ମ୍ୟାଚ୍‌ରେ ୧୦ ଉଇକେଟ: ୭ ଥର
ଶ୍ରେଷ୍ଠ ବୋଲିଂ: ୭/୫୯

**ଦିନିକିଆ ମ୍ୟାଚ୍ : ୧୧୧**
ରନ: ୬୭୫
ବ୍ୟାଟିଂ ଆଭରେଜ: ୧୬.୦୭
ଅର୍ଦ୍ଧଶତକ: ଗୋଟିଏ
ଶ୍ରେଷ୍ଠ ସ୍କୋର: ୬୫
ଉଇକେଟ: ୧୫୦
ବୋଲିଂ ଆଭରେଜ: ୩୨.୯୧
ଶ୍ରେଷ୍ଠ ବୋଲିଂ: ୪/୨୫

**ଟି୨୦ ମ୍ୟାଚ୍: ୪୬**
ରନ: ୧୩୨
ବ୍ୟାଟିଂ ଆଭରେଜ: ୩୦.୭୫
ଉଇକେଟ: ୫୨
ବୋଲିଂ ଆଭରେଜ: ୨୨.୯୪
ଶ୍ରେଷ୍ଠ ବୋଲିଂ: ୪/୮

**ଗ୍ରାଣ୍ଡସ୍ଲାମ ପଦାର୍ପଣରେ ରୁଷିଆର ଆସଲାନ କାରାଶେଭ ଅଷ୍ଟ୍ରେଲିଆନ ଓପନ୍ ସେମିଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛନ୍ତି। ପ୍ରଥମ ଖେଳାଳିଭାବେ ସେ ଏହି ସଫଳତା ପାଇଛନ୍ତି। ପାଟ୍ରିକ୍ ମ୍ୟାକେନ୍‌ରୋଙ୍କ ପରେ ସେ ସବୁଠାରୁ ଲୋ ର୍ୟାଙ୍କର ଖେଳାଳିଭାବେ ଅଷ୍ଟ୍ରେଲିଆନ ଓପନ୍ ସେମିଫାଇନାଲ ଖେଳିବାର ଗୌରବ ଅର୍ଜନ କରିଛନ୍ତି....**

# ନୂଆ ତାରକା

ରୁଷୀୟ ଟେନିସ ତାରକା ଆସଲାନ କାରାଶେଭ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପଦାର୍ପଣରେ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ୍ ଓପନ ଟୁର୍ନାମେଣ୍ଟରେ ସେ ସେମିଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛନ୍ତି। ୨୭ ବର୍ଷୀୟ ଏହି ରୁଷୀୟ ଟେନିସ୍ ଖେଳାଳି ଏବେ ବିଶ୍ୱ ଏଟିପି ର୍ୟାଙ୍କିଙ୍ଗ୍‌ର ୧୧୪ତମ ସ୍ଥାନରେ ରହିଛନ୍ତି। ପ୍ରଫେଶନାଲ ଟେନିସ ଏରାରେ ସେ ପ୍ରଥମ ଖେଳାଳି ଭାବେ ତାଙ୍କର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସେମିକୁ ଉଠିଛନ୍ତି। ମଙ୍ଗଳବାର କ୍ୱାର୍ଟର ଫାଇନାଲରେ ସେ ୧୮ ସିଡ୍ ବୁଲ୍‌ଗେରିଆର ଗ୍ରିଗର ଡିମିଟ୍ରୋଭଙ୍କୁ ୨-୬, ୬-୪, ୬-୧, ୬-୨ ସେଟ୍‌ରେ ହରାଇ ବିଫଳ ହୋଇଥିଲେ। ଡିମିଟ୍ରୋଭଙ୍କ ଭଳି ଜଣେ ବିଶ୍ୱସ୍ତରୀୟ ଖେଳାଳିଙ୍କୁ ହରାଇବା ଛୋଟିଆ କଥା ନ ଥିଲା।


ପାଟ୍ରିକ୍ ମ୍ୟାକେନରୋଙ୍କ ପରେ କାରାଶେଭ ସେ ସବୁଠାରୁ ଲୋ ର୍ୟାଙ୍କର ଖେଳାଳିଭାବେ ଅଷ୍ଟ୍ରେଲିଆନ ଓପନ ସେମିରେ ପ୍ରବେଶ କରିଛନ୍ତି। ୧୯୯୧ରେ ମ୍ୟାକଏନରୋ ୧୧୪ ନମ୍ବର ଖେଳାଳିଭାବେ ସେମିରେ ପ୍ରବେଶ କରିଥିଲେ। ତେବେ ଯେକୌଣସି ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ପାଇଁ ଗୋରାନ ଇଭାନଶେଭିକ ସବୁଠାରୁ ଲୋ ର୍ୟାଙ୍କର ଖେଳାଳିଭାବେ ଏହି ବିରଳ ସଫଳତା ପାଇଥିଲେ। ୨୦୦୧ରେ ସେ ୧୨୫ ନମ୍ବର ଖେଳାଳିଭାବେ ୱିମ୍ବେଲଡନ ସେମିରେ ପ୍ରବେଶ କରିଥିଲେ। ରୁଷିଆ ରାଜଧାନୀ ମସ୍କୋରେ ରହୁଥିବା କାରାଶେଭ ରୁଷିଆର ଭ୍ଲାଡିକାଭାକାଜରେ ୧୯୯୩ ସେପ୍ଟେମ୍ବର ୪ରେ ଜନ୍ମଗ୍ରହଣ କରିଥିଲେ। ଅନ୍ତର୍ଜାତୀୟ ଟେନିସ୍‌ରେ ସେତେଟା ସଫଳ ହୋଇ ନ ଥିଲେ ମଧ୍ୟ ସେ ଆଗକୁ ଭଲ ପ୍ରଦର୍ଶନ କରି ନୂଆ ତାରକା ଭାବେ ଉଭା ହେବେ ବୋଲି ଆଶା କରାଯାଉଛି।



ଆସଲାନ କାରାଶେଭ

ଏହି ସଫଳତା ପାଇଛନ୍ତି। ତେବେ ସେ ସେମିଫାଇନାଲରେ ଟପ୍ ସିଡ୍ ନୋଭାକ ଜୋକୋଭିଚ୍‌ଙ୍କଠାରୁ ପରାସ୍ତ ହୋଇ ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।

ପୂର୍ବରୁ ଗ୍ରାଣ୍ଡସ୍ଲାମ ମୁଖ୍ୟ ଡ୍ର’ରେ ସାମିଲ ହେବାକୁ ସେ ୯ଥର କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟ ଖେଳି



ମୋଟେରା ଷ୍ଟାଡିୟମ



ନିର୍ମଳ କୁମାର ମିଶ୍ର

**ଅହମଦାବାଦର ମୋଟେରା ଷ୍ଟାଡିୟମ୍‌ରେ ୨୪ ତାରିଖରୁ ଭାରତ ଓ ଭ୍ରମଣକାରୀ ଇଂଲଣ୍ଡ ମଧ୍ୟରେ ଆରମ୍ଭ ହେବାକୁ ଯାଉଥିବା ପିଙ୍କବଲ୍ ଟେଷ୍ଟ ଉପରେ ଏବେ ସମସ୍ତଙ୍କ ନଜର ରହିଛି। ଏପର୍ଯ୍ୟନ୍ତ ୨ଟି ପିଙ୍କ୍ ବଲ୍ ଟେଷ୍ଟ ଖେଳି ମିଶ୍ରିତ ସଫଳତା ପାଇଥିବା ଭାରତ ଇଂଲଣ୍ଡକୁ ହରାଇପାରିଲେ ଲର୍ଡ୍ସରେ ଖେଳାଯିବାକୁ ଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ର ତା’ର ଫାଇନାଲ ମ୍ୟାଚ ଖେଳିବା ଆଶାକୁ ଆହୁରି ଦୃଢ଼ କରିବ।**



# ପିଙ୍କ୍ ବଲ୍ ଟେଷ୍ଟ

ଇଂଲଣ୍ଡ ଏବଂ ଟିମ୍ ଇଣ୍ଡିଆ ମଧ୍ୟରେ ଚାଲିଥିବା ହାଇପ୍ରୋଫାଇଲ ଟେଷ୍ଟ ସିରିଜ୍ ବେଶ୍ ରୋମାଞ୍ଚକର ସ୍ଥିତିରେ ପହଞ୍ଚିଛି। ପ୍ରଥମ ଟେଷ୍ଟରେ ଲଜ୍ଜାଜନକ ପରାଜୟ ପରେ ଦ୍ୱିତୀୟ ଟେଷ୍ଟରେ ସଫଳ ପ୍ରତ୍ୟାବର୍ତ୍ତନ କରିଛି ଟିମ୍ ଇଣ୍ଡିଆ। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ମ୍ୟାଚ୍ ଯୋଗ୍ୟତା ପାଇଁ ବେଶ୍ ଉତ୍କଣ୍ଠାପୂର୍ଣ୍ଣ ସ୍ଥିତି ସୃଷ୍ଟି ହୋଇଛି। ଅହମ୍ମଦାବାଦର ମୋଟେରା ଷ୍ଟାଡିୟମ୍‌ରେ ପିଙ୍କ୍ ବଲ୍ ଟେଷ୍ଟ ଖେଳିବା ପାଇଁ ଦୁଇ ଦେଶ ବେଶ୍ ଉତ୍ସାହିତ ଅଛନ୍ତି। ଏହି ଟେଷ୍ଟ ମ୍ୟାଚର ଫଳାଫଳ ଉପରେ ଦୁଇ ଦେଶର ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ମୁକାବିଲା ଖେଳିବାର ଭାଗ୍ୟ ନିର୍ଭର କରୁଛି। ସୂଚନାଯୋଗ୍ୟ ଯେ, ପୂର୍ବରୁ ନ୍ୟୁଜିଲାଣ୍ଡ ପ୍ରଥମ ଟିମ୍ ରୂପେ ଟେଷ୍ଟ ଚାମ୍ପିୟନଶିପ୍ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିଛି। ବିଶ୍ୱର ସର୍ବବୃହତ୍ କ୍ରିକେଟ୍ ଷ୍ଟାଡିୟମ୍ ମୋଟେରାରେ ଚଳିତ ମାସ ୨୪ ତାରିଖରୁ ଏହି ପିଙ୍କ୍ ବଲ୍ ଟେଷ୍ଟ ଏବଂ ସିରିଜର ଚତୁର୍ଥ ଟେଷ୍ଟ ମଧ୍ୟ ଖେଳାଯିବ।

ଟେଷ୍ଟ ମ୍ୟାଚ୍ କ୍ରିକେଟ୍‌କୁ ଅଧିକ ରୋମାଞ୍ଚକ କରିବା ଏବଂ ଦର୍ଶକମାନଙ୍କୁ ଆକୃଷ୍ଟ କରିବା ପାଇଁ ଫ୍ଲଡ ଲାଇଟ୍ ଏବଂ ପିଙ୍କ ବଲ୍‌ର ପରିକଳ୍ପନା ଆଇସିସି କରିଥିଲା। ଦ୍ୱିପାକ୍ଷିକ ସିରିଜଗୁଡିକରେ ଅଧିକାଂଶ ଟେଷ୍ଟ ପ୍ଲେଇଙ୍ଗ ଦେଶମାନେ ଏହି ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚକୁ ସାମିଲ କରିଥିଲେ। ୨୦୧୨ ମସିହାରେ ଆଇସିସି ପ୍ରଥମ ଡେ-ନାଇଟ୍ ଟେଷ୍ଟ ମ୍ୟାଚ ପାଇଁ ଅନୁମତି ଦେବା ପରେ ୨୦୧୫ ମସିହାରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଆଡିଲେଡ୍ ଗ୍ରାଉଣ୍ଡରେ ପ୍ରଥମ ପିଙ୍କ୍ ବଲ୍ ଟେଷ୍ଟ ଖେଳିଥିଲେ। ପ୍ରଥମରୁ ଭାରତ ଏହି ପିଙ୍କ୍ ବଲ୍ ଏବଂ ଦିବାରାତ୍ର ଟେଷ୍ଟ ମ୍ୟାଚକୁ ବିରୋଧ କରୁଥିଲା। ତେବେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଅଧ୍ୟକ୍ଷ ସୌରଭ ଗାଙ୍ଗୁଲିଙ୍କ ପ୍ରଚେଷ୍ଟା ଯୋଗୁ ବାଂଲାଦେଶ ସହିତ ଟିମ୍ ଇଣ୍ଡିଆ ୨୦୧୯ରେ ତା’ର ପ୍ରଥମ ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚ ଇଡେନ ଗାର୍ଡେନ୍‌ରେ ଖେଳିଥିଲା। ପ୍ରାୟ ୬୫ହଜାର ଦର୍ଶକ ଏହି ଟେଷ୍ଟ ମ୍ୟାଚକୁ ଉପଭୋଗ କରିଥିଲେ। ଏହାପରେ ୨୦୨୦ରେ ଟିମ୍ ଇଣ୍ଡିଆ ଅଷ୍ଟ୍ରେଲିଆ ଗସ୍ତ କରିବା ସମୟରେ ଆଡିଲେଡ୍‌ଠାରେ ଖେଳିଥିବା ପିଙ୍କ୍ ବଲ୍ ଟେଷ୍ଟ ମ୍ୟାଚରେ ଘରୋଇ ଦଳଠାରୁ ୮ ଉଇକେଟରେ ପରାସ୍ତ ହୋଇଥିଲା। ଟିମ୍ ଇଣ୍ଡିଆ ତା’ର ତୃତୀୟ ପିଙ୍କ ବଲ୍ ଟେଷ୍ଟ ମ୍ୟାଚ ହୋମ ସିରିଜରେ ଶକ୍ତିଶାଳୀ ଇଂଲଣ୍ଡ ସହିତ ଖେଳିବାକୁ ଯାଉଥିବା ବେଳେ ଏହାର ଗୁରୁତ୍ୱ ବେଶ୍ ବଢିଯାଇଛି ଓ ଏହି ମ୍ୟାଚ୍‌କୁ ନେଇ ଏବେଠାରୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ପିଙ୍କ୍ ବଲ୍‌ରେ ଖେଳାଯାଇଥିବା ମୋଟ ୧୪ଟି ମ୍ୟାଚରୁ ସମସ୍ତ ମ୍ୟାଚର ଫଳାଫଳ ମିଳିପାରିଛି। ଏଥିରେ ଅଷ୍ଟ୍ରେଲିଆ ଟିମ୍ ସବୁଠାରୁ ସଫଳ ଟିମ୍ ରୂପେ ମୋଟ ଖେଳିଥିବା ୭ଟି ମ୍ୟାଚ ଜିତିବାକୁ ସକ୍ଷମ ହୋଇଛି। ପାକିସ୍ତାନ ୪ଟି ମ୍ୟାଚ ଖେଳିଥିବା ବେଳେ ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଶ୍ରୀଲଙ୍କା ପ୍ରତ୍ୟେକ ୩ଟି ମ୍ୟାଚ ଏବଂ ୱେଷ୍ଟଇଣ୍ଡିଜ, ଭାରତ ୨ଟି ମ୍ୟାଚ ଖେଳିଥିବା ବେଳେ ଦକ୍ଷିଣ ଆଫ୍ରିକା, ବାଂଲାଦେଶ ଏବଂ ଜିମ୍ବାୱେ ପ୍ରତ୍ୟେକ ଗୋଟିଏ ଲେଖାଏ ମ୍ୟାଚ ଖେଳିଛନ୍ତି। ୨୦୧୫ରେ ଅଷ୍ଟ୍ରେଲିଆ ୩ ଉଇକେଟ୍‌ରେ ବିଜୟୀ ହୋଇଥିବା ବେଳେ ୨୦୧୬ରେ ଦୁବାଇଠାରେ ପାକିସ୍ତାନ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚକୁ ପାକିସ୍ତାନ ୫୬ରନ୍‌ରେ ଜିତିଥିଲା। ସେହିପରି ୨୦୧୬ରେ ଅଷ୍ଟ୍ରେଲିଆ ଏବଂ ପାକିସ୍ତାନ ମଧ୍ୟରେ ଗାବାସ୍‌ଠାରେ ଖେଳାଯାଉଥିବା ମ୍ୟାଚକୁ ଅଷ୍ଟ୍ରେଲିଆ ୩୯ରନ୍‌ରେ ଜିତି ନେଇଥିଲା। ସେହିପରି ୨୦୧୭ରେ ମୋଟ ୪ଟି ଟେଷ୍ଟ ମ୍ୟାଚ ପିଙ୍କ ବଲ୍‌ରେ ଖେଳାଯାଇଥିଲା। ଇଂଲଣ୍ଡ- ୱେଷ୍ଟଇଣ୍ଡିଜ, ପାକିସ୍ତାନ- ଶ୍ରୀଲଙ୍କା, ଅଷ୍ଟ୍ରେଲିଆ- ଇଂଲଣ୍ଡ ଏବଂ ସାଉଥ ଆଫ୍ରିକା-ଜିମ୍ବାୱେ ମଧ୍ୟରେ ଏହି ମ୍ୟାଚ୍ ଖେଳାଯାଇଥିଲା। ଏଜ୍‌ବାଷ୍ଟନରେ ଇଂଲଣ୍ଡ ୱେଷ୍ଟଇଣ୍ଡିଜକୁ ଏକ ଇନିଂସ ଏବଂ ୨୦୯ ରନ୍‌ରେ ହରାଇ ପିଙ୍କ୍ ବଲ ଇତିହାସରେ ସର୍ବବୃହତ ବିଜୟ ହାସଲ କରିଥିଲା। ୨୦୧୮ରେ ନ୍ୟୁଜିଲାଣ୍ଡ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ସିରିଜ୍‌ରେ ଇଂଲଣ୍ଡକୁ ଏକ ଇନିଂସ ଏବଂ ୪୯ ରନ୍‌ରେ ହରାଇଥିବା ବେଳେ ଶ୍ରୀଲଙ୍କା ୱେଷ୍ଟଇଣ୍ଡିଜକୁ ୪ ଉଇକେଟରେ ହରାଇଥିଲା। ୨୦୧୯ରେ ଖେଳାଯାଇଥିବା ୩ଟି ମ୍ୟାଚ ମଧ୍ୟରୁ ଅଷ୍ଟ୍ରେଲିଆ ପ୍ରତିପକ୍ଷ ଶ୍ରୀଲଙ୍କା ଏବଂ ପାକିସ୍ତାନକୁ ହରାଇଥିବା ବେଳେ ଟିମ୍ ଇଣ୍ଡିଆ ବାଂଲାଦେଶକୁ ହରାଇଥିଲା। ୨୦୨୦ରେ ଆଡିଲେଡରେ ଅଷ୍ଟ୍ରେଲିଆ ଏବଂ ଇଣ୍ଡିଆ ମଧ୍ୟରେ ଖେଳାଯାଇଥିବା ମ୍ୟାଚରେ ଅଷ୍ଟ୍ରେଲିଆ ୮ ଉଇକେଟରେ ବିଜୟୀ ହେବା ସହିତ ଟିମ୍ ଇଣ୍ଡିଆ ପିଙ୍କ ବଲ୍ ଟେଷ୍ଟ ଇତିହାସରେ ତା’ର ସର୍ବନିମ୍ନ ସ୍କୋର ୩୬ ରନ୍ ସଂଗ୍ରହ କରି ଅଲଆଉଟ ହୋଇଥିଲା। ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଇଂଲଣ୍ଡର ୫୮ ରନ୍ ସର୍ବନିମ୍ନ ରହିଥିଲା।

ପିଙ୍କ୍‌ବଲ୍‌ରେ ଅଷ୍ଟ୍ରେଲିଆର ସର୍ବାଧିକ ସ୍କୋର ୫୮୯ରନ୍ ରହିଥିବା ବେଳେ ଆକ୍ରମଣାତ୍ମକ ଓପନର ଡେଭିଡ୍ ୱାର୍ନର ବ୍ୟକ୍ତିଗତ ସର୍ବାଧିକ ୩୩୫ରନ୍ ସ୍କୋର କରିଛନ୍ତି। ପାକିସ୍ତାନର ଆଝାର ଅଲ୍ଲୀ ୩୦୨ରନ୍, ଇଂଲଣ୍ଡର ଆଲିଷ୍ଟର କୁକ୍ ୨୪୩ରନର ଇନିଂସ ଖେଳିଛନ୍ତି। ଡେଭିଡ୍ ୱାର୍ନର ୫୯୬ ରନ୍, ଷ୍ଟିଭ୍ ସ୍ମିଥ୍ ୫୦୦ରନ୍, ଆଝାର ଅଲ୍ଲୀ ୪୭୪ରନ୍ ସଂଗ୍ରହ କରି ସଫଳ ବ୍ୟାଟସମ୍ୟାନ୍ ରୂପେ ରେକର୍ଡ କରିଛନ୍ତି।

ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ୭ଟି ମ୍ୟାଚରୁ ୪୨ଟି ଉଇକେଟ ନେଇଥିବା ବେଳେ ୨ଥର ୫ରୁ ଅଧିକ ଉଇକେଟ ନେଇ ବେଶ୍ ସଫଳ ବୋଲର ସାବ୍ୟସ୍ତ ହୋଇଛନ୍ତି। ଟେଷ୍ଟ ଖେଳୁଥିବା ଦେଶଗୁଡିକ ସାଧାରଣତଃ କୋକାବୁରା, ଡ୍ୟୁକ୍ ଏବଂ ଏସ୍‌ଜି କମ୍ପାନୀର ବଲ୍ ବ୍ୟବହାର କରୁଥିବା ବେଳେ ଟିମ୍ ଇଣ୍ଡିଆ ଏସ୍‌ଜି ବଲ୍, ଇଂଲଣ୍ଡ, ଆୟାର୍ଲାଣ୍ଡ ଏବଂ ୱେଷ୍ଟଇଣ୍ଡିଜ ଡ୍ୟୁକ୍ ବଲ୍ ଏବଂ ଅନ୍ୟ ସମସ୍ତ ଟେଷ୍ଟ ଖେଳୁଥିବା ଦେଶମାନେ କୋକାବୁରା ବଲ୍ ବ୍ୟବହାର କରିଥାନ୍ତି। ଇଂଲଣ୍ଡ ଭାରତରେ ତିଆରି କରାଯାଇଥିବା ଏସଜି ପିଙ୍କ୍ ବଲ୍‌ରେ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ। ଟିମ୍ ଇଣ୍ଡିଆ ଏହି ଏସ୍‌ଜି ବଲ୍‌ରେ ପୂର୍ବରୁ ଭଲ ଅଭ୍ୟାସ କରିଛି। ପିଙ୍କ୍ ବଲ୍‌ରେ ଅଧିକ ସୁଇଙ୍ଗ୍ ହେଉଥିବାରୁ ଏବଂ ବଲର ହାର୍ଡନେସ୍ ଅଧିକ ରହୁଥିବାରୁ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ରୋମାଞ୍ଚକ ଓ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

# ଝାରସୁଗୁଡ଼ା, କଟକ ଏ’, ଭୁବନେଶ୍ୱର ଏ’, ବି’ ବିଜୟୀ


ସାଇଦୀପ ମହାପାତ୍ର


ସମ୍ୱିତ ବରାଳ


ସାରାଂଶ କୁମାର


ଓମ୍ କୁମାର

ଭୁବନେଶ୍ୱର, ୧୮।୨(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକ ଓ ଭୁବନେଶ୍ୱରର ବିଭିନ୍ନ ଗ୍ରାଉଣ୍ଡରେ ଚାଲିଥିବା ୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ୪ଟି ସୁପର ଲିଗ୍ ମ୍ୟାଚ୍ ଖେଳାଯାଇଛି। ଏଥିରେ ଭୁବନେଶ୍ୱର ବି, ଝାରସୁଗୁଡା, କଟକ ଏ’ ଓ ଭୁବନେଶ୍ୱର ଏ’ ବିଜୟୀ ହୋଇଛନ୍ତି। ଭୁବନେଶ୍ୱର ବି’ର ସାରାଂଶ କୁମାର ୯୮ଟି ବଲ୍ ଖେଳି କିଟ୍ ବିପକ୍ଷରେ ୧୧୧ ରନର ଶତକୀୟ ପାଳି ଖେଳିଛନ୍ତି।

## କିଟ୍ ୨ ଉଇକେଟରେ ପରାସ୍ତ

କଟକର ବିଡାନାସୀ ଗ୍ରାଉଣ୍ଡରେ ଭୁବନେଶ୍ୱର ବି’ ୨ ଉଇକେଟରେ କିଟ୍‌କୁ ହରାଇଛି। ଟସ୍ ଜିତି କିଟ୍ ପ୍ରଥମେ

**୧୯ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ସୁପରଲିଗ୍**

- ସାରାଂଶ କୁମାରଙ୍କ ଶତକ
- ରମଣୀ, ମନୀତେଜ, ପ୍ରୀନ୍ସ, ସାଇଦୀପ, ଆକାଶ ଓ ସମ୍ୱିତଙ୍କ ଅର୍ଦ୍ଧଶତକ

ବ୍ୟାଟିଂ କରି ୪୯ ଓଭରରେ ୨୦୪ ରନ କରି ଅଲ୍‌ଆଉଟ ହୋଇଥିଲା। ଦଳ ତରଫରୁ ରମଣୀ ଆର. ଜେନା ୬୬ ଓ ମନିତେଜ ମହାନ୍ତି ୬୬ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ବୋଲିଂରେ ଭୁବନେଶ୍ୱର ବି’ ତରଫରୁ ବିକାଶ ନାଏକ ୩, ପ୍ରତ୍ୟୁଷ ସାହୁ ଓ ଦେବାଶିଷ ନାଏକ ୨ଟି କରି ଉଇକେଟ ହାସଲ କରିଥିଲେ। ଜବାବରେ ଭୁବନେଶ୍ୱର ବି’ ୪୧.୧ ଓଭରରେ ୮ ଉଇକେଟ ହରାଇ ୨୦୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ତରଫରୁ ସାରାଂଶଙ୍କ ଶତକକୁ ବାଦ୍ ଦେଲେ ସୁଶୀଲ ବାରିକ ୩୦ ରନ ସଂଗ୍ରହ କରିଥିଲେ। କିଟ୍‌ର ମନିତେଜ ସର୍ବାଧିକ ୪ , ସାଗର ମଲିକ ଓ ଗୌରିଶ ପାତ୍ର ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ବାଲେଶ୍ୱର ୮ ଉଇକେଟରେ ହାରିଲା

ସ୍ଥାନୀୟ ଟାଉନ୍ କ୍ଲବ୍ ଗ୍ରାଉଣ୍ଡରେ ଭୁବନେଶ୍ୱର ଏ’ ୮ ଉଇକେଟରେ ବାଲେଶ୍ୱରକୁ ପରାସ୍ତ କରିଛି। ଟସ୍ ଜିତି ବାଲେଶ୍ୱର ୨୨.୫ ଓଭରରେ ୧୦୬ ରନ କରି ଅଲ୍‌ଆଉଟ ହୋଇଥିଲା। ଦଳ ତରଫରୁ ସୁମନ ଓଝା ୩୩, ରାଜୀବ ସାହୁ ୧୯ ରନ କରିଥିଲେ। ଭୁବନେଶ୍ୱର ଏ’ର ସମ୍ୱିତ ବରାଳ ୩, ରିଜେଶ ପ୍ରିୟରଞ୍ଜନ, ଶୁଭମ୍ ଶ୍ରୀ ଓ ଆଶୁତୋଷ ନାୟକ ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭୁବନେଶ୍ୱର ଏ’ ୧୫ ଓଭରରେ ୨ ଉଇକେଟ ହରାଇ ୧୧୧ ରନ କରି ବିଜୟୀ ହୋଇଥିଲା। ଦଳର ସମ୍ୱିତ ବରାଳ ୫୭ ଓ ତନୟ ବିଶ୍ୱାଳ ୩୫ ରନ ସଂଗ୍ରହ କରିଥିଲେ।

## ଭଦ୍ରକର ବୃହତ୍ ପରାଜୟ

ସ୍ଥାନୀୟ ଇଷ୍ଟକୋଷ୍ଟ ରେଲୱେ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ କଟକ-ଏ ୯୭ ରନରେ ଭଦ୍ରକକୁ ହରାଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା କଟକ ଏ’ ୫୦ ଓଭରରେ ୫ ଉଇକେଟ ହରାଇ ୨୯୪ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ପ୍ରିନ୍ସ ବେହେରା ୯୯, ସାଇଦୀପ ମହାପାତ୍ର ୭୦ ରନ ସଂଗ୍ରହ କରିଥିଲେ। ଜବାବରେ ଭଦ୍ରକ ୪୯.୫ ଓଭରରେ ୧୫୨ ରନ କରି ଅଲଆଉଟ ହୋଇ ପରାସ୍ତ ହୋଇଥିଲା। ଦଳ ତରଫରୁ ଆକାଶ ମହାପାତ୍ର ସର୍ବାଧିକ ୫୨, ସୂର୍ଯ୍ୟ ମହାପାତ୍ର ୨୭, ରୁଦ୍ର ବେହେରା ୨୩ ରନ ସଂଗ୍ରହ କରିଥିଲେ। କଟକ ଏ’ ତରଫରୁ ଶଶାଙ୍କ ରଙ୍ଗଟା ୪, ବିନାୟକ ସାହୁ ୩ ଓ ସାଇଦୀପ ୨ ଉଇକେଟ ନେଇଥିଲେ।

## ସମ୍ୱଲପୁର ୫ ଉଇକେଟରେ ହାରିଲା

କଟକର ବୋଷ ଗ୍ରାଉଣ୍ଡରେ ଝାରସୁଗୁଡା ୫ ଉଇକେଟରେ ସମ୍ୱଲପୁରକୁ ହରାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ସମ୍ୱଲପୁର ୨୮.୨ ଓଭରରେ ୧୧୧ ରନକରି ଅଲଆଉଟ ହୋଇଥିଲା। ଦଳ ତରଫରୁ ଅମର ଭୋଇ ୨୯, ଶ୍ରେଷ୍ଠ ସିଂ ୨୬ ରନ ସଂଗ୍ରହ କରିଥିଲେ। ଝାରସୁଗୁଡାର ଭିକି ରାୟ ଓ ଓମ୍ କୁମାର ୩ଟି ଲେଖାଏ, ସଚିନ ଯାଦବ ୨ଟି ଉଇକେଟ ପାଇଥିଲେ। ଜବାବରେ ଝାରସୁଗୁଡା ୨୮ ଓଭରରେ ୫ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ତରଫରୁ ଦେବାଂଶୁ ଶୁକ୍ଳା ୪୧ ଓ ଅନୁରାଗ ସିଂଦେଓ ୨୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ସମ୍ୱଲପୁର ତରଫରୁ ବିମଳ କର୍ମାକାର ୨ ଉଇକେଟ ନେଇଥିଲେ।


















Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ